# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୭/୨୦୨୪ (୧୮ ପୃଷ୍ଠା) | Bhubaneswar, Thursday, October 17/2024 | Page 18 | ₹ 7.00

୫୦ଶ ଭାଗ ୩୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 322 | ମୂଲ୍ୟ ₹୭/-




**'ଜବ୍ ୱି ମେଟ୍' ପାଇଁ ଭୂମିକା ଥିଲେ ପ୍ରଥମ ପସନ୍ଦ**

୨୦୦୭ରେ ରିଲିଜ୍ ହୋଇଥିବା 'ଜବ୍ ୱି ମେଟ୍' ଫିଲ୍ମରେ ମୁଖ୍ୟ ନାୟିକା ଚରିତ୍ର ପାଇଁ ସେ ପ୍ରଥମ ପସନ୍ଦ ଥିଲେ ବୋଲି ଏକ ସାକ୍ଷାତ୍କାରରେ ଅଭିନେତ୍ରୀ ଭୂମିକା ଚାୱଲା କହିଛନ୍ତି। ୧୪

୧୭ **ମାସାକାଜାଙ୍କ ପ୍ରଭାବୀ ବ୍ୟାଟିଂ**

ଲିଜେଣ୍ଡ ଲିଗ୍ କ୍ରିକେଟର ଫାଇନାଲରେ ପ୍ରଭାବୀ ବ୍ୟାଟିଂ ସହ ଅର୍ଦ୍ଧଶତକ ହାସଲ କରିଛନ୍ତି ସଦର୍ନ ସୁପର ଷ୍ଟାର୍ସର ହାମିଲଟନ୍ ମାସାକାଜା।



# ନ୍ୟାୟଦେବୀଙ୍କ ଆଖିରୁ ହଟିଲା ପଟି







ନୂଆଦିଲ୍ଲୀ,୧୬।୧୦

ଭାରତର ଆଇନ ଅନ୍ଧ ନୁହେଁ କି ଦଣ୍ଡର ପ୍ରତୀକ ମଧ୍ୟ ନୁହେଁ। ଏଭଳି ବାର୍ତ୍ତା ଦେବା ପାଇଁ ସୁପ୍ରିମକୋର୍ଟରୁ ଅନ୍ଧପୁତୁଳି ପିନ୍ଧିଥିବା ମହିଳାଙ୍କ ମୂର୍ତ୍ତିରେ ପରିବର୍ତ୍ତନ ଅଣାଯାଇଛି। ମୂର୍ତ୍ତି ମୁହଁରୁ କଳାପଟିକୁ ଖୋଲି ଦିଆଯାଇଛି ଓ ହାତରୁ ଖଣ୍ଡାକୁ କାଢ଼ି ଦିଆଯାଇଛି।

ଆଇନ ଆଖିରେ ସମସ୍ତେ ସମାନ ବୋଲି ଦର୍ଶାଇବା ପାଇଁ ପୂର୍ବରୁ ଆଖିରେ ପଟି ପିନ୍ଧିଥିବା ମହିଳାଙ୍କ ମୂର୍ତ୍ତି ସୁପ୍ରିମକୋର୍ଟ ସମେତ ଦେଶର ଅଦାଲତଗୁଡ଼ିକରେ ସ୍ଥାପନ କରାଯାଇଥିଲା। ଏହାର ତାତ୍ପର୍ଯ୍ୟ ଥିଲା, କୋର୍ଟରେ ହାଜର ହେଉଥିବା ବ୍ୟକ୍ତିମାନଙ୍କ ଧନ, କ୍ଷମତା କିମ୍ବା ଅନ୍ୟ କୌଣସି ସାମାଜିକ ସ୍ଥିତିକୁ ଅଦାଲତ ଦେଖନ୍ତି ନାହିଁ। ସେହିପରି ମୂର୍ତ୍ତି ହାତରେ ଥିବା ଖଣ୍ଡା ଅନ୍ୟାୟ ବିରୋଧରେ ଦଣ୍ଡ ବିଧାନ କ୍ଷମତାର କର୍ତ୍ତୃତ୍ୱକୁ ସୂଚାଉଥିଲା।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ନଭେମ୍ବର ୯ରେ ଅବସର ନେବାକୁ ଯାଉଛନ୍ତି। ନିଜ ୨ ବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ସିଜେଆଇ ଚନ୍ଦ୍ରଚୂଡ଼ ବିଚାରପତିମାନଙ୍କ ଲାଇବ୍ରେରିରେ ଏକ ନୂଆ 'ନ୍ୟାୟର ମୂର୍ତ୍ତି' ସ୍ଥାପନ କରିଥିବା ଜଣାପଡ଼ିଛି। ଉକ୍ତ ମୂର୍ତ୍ତିର ଆଖି ଖୋଲା ରହିଛି। ବାମ ହାତରେ ଖଣ୍ଡା ପରିବର୍ତ୍ତେ ଭାରତୀୟ ସମ୍ବିଧାନ ଧରାଇ ଦିଆଯାଇଛି। ଇଣ୍ଡିଆନ୍ ପେନାଲ କୋଡ୍ (ଆଇପିସି) ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତାର ପ୍ରଚଳନ ଭଳି ବ୍ରିଟିଶ୍ ଅମଳରୁ ଚାଲିଆସିଥିବା ଲିଗାଲ ଲିଗାସିକୁ ପଛରେ ପକାଇ କଳାପଟି ପିନ୍ଧି ନ ଥିବା ଏବଂ ଖଣ୍ଡା ଧରି ନ ଥିବା ମହିଳାଙ୍କ ମୂର୍ତ୍ତିକୁ ସ୍ଥାପନ କରାଯାଇଥିବା ମନେକରାଯାଉଛି।

ସିଜେଆଇଙ୍କ ଅଫିସ ସୂତ୍ରରୁ ଜଣାପଡ଼ିଛି ଯେ, ଭାରତ ବ୍ରିଟିଶ୍ ଲିଗାସିରୁ ମୁକ୍ତ ହୋଇସାରିଲାଣି ଏବଂ ଦେଶର ଆଇନ କେବେହେଲେ ଅନ୍ଧ ନୁହେଁ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ବିବେଚନା କରନ୍ତି। ସେହିପରି ଭାରତୀୟ ଆଇନ ଖଣ୍ଡା ଭଳି ହିଂସାର ପ୍ରତୀକକୁ ଗ୍ରହଣ କରେ ନାହିଁ। ବରଂ ସାମ୍ବିଧାନିକ ଆଇନ ଅନୁସାରେ ନ୍ୟାୟ ପ୍ରଦାନ କରିଥାଏ ବୋଲି ସିଜେଆଇ ମନେକରନ୍ତି। ତେଣୁ 'ନ୍ୟାୟର ଦେବୀ'ଙ୍କ ମୂର୍ତ୍ତିରେ ଏଭଳି ପରିବର୍ତ୍ତନ ଅଣାଯାଇଛି।

ପୂର୍ବରୁ ନ୍ୟାୟଦେବୀଙ୍କ ମୂର୍ତ୍ତି ଆଖିରେ ଥିଲା ପଟି, ଡାହାଣ ହାତରେ ନିକିତି ଓ ବାମ ହାତରେ ଖଣ୍ଡା ଏହା ନ୍ୟାୟର ପ୍ରତୀକ ଭାବେ ବିବେଚିତ ହେଉଥିଲା। ପଟି ଦର୍ଶାଉଥିଲା ଅଦାଲତରେ ହାଜର ହେଉଥିବା ବ୍ୟକ୍ତିଙ୍କ ଧନ, କ୍ଷମତା କିମ୍ବା ଅନ୍ୟ କୌଣସି ସାମାଜିକ ପ୍ରତିଷ୍ଠାକୁ ଦେଖାଯାଇ ନ ଥାଏ। ଅର୍ଥାତ୍ ଆଇନ ଆଖିରେ ସମସ୍ତେ ସମାନ। ସେହିପରି ନିକିତି ସମସ୍ତଙ୍କୁ ସମାନ ନ୍ୟାୟ ବାଣ୍ଟିଥାଏ। ଖଣ୍ଡା ଅନ୍ୟାୟକୁ ଦଣ୍ଡିତ କରିବାର ଶକ୍ତି ଭାବେ ସୂଚାଉଥିଲା। ଏବେ ନ୍ୟାୟଦେବୀଙ୍କ ଆଖିରୁ ପଟି ହଟାଇ ଦିଆଯାଇଥିବା ବେଳେ ବାମ ହାତରେ ଧରାଇ ଦିଆଯାଇଛି ଖଣ୍ଡା ପରିବର୍ତ୍ତେ ସମ୍ବିଧାନ। ଏଭଳି ପରିବର୍ତ୍ତନ ନେଇ କୁହାଯାଇଛି ଯେ, ଦେଶର ଆଇନ କେବେହେଲେ ଅନ୍ଧ ନୁହେଁ ଏବଂ ସମ୍ବିଧାନ ଆଇନ ଅନୁସାରେ ନ୍ୟାୟ ପ୍ରଦାନ କରିଥାଏ।

ହେଲେ ଏଭଳି ପରିବର୍ତ୍ତନ ଦର୍ଶାଉଛି ଯେ, ଦେଖିଚାହିଁ ନ୍ୟାୟ ଦିଆଯିବା ଅନୁରୂପ ଭାବେ ସମ୍ବିଧାନ କଥା ଦେଖିଲେ ତାହା ଏକ ଜୀବନ୍ତ ପୋଥି ନୁହେଁ। ଏହା ମଣିଷ ଦ୍ୱାରା ସୃଷ୍ଟି କରାଯାଇଛି। ଉଦାହରଣ ସ୍ୱରୂପ ମଣିଷକୁ ମଣିଷ ମାରିବା ସବୁ ଯୁଗରେ ସବୁ ସମୟରେ ଏକ ବିରାଟ ଅନ୍ୟାୟ। ଏଥିରେ ନ୍ୟାୟ ଦେବା ପାଇଁ କୌଣସି ସମ୍ବିଧାନର ଆବଶ୍ୟକତା ରହେ ନାହିଁ। ଦେଖାଯାଉଛି ସମ୍ବିଧାନକୁ ବାରମ୍ବାର ସଂଶୋଧନ କରିବାକୁ ପଡୁଛି। ଯଦି କୁହାଯାଉଛି ସମ୍ବିଧାନ ଅନୁଯାୟୀ ନ୍ୟାୟ ପ୍ରଦାନ କରାଯିବ, ତାହା ହେଲେ ପ୍ରଶ୍ନ ଉଠୁଛି କାହିଁକି ଏହାକୁ ବାରମ୍ବାର ସଂଶୋଧନ କରାଯାଉଛି। ଏହାର ଉତ୍ତର ହେଲା କୌଣସି ବିଷୟକୁ ସମୟ ଉପଯୋଗୀ କରିବା ଲାଗି ସଂଶୋଧନ ଲୋଡ଼ା ପଡୁଛି। ସେପ୍ଟେମ୍ବର ୨୦୨୩ ସୁଦ୍ଧା ଭାରତୀୟ ସମ୍ବିଧାନରେ ୧୦୬ ଥର ସଂଶୋଧନ କରାଯାଇ ସାରିଲାଣି।

ଉଦାହରଣ ସ୍ୱରୂପ, ୧୯୫୦ରେ ପ୍ରଣୀତ ଭାରତୀୟ ସମ୍ବିଧାନରେ ଆରମ୍ଭରୁ ସମ୍ପତ୍ତି ଅଧିକାର ଏକ ମୌଳିକ ଅଧିକାର ରହି ଆସିଥିବାବେଳେ ସମୟକ୍ରମେ ଏହାର ବ୍ୟାଖ୍ୟାନ ଓ ପ୍ରଭାବରେ ଅନେକ ପରିବର୍ତ୍ତନ ଆସିଛି। ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏଫ୍) ଏବଂ ଅନୁଚ୍ଛେଦ ୩୧ରେ ସମ୍ପତ୍ତି ଅଧିକାରକୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦିଆଯାଇଥିଲା। କିନ୍ତୁ ୧୯୭୮ରେ ୪୪ତମ ସଂଶୋଧନ ଆଇନ ବଳରେ ଏଥିରେ ପରିବର୍ତ୍ତନ ଅଣାଯାଇଥିଲା। ଉକ୍ତ ସଂଶୋଧନରେ 'ମୌଳିକ' ଶବ୍ଦକୁ ହଟାଇ ଅନୁଚ୍ଛେଦ ୩୦୦ଏ ଅଧୀନରେ କେବଳ ଏକ 'ଆଇନଗତ ଅଧିକାର' ବୋଲି ଉଲ୍ଲେଖ କରାଗଲା। ତଦନୁସାରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସମ୍ପତ୍ତିରୁ ଆଇନ ବ୍ୟତୀତ କେହି ବେଦଖଲ କରିପାରିବେ ନାହିଁ।

ପ୍ରଚଳିତ ସାମାଜିକ-ଅର୍ଥନୈତିକ ସ୍ଥିତି ଏବଂ ଭୂସଂସ୍କାର କ୍ଷେତ୍ରରେ ପରିବର୍ତ୍ତନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏପରି କରାଯାଇଥିବା ସେତେବେଳେ କୁହାଯାଇଥିଲା। ଏହି ପରିବର୍ତ୍ତନ ଘରୋଇ ସମ୍ପତ୍ତିକୁ ଆଇନ ବଳରେ ସର୍ବସାଧାରଣ ବ୍ୟବହାର ପାଇଁ ସରକାରଙ୍କ ଅଧିଗ୍ରହଣ କ୍ଷମତାକୁ ଦର୍ଶାଏ। ଏବେ ମଧ୍ୟ ପଟ୍ଟାରେ ଜମି ମାଲିକଙ୍କ ନାମ ସ୍ତମ୍ଭରେ 'ସରକାର' ଉଲ୍ଲେଖ ରହିଛି। ଆଜି ଭାରତରେ ଏମିତି କେଉଁ ନାଗରିକ ଅଛନ୍ତି, ଯିଏ ଚାହିଁବେ ତାଙ୍କ ସମ୍ପତ୍ତି ସରକାର ନେଇଯାଉ।

## କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବୃଦ୍ଧି

ନୂଆଦିଲ୍ଲୀ,୧୬।୧୦

କେନ୍ଦ୍ର ସରକାର ଦୀପାବଳି ପୂର୍ବରୁ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ପାଇଁ ୩% ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି କରିଛନ୍ତି। ବୁଧବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ନୂଆ ଡିଏ ପିଛିଲା ଭାବେ ୨୦୨୪ ଜୁଲାଇ ୧ରୁ ଲାଗୁ ହେବ। ସପ୍ତମ କେନ୍ଦ୍ରୀୟ ପେ' କମିଶନଙ୍କ ସୁପାରିସ ଆଧାରରେ ଏହି ବୃଦ୍ଧି କରାଯାଇଥିବା ଏକ ସରକାରୀ ବିବୃତିରେ କୁହାଯାଇଛି। ଡିଏ ଏବଂ ଡିଅରନେସ୍ ରିଲିଫ୍ ବୃଦ୍ଧି ଫଳରେ ସରକାରୀ ରାଜକୋଷ ଉପରେ ବାର୍ଷିକ ଅତିରିକ୍ତ ୯,୪୪୮.୩୫ କୋଟି ଟଙ୍କାର ବୋଝ ପଡ଼ିବ। ଏହାଦ୍ୱାରା ୪୯.୧୮ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୪.୮୯ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଗହମ ଏମ୍ଏସ୍‌ପି ୧୫୦ ଟଙ୍କା ବଢ଼ିଲା

ସେହିପରି ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଗହମର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ରେ କୁଇଣ୍ଟାଲ ପିଛା ୧୫୦ ଟଙ୍କା ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ସହ ଗହମ କୁଇଣ୍ଟାଲ ପିଛା ଦର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅଥର୍ବ ବେଦ ଓ ଋଷି ପିପ୍ପଳାଦ**



ଗଜଲକ୍ଷ୍ମୀ ପୂଜା ଅବସରରେ ଢେଙ୍କାନାଳ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ନିର୍ମିତ ଚାନ୍ଦିମେଢ ଓ ମା'ଙ୍କ ସୁନା ମୁକୁଟ। (ଫଟୋ-ମାନସ)

## ପାଣ୍ଡିଆନ ନେତା ନ ଥିଲେ: ଦେବାଶିଷ

କଟକ,୧୬।୧୦(ଶିଲ୍ପା ପ୍ରିୟଦର୍ଶିନୀ)

ଭି.କେ. ପାଣ୍ଡିଆନ ନେତା ନ ଥିଲେ, ବିଜେଡିର ନେତା ନବୀନ ପଟ୍ଟନାୟକ ବୋଲି ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ କହିଛନ୍ତି। ବରିଷ୍ଠ ନେତା ଅମର ଶତପଥୀ ଓ ପ୍ରସନ୍ନ ପାଟ୍ଟଶାଣୀଙ୍କ ଉଦ୍ଦେଶ୍ୟରେ ସେ ଏଭଳି ଟେରଛାବାଣ ମାରିଛନ୍ତି।

କଟକ ଟାଉନ୍‌ହଲଠାରେ ବୁଧବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଖବରଦାତାଙ୍କ ପ୍ରଶ୍ନର ଏଭଳି କିଛି ଉତ୍ତର ରଖିଛନ୍ତି ଦେବାଶିଷ। ସେ ଆହୁରି କହିଛନ୍ତି, ମତାମତ ଦେବା ପୂର୍ବରୁ ଅମର ଶତପଥୀଙ୍କୁ ଭାବିବା ଉଚିତ ଥିଲା। ସବୁବେଳେ କ୍ଷମତା ଲୋଭୀ ହେବା ଉଚିତ ନୁହେଁ। ଅମର ବିଜେଡି ଛାଡି ଏନ୍‌ସିପି ଯିବାବେଳେ ବି ଏମିତି କହିଥିଲେ। ପରେ ପୁଣି କିଭଳି ବିଜେଡିକୁ ଫେରିଲେ ବୋଲି ପ୍ରଶ୍ନ କରିଛନ୍ତି



ଦେବାଶିଷ ସାମନ୍ତରାୟ

ଦେବାଶିଷ। ସେହିପରି ପାଟ୍ଟଶାଣୀ ଏତେ ଫାଇଦା ପାଇଲା ପରେ ବି ବିଜେଡି ନାଁରେ କିଭଳି କହି ପାରୁଛନ୍ତି ଏହା ସମ୍ପୂର୍ଣ୍ଣ ଭାବେ ଲଜ୍ଜାଜନକ। ସେ ତ ଏବେ ଦଳରେ ନାହାନ୍ତି। ତେବେ ଯିଏ ବିଜେଡି ଛାଡ଼ିବାର କଥା ଛାଡନ୍ତୁ, କିଛି ଫରକ୍ ପଡିବ ନାହିଁ। ପାଣ୍ଡିଆନ କେବେ ହେଲେ ଆମ ନେତା ନ ଥିଲେ ବରଂ ☞ପୃଷ୍ଠା-୪

# ୧୨ ବିମାନକୁ ବୋମା ଧମକ

- **ମାମଲା ରୁଜୁ କଲା ଦିଲ୍ଲୀ ପୋଲିସ**
- **ନୋ ଫ୍ଲାଏ ଲିଷ୍ଟରେ ରଖାଯିବ ଧମକଦାତାଙ୍କ ନାମ**

ଫ୍ଲାଇଟ୍‌ରେ ବୋମା ଅଛି, ବିସ୍ଫୋରଣ କରି ଉଡ଼ାଇଦେବୁ ବୋଲି ଧମକ ଆସୁଛି। ବିମାନ ଯାଞ୍ଚ ପରେ ସେଠାରୁ କୌଣସି ପ୍ରକାର ସନ୍ଦିଗ୍ଧ ସାମଗ୍ରୀ ମିଳୁନାହିଁ। ଅଯଥାରେ ଯାତ୍ରୀ ଆତଙ୍କିତ ହୋଇପଡୁଥିବାବେଳେ ଫ୍ଲାଇଟ୍‌ଗୁଡ଼ିକ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରିବର୍ତ୍ତେ ମୂଳ ଏୟାରପୋର୍ଟକୁ ଫେରିଆସୁଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟରୁ ୩ ଦିନ ମଧ୍ୟରେ ଏଭଳି ୧୨ଟି ଘରୋଇ ଓ ଅନ୍ତର୍ଜାତୀୟ ଫ୍ଲାଇଟ୍‌କୁ ଧମକ ମିଳିସାରିଲାଣି। ଏନେଇ ଦିଲ୍ଲୀ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ବୈଠକରେ ଏନେଇ ଚିନ୍ତା ପ୍ରକଟ କରାଯାଇଛି। ଏଭଳି ଧମକଦାତାଙ୍କୁ ଚିହ୍ନଟ କରି ତାଙ୍କ ନାମ 'ନୋ ଫ୍ଲାଏ ଲିଷ୍ଟ'ରେ ତାଲିକାଭୁକ୍ତ କରାଯିବ ବୋଲି ବିମାନ ଚଳାଚଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ନୂଆଦିଲ୍ଲୀ,୧୬।୧୦

ଦିଲ୍ଲୀରୁ ବୁଧବାର ବେଙ୍ଗାଲୁରୁ ଯାଉଥିବା ଆକାଶା ଏୟାର ଫ୍ଲାଇଟ୍‌ରେ ୧୮୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ବୋମା ଧମକ ମିଳିବା ପରେ ଉକ୍ତ ଫ୍ଲାଇଟ୍‌କୁ ଜାତୀୟ ରାଜଧାନୀକୁ ଫେରାଇ ଅଣାଯାଇଛି। ସେହିପରି ଦିଲ୍ଲୀ ଯାଉଥିବା ଏକ ଇଣ୍ଡିଗୋ ଫ୍ଲାଇଟ୍‌କୁ ମଧ୍ୟ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ଏହାକୁ ମିଶାଇ ଗତ ୩ ଦିନ ଭିତରେ ମୋଟ ୧୨ ଥର ବିସ୍ଫୋରଣରେ ଉଡ଼ାଇବା ଧମକ ମିଳିସାରିଲାଣି।

ଆକାଶା ଏୟାରର ଜଣେ ମୁଖପାତ୍ର କହିଛନ୍ତି, ଫ୍ଲାଇଟ୍ କ୍ୟୁପି ୧୩୩୫ରେ ୩ ଶିଶୁ ଓ ୭ କ୍ରିଉ ମେମ୍ବରଙ୍କ ସମେତ ୧୭୭ ଯାତ୍ରୀ ଥିଲେ। ଧମକ ମିଳିବା ପରେ ଫ୍ଲାଇଟ୍ ଦିଲ୍ଲୀକୁ ଫେରିଯାଇଛି। ଇତିମଧ୍ୟରେ ଇଣ୍ଡିଗୋର ୬ଇ୬୫୧ ମୁମ୍ବାଇ-ଦିଲ୍ଲୀ ବିମାନକୁ ଅହମଦାବାଦରେ ଅବତରଣ କରାଯାଇ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିବା ନେଇ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଘରୋଇ ଓ ଅନ୍ତର୍ଜାତୀୟ ବିମାନଗୁଡ଼ିକୁ ବାରମ୍ବାର ବିସ୍ଫୋରଣରେ ଉଡ଼ାଇଦେବା ପାଇଁ ଧମକ ବଢ଼ିଚାଲିଥିବାବେଳେ ଦିଲ୍ଲୀ ପୋଲିସ ଏକ ଏଫ୍ଆଇଆର୍ ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସରକାରୀ ସୂତ୍ରରୁ ପ୍ରକାଶ।

ଏହା ବ୍ୟତୀତ ଏୟାର ଇଣ୍ଡିଆର ଏକ ଦିଲ୍ଲୀ-ଶିକାଗୋ ଫ୍ଲାଇଟ୍, ଦାମମ୍-ଲକ୍ଷ୍ନୌ, ଇଣ୍ଡିଗୋ ଫ୍ଲାଇଟ୍, ଅଯୋଧ୍ୟା-ବେଙ୍ଗାଲୁରୁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଦରଭଙ୍ଗାରୁ ମୁମ୍ବାଇ ଅଭିମୁଖେ ଯାଉଥିବା ଏକ ସ୍ପାଇସ୍‌ଜେଟ୍ ବିମାନ (ଏସ୍‌ଜି୧୧୬), ବଗ୍‌ଡୋଗ୍ରାରୁ ବେଙ୍ଗାଲୁରୁ ଯାଉଥିବା ଅକାଶା ଏୟାର ଫ୍ଲାଇଟ୍ (କ୍ୟୁପି୧୩୭୩), ଅମୃତସର-ଡେରାଡୁନ୍-ଦିଲ୍ଲୀ ଫ୍ଲାଇଟ୍ (୯ଆଇ୬୫୦) ଏବଂ ମଦୁରାଇ-ସିଙ୍ଗାପୁର ଏୟାର ☞ପୃଷ୍ଠା-୪

# ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଫେକ୍ କଲ୍ ସେଣ୍ଟର

## ୬ ବଙ୍ଗୀୟ ଯୁବକ ଗିରଫ

ଭୁବନେଶ୍ୱର,୧୬।୧୦ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଚାଲିଥିଲା ବଙ୍ଗୀୟ ସାଇବର ଠକଙ୍କ ଅନ୍ତର୍ଜାତୀୟ କଲ୍ ସେଣ୍ଟର। ଓଡ଼ିଶାରେ ବସି ବୈଷୟିକ ଉପକରଣ ଜରିଆରେ ଦେଶ ବିଦେଶର ଲୋକଙ୍କୁ ଫସାଇ ଟଙ୍କା ଠକୁଥିଲେ। ଏହା ଜଣାପଡ଼ିବା ପରେ କମିଶନରେଟ୍ ପୋଲିସ ବୁଧବାର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ବଳଭଦ୍ରପୁରସ୍ଥିତ ଜଟଣୀ ରୋଡ ପାର୍ଶ୍ୱରେ ଥିବା କୋକିଳା କାଞ୍ଚନ ଟାୱାର ଆପାର୍ଟମେଣ୍ଟରେ ଚଢ଼ାଉ କରି ୬ବଙ୍ଗୀୟ ଯୁବକଙ୍କୁ ଗିରଫ କରିଛି। ସାଇବର ଠକମାନେ ଆପାର୍ଟମେଣ୍ଟ ଏ' ବ୍ଲକ୍‌ର ଦ୍ୱିତୀୟ ମହଲାସ୍ଥିତ ୨୦୫ ନମ୍ବର ଫ୍ଲାଟ୍‌କୁ ଭଡ଼ାରେ ନେଇ ଏହି ନେଟ୍‌ୱର୍କ ଚଳାଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ କୋଲ୍‌କାତାର ସମୀର ମୋବିନ(୨୬), ଏମ୍‌ଡି. ଜାଭେଦ ହୁସେନ୍ (୨୬), ଏମ୍‌ଡି. ତୌସିଫ୍ (୨୩), ଫୈଜାନ୍ ଆଲାମ୍ (୨୪), ସାଇବ ରାଜା (୨୨) ଓ ଏମ୍‌ଡି. ହାଇଦର ଅଲ୍ଲି (୩୪)। ଉକ୍ତ ଫ୍ଲାଟ୍‌ରୁ ୬ଟି ଲାପଟପ୍, ୧୧ଟି ମୋବାଇଲ ସମେତ ଜିଓ ଏୟାର ଫାଇବର, କେବୁଲ୍, ୱାଇ-ଫାଇ ରାଉଟର ଆଦି ☞ପୃଷ୍ଠା-୪



ଜବତ ଲାପଟପ୍, ମୋବାଇଲ ଏବଂ ୱାଇଫାଇ ରାଉଟର।

# କଶ୍ମୀରକୁ ଫେରିଲା ଲୋକଙ୍କ ସରକାର



ନୂଆ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା(ଡାହାଣ)ଙ୍କ ସହ ଉପମୁଖ୍ୟମନ୍ତ୍ରୀ ସୁରେନ୍ଦ୍ର ଚୌଧରୀ।



ଶ୍ରୀନଗରରେ ଓମାର ଅବ୍ଦୁଲ୍ଲାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଛନ୍ତି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ସିପିଆଇ ନେତା ଡି. ରାଜା, ଆପ୍ ନେତା ସଞ୍ଜୟ ସିଂ। ନିକଟରେ ଉପସ୍ଥିତ ଓମାରଙ୍କ ବାପା ତଥା ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବ୍ଦୁଲ୍ଲା।

## ଓମାରଙ୍କ ସହ ଶପଥ ନେଲେ ୬ ମନ୍ତ୍ରୀ
## ସୁରେନ୍ଦ୍ର ଚୌଧରୀ ଉପମୁଖ୍ୟମନ୍ତ୍ରୀ

**ଶ୍ରୀନଗର,୧୬।୧୦**

ଦୀର୍ଘ ୧ ଦଶନ୍ଧି ପରେ ଜମ୍ମୁ-କଶ୍ମୀରକୁ ଫେରିଛି ଲୋକଙ୍କ ନିର୍ବାଚିତ ସରକାର। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍ଦୁଲ୍ଲା ବୁଧବାର କେନ୍ଦ୍ରଶାସିତ ଅଞ୍ଚଳର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ନୌଶେରା ଆସନରେ ଭାଜପାର ଜମ୍ମୁ-କଶ୍ମୀର ସଭାପତି ରବୀନ୍ଦ୍ର ରୈନାଙ୍କୁ ହରାଇଥିବା ସ୍ୱାଧୀନ ବିଧାୟକ ସୁରେନ୍ଦ୍ର ଚୌଧରୀଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ନୂଆ ସରକାରଙ୍କ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୯ ମନ୍ତ୍ରୀ ରହିବା ବ୍ୟବସ୍ଥା ଥିବାବେଳେ ୬ ସଦସ୍ୟ ଶପଥ ଗ୍ରହଣ କରିଛନ୍ତି। ଉପରାଜ୍ୟପାଳ (ଏଲ୍‌ଜି) ମନୋଜ ସିହ୍ନା ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବା ସହ ଜମ୍ମୁ-କଶ୍ମୀରରେ ୬ ବର୍ଷ ଧରି ଚାଲିଥିବା କେନ୍ଦ୍ରୀୟ ଶାସନର ଅବସାନ ଘଟିଛି।

ଜମ୍ମୁ-କଶ୍ମୀରରେ ୨୦୧୪ ପରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇ ନ ଥିଲା। ୨୦୧୯ ଅଗଷ୍ଟ ୫ରେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଉଚ୍ଛେଦକରି ଏହାକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ବିଧାନସଭାର ୯୦ ଆସନ ପାଇଁ ନିକଟରେ ଅନୁଷ୍ଠିତ ନିର୍ବାଚନରେ ଏନ୍‌ସି ୪୨ ଆସନ ଦଖଲ କରି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଛି। ୭ ସ୍ୱାଧୀନ ବିଧାୟକଙ୍କ ମଧ୍ୟରୁ ୬ ଜଣ ଏନ୍‌ସିକୁ ସମର୍ଥନ ଘୋଷଣା କରିବା ପରେ ପ୍ରାକ୍ ନିର୍ବାଚନୀ ମେଣ୍ଟରେ ଥିବା କଂଗ୍ରେସର ୬ ବିଧାୟକ ନୂଆ ସରକାରରେ ସାମିଲ ହୋଇନାହାନ୍ତି। କଂଗ୍ରେସ ଓମାର ସରକାରଙ୍କୁ ବାହାରୁ ସମର୍ଥନ ଦେଇଛି।

୫୪ ବର୍ଷୀୟ ଓମାର ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିବାବେଳେ ଜମ୍ମୁ ରିଜିୟନ୍‌ର ୩ ଓ କଶ୍ମୀର ଉପତ୍ୟକାର ୨ ବିଧାୟକଙ୍କୁ ମନ୍ତ୍ରୀ କରାଯାଇଛି। ପ୍ରଶାସନରେ ଆଞ୍ଚଳିକ ସନ୍ତୁଳନ ବଜାୟ ରଖିବା ପାଇଁ ଏହି ଉଦ୍ୟମ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଉପମୁଖ୍ୟମନ୍ତ୍ରୀ ଜମ୍ମୁ ଅଞ୍ଚଳ ଅଧୀନ ନୌଶେରା ବିଧାନସଭାରୁ ଜିତିଛନ୍ତି। ଅନ୍ୟ ୪ ମନ୍ତ୍ରୀ ହେଲେ ସକିନା ମାସୁଦ (ଇଟ୍ଟୁ), ଜାଭେଦ ଡାର, ଜାଭେଦ ରାଣା ଓ ସତୀଶ ଶର୍ମା। ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେବା ପରେ ଓମାର କହିଛନ୍ତି, ସବୁ ବର୍ଗର ଲୋକଙ୍କୁ ନେଇ କାର୍ଯ୍ୟ କରିବା ଉପରେ ସରକାର ଗୁରୁତ୍ୱ ଦେବେ। ଅବଶିଷ୍ଟ ୩ ମନ୍ତ୍ରୀପଦ କ୍ରମଶଃ ପୂରଣ କରାଯିବ ବୋଲି ଓମାର କହିଛନ୍ତି। ଅନ୍ୟପକ୍ଷେ ଏଲ୍‌ଜିଙ୍କ ଦ୍ୱାରା ମନୋନୀତ ୫ ବିଧାୟକଙ୍କୁ ମିଶାଇଲେ ବିଧାନସଭାର ଆସନ ସଂଖ୍ୟା ୯୫ ଛୁଇଁବାକୁ ଯାଉଛି। ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ସିପିଆଇଏମ୍‌ର ପ୍ରକାଶ କାରାଟ୍, ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେଙ୍କ ସମେତ ଇଣ୍ଡିଆ ବ୍ଲକ୍‌ର ଅନେକ ନେତା ଯୋଗଦେଇଥିଲେ।

> ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା ଓ ଜମ୍ମୁ-କଶ୍ମୀରର ଲୋକଙ୍କୁ ଅଭିନନ୍ଦନ। ଜମ୍ମୁ-କଶ୍ମୀରବାସୀଙ୍କ ହାତରୁ ଗଣତନ୍ତ୍ରକୁ ଛଡ଼ାଇ ନିଆଯାଇଥିଲା। ରାଜ୍ୟ ମାନ୍ୟତା ଫେରି ନ ପାଇବା ଯାଏ ଲଢ଼େଇ ଜାରି ରଖିବାକୁ ଆଜି ଆମେ ନିଜ ଶପଥକୁ ଦୋହରାଉଛୁ। ରାଜ୍ୟ ମାନ୍ୟତା ହରାଇ ଦେଇଥିବାରୁ ସରକାର ଗଠନ ଅସମ୍ପୂର୍ଣ୍ଣ ମନେହେଉଛି।
> **-ରାହୁଲ ଗାନ୍ଧୀ**
> **କଂଗ୍ରେସ ନେତା**

# ଭାରତୀୟ କୂଟନୀତିଜ୍ଞଙ୍କ ଉପରେ କଟକଣା ଦାବିକଲେ କାନାଡୀୟ ଏମ୍‌ପି

**ଓଟାୱା, ୧୬।୧୦**

### ପ୍ରେସ୍ କନ୍‌ଫରେନ୍ସରେ ହଟହଟା



ଜଗମିତ ସିଂ

କାନାଡୀୟ ନାଗରିକ ହରଦୀପ ସିଂ ନିଜ୍ଜାରର ହତ୍ୟାକାଣ୍ଡରେ ଭାରତୀୟ ଏଜେଣ୍ଟମାନେ ସମ୍ପୃକ୍ତ ଥିବା ନେଇ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ବୟାନ ପରେ ଉଭୟ ଭାରତ ଓ କାନାଡା ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ଏହାରି ମଧ୍ୟରେ ବୁଧବାର କାନାଡାର ନ୍ୟୁ ଡେମୋକ୍ରାଟିକ୍ ପାର୍ଟି(ଏନ୍‌ଡିପି)ର ଶିଖ୍ ଏମ୍‌ପି ଜଗମିତ ସିଂ ଏକ ବିବାଦୀୟ ବୟାନ ଦେଇ ହଟହଟା ହୋଇଛନ୍ତି। ସେ ଏକ ଖବରଦାତା ସମ୍ମିଳନୀ କରି ଭାରତୀୟ କୂଟନୀତିଜ୍ଞଙ୍କ ଉପରେ କଠୋର କଟକଣା ଲଗାଇବାକୁ ଦାବି କରିଛନ୍ତି। ତେବେ ଭାରତ ସହ କୂଟନୈତିକ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇବାକୁ ନେଇ ଖବରଦାତାମାନେ ତାଙ୍କୁ କଡ଼ା ପ୍ରଶ୍ନ ପଚାରିବାରୁ ସେ ଖବରଦାତା ସମ୍ମିଳନୀରୁ ଉଠି ଚାଲିଯାଇଥିଲେ। ସେତେବେଳେ କେତେଜଣ ଖବରଦାତା ଜଗମିତଙ୍କୁ ପରିହାସ କରିବା ସହ ତାଙ୍କ ଉପରେ ହସିବାକୁ ଲାଗିଥିଲେ।

# ଏମ୍‌ୟୁଡିଏ ଅଧ୍ୟକ୍ଷଙ୍କ ଇସ୍ତଫା

**ବେଙ୍ଗାଲୁରୁ, ୧୬।୧୦**

### ରାଜନୈତିକ ଚାପରେ ନ ଥିବା କହିଲେ



କେ. ମାରିଗୌଡ଼ା

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ଘନିଷ୍ଠ ସହଯୋଗୀ ତଥା ମହୀଶୂର ଅର୍ବାନ ଡେଭେଲପମେଣ୍ଟ ଅଥରଟି (ଏମ୍‌ୟୁଡିଏ)ର ଅଧ୍ୟକ୍ଷ କେ. ମାରିଗୌଡ଼ା ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ରରେ ବ୍ୟକ୍ତିଗତ ଓ ସ୍ୱାସ୍ଥ୍ୟଗତ କାରଣ ଯୋଗୁ ଏହି ପଦରୁ ଓହରୁଥିବା ନେଇ ଦର୍ଶାଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ନିର୍ଦ୍ଦେଶରେ ସେ ଏହି ପଦରୁ ଓହରିଥିବା ନେଇ ଏହି ଅବସରରେ ମାରିଗୌଡ଼ା କହିଛନ୍ତି। ତେବେ କୌଣସି ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ସେ ଇସ୍ତଫା ଦେଇନାହାନ୍ତି ବୋଲି କହିଛନ୍ତି। ଏମ୍‌ୟୁଡିଏରେ ହୋଇଥିବା ଅନୀୟମିତତା ମାମଲାରେ ନ୍ୟାୟିକ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ସତ୍ୟ ସାମ୍ନାକୁ ଆସିବ ବୋଲି ମାରିଗୌଡ଼ା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୩ରେ ସିଦ୍ଧାରାମାୟାଙ୍କ ନେତୃତ୍ୱରେ କର୍ଣ୍ଣାଟକରେ କଂଗ୍ରେସ ସରକାର ଫେରିବା ପରେ ମାରିଗୌଡ଼ା ଏମ୍‌ୟୁଡିଏ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ।

# ଆଜିଠୁ ସାଇନିଙ୍କ ଦ୍ୱିତୀୟ ପାଳି



ହରିୟାଣାର ପଞ୍ଚକୁଲାରେ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିବା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କୁ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଅଭିନନ୍ଦନ ଜଣାଉଛନ୍ତି।

**ପଞ୍ଚକୁଲା/ନୂଆଦିଲ୍ଲୀ,୧୬।୧୦**

### ଶପଥ ନେବା ପରେ ୨୪,୦୦୦ ନିଯୁକ୍ତିପତ୍ର ବାଣ୍ଟିବେ

ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ବୁଧବାର ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହୋଇଛନ୍ତି। ସେ ଗୁରୁବାର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବେ। ପଞ୍ଚକୁଲାରେ ଦଳର ନବନିର୍ବାଚିତ ବିଧାୟକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ୫୪ ବର୍ଷୀୟ ସାଇନି ଶପଥ ଗ୍ରହଣ ପରେ ୨୪,୦୦୦୦ ଯୁବତୀ ଯୁବକଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ। ଭାଜପା ଯାହା କହେ ତାକୁ ପାଳନ କରିଥାଏ। ଗୁରୁବାର ଶପଥ ନେବା ପରେ ଆମେ ପ୍ରଥମେ ନିଜ ପ୍ରତିଶ୍ରୁତି ପୂରଣ କରିବାକୁ ଯାଉଛୁ ବୋଲି ସାଇନି କହିଛନ୍ତି।

## ସିଇସିଙ୍କ ହେଲିକପ୍ଟରର ଏମର୍ଜେନ୍ସି ଲ୍ୟାଣ୍ଡିଂ

**ଡେରାଡୁନ୍, ୧୬।୧୦:** ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାରଙ୍କ ହେଲିକପ୍ଟର ବୁଧବାର ଉତ୍ତରାଖଣ୍ଡର ପିଥୋରଗଡ଼ ଜିଲା ମୁନ୍‌ସ୍ୟାରିରେ ଏମର୍ଜେନ୍ସି ଲ୍ୟାଣ୍ଡିଂ କରିଛି। ଖରାପ ପାଗ ଯୋଗୁ ହେଲିକପ୍ଟରଟିକୁ ଜରୁରୀ ଅବତରଣ କରାଯାଇଥିବା ନେଇ ପିଥୋରଗଡ଼ ଜିଲା ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ହେଲିକପ୍ଟରରେ ସିଇସି ରାଜୀବଙ୍କ ସହ ଉତ୍ତରାଖଣ୍ଡର ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ବିଜୟ କୁମାର ଜୋଗ୍‌ଦଣ୍ଡେ ମଧ୍ୟ ଉପସ୍ଥିତ ଥିଲେ। ତେବେ ଘଟଣାରେ କେହି ଆହତ ହୋଇନାହାନ୍ତି କିମ୍ବା ହେଲିକପ୍ଟରର କୌଣସି କ୍ଷୟକ୍ଷତି ହୋଇନାହିଁ। ଉଭୟ ସିଇସି ଓ ଉତ୍ତରାଖଣ୍ଡର ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜ୍ୟର ମିଲାମ ଗ୍ରାମକୁ ଏକ ସରକାରୀ କାର୍ଯ୍ୟକ୍ରମରେ ଯାଉଥିବାବେଳେ ସେମାନଙ୍କ ହେଲିକପ୍ଟରକୁ ଏମର୍ଜେନ୍ସି ଲ୍ୟାଣ୍ଡିଂ କରାଯାଇଛି।

## ପ୍ରକୃତିକୁ ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ: ଶିବକୁମାର

**ବେଙ୍ଗାଲୁରୁ, ୧୬।୧୦**

ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ବେଙ୍ଗାଲୁରୁ ସହରରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଏହାକୁ ନେଇ କର୍ଣ୍ଣାଟକ ଉପ ମୁଖ୍ୟମନ୍ତ୍ରୀ ତଥା ବେଙ୍ଗାଲୁରୁ ଉନ୍ନୟନ ମନ୍ତ୍ରୀ ଡି.କେ. ଶିବକୁମାରଙ୍କ ଏକ ମନ୍ତବ୍ୟକୁ ନେଇ ବିବାଦ ଆରମ୍ଭ ହୋଇଛି। ବୁଧବାର ଗଣମାଧ୍ୟମକୁ ଶିବକୁମାର କହିଛନ୍ତି, ଲଗାଣ ବର୍ଷାଜନିତ କ୍ଷୟକ୍ଷତି ରୋକିବାକୁ ରାଜ୍ୟ ସରକାର ଯଥାସମ୍ଭବ ପ୍ରୟାସ କରିଛନ୍ତି। ତେବେ ପ୍ରକୃତିକୁ ନିୟନ୍ତ୍ରଣ କରିବା ରାଜ୍ୟ ସରକାରଙ୍କ ପକ୍ଷେ ସମ୍ଭବ ନୁହେଁ। ବିରୋଧୀ ଭାଜପା ଓ ଜେଡିଏସ୍ ରାଜନୈତିକ ଫାଇଦା ପାଇଁ ବେଙ୍ଗାଲୁରୁର ଛବିକୁ କ୍ଷୁଣ୍ଣ କରିବାକୁ ପ୍ରୟାସ କରୁଛନ୍ତି।

# ମେୟରଙ୍କ ସମେତ ୬ ନିହତ



ଲେବାନନ୍‌ର ନାବାତିଏ ମ୍ୟୁନିସିପାଲିଟି ବିଲ୍ଡିଂରେ ମିଶାଇଲ ମାଡ଼ ଯୋଗୁ କାର୍‌ଗୁଡିକ ନଷ୍ଟ ହୋଇଯାଇଛି।

### ଲେବାନନ୍‌ରେ ଇସ୍ରାଏଲର ମିଶାଇଲ ମାଡ଼

**ବେରୁଟ, ୧୬।୧୦**

ଦକ୍ଷିଣ ଲେବାନନ୍‌ର ମୁଖ୍ୟ ସହର ନାବାତିଏରେ ବୁଧବାର ଇସ୍ରାଏଲ ପକ୍ଷରୁ ମିଶାଇଲ ମାଡ଼ କରାଯାଇଛି। ଇସ୍ରାଏଲର ଏହି ଏୟାର ଷ୍ଟ୍ରାଇକ୍ ଯୋଗୁ ନାବାତିଏର ମ୍ୟୁନିସିପାଲିଟି ବିଲ୍ଡିଂରେ ଏକ ମିଶାଇଲ ମାଡ଼ ହୋଇଥିଲା ଫଳରେ ସ୍ଥାନୀୟ ମେୟର ଅହମଦ କାହିଲଙ୍କ ସମେତ ୬ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଏବେ ମଧ୍ୟ ଅନେକ ଜଣ ଫସି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଲେବାନନ୍‌ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଘଟଣାକୁ ନେଇ ଇସ୍ରାଏଲ ସେନା ପ୍ରତିକ୍ରିୟା ରଖିଛି। ନାବାତିଏ ଅଞ୍ଚଳରେ ଥିବା ଉଗ୍ରବାଦୀ ସଙ୍ଗଠନ ହେଜ୍‌ବୋଲ୍ଲାର ଡ଼ଜନରୁ ଅଧିକ ଠିକଣାକୁ ଟାର୍ଗେଟ କରି ମିଶାଇଲ ମାଡ଼ କରାଯାଇଥିଲା। ଏହି ଏୟାର ଷ୍ଟ୍ରାଇକ୍‌ରେ ଅଞ୍ଚଳରେ ଥିବା ହେଜ୍‌ବୋଲ୍ଲାର ଠିକଣାକୁ ଧ୍ୱଂସ ହୋଇଥିବା ନେଇ ଇସ୍ରାଏଲ ସୈନ୍ୟବାହିନୀ ସୂଚନା ଦେଇଛି। ତେବେ ଘଟଣାକୁ ନେଇ ଲେବାନନ୍‌ର କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ନଜିବ ମିକାତି ନିନ୍ଦା କରିଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ଇସ୍ରାଏଲ ପକ୍ଷରୁ ନାବାତିଏ ସହରର ସେବା ଓ ରିଲିଫ୍ ପରିସ୍ଥିତି ବିଷୟରେ ଆଲୋଚନା କରିବାକୁ ଥିବା ମ୍ୟୁନିସିପାଲିଟି ବିଲ୍ଡିଂକୁ ଟାର୍ଗେଟ କରାଯାଇ ମିଶାଇଲ ମାଡ଼ ହୋଇଥିବା ସେ ଅଭିଯୋଗ କରିଛନ୍ତି।






# ବିଭିନ୍ନ ଜିଲାରେ ସ୍ଥାପନ ହେବ ବରପୁତ୍ରଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର,୧୬।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟର ବିଭିନ୍ନ ଜିଲାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ। ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ଜିଲା ପ୍ରଶାସନଠାରୁ ହସ୍ତଗତ ହୋଇଥିବା ପ୍ରସ୍ତାବ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ନିମନ୍ତେ ତାଲିକା ପ୍ରସ୍ତୁତ କରାଯାଇଛି। କେନ୍ଦ୍ରାପଡ଼ାରେ ଭଜନ ସମ୍ରାଟ ଭିକାରୀ ବଳ, ବଲାଙ୍ଗୀରରେ ଧରମସିଂହ ମାନ୍ଧାତା ମାଝୀ, ଭୁବନେଶ୍ୱରରେ କୁନ୍ତଳା କୁମାରୀ ସାବତ ଓ କବି ଶେଖର ଚିନ୍ତାମଣି ମହାନ୍ତି, ବ୍ରହ୍ମପୁରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭଦ୍ରକରେ ଗୋକୁଳାନନ୍ଦ ମହାନ୍ତି, କେନ୍ଦୁଝରରେ ରତନା ନାୟକ, ସମ୍ବଲପୁରରେ ଅଟଳ ବିହାରୀ ବାଜପେୟୀ ଓ ବୀର ସୁରେନ୍ଦ୍ର ସାଏ, କଟକରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ, ମଧୁସୂଦନ ଦାସ ଓ ଅଟଳ ବିହାରୀ ବାଜପେୟୀ, ବରଗଡ଼ରେ ଗଙ୍ଗାଧର ମେହେର, ବାଲେଶ୍ୱରରେ ଫକୀର ମୋହନ ସେନାପତି ଓ ବାଘାଯତୀନ, ପୁରୀ ଡେଲାଙ୍ଗରେ ବୌଦ୍ଧଧର୍ମ ବିଶାରଦ ଡିଗନାଗ, ମାଲକାନଗିରିରେ ତାମ୍ପା ଦୋରା ଏବଂ ଢେଙ୍କାନାଳ ଭୁବନରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ସେହିପରି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ପ୍ରଥମ ଓଡ଼ିଆ ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀଙ୍କ ପ୍ରତିମୂର୍ତ୍ତି ମଧ୍ୟ ସ୍ଥାପନ କରାଯିବାର ନିଷ୍ପତ୍ତି ହୋଇଛି। ସଂସ୍କୃତି ମନ୍ତ୍ରୀ କହିଛନ୍ତି, ଭାରତବର୍ଷର ସ୍ୱାଧୀନତା, ଓଡ଼ିଶା ପ୍ରଦେଶର ସ୍ୱତନ୍ତ୍ରତା, ଆମ ଭାଷା ଓ ସାହିତ୍ୟକୁ ନିଜର ଲେଖନୀ ଚାଳନା ମାଧ୍ୟମରେ ଋଦ୍ଧିମନ୍ତ କରିବା, ଓଡ଼ିଶାର ଐତିହ୍ୟ ଏବଂ ଓଡ଼ିଆ ସଂସ୍କୃତିର ମୂଲ୍ୟବୋଧକୁ ବଜାୟ ରଖିବା ଦିଗରେ ଆମ ବରପୁତ୍ରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଆମ ସ୍ୱାଧୀନତା ଓ ସ୍ୱାଭିମାନ ପାଇଁ ବଳିଦାନ ଦେଇଥିବା ଏବଂ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ରକ୍ଷକ ଭାବେ କାର୍ଯ୍ୟକରିଥିବା ବରପୁତ୍ରମାନେ ହେଲେ ଚିରନମସ୍ୟ। ତେଣୁ ପ୍ରାଥମିକତା ଭିତ୍ତିରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଏହାର ସ୍ଥାପନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ୧୮ରୁ ୨ ଦ୍ୱାରରେ ଶ୍ରୀମନ୍ଦିର ପ୍ରବେଶ

ପୁରୀ,୧୬।୧୦( ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି ଶ୍ରୀମନ୍ଦିର ପ୍ରଶାସନ। ଆସନ୍ତା ୧୮ ତାରିଖରୁ ଦୁଇଟି ଦ୍ୱାର ଅର୍ଥାତ୍ ସିଂହଦ୍ୱାର ଓ ପଶ୍ଚିମଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିପାରିବେ। ସେହିଭଳି ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନି ଦ୍ୱାର ପଶ୍ଚିମଦ୍ୱାର, ଉତ୍ତରଦ୍ୱାର ଓ ଦକ୍ଷିଣଦ୍ୱାର ଦେଇ ଭକ୍ତମାନେ ପ୍ରସ୍ଥାନ କରିବେ। ସିଂହଦ୍ୱାରରେ ପ୍ରସ୍ଥାନ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। କେବଳ ସେବାୟତ ଓ ସେବକଙ୍କ ପରିବାର ସଦସ୍ୟଙ୍କ ପାଇଁ ଏହି ବ୍ୟବସ୍ଥା ପ୍ରଯୁଜ୍ୟ ନୁହେଁ ବୋଲି ସାମାଜିକ ଗଣମାଧ୍ୟମରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ଆସନ୍ତା ୧୮ ତାରିଖରୁ ହବିଷିଆଳିମାନେ କାର୍ତ୍ତିକ ବ୍ରତ ଆରମ୍ଭ କରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନ କରିବେ। ସେଥିପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମେତ ହଜାରହଜାର ହବିଷିଆଳିଙ୍କ ଭିଡ଼ ପରିଲକ୍ଷିତ ହେବ। ଭିଡକୁ ଦୃଷ୍ଟିରେ ରଖିବା ସହ ମହାପ୍ରଭୁଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ଥିବାରୁ ଶୃଙ୍ଖଳିତ ଦର୍ଶନ ପାଇଁ ଏଭଳି ବ୍ୟବସ୍ଥା କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ଏହି ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବା ସହ ଦର୍ଶନ ବ୍ୟବସ୍ଥାରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ପାଢ଼ୀ। ତେବେ ଏହି ନୂଆ ଦର୍ଶନ ବ୍ୟବସ୍ଥା କେତେଦିନ ଧରି ଚାଲିବ ସେନେଇ କୌଣସି ସ୍ପଷ୍ଟ ସୂଚନା ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରଦାନ କରାଯାଇନାହିଁ।

# ଆଜି ହରିୟାଣା ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)

- ବମ୍ବେ ନିବେଶକ ସମ୍ମିଳନୀରେ ସାମିଲ ହେବେ
- ଚଣ୍ଡିଗଡ଼ଠାରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବେ
- ସରକାରୀ ଖର୍ଚ୍ଚ ବଞ୍ଚାଇବାକୁ ସ୍ୱତନ୍ତ୍ର ବିମାନରେ ଗଲେନି

ହରିୟାଣାରେ ଭାଜପା ନେତୃତ୍ୱାଧୀନ ନୂଆ ସରକାରର ଶପଥ ଗ୍ରହଣ ସମାରୋହ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ ହେବେ। ଏନେଇ ମୁଖ୍ୟମନ୍ତ୍ରୀ ବୁଧବାର ୪ ଦିନିଆ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ହରିୟାଣା ଏବଂ ବମ୍ବେ ଗସ୍ତ କରିବେ। ଏହାସହ ଚଣ୍ଡିଗଡ଼ ଠାରେ ହେବାକୁ ଥିବା ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ମଧ୍ୟ ସେ ଯୋଗଦେବା କାର୍ଯ୍ୟକ୍ରମ ଅଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଚଣ୍ଡିଗଡ଼ ଅଭିମୁଖେ ଗସ୍ତ କରିଛନ୍ତି। ସେଠାରେ ୧୭ ତାରିଖରେ ହରିୟାଣାର ନବନିର୍ବାଚିତ ସରକାରଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗଦେବେ। ଅପରାହ୍ନରେ ଚଣ୍ଡିଗଡ଼ଠାରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ସାମିଲ ହେବେ। ଏହାପରେ ମୁଖ୍ୟମନ୍ତ୍ରୀ ବମ୍ବେ ଗସ୍ତରେ ଯାଇ ୧୮ ତାରିଖ ଅପରାହ୍ନ ଓ ୧୯ ତାରିଖ ପୂର୍ବାହ୍ନରେ ମୁମ୍ବାଇର ଏକ ତାରକା ହୋଟେଲରେ ଆୟୋଜିତ ନିବେଶକ ସମ୍ମିଳନୀରେ ସାମିଲ ହେବେ। ଇଣ୍ଡିଆନ କେମିକାଲ୍ସ ଆଣ୍ଡ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ସମ୍ଭାବନା ସମ୍ବନ୍ଧିତ ଏକ ସମ୍ମିଳନୀରେ ଯୋଗଦେବା ସହ ମେକ୍ ଇନ୍ ଓଡ଼ିଶା ପାଇଁ ନିବେଶକଙ୍କ ସମ୍ମିଳନୀରେ ଯୋଗଦେବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ୧୯ ତାରିଖ ସନ୍ଧ୍ୟା କିମ୍ବା ୨୦ ତାରିଖରେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ଫେରିବା ନେଇ ଏ ପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇ ନ ଥିବା ଜଣାପଡ଼ି ନାହିଁ। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ସହ ଶ୍ରମମନ୍ତ୍ରୀ ସମ୍ପଦ ସ୍ୱାଇଁ ମଧ୍ୟ ଗସ୍ତ କରିଛନ୍ତି। ତେବେ ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବିମାନରେ ଯାଇନାହାନ୍ତି। ତାଙ୍କ ଗସ୍ତରେ ସରକାରୀ ଖର୍ଚ୍ଚ ବଞ୍ଚାଇବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

# କଳସ ସାମ୍ନାରେ ମାନସିକଧାରୀଙ୍କ ଛେରାପହଁରା

ତିହିଡ଼ି,୧୬।୧୦(ସଞ୍ଜିତ ବଳ)

## ଲକ୍ଷ୍ମୀନାରାୟଣ ପୂଜାର ନିଆରା ପରମ୍ପରା


ମାନସିକଧାରୀ ଛେରାପହଁରା କରୁଛନ୍ତି।

ଲକ୍ଷ୍ମୀନାରାୟଣ ପୂଜା ପାଇଁ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ଓ ମଙ୍ଗଳପୁର ପଞ୍ଚାୟତ ଉତ୍ସବମୁଖର ହୋଇଉଠିଛି। କୁମାରପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୭ ଦିନ ଧରି ଚାଲିବ। ପୂଜା ପାଇଁ ମନ୍ଦିରସବୁ ସୁସଜ୍ଜିତ ହୋଇ ଆଲୋକମାଳାରେ ଝଟକୁଛି। ବିଶେଷକରି କଳସ ଶୋଭାଯାତ୍ରା ବେଳେ ସାମ୍ନାରେ ମାନସିକଧାରୀଙ୍କ ଛେରାପହଁରା ଏବଂ ଲକ୍ଷ୍ମୀନାରାୟଣଙ୍କୁ ନେତ୍ରପଣା ଅର୍ପଣ ନିଆରା ପରମ୍ପରା ହୋଇଥିବାରୁ ବୁଧବାର ପୂଜାସ୍ଥଳରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସିନ୍ଦୋଳର ନୂଆପାଟଣା ଗ୍ରାମରେ ଏହି ପୂଜା ୧୦୩ ବର୍ଷରେ ପଦାର୍ପଣ କରିଥିବାରୁ ବେଶ୍ ଆଡ଼ମ୍ବର ସହ ପାଳନ କରାଯାଉଛି। ଏଠାରେ ଲକ୍ଷ୍ମୀନାରାୟଣଙ୍କ ସହିତ ଦେବୀ ସରସ୍ୱତୀଙ୍କ ପ୍ରସ୍ତର ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥାଏ। ବୁଧବାର ମହାପ୍ରଭୁଙ୍କ ଘଟ ସ୍ଥାପନ ପରେ ମନ୍ଦିରରୁ ଶୋଭାଯାତ୍ରାରେ କଳସ ବାହାରିଥିଲା। କଳସ ବୁଡ଼ା ସମ୍ପନ୍ନ ହେବା ପରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ମାନସିକଧାରୀମାନେ ଛେରାପହଁରା କରିଥିଲେ। ପୂଜା କମିଟିର ସଭାପତି କାଳନ୍ଦୀ ଚରଣ ଦାସ, ସମ୍ପାଦକ କପିଳେନ୍ଦ୍ର ବାରିକଙ୍କ ସମେତ ଘନଶ୍ୟାମ ଦାସ, ସୁଧାକର ଜେନା, ରତିକାନ୍ତ ବାରିକ, ପ୍ରତାପ ଲେଙ୍କା, ନନ୍ଦକିଶୋର ବାରିକ ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି। କମିଟିର ସଭାପତି ଭାଗୀରଥି ବେହେରା, ସମ୍ପାଦକ ହରିହର ସେନାପତି, ସରୋଜ ନାୟକ, କମଳାକାନ୍ତ ଦାସ, ଗଙ୍ଗାଧର ଦାସ, ଦେବେନ୍ଦ୍ର ବାରିକ, ପରମାନନ୍ଦ ନାୟକ, ଗୋଲକ ବିହାରୀ ମଲ୍ଲିକ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ସେହିପରି କନାଜିଆ ଗ୍ରାମରେ ସାମାଜିକ କର୍ମୀ ହରିହର ଲେଙ୍କାଙ୍କ ବାସଭବନ ପରିସରରେ ଥିବା ମନ୍ଦିରରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଆସୁଛି। ଏହିସବୁ ପୂଜାସ୍ଥଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ପୂଜା କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମା' ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୩୪ତମ ଗଜଲକ୍ଷ୍ମୀ ପୂଜା ଉତ୍ସବରେ ଗୁରୁପୂଜା, ସ୍ଥାନ: ଲକ୍ଷ୍ମୀସାଗର ମେଳନ ପଡ଼ିଆ, ସମୟ: ସକାଳ ୭ଟା।
- ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୭ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପାଖ, ସମୟ: ସକାଳ ୯ଟା।
- ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଓଡ଼ିଶାର ଆୱାର୍ଡ ଡିଷ୍ଟ୍ରିବ୍ୟୁଶନ ସେରିମନି, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ସଶକ୍ତିକରଣ ପ୍ରବଚନ ମାଳା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ରହ୍ମାକୁମାରୀ ସେବାକେନ୍ଦ୍ର, ଓଁ ନିବାସ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ୱାର୍କସ୍ ଡିପାର୍ଟମେଣ୍ଟ ୱାର୍କଚାର୍ଜଡ୍/ରେଗୁଲାର୍ କର୍ମଚାରୀ ଆସୋସିଏଶନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ୟୁନିଟ୍-୭, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ବିଶ୍ୱ ଛାତ୍ର ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସଙ୍ଗୀତ ସନ୍ଧ୍ୟା 'ଆଳାପ ୨୦୨୪', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପ୍ଲଟ ନଂ. ୬୦, ପ୍ରିୟା ହୋଟେଲ ସମ୍ମୁଖ, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା।
- ରାଗ ରଞ୍ଜନୀ ଶାସ୍ତ୍ରୀୟ ଓ ଲଘୁ ସଙ୍ଗୀତ ସନ୍ଧ୍ୟା ଏବଂ ଓଡ଼ିଆ ଉପନ୍ୟାସ ପୁସ୍ତକ ଉନ୍ମୋଚନୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଗଣକବିଙ୍କ ଜୟନ୍ତୀ ଅବସରରେ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ ସଭା, ଗଣକବି ବୈଷ୍ଣବ ପାଣି ଉଦ୍ୟାନ, ଖାନ୍‌ନଗର, ସମୟ: ସକାଳ ୮ଟା ୩୦।
- କୁମାର ଉତ୍ସବ ସମିତି ପକ୍ଷରୁ ୪୩ତମ କୁମାର ଉତ୍ସବର ଉଦ୍‌ଘାଟନ, ସ୍ଥାନ: ଗୁରୁ କେଳୁଚରଣ କୁମାର ଉତ୍ସବ ମଣ୍ଡପ, ଚନ୍ଦନ ପଡ଼ିଆ, ସାଆନ୍ତସାହି, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ମା'ଗଜଲକ୍ଷ୍ମୀଙ୍କ ଶାରଦୀୟ ପୂଜା ଉତ୍ସବ ଏବଂ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଗଜଲକ୍ଷ୍ମୀ ମଣ୍ଡପ, ଗଡ଼ଅଣ୍ଟିଆ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପବିତ୍ର ଅଁଳା ନବମୀ, ରାଧା ପାଦ ଦର୍ଶନ ଓ ବଡ଼ ଏକାଦଶୀ ପାଇଁ ଜିଲାପାଳଙ୍କ ପ୍ରଥମ ସମନ୍ୱୟ ବୈଠକ, ସ୍ଥାନ: ସତ୍ୟବାଦୀ ପଞ୍ଚସଖା ମେମୋରିଆଲ ହଲ୍, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା

- ମହକ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସକାଳ ୯ଟା।
- ୫୧ତମ କୁମାରୋତ୍ସବ(ନୂପୁର), ସ୍ଥାନ: ଇଗଲ୍ କ୍ଲବ ଦୁର୍ଗାପୂଜା ମଣ୍ଡପ, ନୟାଗଡ଼ ରୋଡ୍, ସମୟ: ସନ୍ଧ୍ୟା ୬ଟା।

ଗଜଲକ୍ଷ୍ମୀ ପୂଜା ଉତ୍ସବ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଗୁରୁଜଙ୍ଗ ମେଳଣ ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଶିବମୁନି ସେବା ସଙ୍ଗଠନ ଗୁଡ଼ ତରଫରୁ ବାର୍ଷିକ ଉତ୍ସବ, ସ୍ଥାନ: ଗୁଡ଼, ଅନନ୍ତପୁର, ସୋର, ସମୟ: ସକାଳ ୮ଟା।
- ଗଜଲକ୍ଷ୍ମୀ ପୂଜା ଅବସରରେ ନାମ ସଂକୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ଲଚ୍ଛମନଖୁଣ୍ଟା ପୂଜା ମଣ୍ଡପ, ରୂପସା, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟି ବୈଠକ, ସ୍ଥାନ: ଅଲିପୁର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- 'ଯୁଗଶ୍ରୀ ଯୁଗନାରୀ'ର ପୂଜା ସଂଖ୍ୟା ଉନ୍ମୋଚନ ଓ ବନ୍ଧୁମିଳନ ଉତ୍ସବ, ସ୍ଥାନ: ଶାନ୍ତିକାନନ ସଭାଗୃହ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- କାଳୀ ପୂଜା ପ୍ରସ୍ତୁତି ବୈଠକ,ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଗଜଲକ୍ଷ୍ମୀ ପୂଜା ଓ ଭଣ୍ଡାରୀପୋଖରୀ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ମାଳଦା, ସମୟ: ସନ୍ଧ୍ୟା ୭ ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ଲକ୍ଷ୍ମୀପୂଜା ମଣ୍ଡପ, ସ୍ଥାନ: କୁଆଁର୍ଦ୍ଧା, ଭଦ୍ରକ, ସମୟ: ରାତି ୮ଟା।

## କେନ୍ଦୁଝର

- ଚାଷୀଙ୍କ ଧାନକ୍ଷେତରେ ଅଶୁକ୍ଷ୍ୟାଦି ସପ୍ତଦଣ୍ଡ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ହାଟଡିହୀ, ସମୟ : ପ୍ରାତଃ ୫ ଟା।
- ମା' ଗଡ଼ଚଣ୍ଡୀଙ୍କ ପୀଠରେ ଗର୍ଭଣା ସଂକ୍ରାନ୍ତି ପୂଜା, ହୋମ, ଭଜନ, ନାମ ସଂକୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ମା' ଲକ୍ଷ୍ମୀଙ୍କ ପୂଜନ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛେନାପଦୀ, ଶାଳନିଆଁ, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୮ ଟା।
- ଗ୍ରହ ମନ୍ଦିରରେ ସଂକ୍ରାନ୍ତି ବିହିତ ଗ୍ରହ ପୂଜା ଏବଂ ହୋମ, ସ୍ଥାନ: ବଣିଆପଙ୍କ, ମୋଟରାଗଡ଼ିଆ, ଶାଳନିଆଁ, ଛେନାପଦୀ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ମା' ତାରିଣୀଙ୍କ ମନ୍ଦିରରେ ସଂକ୍ରାନ୍ତି ଉପଲକ୍ଷେ ସ୍ୱତନ୍ତ୍ର ପୂଜା, ଭଜନ, କୀର୍ତ୍ତନ, ସ୍ଥାନ: ମରେଇଗାଁ, ଛେନାପଦୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ଗଜଲକ୍ଷ୍ମୀ ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଗୋଧୂଳୀ, ସମୟ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଗଜଲକ୍ଷ୍ମୀ ପୂଜା ଉତ୍ସବ, ସ୍ଥାନ:ଉଦଳା ହାଇସ୍କୁଲ ଛକ,ସମୟ: ସକାଳ ୯ଟା।
- ଫୁଲ ବଉଳବେଣୀ ନୃତ୍ୟ ପରିବେଷଣ,ସ୍ଥାନ:ଉଦଳା ବ୍ଲକ ଡିହିରାକୁଳ ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ:ସନ୍ଧ୍ୟା ୬ଟା।
- ବର୍ଣ୍ଣାଳୀ ହୋତାଙ୍କ ମେଲୋଡି ନାଇଟ୍ସ, ସ୍ଥାନ:ତୁଳସୀ ଚଉରା, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଅବସରରେ ପ୍ରସାଦ ବଣ୍ଟନ, ସ୍ଥାନ:ସିଂହଟିଆ ବଡ଼ସାହି ବ୍ଲକ, ସମୟ: ସନ୍ଧ୍ୟା ୭ଟା, ସ୍ଥାନ: ଆମ୍ବଡାଳି,ବଡ଼ସାହି ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ ପ୍ରତିଯୋଗିତା 'ଡ୍ୟାନ୍ସ ଧମାକା', ସ୍ଥାନ:ଭୁଗୁଡ଼ାକଟା ଟେମ୍ପୁଲ ଚାରିଟେବୁଲ ଟ୍ରଷ୍ଟ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଜରାଶ୍ରମର ବାର୍ଷିକ ଉତ୍ସବ, ସ୍ଥାନ:ତନରଡା ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ, ସ୍ଥାନ: ମହିଷାପାଟ ପଡିଆ, ସମୟ: ସନ୍ଧ୍ୟା ୬ଟା୩୦।

## ଜଗତ୍‌ସିଂହପୁର

- କୁମାର ଉତ୍ସବ ସମିତିର ୫୧ତମ ବାର୍ଷିକ ଉତ୍ସବ, ପାଣି ଜୟନ୍ତୀ ଉଦ୍‌ଯାପନ ସମାରୋହ, ସ୍ଥାନ: ତିର୍ତ୍ତୋଲ, ଜୟପ୍ରକାଶ ମଇଦାନ, ସମୟ: ସନ୍ଧ୍ୟା ୭ ଟା।
- ନୂଆବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୂଜା ମଣ୍ଡପ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମଢ଼ିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା' ମହାଲକ୍ଷ୍ମୀଙ୍କ ପୂଜା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ବ୍ଲକର କୁମାରୀ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଜିଲାସ୍ତରୀୟ ଅଟଳ ପେନସନ ଯୋଜନା କାର୍ଯ୍ୟକ୍ରମ,ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼

- କର୍ପର୍ଦ୍ଧି ଖେଳ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୮ଟା।
- ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ମନୋରଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ:ଓଡ଼ଗାଁ ଶିଳ୍ପୀ ନଗର ଓ ବିଜୟ ମଣ୍ଡପ ପୂଜା ମଣ୍ଡପ, ସମୟ: ଅପରାହ୍ନ ୧ଟା।
- ଶିଶୁ ଶରଦୀୟ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ରଥଗଡା ଛକ, ସମୟ: ସନ୍ଧ୍ୟା ୭ଟା ।

## ସମ୍ବଲପୁର

- ସାଇ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ଲିଟିଲ ମିସ୍-୨୦୨୪ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଧନୁଯାତ୍ରାର ଗୋପପୁର କମିଟର ବୈଠକ, ସ୍ଥାନ : ରାଉଁରପୁର ନିତ୍ୟାନନ୍ଦ ମନ୍ଦିର ପ୍ରାଙ୍ଗଣ, ସମୟ : ଅପରାହ୍ନ ୨ଟା।
- ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ମୁଦିପଡା, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବ୍ୟାଡ୍‌ମିଣ୍ଟନ ପ୍ରାକ୍ଟିସ କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ଗଜଲକ୍ଷ୍ମୀ ପୂଜାରମ୍ଭ ଓ ରାମାୟଣ ପାରାୟଣ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜାର ଦ୍ୱିତୀୟ ଦିବସୀୟ ପୂଜା, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା ' ମାହେଶ୍ୱରୀଙ୍କ ଗମ୍ଭୀରା ବିଜେ, ସ୍ଥାନ: କାନପୁର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଢୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ମୁରାସୁର ଦରବାର ଉଦ୍‌ଘାଟନ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ରାତ୍ର ୮ଟା।

## ବରଗଡ଼

- କୁମାର ପୂର୍ଣ୍ଣିମା ଶୀତଳ ପୂଜା, ସ୍ଥାନ: ମା' ପଁର୍ରାପାଟ୍ ମନ୍ଦିର, ବରାହଗୋଡ଼ା, ବରଗଡ଼, ସମୟ: ସକାଳ ୭ଟା।
- ମା' ଗଜଲକ୍ଷ୍ମୀଙ୍କ ପୂଜନୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, ଡାଙ୍ଗ, ବରଗଡ଼, ସମୟ: ସକାଳ ୭ଟା।
- ଗଜଲକ୍ଷ୍ମୀ ପୂଜାରେ ଲକ୍ଷ୍ମୀ, ବିଷ୍ଣୁ ସହସ୍ରନାମ, ସ୍ଥାନ: ଶକ୍ତି ନଗର, ବରଗଡ଼, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜଗନ୍ନାଥ ମନ୍ଦିର ପଡ଼ା, ଡାଙ୍ଗ, ବରଗଡ଼, ସମୟ: ସକାଳ ୮ଟା ୩୦।
- ମା' ଖଜୁରକଁଟୀଏନ, ବନଦୁର୍ଗାଙ୍କ ଶାରଦୀୟ ପୂଜା, ସ୍ଥାନ: ଖଜୁରଟିକ୍ରା, ବରଗଡ଼, ସମୟ: ସକାଳ ୯ଟା।
- ମା' ପାଟଖଣ୍ଡା ମା' ପାଟଣେଶ୍ୱରୀ ପୂଜା ମହୋତ୍ସବ, ସ୍ଥାନ: ଟେଙ୍ଗନାପାଲି(କଠଉମାଳ ବଜାର), ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ଗୌରାଙ୍ଗ କୀର୍ତ୍ତନ ଧାରା, ସ୍ଥାନ: ଟେଙ୍ଗନାପାଲି(କଠଉମାଳ ବଜାର), ଗାଇସିଲେଟ୍, ସମୟ: ଅପରାହ୍ନ ୨ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୭ଟା।
- ସାମୂହିକ ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା ୩୦।
- ଗ୍ରାମ ପ୍ରଗତି କାର୍ଯ୍ୟ ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଗଜଲକ୍ଷ୍ମୀ ପୂଜା, ସେକ୍ଟର-୧୭, ସମୟ: ସକାଳ ୬ଟା
- ସାଂସଦ ବୈଜୟନ୍ତ ପଣ୍ଡାଙ୍କ ରାଉରକେଲା ଗସ୍ତ, ସ୍ଥାନ: ଦକ୍ଷିଣ କଣ୍ଟାଝର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସଦସ୍ୟତା ଅଭିଯାନ ୨୦୨୪ ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ଭାଜପା ନେତାମାନଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ବିମାନ ବନ୍ଦର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କୁମାର ମହୋତ୍ସବ ୨୦୨୪ ପାଳନ, ସ୍ଥାନ: ରାଉରକେଲା ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଦ୍ୱାରା ଭାଜପାର ସଦସ୍ୟତା ଅଭିଯାନ, ସ୍ଥାନ: ସୁନାମୁଣ୍ଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ବଣିଆ ସାହିର ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ବଣିଆ ସାହି ମେଢ଼, ସମୟ: ପୂର୍ବାହ୍ନ ୧୧ଟା।
- ପେଟ୍ରୋଲ ପମ୍ପ ସାହିର ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ପେଟ୍ରୋଲ ପମ୍ପ ସାହି, ମଣ୍ଡପ ପୁରୁଣାଗଡ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ମା' ସୁନାଦେଇଙ୍କ ଛତର ଯାତ୍ରା, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପୁରାଣ ପାଠ, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ, ସମୟ: ସନ୍ଧ୍ୟା ୭ଟା।
- ମା' ବଞ୍ଜାରୀ ଦେବୀଙ୍କ ପୂଜାର ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ଼ ପଞ୍ଚାୟତ ବଞ୍ଜାରୀ ମନ୍ଦିର, ସମୟ: ରାତ୍ର ୧୦ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ବିଶିବାହାଲ, ସମୟ: ରାତ୍ର ୧୦ଟା।

## ବୌଦ୍ଧ

- ବଗୁଲ ବୁଢାଯାତ୍ରା, ସ୍ଥାନ:ଖୁଣ୍ଟିଗୋରା, କଣ୍ଟାମାଳ, ସମୟ: ସନ୍ଧ୍ୟା ୬ଟା।
- ରୋପ୍ୟ ଜୟନ୍ତୀ ସମାରୋହ ଓ ଗଜଲକ୍ଷ୍ମୀ ପୂଜା ଦ୍ୱିତୀୟ ଦିନ, ସ୍ଥାନ: ବାମଣ୍ଡା ଗ୍ରାମ, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।
- ବଗୁଲ ବୁଢା ପୂଜା, ସ୍ଥାନ: ମଶିଣାଗୋରା, କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।
- ମା' ମାହେଶ୍ୱରୀ ଲୋକ ମହୋତ୍ସବ ଓ ରାବଣ ଦରବାର ଉଦ୍‌ଯାପିତ, ସ୍ଥାନ: ମା' ମାହେଶ୍ୱରୀ ପୀଠ ବେହେରାପଡା (ଲମ୍ବସରୀ) କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି କୃତ୍ତିକା ସକାଶେ ଯାତ୍ରା, ବନ୍ଧୁମିଳନ ଓ ମନୋରଞ୍ଜନ ପାଇଁ ଭଲ ; କିନ୍ତୁ ଖର୍ଚ୍ଚର ସୀମା ଟପିଯିବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସଭାସମିତି, ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପ୍ରତିଶ୍ରୁତିରୁ ଓହରିବା କାରଣରୁ ବନ୍ଧୁଙ୍କ ଉପରୁ ବିଶ୍ୱାସ ହରାଇପାରନ୍ତି।

**ବୃଷ** — ରୋହିଣୀ ନକ୍ଷତ୍ର ପରିସ୍ଥିତିର ତାଡ଼ନାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆଜି ଘରେ ବନ୍ଧୁମିଳନ କିମ୍ବା ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇଯିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ସତର୍କତାର ଆବଶ୍ୟକତା ପଡ଼ିବ ନାହିଁ। ବନ୍ଧୁଙ୍କ ଆଦରବୋଳା କଥା କେଇପଦ ଶୁଣି ମନ ଖୁସି ହୋଇଯାଇପାରେ।

**ମିଥୁନ** — ପୁନର୍ବସୁ ନକ୍ଷତ୍ର ଆକସ୍ମିକ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ। ଭଲ ପଢୁନଥିବା ବ୍ୟକ୍ତି ଖାଲରେ ପକାଇବାକୁ ଚେଷ୍ଟା କଲେ ମଧ୍ୟ ସଫଳ ହେବେ ନାହିଁ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡ଼ା ଲାଗିପାରେ। ଉନ୍ନୟନମୂଳକ କାମ, ପ୍ରେସ୍, ସାହିତ୍ୟ ଚର୍ଚ୍ଚା, ବାଧାପ୍ରାପ୍ତ ହେବ ନାହିଁ।

**କର୍କଟ** — ଆଜି କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱକୁ ଛାଡ଼ିଦେଲେ ଅନ୍ୟ କୌଣସି ଅସୁବିଧା ହେବନାହିଁ। ଅଶ୍ଳେଷା ନକ୍ଷତ୍ର ଆନୁଷ୍ଠାନିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅତୀତ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। ଜମିଜମା କାରବାର ସମ୍ପର୍କୀୟ କାମଟି ହଠାତ୍ ହୋଇଯିବାର ପୂର୍ଣ୍ଣ ସମ୍ଭାବନା ରହିଛି।

**ସିଂହ** — ମଘା ନକ୍ଷତ୍ର ମାନସିକ ସ୍ତରରେ ବିରକ୍ତିଭାବକୁ ରୁକ୍ଷ ବ୍ୟବହାରରେ ପରିଣତ କରିପାରନ୍ତି। ବନ୍ଧୁଙ୍କ ପ୍ରରୋଚନାରେ ସ୍ଥଗିତ ରହିଯାଉଥିବା କାମ କୌଶଳ ଖଟାଇ ପୂର୍ଣ୍ଣାଙ୍ଗ କରିବେ। କର୍ମକ୍ଷେତ୍ରରୁ ଫେରିବା ବାଟରେ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**କନ୍ୟା** — ପ୍ରତାରିତ ହୋଇ ଅଭିଳଷିତ ଜିନିଷ ନ ପାଇବା କାରଣରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇବ। ଜଣେ ବନ୍ଧୁଙ୍କ ସହଯୋଗରୁ ନିର୍ମାଣାଧୀନ କାମଟି ସମ୍ପନ୍ନ କରିବେ। ହସ୍ତା ନକ୍ଷତ୍ର ପ୍ରତିଯୋଗିତାରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଆବଶ୍ୟକତା ପୂରଣ ସକାଶେ ଧାରକରଜ କରି କାମ ତୁଲାଇ ନେବେ।

**ତୁଳା** — ଆଜିର କର୍ମକ୍ଷେତ୍ରରେ ଯେକୌଣସି ପରିସ୍ଥିତି ଆସୁନା କାହିଁକି, ଆପଣ ସମସ୍ୟାକୁ ସୁଧାରି ନେଇ ପାରିବେ। ସ୍ୱାତୀ ନକ୍ଷତ୍ରର କଚେରି ମାମଲାର ଶୁଣାଣି ବିଳମ୍ବ ହେବାରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇଁ ଲବି କରିପାରନ୍ତି। ଅଟକିଥିବା କାମ କିମ୍ବା ଆଲୋଚନାଟି ଆଜି ପୂର୍ଣ୍ଣାଙ୍ଗ ହେବ।

**ବିଛା** — ଅନୁରାଧା ନକ୍ଷତ୍ର ନିଜେ ଚାହୁଁଥିବା କାମ ସକାଶେ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ପରିବାରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହେବ। କ୍ରୀଡ଼ା, କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିପାରିବେ ନାହିଁ।

**ଧନୁ** — ପୂର୍ବାଷାଢ଼ା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିପାରନ୍ତି। ଘରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। କଠୋର ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ତଥାପି କେତେକ ନୂତନ କାମର ପରିକଳ୍ପନା କରି ସଫଳତା ପ୍ରାପ୍ତ ହେବେ।

**ମକର** — ବନ୍ଧୁଙ୍କ ସହ ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମସବୁ ଠିକ୍ ଠିକ୍ ହୋଇଯିବ। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଧନିଷ୍ଠା ନକ୍ଷତ୍ର ପାଇଁ ପୂର୍ବ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

**କୁମ୍ଭ** — କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିନିଅନ୍ତୁ ନଚେତ୍ ପରେ ପଶ୍ଚାତ୍ତାପ କରିବେ। ନିଜ ଲୋକ ତାଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଆପଣଙ୍କ କାମକୁ ଅବହେଳା କରିପାରନ୍ତି। ଶତଭିଷା ନକ୍ଷତ୍ରର ଗୃହ, ଭୂମି, ଗାଡ଼ି, ପ୍ରେସ୍, ପବ୍ଲିକେଶନ ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ।

**ମୀନ** — ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଖଳ ଲୋକଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏକ ଭିନ୍ନ ପରିବେଶରେ ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ଆଜି ଅଧିକାଂଶ ସମୟ ମାତିରହିବେ। ପାରିବାରିକ କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଅକ୍ଟୋବର ୧୭ ତାରିଖ, ଗୁରୁବାର, ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ, ଜଳବିଷୁବ ଗର୍ଭଣା ସଂକ୍ରାନ୍ତି, ଅପରାହ୍ଣ ଘ.୦୪।୫୬ମି. ପର୍ଯ୍ୟନ୍ତ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ, କାର୍ତ୍ତିକ ବ୍ରତାରମ୍ଭ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଅପରାହ୍ଣ ଘ.୦୪।୫୬ ଗତେ, ଅଶ୍ୱିନୀ/ମେଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୫ ଗତେ ଘ.୦୭।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୮ମି. ଗତେ ଘ.୦୨।୨୪ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଭୁବନେଶ୍ୱରରେ ଅନ୍ତର୍ଜାତୀୟ ...

ଜବତ ହୋଇଛି। ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପକ୍ଷରୁ ଏନେଇ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍), ଆଇଟି ଆକ୍ଟ ଓ ଇଣ୍ଡିଆନ ଟେଲିଗ୍ରାଫ୍ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା (ନଂ.୨୬୪/୨୦୨୪) ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ପୋଲିସ ପକ୍ଷରୁ ଅଧିକ ପଚରାଉଚରା କରାଯାଉଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଅଧିକ ତଦନ୍ତ ପାଇଁ ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ରାଜ୍ୟରେ ଚାଞ୍ଚଲ୍ୟ ଖେଳିଯାଇଛି।

ତଦନ୍ତ ବେଳେ ଜଣାପଡ଼ିଛି, ଠକମାନେ ମାକାଫି ଏବଂ ନୋର୍ଟନ୍ ଆଣ୍ଟିଭାଇରସ୍ ସବ୍‌ସ୍କ୍ରାଇବର୍ ଥିବା ଦେଶ ଓ ବିଦେଶର ଗ୍ରାହକମାନଙ୍କୁ ଟାର୍ଗେଟ୍ କରୁଥିଲେ। ଅଭିଯୁକ୍ତମାନେ ନିଜକୁ ମାକାଫି ଏବଂ ନୋର୍ଟନ୍‌ର କଷ୍ଟମର୍ କେୟାର ଅଧିକାରୀ ବୋଲି ପରିଚୟ ଦେଉଥିଲେ। ଗ୍ରାହକମାନଙ୍କୁ ବିଭିନ୍ନ ସମସ୍ୟା ଥିବା ଜଣାଇ ପ୍ରଥମେ ଫେକ୍ ମେଲ୍ ପଠାଉଥିଲେ। ଉକ୍ତ ମେଲ୍‌ରେ (+୧୮୪୫୪୭୮୪୨୩୬) ନମ୍ବର ଦିଆଯାଉଥିଲା। ଉକ୍ତ ନମ୍ବରକୁ ଗ୍ରାହକମାନେ କଲ୍ କରିବା ପରେ ସାଇବର ଠକମାନେ ସେମାନଙ୍କୁ ଫସାଉଥିଲେ। କଲ୍ ଆସିବା ପରେ ତାହା ସ୍କାଇପ୍ ଓ ଭିଓଆଇପି କଲ୍‌କୁ ବଦଳି ଯାଉଥିଲା। ଏହାପରେ ସାଇବର ଠକମାନେ କଲ୍ କରିଥିବା ଗ୍ରାହକଙ୍କ ଲାପଟପ୍ ଓ କମ୍ପ୍ୟୁଟରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରି ନେଉଥିଲେ। ପରେ ଠକମାନେ ଗିଫ୍ଟ କାର୍ଡ ଜରିଆରେ ଡଲାର ଟଙ୍କା ପଠାଇବା ପାଇଁ ଦାବି କରୁଥିଲେ। ଗ୍ରାହକମାନେ ଗିଫ୍ଟ କାର୍ଡ ପଠାଇବା ପରେ ଠକମାନେ ବିଭିନ୍ନ ମାଧ୍ୟମରେ ହାୱାଲା କାରବାର ଜରିଆରେ ଉକ୍ତ ଡଲାରକୁ ଭାରତୀୟ ମୁଦ୍ରାରେ ରୂପାନ୍ତର କରିନେଉଥିଲେ। ତେବେ ମିଳିଥିବା ସୂଚନା ଅନୁଯାୟୀ, ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାରେ ରହୁଥିବା ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ଅଭିଯୁକ୍ତମାନେ ଟାର୍ଗେଟ୍ କରିଥିଲେ। ସାଇବର ଠକଙ୍କ ଲୋକେଶନ୍‌କୁ କମିଶନରେଟ୍ ପୋଲିସକୁ କେନ୍ଦ୍ରୀୟ ଏଜେନ୍‌ସି ପଠାଇଥିଲା। ମଙ୍ଗଳବାର ସାଇବର ପୋଲିସ ଘଟଣାସ୍ଥଳରେ ଯାଞ୍ଚ କରିବା ପରେ ଏହାର ପ୍ରମାଣ ମିଳିଥିଲା। ଲକ୍ଷ୍ମୀସାଗର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାମରେ ଉକ୍ତ ଫ୍ଲାଟ୍ ଥିବାବେଳେ ଅଭିଯୁକ୍ତମାନେ ଭଡ଼ାରେ ନେଇ ନେଟୱର୍କ ଚଳାଉଥିଲେ।

ତେବେ ଉକ୍ତ ଟୋଲଫ୍ରି ନମ୍ବରର (+୧) ୟୁଏସ୍‌ଏ, କାନାଡା ଓ କିଛି କାରବିୟାନ ଦେଶର କଣ୍ଟ୍ରି କୋଡ୍ ହୋଇଥିବାବେଳେ ଉକ୍ତ ଦେଶର ଲୋକଙ୍କୁ ଠକମାନେ ଅଧିକ ଟାର୍ଗେଟ୍ କରୁଥିଲେ ବୋଲି ଜଣାପଡ଼ିଛି। ତେବେ ଏହି ଠକମାନେ ଅନ୍ୟ ଉପାୟରେ ମଧ୍ୟ ଠକୁଥିବା ଆଶଙ୍କା କରାଯାଉଛି। ଏପରିକି ନିକଟରେ ସିମ୍‌ବକ୍ସ ମାମଲାରେ ଗିରଫ ହୋଇଥିବା ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳଙ୍କ ସହ ଲିଙ୍କ୍ ଥିବା ମଧ୍ୟ ପୋଲିସ ସନ୍ଦେହ କରୁଛି। ଏନେଇ ଡିସିପି ପିନାକ ମିଶ୍ର କହିଛନ୍ତି, ଜବତ ହୋଇଥିବା ବୈଷୟିକ ଉପକରଣକୁ ସାଇବର ବିଶେଷଜ୍ଞ ଦଳ ଯାଞ୍ଚ କରୁଛି। ତଦନ୍ତର ଅଗ୍ରଗତି ପରେ ଏନେଇ ବହୁତ କିଛି ଜଣାପଡ଼ିବ ବୋଲି ଡିସିପି ମିଶ୍ର କହିଛନ୍ତି। ତେବେ ଉକ୍ତ ଆପାର୍ଟମେଣ୍ଟର ସିକ୍ୟୁରିଟି ଗାର୍ଡଙ୍କ କହିବା ଅନୁଯାୟୀ, ଅଭିଯୁକ୍ତମାନେ ଗଣେଶ ପୂଜା ପରେ ଏଠାରେ ରହିଥିଲେ। ଯୁବକମାନେ କୌଣସି ଲୋକଙ୍କ ସହ କଥାବର୍ତ୍ତା ହେଉ ନ ଥିଲେ। ଉକ୍ତ ଫ୍ଲାଟ୍ ସବୁବେଳେ ବନ୍ଦ ରହୁଥିଲା। ତେବେ ସେମାନେ ଅତ୍ୟାବଶ୍ୟକ ସାମଗ୍ରୀକୁ ଅନ୍‌ଲାଇନ୍‌ରେ ଅର୍ଡର କରୁଥିବାବେଳେ କାର୍‌ରେ ଯାତାୟାତ କରୁଥିଲେ ବୋଲି ସେ କହିଛନ୍ତି।

## ଗହମ ଏମ୍‌ଏସ୍‌ପି ...

୨,୪୨୫ ଟଙ୍କାରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ ବୈଠକରେ କେବଳ ଗହମ ନୁହେଁ, ମୋଟ ୬ଟି ରବି ଫସଲର ମୂଲ୍ୟରେ ୧୩୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

## ୧୨ ବିମାନକୁ ...

ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ୍ (ଆଇଏକ୍ସ୬୮୪)କୁ ମଧ୍ୟ ବିସ୍ଫୋରଣରେ ଉଡ଼ାଇ ଦେବାକୁ ମଙ୍ଗଳବାର ଧମକ ମିଳିସାରିଛି। ଏହା ପୂର୍ବରୁ ସୋମବାର ୨ଟି ଇଣ୍ଡିଗୋ ଓ ଗୋଟିଏ ଏୟାର ଇଣ୍ଡିଆ ବିମାନକୁ ଏଭଳି ଧମକ ମିଳିଥିଲା। ବାରମ୍ବାର ଏଭଳି ଧମକ ଆସୁଥିବାରୁ ଏହା ଉପରେ ବୁଧବାର ପୂର୍ବାହ୍ନ ୧୧ଟାରେ ଏକ ସଂସଦୀୟ ସ୍ଥାୟୀ କମିଟି ବୈଠକ ବସିଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଉକ୍ତ ବୈଠକରେ ମନ୍ତ୍ରଣାଳୟ ଓ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଅଧିକାରୀମାନେ ଯୋଗଦେଇଥିଲେ। ଏପରି ଧମକ ଦେଉଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇଛି। ଏଥିସହ ଡାର୍କ ୱେବ୍ ଉପରେ ମଧ୍ୟ କଡ଼ା ନଜର ରଖାଯାଇଥିବା ସୂତ୍ରରୁ ପ୍ରକାଶ। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ବିଶେଷକରି ଏକ୍ସ' ଆକାଉଣ୍ଟରୁ ବାରମ୍ବାର ଏଭଳି ଧମକ ମିଳୁଥିବାରୁ ବିମାନ ଯାତ୍ରୀମାନେ ଆତଙ୍କିତ ହୋଇଗଲେଣି। ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏଥିଯୋଗୁ ବିମାନ ସେବା ପ୍ରଭାବିତ ହୋଇଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ଥାନାରେ ଏକ ଏଫ୍‌ଆଇଆର୍ ରୁଜୁ କରାଯାଇଛି। ଗୋଇନ୍ଦା ସୂଚନାକୁ ଭିତ୍ତିକରି ଫ୍ଲାଇଟ୍‌ଗୁଡ଼ିକରେ ମୁତୟନ ଥିବା ଏୟାର ମାର୍ଶଲଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି କରିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧିକାରୀମାନେ ଚିନ୍ତା କରୁଛନ୍ତି। ବର୍ତ୍ତମାନ ଅନ୍ତର୍ଜାତୀୟ ବିମାନ ଏବଂ କେତେକ ନିର୍ଦ୍ଦିଷ୍ଟ ଘରୋଇ ରୁଟ୍‌ରେ ଉଡ଼ାଣ କରୁଥିବା ଫ୍ଲାଇଟ୍‌ଗୁଡ଼ିକରେ ଏନ୍‌ଏସ୍‌ଜି କମାଣ୍ଡୋ ମୁତୟନ ରହିଛନ୍ତି। ବ୍ୟୁରୋ ଅଫ୍ ସିଭିଲ ଆଭିଏଶନ୍ ସିକ୍ୟୁରିଟି ଏବଂ ସାଇବର ସିକ୍ୟୁରିଟି ଏଜେନ୍ସିଗୁଡ଼ିକ ପୋଲିସ ସହ ସମନ୍ୱୟ ରଖି ଧମକଦାତାମାନଙ୍କୁ ଠାବ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି।

## ପାଣ୍ଡିଆନ ନେତା ...

ଆମ ନେତା ନବୀନ ପଟ୍ଟନାୟକ। ସାହସ ଅଛି ତ ତାଙ୍କୁ କୁହ, ତାଙ୍କୁ ଦୋଷ ଦିଅ ବୋଲି ଦେବାଶିଷ କହିଛନ୍ତି। ଅପରପକ୍ଷରେ ବିଜେଡିର ଜାତୀୟ ମୁଖପାତ୍ର ସନ୍ତୃପ୍ତ ମିଶ୍ର କହିଛନ୍ତି, ଯେଉଁମାନେ ଦଳ ଛାଡ଼ିବାକୁ ଚାହିଁବେ ତାହା ସେମାନଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ବିଭିନ୍ନ ବ୍ୟକ୍ତିଙ୍କୁ ଦୋଷ ଦେବା ତାହା ମଣିଷ ପ୍ରବୃତ୍ତି। କାହାକୁ ଦୋଷ ଦେବା ଉଚିତ ନୁହେଁ। ଭାଜପା ବିଜେଡିରୁ ଟ୍ରକ୍, ବସ୍ ଓ ପ୍ଲେନ୍‌ରେ ବୁହାଇ ଯେତେ ନେତା ନେବା ଆବଶ୍ୟକ ନେଇଯାଆନ୍ତୁ। ଭାଜପାର କେତେଜଣ ନେତା ମୋ ସହ ବ୍ୟକ୍ତିଗତ ସ୍ତରରେ ଯୋଗାଯୋଗରେ ରହିଛନ୍ତି ବୋଲି ସନ୍ତୃପ୍ତ କହିଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର ପାଣ୍ଡିଆନଙ୍କ ଉପରେ ବର୍ଷିଥିଲେ ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀ। ସେ କହିଥିଲେ, ପାଣ୍ଡିଆନଙ୍କ ପାଇଁ ଦଳ ଛାଡ଼ିଲି। ପାଣ୍ଡିଆନ୍‌ଙ୍କ ପାଇଁ ଲୋକପ୍ରିୟ ସରକାର ଚାଲିଗଲା। ଯେପର୍ଯ୍ୟନ୍ତ ପାଣ୍ଡିଆନ ଥିବେ, ସେ ପର୍ଯ୍ୟନ୍ତ ବିଜେଡି ସରକାରକୁ ଆସିବନି ବୋଲି ପାଟଶାଣୀ କହିଥିଲେ। ସେହିପରି ବରିଷ୍ଠ ନେତା ଅମର ଶତପଥୀ କହିଥିଲେ, ବିଜେଡିରେ ସେ ନାହାନ୍ତି। ବିଜେଡି ସମ୍ପର୍କରେ ଦେଇଥିବା ମତକୁ ଦଳର ଅନେକ ବନ୍ଧୁଙ୍କଠାରୁ ସମର୍ଥନ ମିଳୁଛି। କିନ୍ତୁ ସେମାନେ ସର୍ବସମ୍ମୁଖକୁ ଆସୁନାହାନ୍ତି। ରାଜନୈତିକ ଦୃଶ୍ୟପଟ୍ଟରେ ଆଗକୁ ଅନେକ ଘଟଣା ଘଟିବାକୁ ଯାଉଛି ବୋଲି ଅମର କହିଥିଲେ।

## ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁସଂହତ କରିବ ସୂଚନା ଅଧିକାର ଆଇନ : ମନ୍ତ୍ରୀ ହରିଚନ୍ଦନ

**ଭୁବନେଶ୍ୱର,୧୬।୧୦(ଅନିଲ ଦାସ)**

ବିଭିନ୍ନ ଶାସନ ବ୍ୟବସ୍ଥା ମଧ୍ୟରେ ଗଣତନ୍ତ୍ର ଶାସନକୁ ସର୍ବଶ୍ରେଷ୍ଠ ବୋଲି ଗଣାଯାଉଛି। ତେବେ ଦୁର୍ନୀତି ଏହି ଶାସନ ବ୍ୟବସ୍ଥାକୁ କଳୁଷିତ କରିଛି। ଦୁର୍ନୀତିକୁ ମୂଳୋତ୍ପାଟନ କରିପାରିଲେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୁଧାର ଆସିପାରିବ। ଏହି ପରିପ୍ରେକ୍ଷୀରେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁସଂହତ କରିବାରେ ସୂଚନା ଅଧିକାର ଆଇନ ଏକ ବରଦାନ ସଦୃଶ ସାବ୍ୟସ୍ତ ହୋଇଛି ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ସୂଚନା ଅଧିକାର ଆଇନର ୧୯ ବର୍ଷ ପୂର୍ତ୍ତି ପାଳନ ଅବସରରେ 'ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁସଂହତ କରିବା କ୍ଷେତ୍ରରେ ସୂଚନା ଅଧିକାର ଆଇନର ଭୂମିକା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ସୂଚନା ଅଧିକାର ଆଇନ ସତ୍ୟକୁ ଉଜାଗର କରିବା ସହିତ ଦୁର୍ନୀତିକୁ ନିରୁତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ଆଇନକୁ ଅଧିକ ଲୋକାଭିମୁଖୀ କରିବା ସହିତ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ଦୋଷୀଙ୍କ ବିରୋଧରେ ଦଣ୍ଡବିଧାନ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଏନ୍‌ସିପିଆର୍‌ଆଇ ସଦସ୍ୟ ସୁଶ୍ରୀ ଅମ୍ରିତା ଜୋହରି, ପୂର୍ବତନ ରାଜ୍ୟ ସୂଚନା କମିଶନର ଦିଲ୍ଲୀପ ବିଷୋଇ, ଅବସରପ୍ରାପ୍ତ ପ୍ରଶାସକ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ, ବରିଷ୍ଠ ଖବରଦାତା ରବି ଦାସ, ନବୀନ ଦାସ, ରାଜନେତା ସଜ୍ଜନ ଶର୍ମା, ଦୁର୍ନୀତି ବିରୋଧୀ ସଂଘର ସହ ଆବାହକ ଜଗନ୍ନାଥ ଷଡ଼ଙ୍ଗୀ ଓ ସୁଧୀର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

हरियाणा सरकार



"मुझे विश्वास है कि विकसित भारत के संकल्प में हरियाणा की भूमिका और महत्वपूर्ण होने जा रही है।"
- नरेन्द्र मोदी

प्रधानमंत्री
**श्री नरेन्द्र मोदी**
की गरिमामयी उपस्थिति में

**आपके सहयोग व विश्वास की सरकार के**
# शपथ ग्रहण समारोह
**में आप सभी सादर आमंत्रित हैं।**

**इस अवसर पर**
**श्री बंडारू दत्तात्रेय**
राज्यपाल, हरियाणा

हरियाणा के मनोनीत मुख्यमंत्री
**श्री नायब सिंह सैनी**
एवं
मंत्रिमंडल के सदस्यों को
शपथ ग्रहण करवाएंगे

**दिनांक : 17 अक्तूबर, 2024 । समय : प्रात : 11 बजे**
**स्थान : दशहरा ग्राउंड, सेक्टर 5, पंचकूला**

कार्यक्रम से जुड़ने के लिए क्यू आर कोड स्कैन करें

**फिर एक बार, डबल इंजन सरकार**

सूचना, जन सम्पर्क एवं भाषा विभाग, हरियाणा | www.prharyana.gov.in | Follow us on @diprharyana

No.:-1089/13/1802/2025/29550/276/21 Dated Chandigarh, the 16/10/2024

ତୁମ ଆଧାରର ଗୋଟିଏ ପାଖରେ ବା ଗୋଟାଏ ଅଂଶରେ ଯଦି ତୁମେ ସତ୍ୟ ଆଡକୁ ନିଜକୁ ଖୋଲିଧର – ଅନ୍ୟଦିଗରେ ସର୍ବଦା ହିଁ ବିରୋଧୀ ଶକ୍ତି ନିମିତ୍ତ ଦ୍ୱାର ଖୋଲା ରଖ– ତେବେ ଭଗବତୀ କରୁଣା ତୁମ ସହିତ ସ୍ଥାୟୀ ହୋଇ ରହିବ ବୋଲି ଆଶା କରିବା ବୃଥା । –ଶ୍ରୀଅରବିନ୍ଦ

-ପୂର୍ଣ୍ଣିମା, ତୁଳା(ଗର୍ଭଣା)
ସଂକ୍ରାନ୍ତି ଓ ହଳ ନିଷେଧ



# ଅଥର୍ବ ବେଦ ଓ ଋଷି ପିପ୍ପଳାଦ



ଦେବଦତ୍ତ ପଟ୍ଟନାୟକ

ଅଥର୍ବ ବେଦର ସ୍ତୋତ୍ରଗୁଡ଼ିକରେ ସହାୟତା ଓ ଚିକିତ୍ସା ସମ୍ପର୍କିତ ମନ୍ତ୍ର ରହିଛି । ଏପରିକି ଏଥିରେ କ୍ଷତି କରୁଥିବା ମନ୍ତ୍ର ମଧ୍ୟ ରହିଛି । ଏହାକୁ ଯେଉଁ ଋଷି ରଚନା କରିଥିଲେ ସେ ସାତଜଣ ଋଷି (ସପ୍ତର୍ଷି) ତାଲିକାରୁ ବାଦ ପଡ଼ିଥିଲେ । ଫଳରେ ଦୀର୍ଘ ସମୟ ଧରି ବେଦ ତାଲିକାରେ ଅଥର୍ବ ବେଦ ଅନ୍ତର୍ଭୁକ୍ତ ହୋଇ ନ ଥିଲା । ବୌଦ୍ଧଧର୍ମରେ ବୈଦିକ କଥାକୁ 'ତ୍ରୟି' ବା 'ତ୍ରିଆଦ' ବୋଲି ସୂଚିତ କରାଯାଇଥିଲା । ଅଥର୍ବ ସଂହିତାକୁ ଅଥର୍ବ-ଅଙ୍ଗିରସ କିମ୍ବା ଅଥର୍ବ ଏବଂ ଅଙ୍ଗିରା ସାଧୁଙ୍କ ଦ୍ୱାରା ଲିଖିତ ଶାସ୍ତ୍ର ଭାବେ ଉଲ୍ଲେଖ କରାଯାଇଥିଲା । ତେବେ ଅଥର୍ବ ବେଦ ପାଖାପାଖି ଖ୍ରୀ.ପୂ. ୫୦୦ରେ ବେଦ ତାଲିକାଭୁକ୍ତ ହୋଇଥିଲା । ଯେଉଁ ସମୟରେ ବିଭିନ୍ନ କାରଣରୁ ପୁରାତନ ବୈଦିକ ଧାରା ତାହାର ମହତ୍ତ୍ୱ ହରାଇଥିଲା ସେତେବେଳେ ଏହା ଘଟିଥିଲା । ଦେଖିବାକୁ ଗଲେ ପୂର୍ବରେ ବୌଦ୍ଧଧର୍ମ ଏବଂ ଜୈନଧର୍ମ ଭଳି ନୂତନ ସନ୍ନ୍ୟାସ ଚିନ୍ତାଧାରାର ଉତ୍ଥାନ, ନୂତନ ମୌର୍ଯ୍ୟ ସାମ୍ରାଜ୍ୟ ପ୍ରତିଷ୍ଠା, ବାଣିଜ୍ୟ ମାର୍ଗର ସମ୍ପ୍ରସାରଣ ଏବଂ ବାଣିଜ୍ୟିକ ମାନସିକତାର ଉତ୍ଥାନ ଏବଂ ବୈଦିକ ବିଶ୍ୱାସର ଧାରା ଉପରେ 'ବିତର୍କ' ମନୋଭାବ ପୋଷଣ କରୁଥିବା ଗ୍ରୀକ୍, ପୂର୍ବ ଏବଂ ଉତ୍ତର-ପୂର୍ବ ଇରାନର ଶାସକଙ୍କ ଆଗମନ ଯୋଗୁ ବୈଦିକ ପରମ୍ପରାର ମହତ୍ତ୍ୱ କମିଥିଲା ।

ଇନ୍ଦ୍ର ଏବଂ ବରୁଣଙ୍କ ଭଳି ପୁରାତନ ବୈଦିକ ଦେବତାମାନେ ପଶୁପାଳନ ଏବଂ ଯାଯାବର ଜୀବନଶୈଳୀରେ ଅଧିକ ଗ୍ରହଣୀୟ ହୋଇଥିବାରୁ ସେମାନଙ୍କ ଆକର୍ଷଣ ଅପସରିଗଲା । ଏଣୁ କ୍ଷମତାଶାଳୀଙ୍କ ନିକଟରେ ନିଜର ଗୁରୁତ୍ୱ ବଢ଼ାଇବା ଲାଗି ବ୍ରାହ୍ମଣମାନଙ୍କୁ ପୁନର୍ବାର କିଛି ଉପାୟ ବାହାର କରିବାକୁ ପଡ଼ିଲା । ସେମାନେ ଗାଙ୍ଗେୟ ସମତଳ ଅଞ୍ଚଳ ଦେଇ ଭାରତର ପୂର୍ବ, ଦକ୍ଷିଣ ଏବଂ ପଶ୍ଚିମ ଭାଗକୁ ଯାଇ ନୂତନ ରାଜକୀୟ ପୃଷ୍ଠପୋଷକ ଖୋଜିଥିଲେ, ଯେଉଁମାନେ ବୈଦିକ ଶାସ୍ତ୍ର ସହିତ ଅପରିଚିତ ଥିଲେ । ରାଜ୍ୟ ମୁଖ୍ୟମାନଙ୍କୁ ବିଭିନ୍ନ ରାଜକୌଶଳ ଏବଂ ଶାସନ ସେବା ଯୋଗାଇବା ଲାଗି ସେମାନେ ଏଭଳି କରିଥିଲେ । ପରେ ଆଇନ (ନୀତି), ଅର୍ଥନୀତି (ଅର୍ଥ), ରାଜନୀତି (ଦଣ୍ଡ) ଏବଂ ଶାସନ (ଧର୍ମ) ସମ୍ବନ୍ଧୀୟ ପ୍ରସଙ୍ଗରେ ବ୍ରାହ୍ମଣମାନେ ବିଶେଷଜ୍ଞ (ଶାସ୍ତ୍ରୀ) ଭାବରେ ବିଖ୍ୟାତ ହୋଇଗଲେ । ଏହା ବ୍ୟତୀତ ପୁରାତନ ରାଜକୀୟ ରୀତିନୀତି(ଶ୍ରୁତ)କୁ ଘରୋଇ ରୀତିନୀତି (ବ୍ରତ), ତୀର୍ଥଯାତ୍ରୀ ରୀତିନୀତି (ତୀର୍ଥ) ଏବଂ ରାଜକୀୟ ରୀତିନୀତି (ମହାଦାନ)ରେ ରୂପାନ୍ତରଣ କରିଥିଲେ । ଏହାସହ ବ୍ରାହ୍ମଣଙ୍କ ଶକ୍ତିରୁ ପୁରାତନ ରାଜାମାନେ କିଭଳି ଉପକୃତ ହୋଇଥିଲେ



ତାହା ବଖାଣିଥିଲେ, ଯାହାଦ୍ୱାରା ରାମାୟଣ ଓ ମହାଭାରତ ଅଧିକ ଲୋକପ୍ରିୟ ହୋଇପାରିଥିଲା । ଦୁର୍ଭାଗ୍ୟ ଦୂର କରି ସୌଭାଗ୍ୟ ଆଣୁଥିବା, ଆକ୍ରମଣକୁ ଅବରୋଧ ଓ ବନ୍ଧୁ ସୃଷ୍ଟି କରିବା ମନ୍ତ୍ର ବ୍ୟବହାରକୁ ସେମାନେ ଲୋକପ୍ରିୟ କରିଥିଲେ । ଏହାଦ୍ୱାରା ଅଥର୍ବ ସଂହିତା ଲୋକଲୋଚନକୁ ଆସିଥିଲା ।

ଋଗ୍ ସଂହିତାର ସ୍ତୋତ୍ରଠାରୁ ଅଥର୍ବ ସଂହିତାର ସ୍ତୋତ୍ରଗୁଡ଼ିକ ବହୁ ପୁରାତନ । କିନ୍ତୁ ବହୁ ପରେ ଏହାକୁ ସଂକଳିତ ଓ ବ୍ୟବସ୍ଥିତ କରାଯାଇଥଲା । ଏଥିରେ ୨୦ଟି ଅଧ୍ୟାୟରେ ୭୦୦ରୁ ଅଧିକ ସ୍ତୋତ୍ର ଓ ୬୦୦୦ ମନ୍ତ୍ର ଅଛି । ପୁରାତନ ସମୟରେ ଅଥର୍ବ ବେଦର ୯ଟି ଶାଖା ରହିଥିଲା । ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପଣ୍ଡିତମାନେ କେବଳ ଶୌନକ ଶାଖାର ଗ୍ରନ୍ଥ ବ୍ୟବହାର କରୁଥିଲେ । କିନ୍ତୁ ୧୯୫୦ ଦଶକରେ ପିପ୍ପଳାଦ ଶାଖାର ଓଡ଼ିଆରେ ଲିଖିତ ଏକ ଗ୍ରନ୍ଥ ଓଡ଼ିଶାରୁ ମିଳିଥିଲା । ଏଥିରୁ ବୁଝାପଡୁଛି ଯେ, ଏହି ଶାସ୍ତ୍ର ବା ଜ୍ଞାନର ପ୍ରଭାବ ପୂର୍ବାଞ୍ଚଳରେ ଅତ୍ୟଧିକ ରହିଥିଲା, ଯାହାର ତନ୍ତ୍ର ଓ ଯୋଗିନୀ ପୂଜାର ସଂସ୍କୃତି ସହ ସମ୍ପର୍କ ରହିଛି ।

ବୁଦ୍ଧଯାନ ଧର୍ମସୂତ୍ରରେ ଉଲ୍ଲେଖ ରହିଛି ଯେ, ଆର୍ଯ୍ୟବ୍ରତ (ସେତେବେଳର ଉତ୍ତର ଭାରତ)ର ଲୋକେ ଯଦି ଓଡ଼ିଶା ଯାଉଥିଲେ ତେବେ ସେମାନେ ନିଜକୁ ଶୁଦ୍ଧ କରିବାକୁ କୁହାଯାଇଥିଲା । ଏହା ଅଥର୍ବ ଜ୍ଞାନ ନ ଥିବା ଏବଂ ଅଥର୍ବ ଜ୍ଞାନ ଥିବା ବ୍ରାହ୍ମଣଙ୍କ ମଧ୍ୟରେ ଥିବା ବିରୋଧୀ ଭାବ ପଛରେ ଏହାର କିଛି ସମ୍ପର୍କ ଥାଇପାରେ । ଅଥର୍ବ ବେଦର ଶକ୍ତି କଥା ଉଠିଲେ ପିପ୍ପଳାଦ ନାମ ପୁନର୍ବାର ଧ୍ୟାନ ଆକର୍ଷଣ କରେ । ଦଶମ ଶତାବ୍ଦୀ ଭଗବତ ପୁରାଣ ଅନୁଯାୟୀ, ପିପ୍ପଳାଦ ଋଷି ଅଥର୍ବଙ୍କ ନାତି ଏବଂ ଋଷି ଦଧିଚିଙ୍କ ପୁତ୍ର ଥିଲେ । ଦେବତାମାନେ ଦଧିଚିଙ୍କ ଅସ୍ଥି ମାଗିଥିଲେ କାରଣ ସେମାନେ ଭୟଙ୍କର ବୃର୍ତ୍ତାସୁରଙ୍କୁ ହତ୍ୟା କରିବା ପାଇଁ ଏଥିରେ ଏକ ଅସ୍ତ୍ର ତିଆରି କରିବାକୁ ଚାହୁଁଥିଲେ । ଏହି ସମୟରେ ପିପ୍ପଳାଦ ତାଙ୍କ ମାତୃ ଗର୍ଭରେ ଥିଲେ । ସେ ତାଙ୍କୁ ଏକ ପିପ୍ପଳ ବା ଅଶ୍ୱତ୍ଥ ଗଛ ତଳେ ଜନ୍ମ ଦେଇଥିଲେ । ସେ ଜଣେ ମହାନ୍ ବିଦ୍ୱାନ୍ ଭାବରେ ଉଭା ହୋଇଥିଲେ ଏବଂ ପ୍ରଶ୍ନ ଉପନିଷଦରେ ଅସ୍ତିତ୍ୱର ପ୍ରକୃତି ଉପରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦେଇଥିଲେ । ସେହି ପ୍ରଶ୍ନଗୁଡ଼ିକ ହେଲା – ଜୀବନ କିପରି ଆରମ୍ଭ ହେଲା ? କେଉଁ ଶକ୍ତି ଆମକୁ ଜୀବିତ ରଖେ ? ଜୀବନ ଶରୀରକୁ କିପରି ଆସେ ? ମଣିଷ କିପରି ସୃଷ୍ଟି ହୁଏ ? ମଣିଷ ମଧ୍ୟରେ କେଉଁଟି ଅମର ?

ଗୁଜରାଟର ଚତୁର୍ଦ୍ଦଶ ଶତାବ୍ଦୀର ସରସ୍ୱତୀ ମହାତ୍ମ୍ୟରୁ ଜଣାପଡ଼େ ଯେ, ଯେତେବେଳେ ପିପ୍ପଳାଦ ଜାଣିବାକୁ ପାଇଲେ ଯେ ତାଙ୍କ ପିତାଙ୍କ ମୃତ୍ୟୁ ପାଇଁ ଦେବତାମାନେ ଦାୟୀ, ସେତେବେଳେ ସେ ତାଙ୍କ କ୍ରୋଧାଗ୍ନି ଜନିତ ଉତ୍ତାପ (ତାପ)ରେ ଆକାଶକୁ ଧ୍ୱଂସ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହା ବନ୍ଦ କରିବାକୁ ଦେବତାମାନେ ତାଙ୍କ ନିକଟରେ ଗୁହାରି କଲେ ଏବଂ ତାଙ୍କ ପିତାଙ୍କ ମୃତ୍ୟୁର କାରଣ ପାଲଟିଥିବା ଅସ୍ଥି ଚାହିଁବାର କାରଣ ବର୍ଣ୍ଣନା କରିଥିଲେ । ଏହା ପରେ ପିପ୍ପଳାଦଙ୍କ କ୍ରୋଧ ଶାନ୍ତ ପଡ଼ିଥିଲା । ପିପ୍ପଳାଦଙ୍କ କ୍ରୋଧରୁ ଜାତ ହୋଇଥିବା ଅଗ୍ନି ବା ଉତ୍ତାପରେ ଇନ୍ଦ୍ରଙ୍କ ସ୍ୱର୍ଗ ଧ୍ୱଂସ ହେବାର ବିପଦ ଥିଲା । ତେଣୁ ଏହି ଅଗ୍ନିକୁ ସମୁଦ୍ରକୁ ବୋହି ନେବା ଲାଗି ଦେବତାମାନେ ସରସ୍ୱତୀ ନଦୀକୁ ନିର୍ଦ୍ଦେଶ ଦେଇଥିଲେ । ସେ ଉତ୍ତରରୁ ପଶ୍ଚିମ ସମୁଦ୍ରକୁ ଚାଲିଆସିଥିଲେ । ସେ ଯେଉଁ ବାଟ ଦେଇ ଯାଇଥିଲେ ତାହା ବର୍ତ୍ତମାନ ରାଜସ୍ଥାନ ଏବଂ ଗୁଜରାଟ ଭାବରେ ଜଣାଶୁଣା । ତାପ ସମୁଦ୍ରର ତଳ ଭାଗରେ ରହିଗଲା ଏବଂ ଏହା ଯୋଗୁ ସମୁଦ୍ର ଉପରେ କୁହୁଡି ସୃଷ୍ଟି ହେଲା । କୁହାଯାଏ ଯେ ଯେତେବେଳେ ବିଶ୍ୱ ସମାପ୍ତ ହେବାର ସମୟ ଆସିଯିବ ସେତେବେଳେ ଏହା ଆଗ୍ନେୟଗିରି ଭଳି ଉପରକୁ ଉଠିବ । ଏହା ଏକ ଘୋଡ଼ାର ରୂପ ନେବ, ଯାହା ଉପରେ କଲ୍କୀ ବସି ବୁଲିବେ ।

କ୍ରୋଧଜନିତ ଉତ୍ତାପ ଯୋଗୁ ସରସ୍ୱତୀ ନଦୀ ମଧ୍ୟ ଶୁଖିଗଲା । ଏହି କାରଣରୁ ଭାରତର ଉତ୍ତର-ପଶ୍ଚିମ ଭାଗରେ ମରୁଭୂମି ଅଛି, ଏକ ଅଜବ ମରୁଭୂମି ଯେଉଁଠାରେ ଅତ୍ୟଧିକ ଭୂତଳ ଜଳ ମିଳିଥାଏ । ଏହା ଏକ ଭୂତଳ ଗୁପ୍ତ ସରସ୍ୱତୀର ଉପସ୍ଥିତିକୁ ସୂଚାଇଥାଏ । ବିଶ୍ୱାସ କରାଯାଏ ଯେ, ଏହି ଗୁପ୍ତ ସରସ୍ୱତୀ ପ୍ରୟାଗରେ ଗଙ୍ଗାରେ ମିଶିଛି, ଯେଉଁଥିପାଇଁ ପ୍ରୟାଗକୁ ତ୍ରିବେଣୀ ସଙ୍ଗମ (ତିନୋଟି ନଦୀ ଜଳର ମିଳନ ସ୍ଥଳ)କୁହାଯାଏ । ସରସ୍ୱତୀ ଶୁଖିଯାଇଥିବାରୁ ଅନେକ ବ୍ରାହ୍ମଣ ପୂର୍ବ ଦିଗରେ ଗଙ୍ଗାଆଡ଼କୁ ସ୍ଥାନାନ୍ତର ହୋଇଥିଲେ । ଏମାନେ ସାରସ୍ୱତ ବ୍ରାହ୍ମଣ ନାମରେ ପରିଚିତ । ସରସ୍ୱତୀର ଶୁଖିଲା ଶଯ୍ୟାରେ ଏମାନେ ରହିଥିଲେ ଓ ମାଛ ଖାଇ ଜୀବନ ବଞ୍ଚାଇ ଥିଲେ । ଏହି ବ୍ରାହ୍ମଣ ସମ୍ପ୍ରଦାୟ ସମଗ୍ର ଭାରତରେ ବିଶେଷକରି କଶ୍ମୀର, ମିଥିଳା, ବଙ୍ଗଳା, ଓଡ଼ିଶା ଏବଂ କୋଙ୍କଣ ଉପକୂଳରେ ଦେଖିବାକୁ ମିଳନ୍ତି । ଅନେକ ସରସ୍ୱତୀ ନଦୀ ସହିତ ସେମାନଙ୍କର ପୂର୍ବପୁରୁଷର ସମ୍ପର୍କ ଥିବା ସୂଚିତ କରନ୍ତି ।

–devduttofficial@gmail.com

## ଶାଶ୍ୱତ ସୁଖର ଚଲାପଥ



ଯଚିଦାନନ୍ଦ ଦାଶ

ପାଠକେ, ଆପଣ ଦେଖିଥିବେ, ଅଧିକାଂଶ ଧନୀ ଓ କୋଟିପତି ବ୍ୟକ୍ତିମାନେ ସବୁ ସମୟରେ ବ୍ୟସ୍ତତା ଓ ଚିନ୍ତିତ ଅବସ୍ଥାରେ ସମୟ ଅତିବାହିତ କରିଥାନ୍ତି । ଯେତେ ଧନ ସମ୍ପତ୍ତି ପାଖରେ ଥିଲେ ମଧ୍ୟ ଟଙ୍କା ପଇସା, ସୁନା ରୁପାର ମୋହ ଛାଡ଼ି ପାରନ୍ତି ନାହିଁ । ଫଳରେ ଧନୀ ବ୍ୟକ୍ତିମାନେ ସାଧାରଣତଃ ବିଭିନ୍ନ ପ୍ରକାର ଭୟଙ୍କର ରୋଗ ଯଥା– କାନ୍‌ସର, ହୃଦ୍‌ରୋଗ ଇତ୍ୟାଦିରେ ପୀଡ଼ିତ ହୋଇଥାନ୍ତି । ଏମାନଙ୍କର ମନ ଓ ହୃଦୟରେ ଆତ୍ମିକ ଶାନ୍ତି ବୋଲି କିଛି ନ ଥାଏ । ଟଙ୍କା, ପଇସା ଓ ଧନର ହିସାବ ସବୁ ସମୟରେ ରଖି ରଖି ଏମାନଙ୍କୁ ମାୟା ଓ ମୋହ ଗ୍ରାସ କରିନିଏ । କାରଣ ତାଙ୍କ ଆତ୍ମାରେ ସୁଖଶାନ୍ତି ବୋଲି କିଛି ନ ଥାଏ । ଉପରୋକ୍ତ ବ୍ୟକ୍ତିଙ୍କର ବିପରୀତ କ୍ରମେ ଦେଖିଲେ ଲୁଣ, ପଖାଳ ଖାଉଥିବା ଲୋକ ଖୁବ୍ ସୁଖଶାନ୍ତିରେ ରହିପାରୁଛି । କର୍ମମୟ ଓ ଆତ୍ମିକ ଶାନ୍ତିପ୍ରାପ୍ତ ଜୀବନ, ଗରିବ ଲୋକଟିର ମନକୁ ସୁଖମୟ କରେ । ମଣିଷ ଯେତେ ପୌଷ୍ଟିକ ଖାଦ୍ୟ ଖାଇଲେ ମଧ୍ୟ ଶାନ୍ତି ଓ ସୁଖ ବ୍ୟତିରେକ ଦେହ ଲାଗେ ନାହିଁ । ଆତ୍ମିକ ଶାନ୍ତି କହିଲେ ଆମେ ନିମ୍ନଲିଖିତ ପ୍ରକାରରେ ବୁଝିଥାଉ । ଯଥା ଆତ୍ମିକ ଶାନ୍ତି ହେଉଛି ଆତ୍ମସନ୍ତୋଷ, ସୁଖ ଓ ଶାନ୍ତିର ସମିଶ୍ରଣ, ଆତ୍ମିକ ଶାନ୍ତିର ପ୍ରଥମ ପାହାଚ ଆତ୍ମସନ୍ତୋଷ । ଆତ୍ମସନ୍ତୋଷରୁ ସୁଖର ଉତ୍ପତ୍ତି ହୋଇଥାଏ ଏବଂ ସୁଖର ଆଭାସରୁ ଶାନ୍ତିର ଭାବନା ମନରେ ଜାଗ୍ରତ ହୋଇଥାଏ । ତେଣୁ ଆତ୍ମିକ ଚିନ୍ତ୍ର ବିନା ମଣିଷ ଜୀବନ ବିପନ୍ନ ହୋଇପଡ଼େ । ଏ ନେଇ ଟଲଷ୍ଟୟଙ୍କର ଏକ କାହାଣୀ ଉପସ୍ଥାପନା କରୁଛି । ଏକ ଜମିଦାର ନିକଟରେ ଜଣେ ଭୂମିହୀନ କୃଷକ କାମ କରୁଥିଲେ । ସେ କ୍ଷେତରେ ମୂଲ ଲାଗୁଥିଲେ, ଈଶ୍ୱରଙ୍କ କୃପାରୁ ଯାହା ମିଳୁଥିଲା ସେଥିରେ ଖୁବ୍ ଆନନ୍ଦରେ ଚଳୁଥିଲେ । ଅକସ୍ମାତ୍ ଦିନେ ଜମି ମାଲିକାଣୀ କିଛି ଜମି ବିକ୍ରିକଲେ । କୃଷକ ଜଣକ ଏଠୁ ସେଠୁ ଧାରକରଜ କରି ଜମି କିଣି ନେଲେ ହେଲେ ସେହିଦିନଠାରୁ ସେ ଆର୍ଥିକ ସମସ୍ୟାରେ ପଡ଼ିଲେ । ଦିନରାତି ତାଙ୍କୁ ଅର୍ଥ ଚିନ୍ତା ଲାଗି ରହିଲା । ଜମିରେ କେମିତି ଫସଲ ଉପୁଜିବ ଜମିକୁ କେମିତି ଉର୍ବର କରାଯାଇପାରିବ ଇତ୍ୟାଦି । ଏହିପରି ନାନା ପ୍ରକାର ଚିନ୍ତାର ଶିକାର ହୋଇ ରୋଗଗ୍ରସ୍ତ ହୋଇପଡ଼ିଲେ । ଶେଷରେ ଏପରି ଲୋଭପାଇଁ ମୃତ୍ୟୁବରଣ କଲେ ଏବଂ ନିଜର ସୁଖମୟ ଜୀବନକୁ ବାଜି ଲଗାଇ ଦେଲେ । ଏ ଥିଲା ଆତ୍ମିକ ଶାନ୍ତି ପ୍ରାପ୍ତ ନ ହେବାର ଫଳ ।

ଏଥର ବିଚାରକୁ ନେବା ଶାଶ୍ୱତ ସୁଖ କ'ଣ ? ଏବଂ ଏହା କିପରି ଆତ୍ମିକ ସୁଖ ଦ୍ୱାରା ପ୍ରଭାବିତ ହୋଇଥାଏ । ଆମର ଉଦ୍ଦେଶ୍ୟ ନୁହେଁ କି ଜଣେ ବ୍ୟକ୍ତିବିଶେଷ ପ୍ରଗତି ନ କରନ୍ତୁ । ପ୍ରଗତି ଅବଶ୍ୟ କରନ୍ତୁ । ହେଲେ ଯାହା କିଛି ଜଣକ ପାଖରେ ନାହିଁ, ସେ ଯାଏ ସେ ଦୁଃଖିତ ହେବା ଉଚିତ ନୁହେଁ । ବର୍ତ୍ତମାନ ପରିସ୍ଥିତି ଭଗବାନ ଯାହା ଦେଇଛନ୍ତି ତାହା ହିଁ ଗ୍ରହଣ କରି ସନ୍ତୁଷ୍ଟ ହେବା ଉଚିତ । ନିଜେ ବର୍ତ୍ତମାନ ଉପରେ ଅପ୍ରଶନ୍ନ ହୋଇ ଏହା ଉପରେ ଦୁଃଖ ପ୍ରକଟ କରିବା ଉଚିତ ନୁହେଁ କି ଭବିଷ୍ୟତରେ ଆଶା ଓ ଆକାଂକ୍ଷା ନେଇ ଅତ୍ୟନ୍ତ ମର୍ମାହତ ହେବା ଉଚିତ ନୁହେଁ ଆଉ ମଧ୍ୟ ଅତୀତର ସ୍ମୃତିକୁ ନେଇ ଝୁରିବା ଉଚିତ ନୁହେଁ । ତେବେ ଯାଇ ଜଣେ ବ୍ୟକ୍ତି ଆତ୍ମିକ ଶାନ୍ତି ପାଇପାରିବ । ଯଦି ଆମେ ଆତ୍ମିକ ଶାନ୍ତିକୁ ହୃଦୟଭରି ଆପଣେଇ ପାରିବା, ତା' ହେଲେ ଆମେ ଶାଶ୍ୱତ ସୁଖ ପାଇପାରିବା । ତେବେ ଏଇ ଚଲାପଥ ଅଛି, ତାହା ଆତ୍ମିକ ଶାନ୍ତି ଓ ଶାଶ୍ୱତ ସୁଖ ମଧ୍ୟରେ ଧୀରେ ଧୀରେ ଆଶ୍ରୟ ନେଇ ଆତ୍ମିକ ଶାନ୍ତି ଶାଶ୍ୱତର ସୁଖରେ ପରିଣତ ହୋଇଥାଏ; ଯାହା ସମୟ ସାପେକ୍ଷ ଏବଂ କାଠିକର ପାଠ । ଏହି ଚଲାପଥରେ ରହିଛି ସତ୍‌ଚିନ୍ତା, ଭଗବତ ଚିନ୍ତା, ଗୁରୁଦୀକ୍ଷା, ଈଶ୍ୱର ପୂଜା ଆଧ୍ୟାତ୍ମିକତାର ଆଶ୍ରୟ ଇତ୍ୟାଦି । ବାସ୍ତୁବାଦୀତା ଦୃଷ୍ଟିକୋଣରୁ ଅନୁଶୀଳନ କଲେ ଜଣାଯାଏ ଯେ, ଆତ୍ମିକ ଶାନ୍ତିରୁ ଶାଶ୍ୱତ ସୁଖ ପାଇବା ନିମନ୍ତେ ଏକ ବ୍ୟକ୍ତି ଚରିତ୍ରବାନ, ପରୋପକାରୀ, ସଂସ୍କାରିକ ଓ ସୃଜନଶୀଳ ହେବାକୁ ପଡ଼ିବ । ମୋଟାମୋଟି ନିଜକୁ ସକାରାତ୍ମକ ଚିନ୍ତାଧାରା ନେଇ ଚଳିବାକୁ ପଡ଼ିବ । ଲୋଭ ଲାଳସା ଆସିବା କଥା ଆସିବ, ମାତ୍ର ଆତ୍ମିକ ଶାନ୍ତିର ପ୍ରତୀକ ହୋଇ ଯଦି ବ୍ୟକ୍ତି ଉପରୋକ୍ତ ନକାରାତ୍ମକ ଗୁଣଗୁଡ଼ିକ ପରିହାର କରି ଚିରନ୍ତନ ସୁଖ ଦିଗକୁ ଗତିକରେ ତା' ହେଲେ ଶାଶ୍ୱତ ସୁଖ ବା ପରମାତ୍ମିକଙ୍କ ପରଶ ମିଳିବା ସୁନିଶ୍ଚିତ ।

ମୋ :୯୯୩୮୧୮୧୩୨୦

## ଏଇ ଭାରତରେ

ମୌସୁମୀ କାପାଡ଼ିଆଙ୍କ ସାହସିକ ଯାତ୍ରା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟୀ କାହାଣୀ । ରିଜିଡ୍ ସ୍ପାଇନ ମସ୍କୁଲାର ଡିସ୍‌ଟ୍ରୋଫି( ଆର୍‌ଏସ୍‌ଏମ୍‌ଡି) ରୋଗରେ ପୀଡ଼ିତ ତାଙ୍କ ବଡ଼ ପୁଅ ବେଦାଂଶଙ୍କୁ ସାଙ୍ଗରେ ନେଇ ଭାରତର ୨୬ଟି ରାଜ୍ୟ ଭ୍ରମଣ କରିବା ସହ ୨୧ଟି ଦେଶ ବୁଲି ସାରିଲେଣି । ବେଦାଂଶ ଭଲରେ ଚାଲିପାରନ୍ତି ନାହିଁ କି ତାଙ୍କ ଶରୀରର ବିଭିନ୍ନ ଅଙ୍ଗ ମଧ୍ୟ ଠିକ୍ ଭାବେ ବିକଶିତ ହୋଇପାରିନାହିଁ । ତଥାପି ମୌସୁମୀ ତାଙ୍କ ଦିବ୍ୟାଙ୍ଗ ପୁଅଙ୍କୁ ନେଇ ଯାତ୍ରା ଜାରି ରଖିଛନ୍ତି । ବାଇକ୍‌ରେ ୧୫ଟି ଦୁର୍ଗମ ସ୍ଥାନକୁ ଯିବା ସହ ବିଭିନ୍ନ ଦେଶରେ ୧୨ଟି ପାହାଡ଼ ଚଢ଼ି ସାରିଛନ୍ତି । ଲେହ ଲଦାଖକୁ ୧୦ ଦିନିଆ ବାଇକ୍ ଯାତ୍ରା ସହ ଅନ୍ୟ କେତୋଟି ଦୁଃସାହସିକ ଯାତ୍ରାରେ ସେ ତାଙ୍କ ଦିବ୍ୟାଙ୍ଗ ପୁତ୍ରକୁ ମଧ୍ୟ ସାଥିରେ ନେଇପାରିଛନ୍ତି । ମୌସୁମୀଙ୍କ ବୟସ ଏବେ ୪୫ । ସେ ଦୁଇଟି ପୁତ୍ର ସନ୍ତାନର ଜନନୀ । ତାଙ୍କ ସ୍ୱାମୀଙ୍କ ସହ ଦୁବାଇରେ ରହୁଥିଲେ । ପରେ ବଡ଼ ପୁଅ ରୋଗଗ୍ରସ୍ତ ହେବା ପରେ ତା' ଚିକିତ୍ସା ପାଇଁ ମୁମ୍ବାଇ ଫେରିଆସିଲେ । ଏହି ସମୟରେ ବିଷାଦଗ୍ରସ୍ତ ହୋଇପଡ଼ିଲେ । କିନ୍ତୁ କାଉନସିଲିଂ ପରେ ନିଜକୁ ସୁଧାରି ଆଣି ଜୀବନକୁ ଏକ ଭିନ୍ନ ମାର୍ଗରେ ନେବା ପାଇଁ ସ୍ଥିର କରି ଏଭଳି ଦୁଃସାହସିକ ଯାତ୍ରା ଆରମ୍ଭ କରିଥିଲେ ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୭ ଅକ୍ଟୋବର ୧୯୭୫

- ସମ୍ବଲପୁରରୁ ବାମଡ଼ା ମଧ୍ୟରେ ଚଳାଚଳ କରୁଥିବା ଏକ ଘରୋଇ ବସ୍‌ରେ ପ୍ରଥମ କରି ଜଣେ ମହିଳା କଣ୍ଡକ୍ଟରଙ୍କୁ ନିଯୁକ୍ତି ଦିଆଯାଇଛି ।
- ସମାନ କାମ ପାଇଁ ପୁରୁଷ ଓ ମହିଳାଙ୍କୁ ସମାନ ମଜୁରୀହାର ଦେବା ନିଷ୍ପତ୍ତି ଅନୁଯାୟୀ ଚା' ଓ ରବର ଇତ୍ୟାଦି ବଗିଚାରେ କାମ କରୁଥିବା ୪ ଲକ୍ଷ ମହିଳା ଅଧିକ ମଜୁରୀ ପାଇ ଉପକୃତ ହୋଇଛନ୍ତି ।
- ବିଶିଷ୍ଟ ଜନସେବକ ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ୯୧ ବର୍ଷ ବୟସରେ ପରଲୋକ ।
- ଭାରତର ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଦେବୀପ୍ରସାଦ ରାୟ ଚୌଧୁରୀଙ୍କ ୭୬ ବର୍ଷ ବୟସରେ ପରଲୋକ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | | 3 | | |
| | | 7 | 5 | | | 4 | | |
| | | 9 | | | 2 | | | 1 |
| | | | | | | | | 8 |
| | 1 | 4 | | | 5 | | | 3 |
| | 5 | | 9 | 4 | | | 7 | |
| 3 | | 2 | | 7 | | | | |
| 7 | | 8 | | | | | | |
| | | | | | 3 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 3 | 8 | 4 | 1 | 5 | 9 | 7 |
| 7 | 9 | 8 | 3 | 5 | 2 | 1 | 6 | 4 |
| 4 | 1 | 5 | 7 | 9 | 6 | 3 | 8 | 2 |
| 8 | 2 | 1 | 9 | 7 | 5 | 6 | 4 | 3 |
| 9 | 7 | 6 | 4 | 1 | 3 | 2 | 5 | 8 |
| 5 | 3 | 4 | 2 | 6 | 8 | 9 | 7 | 1 |
| 3 | 4 | 7 | 5 | 2 | 9 | 8 | 1 | 6 |
| 1 | 5 | 2 | 6 | 8 | 7 | 4 | 3 | 9 |
| 6 | 8 | 9 | 1 | 3 | 4 | 7 | 2 | 5 |

ଗତକାଲିର ଉତ୍ତର

# ଦରିଦ୍ରଙ୍କୁ ଦୁରାଚାରରୁ ମୁକ୍ତି



ବୃହସ୍ପତି ସାମଲ

ନ୍ୟାଶନାଲ କ୍ରାଇମ୍ ରେକର୍ଡ୍ସ ବ୍ୟୁରୋର ୨୦୨୧ ତଥ୍ୟାନୁଯାୟୀ ଭାରତରେ ଘଟୁଥିବା ମୋଟ ଅପରାଧରୁ ୨୮% ଦାରିଦ୍ର୍ୟ ସହ ଜଡ଼ିତ । ୟୁନାଇଟେଡ୍ ନେସନ୍ସ ଅଫିସ ଅନ୍ ଡ୍ରଗ୍ସ ଆଣ୍ଡ କ୍ରାଇମ୍ସର ସୂଚନା ଅନୁଯାୟୀ, ବିଶ୍ୱସ୍ତରୀୟ ଅର୍ଥନୈତିକ ବୈଷମ୍ୟତା ଆପେକ୍ଷିକ ଦାରିଦ୍ର୍ୟ ସୃଷ୍ଟିର କାରଣ ; ଯାହା ସମାଜରେ ହିଂସା ଓ ଅପରାଧ ବୃଦ୍ଧି ପାଇଁ ଦାୟୀ । ବିଶ୍ୱ ଅସମାନତା ରିପୋର୍ଟ-୨୦୨୨ ଅନୁଯାୟୀ ବିଶ୍ୱ ଜନସଂଖ୍ୟାର ଉପର ୧୦% ଲୋକଙ୍କ ପାଖରେ ୭୬% ସମ୍ପତ୍ତିର ମାଲିକାନା ଥିବାବେଳେ, ନିମ୍ନ ୫୦% ଲୋକଙ୍କ ପାଖରେ ମାତ୍ର ୨% ସମ୍ପତ୍ତିର ମାଲିକାନା ରହିଛି । ସେହିଭଳି ଭାରତରେ ୧୦% ଧନୀଙ୍କ ପାଖରେ ଦେଶର ୭୭% ସମ୍ପତ୍ତି ଥିଲାବେଳେ, ନିମ୍ନରେ ଥିବା ୫୦% ଲୋକଙ୍କ ପାଖରେ ମାତ୍ର ୧୩% ସମ୍ପତ୍ତି । ଏହା ଏକ ଆପେକ୍ଷିକ ଦାରିଦ୍ର୍ୟର ଉଦାହରଣ, ଯାହା ସମାଜର ସନ୍ତୁଳନକୁ କ୍ଷୁଣ୍ଣ କରୁଛି । ଇନ୍‌ଷ୍ଟିଚ୍ୟୁଟ ଫର୍ ଇକୋନୋମିକ୍ସ ଆଣ୍ଡ ପିସ୍ ଅନୁଯାୟୀ ଯେଉଁ ଦେଶର ଦାରିଦ୍ର୍ୟ ଓ ଅର୍ଥନୈତିକ ଅସମାନତା ଯେତେ ଅଧିକ, ସେ ଦେଶ ସେତେ ଅଶାନ୍ତ । ଗ୍ଲୋବାଲ ପିସ୍ ଇଣ୍ଡେକ୍ସ-୨୦୨୩ର ତଥ୍ୟ ଅନୁସାରେ, ଏ ବାବଦରେ ବିଶ୍ୱର ୧୬୩ଟି ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧୨୬ ; ଯାହା ଭାରତର ଅନ୍ତର୍ଦ୍ୱନ୍ଦ୍ୱ ଓ ରାଜନୈତିକ ଅସ୍ଥିରତା ପ୍ରତି ଏକ ଆହ୍ୱାନ ।

୨୦୧୫ ସୁଦ୍ଧା ବିଶ୍ୱର ୧୦% ଜନସଂଖ୍ୟା, ଅର୍ଥାତ୍ ଅନ୍ୟୂନ ୭୪ କୋଟି ଲୋକ ଆନ୍ତର୍ଜାତିକ ଦାରିଦ୍ର୍ୟ ସୀମାରେଖା (ଦୈନିକ ରୋଜଗାର ୧.୯୦ ଡଲାରରୁ କମ୍, ଯାହା ୨୦୨୨ରେ ୨.୧୫ ଡଲାର) ତଳେ ବାସ କରୁଥିଲେ । ଜାତିସଂଘ ତଥ୍ୟ ଅନୁସାରେ, ୨୫ରୁ ୩୪ ବର୍ଷ ବୟସ ଭିତରେ ପ୍ରତି ୧୦୦ ଜଣ ପୁରୁଷରେ ୧୨୨ଜଣ ମହିଳା ଦାରିଦ୍ର୍ୟର ଶିକାର ହେବା ସହ ୨୦୩୦ ସୁଦ୍ଧା ୧୬ କୋଟି ଶିଶୁ ଏହି ଦୁର୍ଦ୍ଦଶାର ସମ୍ମୁଖୀନ ହେବେ ବୋଲି ଆକଳନ କରାଯାଇଛି । ବିଗତ କେଇ ଦଶନ୍ଧି ଭିତରେ ଜାତିସଂଘ ସହ ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଏବଂ ବିଭିନ୍ନ ରାଷ୍ଟ୍ର ନିଜସ୍ୱ ନୀତି ମୁତାବକ ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଶେଷ ଗଠନମୂଳକ ପଦକ୍ଷେପମାନ ଆପଣେଇବା ଦ୍ୱାରା ୨୦୨୨ ସୁଦ୍ଧା ବିଶ୍ୱସ୍ତରରେ ଉତ୍କଟ ଦାରିଦ୍ର୍ୟ ସୀମାରେଖା ଭିତରେ ରହୁଥିବା ଲୋକଙ୍କ ସଂଖ୍ୟା ଯଦିଓ ୬୮ କୋଟିକୁ (ବିଶ୍ୱ ଜନସଂଖ୍ୟାର ୮.୫%) କମିଆସିଛି, ଏବେ ବି ଅନେକ ଆହ୍ୱାନର ମୁକାବିଲା କରିବାକୁ ବାକି ଅଛି । ୧୯୯୦ (ଯେତେବେଳେ ବିଶ୍ୱର ମୋଟ ୩୬% ଜନତା ଉତ୍କଟ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିଲେ) ତୁଳନାରେ ଆଜିର ଏ ପ୍ରଗତି ଗ୍ରହଣୀୟ ହେଉଥିଲେ ବି ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱସ୍ତରରେ ଅର୍ଥନୈତିକ ବୈଷମ୍ୟତା, ଅନ୍ତଃରାଷ୍ଟ୍ରୀୟ କନ୍ଦଳ ଏବଂ ଯୁଦ୍ଧର ବିଭୀଷିକା, ଜଳବାୟୁ ପରିବର୍ତ୍ତନ ଏବଂ କୋଭିଡ୍ ଭଳି ମହାମାରୀ ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପକୁ ଶିଥିଳ କରିଛି । ଏକୁଟିଆ କୋଭିଡ୍ ମହାମାରୀ ୧୦ କୋଟି ଲୋକଙ୍କୁ ଉତ୍କଟ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଛି । ଆଫ୍ରିକାର ସାହାରା ଅଞ୍ଚଳ ସହ ଦକ୍ଷିଣ ଏସିଆର ୪୦% ଲୋକ ଏଯାଏଁ ସେହି ଉତ୍କଟ ଦାରିଦ୍ର୍ୟରୁ ମୁକୁଳି ପାରିନାହାନ୍ତି । ୧୯୯୦-୯୧ରୁ ଅର୍ଥନୈତିକ ସଂସ୍କାର ଆପଣେଇ ଭାରତ



ଭଳି ରାଷ୍ଟ୍ର ଦାରିଦ୍ର୍ୟକୁ ୪୫%ରୁ କମେଇ ୨୦୧୧ ସୁଦ୍ଧା ୨୧.୯% ଓ ୨୦୨୧ରେ ୧୦%ରେ ପହଞ୍ଚେଇ ଥିଲେ ମଧ୍ୟ ଏବେ ମଧ୍ୟ ଅନ୍ୟୂନ ୧୪ କୋଟି ଜନତା ଦାରିଦ୍ର୍ୟ ସୀମାରେଖା ତଳେ । ୨୦୨୦ରେ ୟୁନାଇଟେଡ୍ ନେସନ୍ସ ଡେଭଲପମେଣ୍ଟ ପ୍ରୋଗ୍ରାମ ଓ ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମାନ ଡେଭଲପମେଣ୍ଟ ଇନିସିଏଟିଭର ମିଳିତ ତଥ୍ୟାନୁଯାୟୀ ଭାରତର ୧୬.୪% ଜନତା ବହୁମୁଖୀ ଦାରିଦ୍ର୍ୟରେ ରହୁଛନ୍ତି, ଯେଉଁଥିରେ ସହରାଞ୍ଚଳ ଲୋକଙ୍କ ଅପେକ୍ଷା ସୀମିତ ଶିକ୍ଷା ଓ ସ୍ୱାସ୍ଥ୍ୟର ସୁବିଧା ଏବଂ ସ୍ୱଳ୍ପ କୃଷିଭିତ୍ତିକ ଅଗ୍ରଗତି ଯୋଗୁ ଗ୍ରାମାଞ୍ଚଳର ଲୋକେ ବେଶୀ ପ୍ରଭାବିତ ।

ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାତିସଂଘ ତରଫରୁ ୧୯୯୩ରୁ ପ୍ରତିବର୍ଷ ୧୭ ଅକ୍ଟୋବରକୁ ଆନୁଷ୍ଠାନିକ ଭାବେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ରୂପେ ପାଳନ କରାଯାଏ । ଏହି ଅବସରରେ ଭାରତ ସହ ବିଶ୍ୱର ସମସ୍ତ ରାଷ୍ଟ୍ର ଉତ୍କଟ ଦାରିଦ୍ର୍ୟରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ତଥା ପାରସ୍ପରିକ ସହଯୋଗ ଭିତ୍ତିରେ ବିଭିନ୍ନ କାର୍ଯ୍ୟପନ୍ଥା ଆପଣେଇଥା'ନ୍ତି । ଯୋଡ଼ାଯୋଡ଼ି ହୋଇ ରହିଥିବା ଦାରିଦ୍ର୍ୟର ଉଭୟ ଦୃଶ୍ୟ ଓ ଅଦୃଶ୍ୟ କାରଣଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ବର୍ଷ ଏକ ନିର୍ଦ୍ଦିଷ୍ଟ କାରଣର ନିରାକରଣ ପାଇଁ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ । ଏ ଯାବତ୍ ଅନାଲୋଚିତ ଓ ଗୁପ୍ତ ରହିଥିବା ଦାରିଦ୍ର୍ୟର ସେମିତି ଏକ ମୁଖ୍ୟ ଦିଗ ହେଲା ଦରିଦ୍ରଙ୍କୁ ସାମାଜିକ ଓ ଆନୁଷ୍ଠାନିକ ଦୁରାଚାର, ଯେଉଁଥିପାଇଁ ୨୦୨୪ର ବିଷୟବସ୍ତୁ ରହିଛି, ସାମାଜିକ ଓ ଆନୁଷ୍ଠାନିକ ଦୁରାଚାର ଦୂରୀକରଣ ଏବଂ ସଠିକ୍, ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ସମାଜ ପାଇଁ ମିଳିତ କାର୍ଯ୍ୟକ୍ରମ ।

ଭାରତରେ ଏସବୁ ଦୁରାଚାରର ପରିମାଣ ବେଶି । ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ- ୨୦୨୪ର ଅବଧାରଣା ଟିପ୍ପଣୀରେ ଜାତିସଂଘ ସିଧାସଳଖ ଉଲ୍ଲେଖ କରିଛି କି ଦଶନ୍ଧି ଦଶନ୍ଧି ଧରି ବହୁ ଜନହିତକର ଓ ସମାଜ କଲ୍ୟାଣକାରୀ କାର୍ଯ୍ୟକ୍ରମ ସତ୍ତ୍ୱେ ଭାରତ ସହ ବିଶ୍ୱର ବହୁ ଉନ୍ନତ ଦେଶଗୁଡ଼ିକରେ ମଧ୍ୟ ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ଦରିଦ୍ର ଓ ଧନୀମାନଙ୍କ ଭିତରେ ବାଛବିଚାର ଜାରି ରହିଛି । କୌଣସି ସିଦ୍ଧାନ୍ତ ଗ୍ରହଣ କରିବା ପ୍ରକ୍ରିୟାରେ ଅଧିକାରୀଙ୍କ ଦ୍ୱାରା ଏମାନେ ଅଣଦେଖା ହୋଇଥାନ୍ତି । ଏଭଳି ପରିସ୍ଥିତି ସୃଷ୍ଟି କରାଯାଉଛି, ଯେମିତି ଜଣେ ବୁଝିବ ଯେ ଗରିବ ହୋଇ ଜନ୍ମ ହେବାର ଅର୍ଥ କେବଳ ନିକ୍ଷେପିତ ହେବା, ଠକାମିର ଶିକାର ହେବା, ଶାରୀରିକ ଓ ମାନସିକ ଭାବେ ନିର୍ଯ୍ୟାତିତ ହେବା, ସବୁବେଳେ ଅସୁରକ୍ଷିତ ଅନୁଭବ କରିବା, ଅସମ୍ମାନିତ ହେବା, ଆତ୍ମସମ୍ମାନ ହରେଇବା, ଅନ୍ୟାୟ ସହିବା ଓ ସର୍ବଦା ଭୟରେ ନତମସ୍ତକ ହୋଇ ରହିବା । ବିଭିନ୍ନ ରାଷ୍ଟ୍ରର ସରକାରୀ ନୀତିନିୟମ ମଧ୍ୟ ଏଭଳି ମାନସିକତାକୁ ପ୍ରୋତ୍ସାହିତ କରୁଥିବାରୁ ଜାତିସଂଘ ଘୋର ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ଏକ ମିଳିତ ବିଫଳତା ବୋଲି ଅଭିହିତ କରି ଏଥିରୁ ମୁକ୍ତି ନିମିତ୍ତ ଏକ ସଶକ୍ତ ବିକାଶ ଲକ୍ଷ୍ୟ ନେଇ ମିଳିତ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି ।

ଉତ୍କଟ ଦାରିଦ୍ର୍ୟ ଭିତରେ ଥିବା ବ୍ୟକ୍ତିଟି ସବୁବେଳେ କ୍ଷମତା ଓ ପ୍ରଭାବର ଜଟିଳ ବ୍ୟବସ୍ଥା ଭିତରେ ଛନ୍ଦି ହୋଇଯାଏ । ସଠିକ୍, ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ସମାଜ ଗଠନ ପାଇଁ ସେଥିରୁ ମୁକ୍ତି ମିଳିବା ଦରକାର । ଦାରିଦ୍ର୍ୟରେ ସମୟ କାଟୁଥିବା ବ୍ୟକ୍ତିମାନଙ୍କର ବହୁମୂଲ୍ୟ ଅନୁଭବକୁ ଗ୍ରହଣ କରି ସେମାନଙ୍କର ବିଶ୍ୱାସକୁ ପୁନର୍ଜୀବିତ କରିବାକୁ ହେବ ।

ପଦ୍ମପୁର (ଆନନ୍ଦପୁର), କେନ୍ଦୁଝର
ମୋ: ୯୪୩୭୦୨୨୬୬୯

## ପାଠକ ଶ୍ରେଷ୍ଠ ବିଚାରକ

### ହମ୍ପରେ ନିୟମିତ ରଙ୍ଗ ଦିଆଯାଉ

ମହାଶୟ,

ରାସ୍ତାରେ ତିଆରି ହୋଇଥିବା ହମ୍ପରେ ନିୟମିତ ରଙ୍ଗ ନ ଲାଗିବା ଓ କେତେକ ସ୍ଥଳରେ ହମ୍ପର ଉଚ୍ଚତା ଅଧିକ ବା ଅନ୍ୟ ତ୍ରୁଟି ଥିବାରୁ ରାତିରେ ଦୁଇଚକିଆ ଯାନ ଦୁର୍ଘଟଣାର ସମ୍ମୁଖୀନ ହେଉଛି । ଫଳରେ ଗାଡ଼ି ଥିବା ଲୋକେ ଛିଟିକି ପଡ଼ି ଆହତ ହେଉଛନ୍ତି କିମ୍ବା ଜୀବନ ଚାଲିଯାଉଛି । ଏହା ବ୍ୟତୀତ ରାସ୍ତାରେ ବୁଲା ଗାଈଗୋରୁ, କୁକୁର ଚଳପ୍ରଚଳ, ରାସ୍ତାରେ ଗୋଡି, ବାଲି ଇତ୍ୟାଦି ବହୁଦିନ ଧରି ପଡ଼ିରହୁଛି । ବଡ଼ ବଡ଼ ଖାଲ ସହିତ ରାସ୍ତା କଡ଼ରୁ ଗଛ କଟାଯାଇ ଗଛ ଥୁଣ୍ଟା ରହିବା ଯୋଗୁ ଅନେକ ଦୁର୍ଘଟଣା ଘଟୁଛି । କେତେକ ଛକରେ ବୁଲାଣି ରାସ୍ତାରେ ଚା' ଓ ପାନ ଦୋକାନରେ ଗହଳି ହେତୁ ଗାଡ଼ି ଚଳାଇବାରେ ବାଧା ଉପୁଜିବା ସହ ଦୁର୍ଘଟଣା ହେଉଛି । ରାସ୍ତା ଦୁର୍ଘଟଣା ହ୍ରାସ ନିମନ୍ତେ ପ୍ରତ୍ୟେକ ପଞ୍ଚାୟତସ୍ତରରେ ସଡ଼କ ସୁରକ୍ଷା ସମିତି ଗଠନ କରାଯାଇ ନିୟମିତ ହମ୍ପରେ ରଙ୍ଗ ଦିଆଯାଉ । ଏହା ସହିତ ଗାଈଗୋରୁଙ୍କ ବେକରେ ରିବନ୍ ବେଲ୍ଟ ବାନ୍ଧିବା କାର୍ଯ୍ୟ ନିକଟସ୍ଥ ଗ୍ରାମ୍ୟ ଓ ଯୁବକ ସଂଘ କମିଟଗୁଡ଼ିକୁ ଦାୟିତ୍ୱ ଦେବାକୁ ଅନୁରୋଧ ।

–ଉପେନ୍ଦ୍ର ଦେବତା, ଆଠଗଡ଼, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମନ୍ଥର ଧୀର ଅତି
ଅଚପଳ ଜଳଗତି
ତଳେ ତା'ର ତାଳଗଛ ଛାଇରେ
କାଟିଛି ସରଳ ରେଖା ମହୀରେ ।
–(ଶରତ–ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୨୨ରେ ଲଘୁଚାପ ସମ୍ଭାବନା: ଆସୁଛି ବଡ଼ ବର୍ଷା

## ୨୩ରୁ ୨୫ ପ୍ରବଳ ବର୍ଷା

ଭୁବନେଶ୍ୱର, ୧୬।୧୦ (ଅନିଲ ଦାସ)

ଆସୁଛି ଆଉ ଏକ ବଡ଼ ବର୍ଷା। ଉପକୂଳରୁ ଆଭ୍ୟନ୍ତରୀଣ ସବୁଠି ବର୍ଷିବ। କେତେକ ସ୍ଥାନରେ ଅତି ପ୍ରବଳ ବର୍ଷାର ମଧ୍ୟ ସମ୍ଭାବନା ରହିଛି। ଆସନ୍ତା ୨୦ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବ। ୨୨ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ଲଘୁଚାପ ୨୩ ତାରିଖରେ ଡିପ୍ ଡିପ୍ରେସନ(ଗଭୀର ଅବପାତ)ରେ ପରିଣତ ହୋଇ ସ୍ଥଳଭାଗ ମୁହାଁ ହେବ। ଏହାର ପ୍ରଭାବରେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହାଛଡ଼ା ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ସମ୍ବଲପୁର, ସୋନପୁର ଆଦି ଜିଲାରେ ମଧ୍ୟମ ଧରଣର ବର୍ଷା ହେବ। ଏଥିସହିତ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ରାଜ୍ୟରେ ୨୨ରୁ ୨୬ ଯାଏ ବର୍ଷା ଲାଗି ରହିବ। ୨୩ରୁ ୨୫ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଲଘୁଚାପ ବାତ୍ୟାରେ ପରିଣତ ହେବ କି ନାହିଁ ତାହା ଏବେ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଆସନ୍ତା ୨/୩ ଦିନ ମଧ୍ୟରେ ଏ ନେଇ ସୂଚନା ମିଳିବ। ବର୍ତ୍ତମାନ ସୁଦ୍ଧା ପାଣିପାଗ ମଡେଲ ଯାହା କହୁଛି ଓଡ଼ିଶା ପ୍ରତି ବାତ୍ୟା ଭୟ ନାହିଁ। କେବଳ ଲଘୁଚାପ ଜନିତ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି। ଲଘୁଚାପ ଯୋଗୁ ରାଜ୍ୟରେ ବଡ଼ ବର୍ଷାର ସୂଚନା ମିଳୁଛି। ଅନ୍ୟପକ୍ଷରେ ଧାନ ଚାଷ ପାଇଁ ଅସରାଏ କିମ୍ବା ଦୁଇ ଅସରା ବର୍ଷା ଆବଶ୍ୟକ ହେଉଛି। ସମ୍ଭାବ୍ୟ ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ମନରେ ଆଶା ସଞ୍ଚାର କରିଛି। ଯଦି ଲଘୁଚାପ ବାତ୍ୟାରେ ପରିଣତ ହୁଏ, ତେବେ ଉପକୂଳବର୍ତ୍ତୀ ଜିଲାର ଚାଷକୁ ଏହା ଗଭୀର ଭାବେ ପ୍ରଭାବିତ କରିବା ଆଶଙ୍କା ରହିଛି।

ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବିଦାୟ ନେଇଯାଇଛି। ଆସନ୍ତା ୪/୫ ଦିନ ଯାଏ ରାଜ୍ୟରେ ବର୍ଷାର ସମ୍ଭାବନା ନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ତେବେ ଆସନ୍ତା ୧୯ରୁ ୨୧ ତାରିଖ ଯାଏ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ ଓ ଗଜପତି ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

# ମହୁମାଛି ଆକ୍ରମଣରେ ଯୁବକ ମୃତ

ଟିକିରି, ୧୬।୧୦ (ପ୍ରଫୁଲ୍ଲ କୁମାର ବେହେରା)

ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରୁଥିବାବେଳେ ମହୁମାଛି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା କାଶୀପୁର ଥାନା ଅନ୍ତର୍ଗତ ବନ୍ଧମାଣ୍ଡି କଲୋନିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ବନ୍ଧମାଣ୍ଡି କଲୋନିର ସୁରେନ୍ଦ୍ର ଝୋଡ଼ିଆ।

ସୁରେନ୍ଦ୍ର ମଙ୍ଗଳବାର ସକାଳେ ଗାଁ ନିକଟରେ ଥିବା ଏକ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ହଠାତ୍ ବହୁ ସଂଖ୍ୟାରେ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ସେ କୌଣସି ପ୍ରକାରେ ନିଜକୁ ବଞ୍ଚାଇ ଘରକୁ ଦୌଡ଼ି ପଳାଇ ଆସିଥିଲେ। ପରିବାର ଲୋକେ ତାଙ୍କୁ ନିକଟସ୍ଥ ସିକରପାଇ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମୃତ ସୁରେନ୍ଦ୍ରଙ୍କ ବଡ଼ଭାଇ ପୁରନ୍ଦର ଝୋଡ଼ିଆ କାଶୀପୁର ଥାନାରେ ଏତଲା ଦେଇଥିଲେ। କାଶୀପୁର ଥାନା ପକ୍ଷରୁ ଏଏସ୍ଆଇ ସମଦତା ପ୍ରଧାନଙ୍କ ଉପସ୍ଥିତିରେ ରାୟଗଡ଼ାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଅପରାହ୍ନ ପ୍ରାୟ ୪ଟାରେ ମରଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୁରେନ୍ଦ୍ର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ପୁରୁଣା ଆଇନର ହେବ ତର୍ଜମା

## ଖୁବ୍‌ଶୀଘ୍ର ଗଠନ ହେବ ଲ' ରିଭିଜନ କମିଶନ

ଭୁବନେଶ୍ୱର, ୧୬।୧୦ (ଅନିଲ ଦାସ)

ଅଦରକାରୀ ଓ ଅପ୍ରାସଙ୍ଗିକ ଆଇନର ସମୀକ୍ଷା ହେବ। ଏଥିପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଲ' ରିଭିଜନ କମିଶନ ଗଠନ କରିବେ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ସରକାର ମାସେ କିମ୍ବା ୨ ମାସ ଭିତରେ ଲ' ରିଭିଜନ କମିଶନ ଗଠନ କରିବାକୁ ଯାଉଛନ୍ତି। ଏହି କମିଶନ ହେଲେ ରାଜ୍ୟରେ ଥିବା ଅଦରକାରୀ ଆଇନ, ନିୟମଗୁଡ଼ିକୁ ତର୍ଜମା କରାଯିବ। ୨୦୦୫ରେ ଯେଉଁ ସୂଚନା ଅଧିକାର ଆଇନ ରହିଛି ସେଥିରେ ଯାହା କିଛି ପରିବର୍ତ୍ତନର ଆବଶ୍ୟକତା ରହିଛି ସେବୁ କରାଯିବ। ସୂଚନା ଅଧିକାର କର୍ମୀମାନଙ୍କୁ ଡରାଇବା, ଧମକାଇବା ଏବଂ ସେମାନଙ୍କ ବିରୋଧରେ ଯେଉଁ କେସ୍ ହୋଇଛି ସେସବୁର ଠିକଣା ସମୟରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର ପୁରୁଣା ଆଇନ ପରିବର୍ତ୍ତନ କରିବା ପରେ ରାଜ୍ୟ ସରକାର ରାଜ୍ୟର ପୁରୁଣା ଓ ଅଦରକାରୀ ଆଇନର ସମୀକ୍ଷା କରିବେ। ଯେଉଁ ଆଇନଗୁଡ଼ିକର କୌଣସିପ୍ରାସଙ୍ଗିକତା ନ ଥିବ ସେଗୁଡ଼ିକୁ ଉଚ୍ଛେଦ କରାଯିବ। ଲ' ରିଭିଜନ କମିଶନ ଗଠନ ହେବା ପରେ ଏ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ।

# ଆହତ ହାତୀ ଶାବକକୁ ପଠାଗଲା ନନ୍ଦନକାନନ

## ଟ୍ରାଙ୍କୁଲାଇଜର ଦେଇ ଚେତାଶୂନ୍ୟ ପରେ ହାତୀ ଶାବକ ଉଦ୍ଧାର

ବନ୍ଧମୁଣ୍ଡା/ରାଉରକେଲା, ୧୬।୧୦ (ସୁବ୍ରତ ଦେ/ସଙ୍ଗୀତା ଜେନା)



ହାତୀ ଶାବକକୁ ନନ୍ଦନକାନନ ପଠାଯାଉଛି।

ରାଉରକେଲା ବନ୍ଧମୁଣ୍ଡା ନିକଟରେ ଟ୍ରେନ ଦୁର୍ଘଟଣାରେ ୨ଦିନ ପୂର୍ବେ ହାତୀ ଶାବକର ମୃତ୍ୟୁ ଘଟିଥିଲା। ଏଥିରେ ଆହତ ହୋଇଥିବା ଅନ୍ୟ ଏକ ହାତୀ ଶାବକକୁ ଟ୍ରାଙ୍କୁଲାଇଜର ଦ୍ୱାରା ଚେତାଶୂନ୍ୟ କରାଯିବା ପରେ ବୁଧବାର ସକାଳେ ଉଦ୍ଧାର କରାଯାଇଛି। ଉନ୍ନତ ଚିକିତ୍ସା ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଠାଯାଇଛି। ସକାଳ ପ୍ରାୟ ୯ଟାରେ ବନବିଭାଗର ଅଧିକାରୀମାନେ କଡାସୁରକ୍ଷାରେ ଏକ ୪୦୭ ଟ୍ରକ ଜରିଆରେ ହାତୀ ଶାବକକୁ ନନ୍ଦନକାନନ ପଠାଇଥିଲେ। ଏହା ପୂର୍ବରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଆହତ ହାତୀର ସ୍ୱାସ୍ଥ୍ୟଯାଞ୍ଚ, ଓଜନ ଆଦି କରିଥିଲେ। ଡିଏଫ୍ଓ ଯଶୋବନ୍ତ ସେଠୀଙ୍କ କହିବା ଅନୁସାରେ ୨୧ ଟିକିଆ ହାତୀପଲରୁ ସକାଳେ ବହୁ ଉଦ୍ୟମ ପରେ ଶାବକକୁ ଉଦ୍ଧାର କରାଯାଇଥିଲା। ହାତୀ ଶାବକ ପଛପାଖ ଗୋଡ଼ରେ ଗଭୀର କ୍ଷତ ରହିଛି। ଫଳରେ ସେ ଚାଲିବାକୁ ଅସମର୍ଥ। ତାହାକୁ ଉଦ୍ଧାର ପାଇଁ ମଙ୍ଗଳବାର ରାତିରୁ ଯୋଜନା କରାଯାଇଥିଲା। ମା' ହାତୀ ମଧ୍ୟ ଆହତ ହୋଇଛି। ତା ଉପରେ କଡ଼ା ଦୃଷ୍ଟି ରଖାଯାଇଛି। ଆବଶ୍ୟକ ସ୍ଥଳେ ତାକୁ ମଧ୍ୟ ଟ୍ରାଙ୍କୁଲାଇଜ କରାଯାଇ ଚିକିତ୍ସା କରାଯିବ। ହାତୀ ଶାବକ ଉଦ୍ଧାର କାର୍ଯ୍ୟରେ ରାଉରକେଲା, ବିଶ୍ରା, ବୀରମିତ୍ରପୁର, ରାଜଗାଙ୍ଗପୁର ବନବିଭାଗର ୨ଶହରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ରାଉରକେଲା ଆରସିସିଏଫ୍ ପି. ରାମାସ୍ୱାମୀ, ରାଉରକେଲା ଡିଏଫ୍ଓ ଯଶୋବନ୍ତ ସେଠୀ, ଏସିଏଫ୍ ସୌମ୍ୟରଞ୍ଜନ ଗୋଚ୍ଛାୟତ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବନ୍ଧମୁଣ୍ଡା ଆରଓଏ କ୍ୟାବିନ୍ ନିକଟ ମଙ୍ଗଳବଜାର ବସ୍ତିଠାରେ ରେଳଧାରଣାକୁ ହାତୀପଲ ଅତିକ୍ରମ କରୁଥିବାବେଳେ ମାଲବାହୀ ଟ୍ରେନ ଧକ୍କାରେ ୩ବର୍ଷର ହାତୀ ଶାବକର ମୃତ୍ୟୁ ଘଟିଥିଲା। ଅନ୍ୟ ଏକ ଶାବକ ଓ ମା' ହାତୀ ଆହତ ହୋଇଥିଲେ।

# ବଳଦ ଖୋଜିବାକୁ ଯାଇଥିବା ମାଲିକଙ୍କୁ କୁମ୍ଭୀର ଟାଣିନେଲା

## ବନ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି

ମହାକାଳପଡ଼ା, ୧୬।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ନିଖୋଜ ଶଙ୍କର ସାମନ୍ତ।



ବନ ବିଭାଗ କର୍ମଚାରୀମାନେ ଡଙ୍ଗାରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

ବଳଦ ଖୋଜିବା ହେଲା କାଳ। ନଦୀ କୂଳରେ ଛକି ରହିଥିବା ଏକ ବଉଳା କୁମ୍ଭୀର ଶଙ୍କର ସାମନ୍ତ(୫୦) ନାମକ ଜଣେ ବ୍ୟକ୍ତିଙ୍କୁ ନଦୀକୁ ଟାଣି ନେଇଥିବା ଅଭିଯୋଗ ହୋଇଛି। ବୁଧବାର ଅପରାହ୍ନରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ହେଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଶଙ୍କରଙ୍କୁ ଉଦ୍ଧାର କରାଯାଇପାରି ନାହିଁ। ଏହାକୁ ନେଇ ନଦୀବନ୍ଧରେ ଗ୍ରାମବାସୀଙ୍କ ଭିଡ଼ ଜମିଛି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତଣ୍ଡିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ରଟପଙ୍କ ଗ୍ରାମରେ ଘଟିଛି।

ସୂଚନା ଅନୁଯାୟୀ, ଶଙ୍କରଙ୍କ ଏକ ବଳଦ ରଟପଙ୍କ ଗାଁ ନିକଟ ନାଳ ପାର୍ଶ୍ୱରେ ଚରୁଥିଲା। ଅପରାହ୍ନରେ ଶଙ୍କର ବଳଦକୁ ଖୋଜି ଖୋଜି ନାଳପାର୍ଶ୍ୱରେ ପହଞ୍ଚି ଥିଲେ। ଶଙ୍କର ବାଡେଇବା ପରେ ବଳଦ ବନ୍ଧ ଉପରକୁ ଚାଲି ଯାଇଥିଲା। ହେଲେ ନାଳଠାରୁ ଏକ ମିଟର ଦୂର ନଦୀରେ ଛପି ରହିଥିବା ଏକ କୁମ୍ଭୀର ହଠାତ୍ ଶଙ୍କରଙ୍କୁ ଧରି ଅଥଳ ପାଣିକୁ ଟାଣି ନେଇଥିଲା। ଶଙ୍କର ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ଏ କଥା ଗାଁରେ ଜଣାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର ପାଇଁ ଧାଇଁ ଆସିଥିଲେ। ହେଲେ ତାଙ୍କର ଆଉ ପତ୍ତା ମିଳି ନ ଥିଲା। ଖବର ପାଇ ଗହୀରମଥା ସାମୁଦ୍ରିକ ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣା ପହଞ୍ଚିଥିଲେ। ବନ ବିଭାଗ କର୍ମଚାରୀମାନେ ଡଙ୍ଗା ସାହାଯ୍ୟରେ ନାଳ ଓ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ୍ୟ ଶଙ୍କରଙ୍କୁ ପାଇ ନ ଥିଲେ। ଶଙ୍କରଙ୍କ ୨ ପୁଅ, ୨ ଝିଅ ଓ ସ୍ତ୍ରୀ ଏହି ଘଟଣାରେ ଭାଙ୍ଗି ପଡିଛନ୍ତି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କୁ ପଚାରିବାରୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ଉଦ୍ଧାର ପରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜନ ଔଷଧୀ ନାମରେ ନକଲି ଔଷଧ ବିକ୍ରି ନିଷେଧ

## ପିଏମ୍‌ବିଆଇକୁ ୧୦ ଲକ୍ଷ କ୍ଷତି ପୂରଣ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୧୦ (ଅନୁରାଧା ମହାରଣା)

ମଧ୍ୟପ୍ରଦେଶର ଭୋପାଳରେ ଜନ ଔଷଧୀ ସଂଘ ନାମରେ କାର୍ଯ୍ୟ କରୁଥିବା ଏକ ସଂସ୍ଥା କେନ୍ଦ୍ର ଫାର୍ମାସ୍ୟୁଟିକାଲ୍ସ ବିଭାଗ ଅଧୀନ ଫାର୍ମାସ୍ୟୁଟିକାଲ୍ସ ଆଣ୍ଡ ମେଡିକାଲ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ(ପିଏମ୍‌ବିଆଇ) ଟ୍ରେଡ୍ ମାର୍କ ବ୍ୟବହାରକରି ନକଲି ଔଷଧ ବିକ୍ରି କରୁଥିଲା। ନିୟମ ଉଲ୍ଲଂଘନକାରୀ ଏବଂ ଏହାର ମାଲିକ ଏବଂ ସହଭାଗୀ ଏହି ଟ୍ରେଡ୍ ମାର୍କ ବ୍ୟବହାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଦିଲ୍ଲୀ କୋର୍ଟ। ଜନ ଔଷଧୀ କେନ୍ଦ୍ର ମାଧ୍ୟମରେ ଗ୍ରାହକମାନେ ସୁଲଭ ମୂଲ୍ୟରେ ଗୁଣବତ୍ତାପୂର୍ଣ୍ଣ ଉତ୍ପାଦ ପାଇପାଇପାରୁଥିବା ବେଳେ କୋର୍ଟଙ୍କ ନିଷ୍ପତ୍ତି ଏହି ବ୍ରାଣ୍ଡକୁ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ପିଏମ୍‌ବିଆଇ ଟ୍ରେଡ୍ ମାର୍କ ନାମରେ ବିକ୍ରି କରାଯାଉଥିବା ସମସ୍ତ ସାମଗ୍ରୀକୁ ନଷ୍ଟ କରିବା ପାଇଁ ଉକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିବାବେଳେ ପିଏମ୍‌ବିଆଇ ସପକ୍ଷରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସବୁ ବର୍ଗର ଲୋକଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଜେନେରିକ୍ ମେଡିସିନ୍ ଯୋଗାଇଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ ପରିଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏହାର ନେଟ୍‌ୱର୍କ ଜରିଆରେ ୧୩,୮୦୦ ଜନ ଔଷଧୀ କେନ୍ଦ୍ର ମାଧ୍ୟମରେ ସୁଲଭ ଏବଂ ଗୁଣାତ୍ମକ ଔଷଧ ଯୋଗାଣ କରାଯାଉଛି। ଏହି ରିଟେଲ ଦୋକାନରୁ ଔଷଧ କିଣିବା ସମୟରେ ଲୋକମାନେ ଔଷଧ ମୂଲ୍ୟରେ ୫୦% ରୁ ୯୦% ସଞ୍ଚୟ କରନ୍ତି। ଗତ କିଛି ବର୍ଷ ମଧ୍ୟରେ ଜନ ଔଷଧୀ ଦେଶର ସବୁଠାରୁ ବଡ଼ ରିଟେଲ ଫାର୍ମାସି ଚେନ୍ ପାଲଟିଛି। ମାତ୍ର ଏହାର ନାମରେ କେତେକ ସ୍ଥାନରେ ନକଲି ଔଷଧ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ଆସୁଛି।

# ଗୋଷ୍ଠୀ ଜଙ୍ଗଲ ଅଧିକାର ପାଇଲେ ତେନ୍ତୁଲିପଦର ଗ୍ରାମବାସୀ

ଭବାନୀପାଟଣା, ୧୬।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କିଆପଦର ପଞ୍ଚାୟତର ତେନ୍ତୁଲିପଦର ଗ୍ରାମବାସୀ ଶେଷରେ ନିଜର ମୌଳିକ ଅଧିକାର ପାଇଛନ୍ତି। ଦୀର୍ଘ ତିନି ଦଶନ୍ଧିର ଲଢେଇ ପରେ ଗ୍ରାମବାସୀଙ୍କୁ କଳାହାଣ୍ଡି ଜିଲାପାଳଙ୍କ ପକ୍ଷରୁ ୧୭୨ ହେକ୍ଟର ଜଙ୍ଗଲ ଜମି ଉପରେ ଗୋଷ୍ଠୀ ଅଧିକାର ଓ ଗୋଷ୍ଠୀ ସମ୍ବଳ ଅଧିକାର ପତ୍ର ପ୍ରଦାନ କରାଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ୨୦୧୫ରେ ଅନ୍ତ୍ୟୋଦୟ ନାମରେ ଗଢିଉଠିଥିବା ଅନୁଷ୍ଠାନ ସହାୟତାରେ ଗ୍ରାମବାସୀ ଜଙ୍ଗଲ ଜମି ଉପରେ ଗୋଷ୍ଠୀ ଅଧିକାର ପାଇଁ ସରକାରଙ୍କଠାରେ ଦାବି କରିଥିଲେ। ୧୯୯୫ ପୂର୍ବରୁ ଗ୍ରାମବାସୀ ଜଙ୍ଗଲର କୋଣସି ଜିନିଷ ବ୍ୟବହାର କରୁଥିବା ସମୟରେ ବନବିଭାଗ ଆକ୍ରୋଶର ଶିକାର ହେଉଥିଲେ। ପରେ ୧୯୯୫ରେ ଆଇନଜୀବୀ ଦୟାନିଧି କରଙ୍କ ସହାୟତରେ ଏହାକୁ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟଙ୍କ ଷ୍ଟେ ଅର୍ଡର ପରେ ବନବିଭାଗ ସାମାନ୍ୟ କୋହଳ ମନୋଭାବ ପୋଷଣ କରିଥିଲା। ହେଲେ ୨୦୧୬ରେ ଜଙ୍ଗଲଜାତ ଦ୍ରବ୍ୟ ବ୍ୟବହାର କରିବାରୁ ଗ୍ରାମର ଜାମା ମାଝି, ସାଇବାଣୀ ଦେଈଙ୍କୁ ବନବିଭାଗ ଜେଲରେ ପୂରାଇଥିଲା। ଏହି ସମୟରେ ଆଇନର ସହାୟତା ଦେଇ ଉଭୟଙ୍କୁ ଅନ୍ତ୍ୟୋଦୟ ଅନୁଷ୍ଠାନ ଖଲାସ କରିଥିବାବେଳେ ଅନୁଷ୍ଠାନର ଅଧ୍ୟକ୍ଷ ଦିଲୀପ କୁମାର ଦାସ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏନ୍‌ଏଚ୍‌ଆର୍‌ସି ଏହି ମାମଲାର ଶୁଣାଣି କରି ସ୍ଥାନୀୟ ଫରେଷ୍ଟରଙ୍କୁ ୧୦ହଜାର ଟଙ୍କା ଜରିମାନା କରିଥିଲେ। ଗତ ୨୦୨୩ ଡିସେମ୍ବରରେ ସ୍ଥାନୀୟ ତହସିଲଦାର ଏହି ଗ୍ରାମକୁ ରାଜସ୍ୱ ମାନ୍ୟତା ଦେବାପାଇଁ ମଧ୍ୟ ସୁପାରିସ କରିଛନ୍ତି। ବର୍ତ୍ତମାନ ଗ୍ରାମରେ ୧୩ ପରିବାର ବସବାସ କରୁଥିବାବେଳେ ସମସ୍ତେ ଆଦିବାସୀ ଶ୍ରେଣୀର। ଗୋଷ୍ଠୀ ଜଙ୍ଗଲ ଅଧିକାର ପତ୍ର ପାଇବା ପରେ ଗ୍ରାମବାସୀ ଲଘୁ ବନଜାତ ଦ୍ରବ୍ୟ, କେନ୍ଦୁପତ୍ର ସଂଗ୍ରହ, ବ୍ୟବହାର, ବିକ୍ରୟ କରିବା ଅଧିକାର ପାଇବେ। ଏସବୁ କାମ ପାଇଁ ସେମାନେ କେବଳ ମୁଣ୍ଡବୋଝ, କାନ୍ଧଭାର, ଶଗଡ଼ ଓ ସାଇକେଲ ବ୍ୟବହାର କରିପାରିବେ ବୋଲି ପତ୍ରରେ ଦର୍ଶାଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-KUR-ANGL-WR-284-24

କାର୍ଯ୍ୟର ନାମ : 01 (ଏକ) ବର୍ଷ ଅବଧି ନିମନ୍ତେ ଅନୁଗୁଳ ୟାର୍ଡଠାରେ ପରୀକ୍ଷଣ ସମୟରେ ୱାଗନ୍‌ଗୁଡ଼ିକର ମରାମତି।

ବିଜ୍ଞାପିତ ମୂଲ୍ୟ : ₹ 4,25,93,232.34, EMD : ₹ 3,63,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି: 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.10.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.10.2024ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ୍
PR-628/P/24-25



**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**

No.B-413

E-mail : ceroads.bbsr@gmail.com

Bid Identification No. CE-Roads-II-09/2024-25

| | | |
|---|---|---|
| 1 | The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Road work as mentioned below : | |
| 2 | Nature of work | : Road works |
| 3 | No. of work | : 12 Nos. |
| 4 | Tender Paper cost | : Rs. 10,000.00 |
| 5 | Class of Contractor | : 'A' Class/Special Class/Super Class |
| 6 | Available of bid document the website | : From 10.00 A.M. of 19.10.2024 to 5.30 P.M. of 06.11.2024 |
| 7 | Date of opening of Bid | : Dt. 07.11.2024 at 11.30 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website. | |

Sd./-
Chief Engineer (Roads-II), Odisha
OIPR-34179/11/0005/2425



**GOVERNMENT OF ODISHA**
**DEPARTMENT OF WATER RESOURCE**
**NABARANGPUR IRRIGATION DIVISION**
NABARANGPUR, DIST. - NABARANGPUR (ODISHA)
Email ID - senidivision@gmail.com

No.A-404

Lr. No. 1112 Dated : 08.10.2024

**E-PROCUREMENT NOTICE**
**BID IDENTIFICATION NO-SE-NID-01/2024-25(01-02)**

1. Nature of the work - River Bank Flood protection work 2. Total Nos. of works - 02 (Two) Nos.
3. Tender cost of the works from Rs. 33.52 lakhs to Rs. 67.00 lakhs (excluding GST) 4. Class of Contractor - 'C' & 'B' Class
5. Period of completion - 02 (Two) Months to 03 (Three) Months 6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division, Nabarangpur | SE-NID-01/2024-25(01-02) | 19.10.2024 (10.00 A.M.) | 02.11.2024 (up to 05.00) P.M. | 22.10.2024 up to 5.00 P.M. | 04.11.2024 at 11.00 A.M. in the O/o the Superintending Engineer, Nabarangpur Irrigation Division, Nabarangpur |

Further details can be seen from the Government website www.tendersodisha.gov.in. Addendum/Corrigendum/Cancellation if any required will published in Govt. website only.

Sd./- Superintending Engineer
Nabarangpur Irrigation Division, Nabarangpur
OIPR-32361/11/0001/2425



**ଓଡ଼ିଶା ସରକାର**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ**

**ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା**

No. V-33: ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାଠପଢ଼ା ଅଧାରୁ ଛାଡ଼ିବାର ହାର କମାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ''ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'' ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ନବମ ଏବଂ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଏକକାଳୀନ ୫୦୦୦/- ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ପ୍ରୋତ୍ସାହନ ରାଶି ଦ୍ୱାରା ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ସମ୍ପୂର୍ଣ୍ଣ କରିବା ଏବଂ ଅଧିକ ମାତ୍ରାରେ ନାମଲେଖା ପଞ୍ଜୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ପରିକଳ୍ପନା କରାଯାଇଛି।

- ଏହି ଯୋଜନା ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରୁ କାର୍ଯ୍ୟକାରୀ କରାଯିବ।
- ଏହି ଯୋଜନା କେବଳ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ, ଯେଉଁମାନଙ୍କର ବାର୍ଷିକ ପାରିବାରିକ ଆୟ ୨,୫୦,୦୦୦/- ଟଙ୍କାରୁ ଅଧିକ ହୋଇନଥିବ (ଦୁଇ ଲକ୍ଷ ପଚାଶ ହଜାର)।
- ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଏକକାଳନୀ ୫୦୦୦/- ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- ଏହି ଯୋଜନା କେବଳ ରାଜ୍ୟ ଭିତରର ସରକାରୀ କିମ୍ବା ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ଲାଗୁହେବ।
- ଏହି ପ୍ରୋତ୍ସାହନ ରାଶି ସିଧାସଳଖ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ।
- ଉଚ୍ଚ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ପୃକ୍ତ ପ୍ରଧାନଶିକ୍ଷକ ଏବଂ ଅଧ୍ୟକ୍ଷମାନେ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ଆବେଦନ ପତ୍ରଗୁଡ଼ିକୁ ''ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ'' (OSSP)ରେ ସିଧାସଳଖ ସମ୍ପୃକ୍ତ ବିଭାଗକୁ ଅନୁମୋଦନ କରିବେ।

ସେଥିନିମନ୍ତେ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀ/ଅଭିଭାବକମାନେ ଯଥାଶୀଘ୍ର ସେମାନଙ୍କ ବିଦ୍ୟାଳୟର ଅଧ୍ୟକ୍ଷ/ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଭାବକଙ୍କ ଆୟ ପ୍ରମାଣପତ୍ର ସହିତ ଛାତ୍ରଛାତ୍ରୀଙ୍କ ଜାତି ପ୍ରମାଣପତ୍ର, ଆଧାର ଏବଂ ବ୍ୟାଙ୍କ ପାସ୍‌ବୁକ୍‌ର ପ୍ରଥମ ପୃଷ୍ଠାର ନକଲ ଦାଖଲ କରିବାକୁ ଅନୁରୋଧ କରାଯାଉଅଛି।

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ**

OIPR-26001/11/0004/2425

# କାଳୀପୂଜା ଶାନ୍ତି କମିଟିକୁ ନେଇ ବିବାଦ

## ପ୍ରସ୍ତୁତି ବୈଠକକୁ ଆସିଲେନି ଅଧିକାଂଶ ପୂଜା କମିଟି, ଶାନ୍ତି କମିଟି ସଭ୍ୟ

ଯାଜପୁର ଟାଉନ, ୧୬।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):


ଶାନ୍ତି କମିଟି ବୈଠକରେ ଯୋଗଦେଇଥିବା ପୋଲିସ ଅଧିକାରୀ।

ଯାଜପୁରର ଗଣପର୍ବ କାଳୀପୂଜା ଆରମ୍ଭ ନ ହେଉଣୁ ବିବାଦ ଆରମ୍ଭ ହୋଇଯାଇଛି। ଶାନ୍ତି କମିଟି ବିବାଦକୁ ନେଇ ପ୍ରସ୍ତୁତି ବୈଠକକୁ ଆସିନାହାନ୍ତି ଅଧିକାଂଶ ପୂଜା କମିଟି ଓ ଶାନ୍ତି କମିଟି ସଭ୍ୟ। ଯାଜପୁରର ଗଣପର୍ବ କାଳୀପୂଜା ଚଳିତ ମାସ ୩୦ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୭ ପର୍ଯ୍ୟନ୍ତ ଚାଲିବ। ନଭେମ୍ବର ୮ ଓ ୯ ଦୁଇଦିନ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ଗତ ୫ ତାରିଖରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

ବୁଧବାର ଯାଜପୁର ପୋଲିସ ପକ୍ଷରୁ ଥାନା ପରିସରରେ ପୂଜା କମିଟି ଓ ଶାନ୍ତି କମିଟିକୁ ନେଇ ଏକ ମିଳିତ ବୈଠକ ହେବ ବୋଲି ସମସ୍ତ ପୂଜା କମିଟି ଓ ଶାନ୍ତି କମିଟିକୁ ଯାଜପୁର ଥାନା ପକ୍ଷରୁ ଚିଠି କରାଯାଇଥିଲା। ଶାନ୍ତି କମିଟି ଚିଠିରେ ୧୨ଜଣ ସଦସ୍ୟ ପୂର୍ବରୁ ରହି ଆସୁଛନ୍ତି। ହେଲେ ମଙ୍ଗଳବାର ଯେଉଁ ଚିଠି ଶାନ୍ତି କମିଟି ସଭ୍ୟ ଓ ପୂଜା କମିଟି ସଭ୍ୟଙ୍କୁ ଦିଆଯାଇଥିଲା ସେଥିରେ ଆଉ ୪ଜଣଙ୍କ ନାମ ଯୋଡ଼ା ଯାଇଥିଲା, ଯାହାକୁ ନେଇ ବିବାଦ ଆରମ୍ଭ ହୋଇଛି। ଶାନ୍ତି କମିଟି ଓ ପୂଜା କମିଟିର ଅଜ୍ଞାତରେ ଏହି ୪ଜଣଙ୍କ ନାମ ଯୋଡ଼ାଯାଇଛି। ଏ ନେଇ ପୂର୍ବରୁ ଥିବା ଶାନ୍ତି କମିଟି ଓ ପୂଜା କମିଟି ସଭ୍ୟମାନେ ବୈଠକକୁ ଯିବେନାହିଁ ବୋଲି ନିଷ୍ପତ୍ତି ନେବା ସହ ଅଧିକାଂଶ ପୂଜା କମିଟି ସଦସ୍ୟ ଏହି ବୈଠକକୁ ଆସି ନ ଥିଲେ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଅପରାହ୍ନରେ ଯାଜପୁର ଥାନା ପରିସରରେ ଆଡିସନାଲ ଏସ୍‌ପି ସୀତିକଣ୍ଠ କାନୁନଗୋ, ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଅଳ୍ପ କେତେକ ପୂଜା କମିଟି ସଦସ୍ୟ ସାମିଲ ହୋଇଥିଲେ। ପୂର୍ବରୁ ଥିବା ୧୨ଜଣ ଶାନ୍ତି କମିଟି ସଭ୍ୟଙ୍କ ମଧ୍ୟରୁ ଜଣେ ଉପସ୍ଥିତ ଥିବା ବେଳେ ନୂତନ ଭାବେ ଯୋଡ଼ା ଯାଇଥିବା ୪ଜଣ ଶାନ୍ତି କମିଟି ସଭ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଉପସ୍ଥିତ ଥିବା ପୋଲିସ ଅଧିକାରୀମାନେ ଜିଲା ପ୍ରଶାସନକୁ ଅବଗତ କରିବା ପାଇଁ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି। ଏନେଇ ଅନୁପସ୍ଥିତ ଥିବା କମିଟି ସଦସ୍ୟମାନଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବ୍ୟାସନଗରରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ

ଯାଜପୁରରୋଡ୍, ୧୬।୧୦ (ପବିତ୍ର ରଞ୍ଜନ ମହାନ୍ତି):



ଦିନକୁଦିନ ଆଧୁନିକ ସହରି ସଭ୍ୟତା ବୃଦ୍ଧି ପାଉଥିବାବେଳେ ପୂର୍ବରୁ ଚାଲି ଆସୁଥିବା ପରମ୍ପରା ହଜିଯାଉଛି। କଥାରେ ଅଛି ଓଡ଼ିଆଙ୍କର ବାର ମାସରେ ତେର ପର୍ବ। ଏହାମଧ୍ୟରୁ କୁମାରୀ ଝିଅ ମାନଙ୍କର କୁମାର ପୂର୍ଣ୍ଣିମା ଏକ ପ୍ରଧାନ ଉତ୍ସବ। କିମ୍ବଦନ୍ତୀ ଅନୁଯାୟୀ ଝିଅମାନେ ଚନ୍ଦ୍ର ଓ କାର୍ତ୍ତିକଙ୍କ ଭଳି ବରପ୍ରାପ୍ତି ପାଇଁ ଏହି ଉପବାସ ପୂଜା କେଉଁ ଆବାହମାନ କାଳରୁ କରି ଆସୁଛନ୍ତି। କୁମାରୀମାନେ ଏକ ମାସ ଧରି ତୁଳସୀ ଚଉଁରା ମୂଳେ ଝୋଟି ଓ କଇଁଫୁଲ ସଜେଇ ପୂଜା କରିବା ସହ କୁମାର ପୁନେଇଁ ଗୀତ ଗାଇ, ପୁଚି ଖେଳ ପ୍ରତିଯୋଗିତା କରିଥାନ୍ତି। ପୂର୍ଣ୍ଣମୀ ଦିନ ନୂଆ ବସ୍ତ୍ର ପରିଧାନ କରି ତୁଳସୀ ଚଉଁରା ପୂଜା କରିବା ସହ ପୂର୍ଣ୍ଣଚନ୍ଦ୍ରଙ୍କ ବନ୍ଦାପନା କରି ବିଭିନ୍ନ ପିଠାପଣା ଭୋଗ ଅର୍ପଣ କରି ବ୍ରତ ପାଳିଥାଆନ୍ତି। ଏବେ ସହରି ସଭ୍ୟତାରେ ଏହି ପରମ୍ପରା ହଜିଯାଉଛି। ମାତ୍ର ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ଚୋରଦା ଗ୍ରାମର ଝିଅମାନେ। ସେମାନେ ବୁଧବାର ପୂର୍ଣ୍ଣମୀ ପାଳନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି।

# ଲୁଟ ଉଦ୍ୟମକୁ ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

ଯୋଡ଼ା, ୧୬।୧୦ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର କମାର ଯୋଡ଼ା ନିକଟରୁ ବ୍ୟାଙ୍କ ଗାଡ଼ିରୁ ଟଙ୍କା ଲୁଟ ଉଦ୍ୟମ ଘଟଣାକୁ ୨୪ ଘଣ୍ଟା ବିତିଛି। ପୋଲିସ ଏବେ ବି ଅପରାଧୀଙ୍କ କୌଣସି ଟେର ପାଇପାରୁନାହିଁ। ପାର୍ବଣ ସମୟରେ ସହରରେ ଲୁଟ ଉଦ୍ୟମ ଅଞ୍ଚଳବାସୀଙ୍କୁ ଭୟଭୀତ କରିଦେଇଛି। ସହରରେ ବାହାର ରାଜ୍ୟର ଅନେକ ଯାନବାହାନ ସନ୍ଦିଗ୍ଧ ଅବସ୍ଥାରେ ଚଳାଚଳ କରୁଥିଲେ ହେଁ ଯାଞ୍ଚ କରାଯାଉ ନ ଥିବାରୁ ଯୋଡ଼ାରେ ଅପରାଧ ବୃଦ୍ଧି ପାଉଥିବାରେ ଲାଗିଥିବା ମତପ୍ରକାଶ ପାଉଛି। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନରେ ଦୁର୍ବୃତ୍ତ ବାଇକ୍‌ରେ ଆସି ଟଙ୍କା ଗାଡ଼ିକୁ ଲୁଟ୍ କରିବା ପାଇଁ ଉଦ୍ୟମ କରିଥିଲେ। ସୁରକ୍ଷାକର୍ମୀ ବଳରାମ ପୃଷ୍ଟିଙ୍କ ସାହସିକତା ପାଇଁ ଯୋଜନା ପଣ୍ଡ ହୋଇଥିଲା। ଦିନ ଦ୍ୱିପ୍ରହରରେ ଘଟଣା ଘଟିଥିଲେ ହେଁ ଦୁର୍ବୃତ୍ତଙ୍କ କୌଣସି ସନ୍ଧାନ ମିଳି ନ ଥିବା ଯୋଡ଼ା ଥାନା ଆଇଆଇସି ଲୋକେଶ ସାହୁ କହିଛନ୍ତି। ଟିମ ଗଠନ କରାଯାଇ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଉଥିବା ସେ କହିଥିଲେ। ଅନ୍ୟପକ୍ଷେ ଯୋଡ଼ାର ବିଭିନ୍ନ ଖଣିରେ ବାହାର ରାଜ୍ୟର ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ଏମାନଙ୍କର ଠିକ୍ ତଥ୍ୟ ପୋଲିସ ପାଖରେ ଅଛି କି ନାହିଁ ଏହା ମଧ୍ୟ ସହରବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ନିଯୁକ୍ତି ବେଳେ ଖଣି କମ୍ପାନୀ ପୋଲିସ ଭେରିଫିକେସନ ସାର୍ଟିଫିକେଟ ଆବଶ୍ୟକତା କରୁଥିବା ବେଳେ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟର ଶ୍ରମିକଙ୍କ କ୍ଷେତ୍ରରେ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ସୋର, ୧୬।୧୦ (କଲ୍ୟାଣ ମିଶ୍ର)

ସୋର ଥାନା ଅଧୀନ ଗୁଡିସାହି ଗ୍ରାମରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ମହିଳା ହେଲେ ମହୁପ୍ରଣ ପଞ୍ଚାୟତ ଗୁଡିସାହି ଗ୍ରାମର ଗୁନା ସିଂଙ୍କ ସ୍ତ୍ରୀ ଲକ୍ଷ୍ମୀ(୩୦)। ବୁଧବାର ସକାଳେ ଲକ୍ଷ୍ମୀ ଘରୁ ବାହାରକୁ ଯାଇଥିବା ବେଳେ ଘର ନିକଟରେ ଥିବା ଏକ ନିମ୍ବ ଗଛରେ ପିନ୍ଧିଥିବା ଶାଢୀରେ ବେକରେ ଲଗାଇ ଝୁଲିଥିବା ନେଇ ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଛି। ଏନେଇ ସୋର ଥାନାରେ କେସ୍ ନଂ. ୭୯/୨୪ ରୁଜୁ ହୋଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

# ପାଣିକୋଇଲିରେ ଗଜଲକ୍ଷ୍ମୀ ପୂଜା, କୁମାର ପୂର୍ଣ୍ଣିମା



ପାଣିକୋଇଲି, ୧୬।୧୦ (ବିକାଶ ମଲ୍ଲିକ):

ପାଣିକୋଇଲି ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା, କୁମାର ପୂର୍ଣ୍ଣିମା ପାଳିତ ହୋଇଛି। ଅଞ୍ଚଳର ଅଳକିରି ମା' ଲକ୍ଷ୍ମୀପୀଠ, ଚାନ୍ଦପୁର, ସୋତି, ପାଣିକୋଇଲି ଧଳସାହି, ଓଡିଶା ଏବଂ ଓଡିଶା ରୋଡସ୍ଥିତ ଲକ୍ଷ୍ମୀବିହାର ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହେଉଛି। ସୁସଜ୍ଜିତ ଆଲୋକମାଳା, ତୋରଣ ଭକ୍ତଙ୍କୁ ଆକର୍ଷିତ କରୁଛି। ସେହିପରି କୁମାର ପୂର୍ଣ୍ଣିମା ପାଇଁ ଗାଁଦାଣ୍ଡଗୁଡ଼ିକ ପଡୁଛି। ଚନ୍ଦ୍ର ଗ୍ରହଣ ପାଇଁ ଦିନରେ କୁମାରୀମାନେ ଚାନ୍ଦପୂଜା କରିଛନ୍ତି। ଚନ୍ଦ୍ର ବଦଳରେ ସୂର୍ଯ୍ୟାଲୋକରେ ପର୍ବ ପାଳନ କରାଯାଇଛି। କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରି ଚଉଁରା ମୂଳେ ଚାନ୍ଦ ବନ୍ଧାଇଛନ୍ତି।

# ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ସହାୟତା

ରସୁଲପୁର, ୧୬।୧୦ (ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋକରା ପଞ୍ଚାୟତ ସେରପୁର ଗ୍ରାମର ମଧୁସୂଦନ ମଲିକଙ୍କ ଶୁଦ୍ଧିକ୍ରିୟା ପାଇଁ ସହାୟତାର ହାତ ବଢ଼ାଇଛନ୍ତି ବିଭିନ୍ନ ସାମାଜିକ ଅନୁଷ୍ଠାନ। ମୃତ ବ୍ୟକ୍ତିଙ୍କ କୌଣସି ସନ୍ତାନସନ୍ତତି ନ ଥିବାରୁ ଦୂର ସମ୍ପର୍କୀୟ ଶୁଦ୍ଧିକ୍ରିୟା ଦାୟିତ୍ୱ ନିର୍ବାହ କରିଥିଲେ। ମୃତକ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଶୁଦ୍ଧିକ୍ରିୟା କିଭଳି ଭାବରେ କରାଯିବ ସେ ନେଇ ପରିବାର ପକ୍ଷରୁ ସହାୟତା ପାଇଁ ନିବେଦନ କରାଯାଇଥିଲା। ଉକ୍ତ ନିବେଦନ ଆଧାରରେ ସ୍ଥାନୀୟ ସରପଞ୍ଚ ସହାୟତାର ହାତ ବଢ଼ାଇବା ସହ ଜିଲାରେ କାର୍ଯ୍ୟକରୁଥିବା ଏକାଧିକ ସାମାଜିକ ଅନୁଷ୍ଠାନର ସହାୟତା ଲୋଡ଼ିଥିଲେ। ସେହି ଅନୁସାରେ ଯାଜପୁର ଜିଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହ୍ୟୁମାନ ୱେଲଫାୟାର, ସରୋଜିନୀ ସ୍ମୃତି ସଂସଦ, ହେଲ୍ପିଂହ୍ୟାଣ୍ଡସର ସଦସ୍ୟମାନେ ପହଞ୍ଚି ମୃତବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିବା ସହ ତାଙ୍କ ସ୍ତ୍ରୀଙ୍କ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ମାଘଧାରଙ୍କ ମୃତ୍ୟୁ ପରେ ପରିବାର ପରୁଷଶୂନ୍ୟ ହୋଇଯାଇଛି। ବାପ ଘରେ ଆଶ୍ରିତ ଭଉଣୀ ପକ୍ଷାଘାତ ରୋଗରେ ପୀଡ଼ିତ। ତାଙ୍କ ଆରୋଗ୍ୟ ପାଇଁ ଔଷଧ କିଣିବାକୁ ପରିବାର ଲୋକଙ୍କ ପାଖରେ ସମ୍ବଳନାହିଁ। ବଡ଼ଭାଇଙ୍କ ମୃତ୍ୟୁପରେ ଭାଉଜଙ୍କ ଛାଡ଼ିଦେଲେ ପରିବାରରେ ଆଉ କେହିନାହାନ୍ତି। ପରିବାର କହିଲେ ମାତ୍ର ୩ଜଣ ସ୍ତ୍ରୀ ଲୋକ। ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ପଦକ୍ଷେପ ନିଆଯିବା ନେଇ ହ୍ୟୁମାନ ୱେଲଫାୟାର ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ପରିବାରକୁ ଆତ୍ମନିର୍ଭରଶୀଳ କରିବା ପାଇଁ କ'ଣ କରିବାକୁ ହେବ ସେ ବିଗରେ ସଂଗଠନ ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରାଯାଇଛି। ଶୁଦ୍ଧିକ୍ରିୟାରେ ଆବଶ୍ୟକ ହେବା ବିଭିନ୍ନ ରାଶନ ସାମଗ୍ରୀ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ହ୍ୟୁମାନ ୱେଲଫାୟାର ଅନୁଷ୍ଠାନର ପରମାନନ୍ଦ ସାହୁ, ଆଶିଷ ସାହୁ, ପ୍ରଧାନଶିକ୍ଷକ ବୈକୁଣ୍ଠ ନାଥ ସାହୁ, ସରୋଜିନୀ ସ୍ମୃତି ସଂସଦ ପକ୍ଷରୁ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି, ହେଲ୍ପିଂହ୍ୟାଣ୍ଡସର ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି। ସେହିପରି ଉକ୍ତ ପରିବାରକୁ ସାହି ପିଡ଼ିଶା ଲୋକେ ଓ ବାବାନ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଥିବା ଜଣାପଡ଼ିଛି।


ଅସହାୟ ପରିବାରକୁ ସହାୟତା ପ୍ରଦାନ କରିବାକୁ ଆସିଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତା।

# ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ


ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିବା ଏନ୍‌ଡିଆରଏଫ୍ ଟିମ୍ ଓ ଅନ୍ୟମାନେ।

ଯାଜପୁରରୋଡ୍, ୧୬।୧୦ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର ବ୍ୟାସନଗର ସହରର ରାଜୀବ ଗାନ୍ଧୀ ଷ୍ଟାଡିୟମଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଉଦ୍‌ଘାଟନ କରିଥିଲେ। ଜିଲା ଜରୁରୀକାଳୀନ ବିଭାଗ ଅଧିକାରୀଙ୍କ ଉପସ୍ଥିତରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବାହିନୀ(ଏନ୍‌ଡିଆରଏଫ) ପକ୍ଷରୁ ମକ୍‌ଡ୍ରିଲ କରାଯାଇଥିଲା। ଜନସାଧାରଣ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ଏବଂ ଅନ୍ୟମାନଙ୍କୁ କିପରି ସୁରକ୍ଷା ଯୋଗାଇ ପାରିବେ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ୩୦ରୁ ଉର୍ଦ୍ଧ୍ୱ ଏନ୍‌ଡିଆରଏଫ୍ କର୍ମୀ, କଳିଙ୍ଗନଗର ଶିଳ୍ପାଞ୍ଚଳ କାରଖାନାର ୧୦ରୁ ଉର୍ଦ୍ଧ୍ୱ ଦମକଳ ବାହିନୀ, ଯାଜପୁରରୋଡ୍, ଦାନଗଦି ଓ ବୈତରଣୀ ରୋଡ୍ ଆଦି ଅଞ୍ଚଳର ଅଗ୍ନିଶମ ବାହିନୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଶିଳ୍ପାଞ୍ଚଳର ବରିଷ୍ଠ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ। ସହରର ବହୁ ଅନୁଷ୍ଠାନ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ସୁରକ୍ଷା ସମ୍ପର୍କିତ ସଚେତନତା ଉପରେ ଅବଗତ ହୋଇଥିଲେ।

# ଘର ଭାଙ୍ଗିଲେ, ଚାଉଳ ଖାଇଲେ ହାତୀପଲ

ପାଟଣା, ୧୬।୧୦ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ଥମୁନି ହାତୀପଲଙ୍କ ଉପଦ୍ରବ। ଏକ ୨୪ ଟିକିଆ ହାତୀପଲ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ କେନ୍ଦୁଆପଡ଼ା ଗ୍ରାମରେ ସନ୍ତୋଷ ନାଏକଙ୍କ ଖପର ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଛନ୍ତି। ବୁଧବାର ସକାଳୁ ହାତୀପଲ ମାଧପୁର ଗାଁ ନିକଟରେ ପହଞ୍ଚି ଏକ ଶାଳ ଜଙ୍ଗଲରେ ଡେରା ପକାଇଥିଲେ। ଅପରାହ୍ନରେ ହାତୀପଲ ମାଧପୁର ଜଙ୍ଗଲ ଭିତରେ ଥିବା ପୋଖରୀରେ ଜଳକ୍ରୀଡ଼ା କରିଥିଲେ। ଏହାକୁ ଦେଖିବାକୁ, ଭିଡିଓ କରିବାକୁ ଲୋକଙ୍କ ଭିଡ଼ ହୋଇଥିଲା। ହାତୀପଲ ଉପରେ ବନବିଭାଗ ନଜର ରଖିଛି। ବୁଧବାର ସନ୍ଧ୍ୟାରେ ପାଟଣା ସଂରକ୍ଷିତ ଜଙ୍ଗଲର ମାଧପୁରରେ ହାତୀପଲ ଡେରା ପକାଇଥିବା ବନପାଳ ପିଥନ ନାଏକ କହିଛନ୍ତି।

# ଲକ୍ଷାଧିକ ଟଙ୍କାର କାଠ ସହ ଯନ୍ତ୍ରାଂଶ ଜବତ

## ବେଆଇନ କରତକଳ ଉପରେ ବନ ବିଭାଗର ଚଢ଼ାଉ

ନୀଳଗିରି, ୧୬।୧୦ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଦିନକୁ ଦିନ ଚୋରା ବେଆଇନ କରତ କଳ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ବାଲେଶ୍ୱର ଏସିଏଫ ସସ୍ମିତା ସାହୁଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ବନବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଏକ ବେଆଇନ କରତକଳ ଉପରେ ଚଢାଉ କରାଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର କାଠ ସହ ଯନ୍ତ୍ରାଂଶ ଜବତ ହୋଇଛି।ସୂଚନା ଯେ, ବୁଧବାର ବିଳମ୍ବିତ ରାତିରେ ଏସିଏଫ୍ ସାହୁ ଓ ନୀଳଗିରି ରେଞ୍ଜର ଆଇସା ଏ ନିଶାଙ୍କ ନେତୃତ୍ୱରେ ଏକ ଟିମ୍ ନୀଳଗିରି ବନବିଭାଗ ଅଧୀନ ପୂର୍ବଗଡ଼ିଆଠାରେ ଚାଲୁଥିବା ଏକ ବେଆଇନ କରତ କଳ ଉପରେ ନୀଳଗିରି ପୋଲିସ ଓ ନୀଳଗିରି ରେଞ୍ଜ ଅଧୀନ ସମସ୍ତ କର୍ମଚାରୀଙ୍କ ଦ୍ୱାରା ଚଢାଉ କରାଯାଇଥିଲା। ଏହି କରତକଳରୁ ସମସ୍ତ ଯନ୍ତ୍ରାଂଶ ଜବତ ହେବା ସହ ଇଉକାଲିପଟାସ, ଆମ୍ବ, ସିମୁଳି ଆଦି କାଠ ଗଣ୍ଡି ଜବତ କରାଯାଇଛି। ଜବତ କାଠର ପରିମାଣ ୧୫୦.୨୨ ସିଫ୍ଟ ଅଟେ। ଜବତ ହୋଇଥିବା କାଠ ଓ କରତକଳ ଯନ୍ତ୍ରାଂଶର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ନୀଳଗିରି ରେଞ୍ଜ ଅଫିସର ପ୍ରକାଶ କରିଛନ୍ତି। ଚଢାଉ ବେଳେ ଚୋରା ବେପାରୀମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି।

# କାଳୀପୂଜା ପାଇଁ ମାଟି ଉଠାଣ

ଯାଜପୁରରୋଡ୍, ୧୬।୧୦ (ପବିତ୍ର ରଞ୍ଜନ ମହାନ୍ତି):


ମାଟି ଉଠାଣ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ବ୍ୟାସନଗର ସହରର ଗଣପର୍ବ କାଳୀପୂଜା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ମାଟି ଉଠାଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଛି। ସହରର ଚୋରଦା ବାଇପାସର ଆର୍ଯ୍ୟନ କ୍ଲବ ଓ ନୂତନ ଭାବେ ଚଳିତ ବର୍ଷ ପୂଜା ଆରମ୍ଭ କରିବାକୁ ଯାଉଥିବା କଲେଜ ସ୍କୋୟାର ପାଣ୍ଡୁଆସ୍ଥିତ ମା' ଦକ୍ଷିଣେଶ୍ୱରୀ କାଳୀ ପୂଜା କମିଟି ପକ୍ଷରୁ ମାଟି ଉଠାଣ କରାଯାଇଛି। ବ୍ରଜନଗରସ୍ଥିତ ପୁଣ୍ୟତୋୟା ବୈତରଣୀ ନଦୀ ଲିଙ୍ଗେଶ୍ୱର ମହାଦେବ ଘାଟରୁ ପୂଜାପାଠ ହୋମ ଯଜ୍ଞ କରାଯାଇ ମାଟି ଉଠାଯାଇଛି। ଏହି ମାଟିକୁ ପୂଜା ମଣ୍ଡପକୁ ଅଣାଯାଇଛି। କାର୍ଯ୍ୟକ୍ରମରେ ଆର୍ଯ୍ୟନ ପୂଜା କମିଟି ସଭାପତି ରବିନାରାୟଣ ପୁହାଣ, ସମ୍ପାଦକ ନିମାଇଁ ରାଉତ, ମୁଖ୍ୟ କର୍ତ୍ତା ଦାମୋଦର ନନ୍ଦ ପ୍ରମୁଖ କ୍ଲବର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ। ସେହିପରି ମା' ଦକ୍ଷିଣେଶ୍ୱରୀ ପୂଜା କମିଟି ପକ୍ଷରୁ ସଭାପତି ପ୍ରଶାନ୍ତ ବୋରାଡାଇ, ସମ୍ପାଦକ ଚୈତାଲୀ ଧଳ, ମୁଖ୍ୟକର୍ତ୍ତା ରାଧାବଲ୍ଲଭ ତ୍ରିପାଠୀ ଓ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହିପରି ସହରର ଅନ୍ୟ ୧୫ ପୂଜା କମିଟି ପକ୍ଷରୁ ବିଭିନ୍ନ ସ୍ଥାନରୁ ମାଟି ଉଠାଣ କରାଯାଇଛି। ଆସନ୍ତା ୩୧ତାରିଖରେ ପୂଜା ଅନୁଷ୍ଠିତ ହେବାକୁ ଯାଉଥିବାରୁ କମିଟିଗୁଡ଼ିକ ପକ୍ଷରୁ ତତ୍ପରତା ପ୍ରକାଶ ପାଉଛି।

# ଢିପଜମି ଫାଟିଲାଣି, ଚାଷୀଙ୍କୁ ପାଣିପମ୍ପ ମିଳୁନି

- ପାୱାରଟିଲର କେନ୍ଦ୍ରାପଡ଼ାରୁ ଯାଉଛି କୋଲକାତା
- କ୍ଷେତ ବଦଳରେ ରାସ୍ତାରେ ଗଡ଼ୁଛି ଟ୍ରାକ୍ଟର
- ମିଛ ଚାଷୀ ହଡ଼ପ କରୁଛନ୍ତି କୃଷି ଉପକରଣ ସବ୍‌ସିଡି



**କେନ୍ଦ୍ରାପଡ଼ା, ୧୬।୧୦(ଜଗନ୍ନାଥ ଧଳ)**

ଚଳିତବର୍ଷ କେନ୍ଦ୍ରାପଡ଼ାରେ ବର୍ଷା ପରିମାଣ କମ ରହିଛି। ଜିଲାର ପ୍ରାୟ ୩୧ ହଜାର ହେକ୍ଟର ଜମି ଉଚ୍ଚା ହୋଇଥିବାରୁ ମରୁଡ଼ି ଅବସ୍ଥାକୁ ଆସିଛି। ଏହି ସମୟରେ ପାଣିର ଆବଶ୍ୟକତା ଅଛି। ଚାଷୀଙ୍କୁ ସବ୍‌ସିଡିରେ ପାଣି ପମ୍ପ ଯୋଗାଇ ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନା ପ୍ରଣୟନ କରିଥିଲେ ମଧ୍ୟ କୃଷି ବିଭାଗରେ ଆବଶ୍ୟକ ସଂଖ୍ୟକ ଉପଲବ୍ଧ ନାହିଁ। ଯେତିକି ପରିମାଣରେ ଆସୁଛି, ଅଧିକାଂଶ ମିଛ ଚାଷୀ ହଡ଼ପ କରୁଛନ୍ତି। ଏ ନେଇ ଚାଷୀମାନେ ଗତ ୫ବର୍ଷ ମଧ୍ୟରେ ରିହାତି ଦରରେ ବିକ୍ରୟ ହୋଇଥିବା କୃଷି ସରଞ୍ଜାମ ସମ୍ପର୍କରେ ତଦନ୍ତ ଦାବି କରିଛନ୍ତି।

ଏ ସମ୍ପର୍କରେ କୃଷକ ନେତା ପ୍ରତ୍ୟୁଷ କୁମାର ରାଉତ କହିଛନ୍ତି, ଫାର୍ମ ମେକାନାଇଜ୍ ସ୍କିମ୍‌ରେ କୃଷି ସରଞ୍ଜାମ ୨୦ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ଚାଷୀଙ୍କୁ ରିହାତି ମିଳୁଛି। ତେବେ ଏହି ରିହାତି ଅର୍ଥ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। କୃଷି ବିଭାଗର କେତେଜଣ ଅଧିକାରୀ, ସପ୍ଲାୟର ସବ୍‌ସିଡି ଅର୍ଥକୁ ହେରଫେର କରୁଥିବା ଦେଖାଯାଉଛି। ୨୦୨୨ ମସିହାରେ କମ୍ବାଇନ ହାର୍ଭେଷ୍ଟର କିଣିବା ପାଇଁ କୃଷି ବିଭାଗରେ ଆବେଦନପତ୍ର ଦେଇଥିଲେ। କେନ୍ଦ୍ରାପଡ଼ା ଜିଲା ପାଇଁ ହାର୍ଭେଷ୍ଟର ଆଲଟମେଣ୍ଟ ହେବା ପରଦିନ ବିକ୍ରି ସରି ଯାଇଥିବା ବିଭାଗୀୟ ଅଧିକାରୀଙ୍କ ସମେତ ସପ୍ଲାୟର କହିଥିଲେ। ଅଭିଯୋଗକାରୀ ଚାଷୀ ମଦନମୋହନ ସାହୁ କହିଛନ୍ତି, ସରକାର ଚାଷୀଙ୍କୁ ସବ୍‌ସିଡିରେ ଟ୍ରାକ୍ଟର, ପାୱାରଟିଲର, ପାଣିପମ୍ପ, ଧାନ ଓ ବାଦାମ ଝଡ଼ା ମେଶିନ ଆଦି ବିଭିନ୍ନ କୃଷି ଯନ୍ତ୍ରପାତି ତଥା ଉପକରଣ ଯୋଗାଉଛନ୍ତି। ଏଥିପାଇଁ ସହରର ଦୁହୁରିଆ, ଖଡ଼ିଅଙ୍ଗ, ଗରାପୁର, ଗୋପ ଆଦି ଅଞ୍ଚଳରେ ପ୍ରାଧିକୃତ ସପ୍ଲାୟର ଅଛନ୍ତି। ତେବେ କ୍ଷେତରେ ଜଳସେଚନ ପାଇଁ ପାଣି ପମ୍ପଟିଏ ସମ୍ପୃକ୍ତ ସପ୍ଲାୟରଠାରୁ କୃଷି ବିଭାଗର ମଞ୍ଜୁରୀ ସତ୍ତ୍ୱେ ରିହାତି ଦରରେ ମିଳୁନାହିଁ। ମିଳୁଥିବା ୫୦ ପ୍ରତିଶତ ରିହାତି କାହା ଖାତାକୁ ଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଅନ୍ୟତମ ଅଭିଯୋଗକାରୀ ଆଶିଷ କୁମାର ମହାପାତ୍ର କହିଛନ୍ତି, କେନ୍ଦ୍ରାପଡ଼ା ଜିଲାକୁ ଆସୁଥିବା ପାୱାରଟିଲର କୋଲକାତାକୁ ଚାଲାଣ ହେଉଥିବା ବହୁ ସମୟରେ ଦେଖାଯାଉଛି। ସେହିପରି କୃଷି କ୍ଷେତ ପାଇଁ ଆସିଥିବା ଟ୍ରାକ୍ଟର ଏବେ ରାସ୍ତାରେ ପରିବହନ କାର୍ଯ୍ୟରେ ଲାଗୁଛି। ମିଛ ଚାଷୀଙ୍କ ପରମିଟ୍‌ରେ ବ୍ୟବସାୟୀମାନେ ଟ୍ରାକ୍ଟର, ପାୱାରଟିଲର ହାତଉଥିବାରୁ ପ୍ରଶାସନିକ ତଦନ୍ତ ହେଲେ ବହୁ ଅନିୟମିତତା ପଦାକୁ ଆସିବ। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ଆସନ୍ତା ଡିସେମ୍ବରରେ ଖରିଫ ଧାନ ଅମଳ ହେବ। ଚାଷ ପାଇଁ ଅଧିକ ହାର୍ଭେଷ୍ଟର ଓ ପାୱାରଟିଲର, ପାଣି ପମ୍ପ ଆବଶ୍ୟକ। ରିହାତି ଦରରେ ବିକ୍ରୟ ହେଉଥିବା କୃଷି ସାମଗ୍ରୀ ବ୍ୟବସାୟୀମାନେ କାଗଜପତ୍ରରେ ବିକ୍ରି କରି ଦେଉଥିବା ଦର୍ଶାଉଛନ୍ତି। ଏହାର ସବ୍‌ସିଡି ଅର୍ଥ ସପ୍ଲାୟର ହାତେଇ ନେଉଛନ୍ତି। ଏ ନେଇ ଜିଲା ପ୍ରଶାସନ ତଦନ୍ତ କରିବା ଜରୁରୀ ହୋଇ ପଡ଼ିଛି। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ରିହାତି ଅର୍ଥରେ ବିକ୍ରୟ ହେଉଥିବା କୃଷି ସରଞ୍ଜାମରେ ଅନିୟମିତତା ହୋଇଥିବା ନେଇ ଚାଷୀଙ୍କ ଅଭିଯୋଗକୁ ତଦନ୍ତ କରାଯିବ। ଏ ନେଇ ଜିଲା କୃଷି ଅଧିକାରୀଙ୍କୁ ସୂଚନା ଦିଆଯାଇଛି। ବିଭାଗୀୟ ତଦନ୍ତ ପରେ ଅଭିଯୋଗର ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।



ରଘୁନାଥପୁର ତାରପୁର ପଞ୍ଚାୟତ ଗୋପାଳପୁର ଗାଁ ଦାଣ୍ଡରେ ପାଳ ଭୂତ ବୁଲୁଛି।

## ଗଜଲକ୍ଷ୍ମୀ ପୂଜା, କଳସଯାତ୍ରା

**ବାଲିକୁଦା, ୧୬।୧୦ (ତାପସ ସ୍ୱାଇଁ)**

ବାଲିକୁଦା ବ୍ଲକ କୁଶୁପୁର ପଞ୍ଚାୟତ ଖଡ଼ିକା ଦଣ୍ଡା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୨୯ ତମ ଗଜଲକ୍ଷ୍ମୀ ପୂଜା ବୁଧବାରଠାରୁ ଆରମ୍ଭ ହୋଇଛି। ଗାଁ କମିଟିର ସୁପରିଚାଳନାରେ ଗ୍ରାମର ସମସ୍ତ ଲୋକଙ୍କ ସହଯୋଗରେ ପୂଜା ହେଉଛି। ବୁଧବାର ସକାଳୁ କଳସ ଯାତ୍ରା, ନାରାୟଣ ସ୍ଥାପନା ସହ ସୂର୍ଯ୍ୟପୂଜା କାର୍ଯ୍ୟ ଶେଷକରି ପଣ୍ଡିତମାନେ ଯଜ୍ଞ ଆରମ୍ଭ କରିଥିଲେ। କଳସ ଯାତ୍ରା ସମୟରେ କର୍ତ୍ତାକର୍ତ୍ତ୍ରୀଙ୍କ ସହିତ ଗାଁର ଶତାଧିକ ମହିଳା ସାମିଲ ଥିଲେ। ୩ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଗୁରୁବାର ମା' ଙ୍କ ଷୋଡ଼ଶ ଉପଚାର ପୂଜା ଓ ଶୁକ୍ରବାର ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଏଥିରେ ଗ୍ରାମବାସୀଙ୍କ ପକ୍ଷରୁ ୫ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଇଛି।



କଳସ ଯାତ୍ରା ।

## ସାପ କାମୁଡ଼ାରେ ଜଣେ ମୃତ ଘଟଣା: ଥାନାରେ ମାମଲା

**ଏରସମା, ୧୬।୧୦ ( ଦୀପ୍ତି ଖଣ୍ଡୁଆଳ)**

ତିର୍ତ୍ତୋଲ ଥାନା ଅନ୍ତର୍ଗତ ନରୁଆ ଗ୍ରାମର ଜଣେ ବ୍ୟକ୍ତିଙ୍କର ସାପ କାମୁଡ଼ାରେ ମୃତ୍ୟୁ ହେବା ଘଟଣା ଭିନ୍ନ ମୋଡ଼ ନେଇଛି। ଚିକିତ୍ସା ଅଭାବରୁ ତାଙ୍କର ମୃତ୍ୟୁ ଘଟିଥିବା ଏରସମା ଥାନାରେ ଅଭିଯୋଗ ହୋଇଛି। ନରୁଆ ଗ୍ରାମର ଶଶୀଭୂଷଣ ଚଇନି ସ୍ଥାନୀୟ ଛକରେ ଔଷଧ ଦୋକାନ କରିଥିଲେ। ଗତ ୧୩ ତାରିଖରେ ଔଷଧ ଦୋକାନର ଥାକରେ ଥିବା ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ରକ୍ତ ନିଆଯାଇଥିଲା। ସାପ କାମୁଡ଼ିଥିବା ଜଣାପଡ଼ିବା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶଶୀଭୂଷଣଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାରେ ଅବହେଳା କରାଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ଅପରାଜିତା ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୪୪୨/୨୪ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦିଲୀପ ସାଗରଙ୍କୁ ପଚାରିବାରୁ ତାଙ୍କଠାରୁ ରକ୍ତ ପରୀକ୍ଷା ପାଇଁ ନିଆଯାଇଥିଲା। ୩୦ ମିନିଟ୍ ପରେ ତାଙ୍କ ରକ୍ତରୁ ନେଗେଟିଭ ବାହାରିଥିଲା। ମାତ୍ର ସେତେବେଳକୁ ସେ ଆମକୁ ନ ଜଣାଇ ଚାଲି ଯାଇଥିଲେ ବୋଲି ସେ କହିଛନ୍ତି।

## ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ୧୧୪ କଳସଯାତ୍ରା



**ରଘୁନାଥପୁର, ୧୬।୧୦ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଖଣ୍ଡତରି ଗ୍ରାମରେ ଦ୍ୱାଦଶ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୦ଦିନ ବ୍ୟାପୀ ମା'ଙ୍କ ଏହି ଭବ୍ୟ କାର୍ଯ୍ୟକ୍ରମ ନିମନ୍ତେ ସ୍ଥାନୀୟ ମହାନଦୀ ତଟସ୍ଥ ବାନାମ୍ବର ଘାଟରୁ ଗ୍ରାମବାସୀ ୧୧୪ କଳସରେ ଜଳ ଆଣି ପୂଜାନୀତି ଆରମ୍ଭ କରିଛନ୍ତି। ସକାଳୁ ସମସ୍ତ ଶ୍ରଦ୍ଧାଳୁ ଗ୍ରାମବାସୀ ବାନାମ୍ବର ଘାଟରେ ପହଞ୍ଚିଥିଲେ। ବୈଦିକ ରୀତିରେ ପୂଜାର୍ଚ୍ଚନା ପରେ ଗ୍ରାମବାସୀ ପୂର୍ଣ୍ଣକୁମ୍ଭ ଜଳ ନେଇ ଏକ ଶୋଭାଯାତ୍ରାରେ ଗଜଲକ୍ଷ୍ମୀ ମଣ୍ଡପ ଅଭିମୁଖେ ଯାତ୍ରା କରିଥିଲେ। ଘଟ ସ୍ଥାପନ ପରେ ଅପରାହ୍ନ ୩ଟାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା। ଦୈନନ୍ଦିନ ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ଭଜନ ସନ୍ଧ୍ୟା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି କର୍ମକର୍ତ୍ତାଙ୍କଠାରୁ ପ୍ରକାଶ। ମା'ଙ୍କ ଏହି କାର୍ଯ୍ୟ ଗ୍ରାମବାସୀଙ୍କୁ ଏକ ସୂତ୍ରରେ ବାନ୍ଧି ରଖିପାରିଛି ବୋଲି ଉମେଶ ଚନ୍ଦ୍ର ପରିଡ଼ା କହିଛନ୍ତି।

## ବନ୍ଦଘରୁ ଲୋକୋ ପାଇଲଟ୍‌ଙ୍କ ମୃତଦେହ ଜବତ

**ପାରିବାରିକ ଅଶାନ୍ତିରୁ ଆତ୍ମହତ୍ୟା କରିଥିବା ଅଭିଯୋଗ**

**ପାରାଦୀପ, ୧୬।୧୦(ଶରତ ରାଉତ)**

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ମଧୁବନ କଲୋନୀର ଏକ କ୍ୱାର୍ଟର୍ସ ପରିସରରୁ ବୁଧବାର ଜଣେ ଲୋକୋ ପାଇଲଟ୍‌ଙ୍କ ମୃତଦେହ ପୋଲିସ ଜବତ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୧୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକ ହେଲେ ସୌମ୍ୟରଞ୍ଜନ ବେହେରା (୩୯)। ତାଙ୍କ ଘର ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳରେ। ସେ ପାରାଦୀପ ବନ୍ଦର ରେଳବାଇର ଲୋକୋ ପାଇଲଟ ଭାବେ କାମ କରୁଥିଲେ। ପାରିବାରିକ ଅଶାନ୍ତିରୁ ସ୍ତ୍ରୀ ସ୍ୱାମୀ ଅଲଗା ରହୁଥିଲେ। ମଙ୍ଗଳବାର ରାତିରେ ସୌମ୍ୟରଞ୍ଜନ ଏକା ଘରେ ଶୋଇଥିଲେ। ବୁଧବାର ସକାଳୁ ଘର ଖୋଲା ନ ହେବା ଏବଂ ଫୋନ୍ ରିସିଭ୍ ନ କରିବାରୁ ତାଙ୍କ ବାପା ପୀତବାସଙ୍କୁ ଖବର ଦିଆଯାଇଥିଲା। ବୃଦ୍ଧ ବାପା ଆସି ଅପରାହ୍ନରେ ପହଞ୍ଚିବା ପରେ ପୋଲିସ କବାଟ ଭାଙ୍ଗି ଘର ଭିତରେ ପଙ୍ଖାରେ ଗାମୁଛା ସାହାଯ୍ୟରେ ସୌମ୍ୟରଞ୍ଜନ ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ଜବତ କରିଥିଲା।

## ଷ୍ଟାଡିୟମରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

**ଜଗତ୍‌ସିଂହପୁର, ୧୬।୧୦ (ପ୍ରମୋଦ କୁମାର ନାୟକ)**

ଦୀର୍ଘଦିନ ହେବ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ପାଇଁ ଦାବିହୋଇ ଆସୁଥିଲା। ଏ ସମ୍ପର୍କରେ କ୍ରୀଡ଼ାବିତ୍‌ମାନେ ଜିଲା କ୍ରୀଡ଼ା ବିଭାଗ ଓ ପ୍ରଶାସନକୁ ଜଣାଇ ନିରାଶ ହୋଇଥିଲେ। ତେବେ ନିକଟରେ ସୋଲମେଟ୍ ଓ ଟ୍ରାକ୍ କ୍ଲବର ସଦସ୍ୟମାନେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଏ ସମ୍ପର୍କରେ ଅବଗତ କରାଇ ଯଥାଶୀଘ୍ର ସୁବିଧା କରିବାକୁ ଅନୁରୋଧ କରିଥିଲେ। କ୍ରୀଡ଼ାବିତ୍‌ମାନଙ୍କ ଦାବିକୁ ପୂରଣ କରିବାକୁ ଯାଇ ବିଧାୟକ ବୁଧବାର ଷ୍ଟାଡିୟମ ପରିସରରେ ଏକ ଥଣ୍ଡା ପାନୀୟଜଳ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ବିଡିଓ ଆଶୁତୋଷ ମିଶ୍ର ଓ ଶିକ୍ଷାବିତ୍ ତପନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ୍ ସ୍ୱାଇଁ, ବିଦ୍ୟୁଭୂଷଣ ଦାସ, ଗୌରୁ, ଶେଖର, ନିରଞ୍ଜନ, ଦୀପକ ମଲ୍ଲିକ, ସୁକାନ୍ତ ମଲ୍ଲିକ, ପ୍ରଶାନ୍ତ, ହେମା, କାବୁ ଓ ପପୁ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଅମରେନ୍ଦ୍ର ଦାସ ଥଣ୍ଡା ପାନୀୟଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ଅଭିଯାନ



### ପାରାଦୀପରେ ପୁନରୁଦ୍ଧାର ହେବ ୨୫ ଅଙ୍ଗନୱାଡ଼ି କେନ୍ଦ୍ର

**ଭୁବନେଶ୍ୱର, ୧୬।୧୦:**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆର ନୂତନ ଅଭିଯାନ 'ଅଙ୍ଗନୱାଡ଼ି କେନ୍ଦ୍ରର ପୁନରୁଦ୍ଧାର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର କାର୍ଯ୍ୟକ୍ଷେତ୍ର ପାରାଦୀପ ନିକଟସ୍ଥ ନୂଆଗଡ଼, ପାରାଦୀପଗଡ଼ ଓ ଭୂତମୁଣ୍ଡେଇ ପଞ୍ଚାୟତର ୨୫ ଅଙ୍ଗନୱାଡ଼ି କେନ୍ଦ୍ରର ପୁନରୁଦ୍ଧାର ପାଇଁ ଆବ୍ୟଶକ ପଦକ୍ଷେପ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର କର୍ପୋରେଟ୍ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ ଏହି ଅଭିଯାନ (ପ୍ରକଳ୍ପ) ଆରମ୍ଭ ହୋଇଛି। ଏପରିକି କମ୍ପାନୀର ସିଏସ୍ଆର୍ ପଦକ୍ଷେପ 'ପଢ଼େଗା ଭାରତ'ର ଏକ ଅଂଶ ବିଶେଷ ଭାବେ ଓଡ଼ିଶାର ପାରାଦୀପସ୍ଥିତ ନୂଆଗଡ଼, ପାରାଦୀପଗଡ଼ ଓ ଭୂତମୁଣ୍ଡେଇ ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ପୁନରୁଦ୍ଧାର ପାଇଁ ଏହି ନୂତନ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ସେହିଭଳି କମ୍ପାନୀର ଏହି ପଦକ୍ଷେପ ଦ୍ୱାରା ଉପରୋକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ୧ ହଜାରରୁ ଅଧିକ ଶିଶୁ ଏବଂ ସେଠାରେ କାର୍ଯ୍ୟରତ ସହାୟକ କର୍ମଚାରୀ ବିଶେଷ ଭାବେ ଉପକୃତ ହେବେ। ସେହିପରି ପ୍ରାକ୍ ବିଦ୍ୟାଳୟ ଶିକ୍ଷାରେ ଗୁଣାତ୍ମକ ମାନ ବଜାୟ ରଖିବା, ଶିଶୁମାନଙ୍କ ଯତ୍ନ ଏବଂ ସ୍ୱାସ୍ଥ୍ୟ ଓ ପୋଷଣ ଆଦି ଯୋଗାଇବାରେ ଏହା ବିଶେଷ ସହାୟତା କରିବା ନିମନ୍ତେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର କାର୍ଯ୍ୟକ୍ଷେତ୍ର ପାରାଦୀପ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଅବସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଉନ୍ନତ ମାନର ଭିତ୍ତିଭୂମି ଯୋଗାଇଦେବା ଏହି ପଦକ୍ଷେପ ଓ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଅପରପକ୍ଷରେ ଏହି ପଦକ୍ଷେପ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା କ୍ଷେତ୍ରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ପ୍ରୟାସକୁ ପ୍ରତିଫଳିତ କରୁଛି, ଯାହାଦ୍ୱାରା ତୃଣମୂଳ ସ୍ତରରେ ଏକ ସକାରାତ୍ମକ ପରିବର୍ତ୍ତନ ଅଣାଯାଇପାରିବ। ଏହି ପ୍ରକଳ୍ପ ଅନ୍ତର୍ଗତ ଡିଜିଟାଲ ହସ୍ତକ୍ଷେପ ମାଧ୍ୟମରେ ଇଣ୍ଟରାକ୍ଟିଭ୍ ଶିକ୍ଷା, ପୁରୁଣା ଶୌଚାଳୟ ଏବଂ ରୋଷେଇ ଘରର ନବୀକରଣ ହେବ। ଏପରିକି ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟିବ ଏବଂ ନିୟମିତ ତଦାରଖ ମାଧ୍ୟମରେ ପରିମଳ ଏବଂ ପୋଷଣରେ ମଧ୍ୟ ଉନ୍ନତି ଆଣିବା, ପ୍ରଶିକ୍ଷଣ ଏବଂ ମୂଲ୍ୟାଙ୍କନ ସହ ସୌର ପ୍ୟାନେଲ ସ୍ଥାପନ କରି ବିଦ୍ୟୁତ୍ ଆବଶ୍ୟକତା ପୂରଣ କରିବା ଦିଗରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଗ୍ରହଣ କରାଯିବ। ଏହି ମଡେଲ ଅଙ୍ଗନୱାଡ଼ିଗୁଡ଼ିକରେ ଗୋଷ୍ଠୀମାନଙ୍କୁ ଯୋଡିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହା ମହିଳା ଏବଂ ଶିଶୁମାନଙ୍କୁ ଗୁଣାତ୍ମକ ଏବଂ ଦୀର୍ଘ ସ୍ଥାୟୀ ସେବା ଯୋଗାଇଦେବା ପାଇଁ ସାମୂହିକ ଉଦ୍ୟମକୁ ପ୍ରୋତ୍ସାହିତ କରିବ।

## ସୌମ୍ୟାଶ୍ରୀଙ୍କୁ ବିଜ୍ଞାନ ସ୍ନାତକୋତ୍ତରରେ ସ୍ୱର୍ଣ୍ଣ ପଦକ

**ରଘୁନାଥପୁର, ୧୬।୧୦ (ରାଜେନ୍ଦ୍ର ନାରାୟଣ ସିଂହ)**



ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମେଧାବୀ ଛାତ୍ରୀ ସୌମ୍ୟାଶ୍ରୀ ମହାନ୍ତି ୨୦୨୩-୨୪ ବର୍ଷ ପାଇଁ ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ରଘୁନାଥପୁର ବ୍ଲକ ଗୁଆଲିପୁର ପଞ୍ଚାୟତ ଅରଙ୍ଗ ଗ୍ରାମର ପିତା ସୁକାନ୍ତ କୁମାର ମହାନ୍ତି ଯେ କି କୁର୍ତ୍ତାଙ୍ଗ ସ୍ୱାମୀ ଅରୂପାନନ୍ଦ ଯୁକ୍ତ ୨ ବିଦ୍ୟାଳୟର ଅଧକ୍ଷ ଭାବେ ଅବସ୍ଥାପିତ ଓ ମା' ଇତିଶ୍ରୀ ମହାନ୍ତିଙ୍କ କନିଷ୍ଠ କନ୍ୟା ଅଟନ୍ତି। ସୌମ୍ୟାଶ୍ରୀଙ୍କ ବଡ଼ ଭଉଣୀ ଈପ୍ସିତା ମଧ ଉକ୍ତ ବିଶ୍ୱବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ସ୍ନାତକୋତ୍ତରରେ ଗତବର୍ଷ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ସୌମ୍ୟାଶ୍ରୀ ଆଗାମୀ ଦିନରେ ଏହି ବିଭାଗରେ ଅଧିକ ଗବେଷଣା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତା ପାଇଁ ତାଙ୍କର ମାତାପିତା ଓ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

## ରାଜ୍ୟ ବିକାଶରେ ଖବରଦାତାଙ୍କ ଅବଦାନ ଅତୁଳନୀୟ




ଉତ୍ସବରେ ଉପସ୍ଥିତ ଖବରଦାତାମାନେ।

### ପାରାଦୀପ ପ୍ରେସ୍ ମିଡିଆର ବାର୍ଷିକ ଉତ୍ସବ

**ପାରାଦୀପ, ୧୬।୧୦(ଶରତ ରାଉତ)**

ସ୍ଥାନୀୟ ନୂଆବଜାର ପୋର୍ଟ କ୍ଲବ ପରିସରରେ ବୁଧବାର ପାରାଦୀପ ପ୍ରେସ୍ ମିଡିଆର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମିଡିଆ ସଂଘ ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ରାଜାରାମ ଶତପଥୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସଂଘ ସଭାପତି କାହ୍ନୁ ନନ୍ଦ, ଗାଳ୍ପିକ ରବି ସ୍ୱାଇଁ, ସୁନାକର ବେହେରା, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଂଘ ସମ୍ପାଦକ ବଟକୃଷ୍ଣ ଦାସ ବିବରଣୀ ପାଠ କରିଥିବାବେଳେ ସୁରେନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏବେର ବ୍ୟବସ୍ଥାରେ ସରକାରଙ୍କ ଅନେକ ବ୍ୟତିକ୍ରମକୁ ଖବରଦାତାମାନେ ଲୋକଲୋଚନକୁ ଆଣୁଛନ୍ତି। ରାଜ୍ୟର ବିକାଶରେ ଖବରଦାତାଙ୍କ ଭୂମିକା ଅତୁଳନୀୟ ବୋଲି ମୁଖ୍ୟ ଅତିଥି ଶତପଥୀ କହିଥିଲେ। ଶେଷରେ ଖବରଦାତା କର୍ମେଶ୍ୱର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## କୁମାର ଉତ୍ସବ ଉପଲକ୍ଷେ ନାଟକ, ନୃତ୍ୟ ପରିବେଷଣ

**ପାରାଦୀପ, ୧୬।୧୦(ଶରତ ରାଉତ)**

ପାରାଦୀପ ଜୟଦେବ ଭବନରେ ବୁଧବାର ସନ୍ଧ୍ୟାରେ କୁମାର ଉତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସାଗରିକା କଳାନିକେତନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ସ୍ଥାନୀୟ ଯୁବତୀମାନଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟଗୁରୁ ବ୍ରଜକିଶୋର ଜେନାଙ୍କ ତତ୍ତ୍ୱାବଧାନରେ ସ୍ମୃତି ଶର୍ମା, ଶୁଭଶ୍ରୀ ବେହେରା, ମିଲି ବିଶ୍ୱାଳ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ପରେ ରାଉରକେଲାର ରଙ୍ଗମଞ୍ଚ ନାଟ୍ୟ ଅନୁଷ୍ଠାନ ଦ୍ୱାରା ନାଟକ ଜୀବନ ଯେମିତି ପରିବେଷଣ କରାଯାଇଥିଲା। ରକ୍ଷଣଶୀଳ ପରିବାର ମଧ୍ୟରେ ଜଣେ ନାରୀ କିପରି ନିଜ ଜୀବନର ପରିବର୍ତ୍ତନ ହେଉଛି ତାହା ନାଟକରେ କଳାକାରମାନେ ଦର୍ଶାଇ ଥିଲେ। ଅତିଥି ଭାବେ ବନ୍ଦର ଉପସଂରକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ବନ୍ଦର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ରାଉତ, ପ୍ରଶାନ୍ତ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।



ଜୀବନ ଯେମିତି ନାଟକର ଏକ ଦୃଶ୍ୟ।



କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

## ସଂକ୍ଷେପରେ

### ଜୁଆ ଖେଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଜି.ଉଦୟଗିରି,୧୬ା୧୦(ଚିନ୍ମୟ କୁମାର ସେଠୀ)

କୁମାରପୂର୍ଣ୍ଣିମା ଅବସରରେ ବହୁ ସ୍ଥାନରେ ଜୁଆ ଖେଳ ହୋଇଥାଏ। ଏହାକୁ ବନ୍ଦ କରିବା ଲାଗି ପୋଲିସ ତୀକ୍ଷ୍ଣ ନଜର ରଖିଥିବା ଜଣାପଡିଛି। ଜୁଆ ଖେଳ ଅସାମାଜିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା ସହ ପାରିବାରିକ ଅଶାନ୍ତି ସୃଷ୍ଟି କରେ। ତେଣୁ ସହରର ଯେକୌଣସି ସ୍ଥାନରେ ଜୁଆ ଖେଳର ସୂଚନା ମିଳିଲେ ଜୁଆଡିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ଭଗବାନ ପୂଜାରୀ କହିଛନ୍ତି।

### ଶଙ୍କରାଖୋଲରେ ୧୦ଦିନ ଚାଲିବ ଗଜଲକ୍ଷ୍ମୀ ପୂଜା

ଚକାପାଦ,୧୬ା୧୦(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଅନ୍ତର୍ଗତ ଶଙ୍କରାଖୋଲ ଠାରେ ୧୦ ଦିନ ଧରି ମା' ଗଜଲକ୍ଷ୍ମୀଙ୍କ ପୂଜା ହେବ। ବୁଧବାର ପ୍ରଥମ ଦିନ ଗ୍ରାମର ଶତାଧିକ ମହିଳା ପୁରୁଷ କଳସ ଯାତ୍ରା କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ଖଜୁରୀବନ୍ଧ ଠାରୁ ପୂଜାର୍ଚ୍ଚନା କରି କଳସୀରେ ପାଣି ଆଣିବା ପରେ ଗଜଲକ୍ଷ୍ମୀ ମଣ୍ଡପଠାରେ ସ୍ଥାପନ କରାଯାଇଥିଲା। ୧୦ ଦିନ ପର୍ଯ୍ୟନ୍ତ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମିନାବଜାର ଓ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟର ପସରା ଲାଗିଛି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଟିକାବାଲି ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଣ୍ଡପରେ ମା'ଙ୍କୁ ଶୃଙ୍ଖଳିତ ଦର୍ଶନ ପାଇଁ ପୂଜା କମିଟି ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିବା ସଭାପତି ବିଷ୍ଣୁ ଚରଣ ଦିଗାଲ କହିଛନ୍ତି।

### ଭାଗବତ ସପ୍ତାହ ଉଦ୍‌ଯାପିତ

ଜି.ଉଦୟଗିରି,୧୬ା୧୦
(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ନିକଟସ୍ଥ ପାଙ୍ଗାନାଜୁ ଗ୍ରାମ ଶ୍ରୀହରି ସତସଙ୍ଗ ସମିତି ତରଫରୁ ସେଶିବାଲି ରାଧାକୃଷ୍ଣ ମଠ ପ୍ରାଙ୍ଗଣରେ ଚାଲିଥିବା ଭାଗବତ ସପ୍ତାହ ବୁଧବାର ଉଦଯାପିତ ହୋଇଛି। ପ୍ରବଚିକା ଅଞ୍ଜଳି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀଧାମ ବୃନ୍ଦାବନ ପ୍ରଶିକ୍ଷିତ କଥା ବ୍ୟାସ ସୁଶ୍ରୀ ଦେବୀ ପଦ୍ମିନୀ ସାତ ଦିନ ବ୍ୟାପି ଭାଗବତ କଥାମୃତ ପ୍ରବଚନ ଦେଇଛନ୍ତି। ସମାଜରେ କିଭଳି ଭଗବତ କୃପା ଲାଭ କରି ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚି ହୁଏ ତାହାରି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଅଜିତ ପ୍ରଧାନଙ୍କ ସମେତ ପ୍ରିୟବ୍ରତ ସାହୁ, ଉଦେଶ୍ୟ ପ୍ରଧାନ, ମାନଗୋବିନ୍ଦ ପ୍ରଧାନ, ଜ୍ଞାନ ଚନ୍ଦ୍ର ପ୍ରଧାନ, ଭେଙ୍କଟ ବେହେରା, ପ୍ରିୟବ୍ରତ ସାହୁ, ବାହାନ ପ୍ରଧାନ, ପଞ୍ଚସେନ ପ୍ରଧାନ, ସଞ୍ଜୟ ପ୍ରଧାନ, ଉତ୍ତମ ପ୍ରଧାନ, ଅମର ପ୍ରଧାନ, ବଳବନ୍ତ ପ୍ରଧାନ, ସନ୍ତୋଷ ପ୍ରଧାନ, ଛବିଳ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଚାଷୀର ବିକାଶ ହେଲେ ଗଞ୍ଜାମ ହେବ ଦାଦନମୁକ୍ତ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ଛତ୍ରପୁର,୧୬ା୧୦(ସନ୍ତୋଷ ପାଢ଼ୀ ):

ଗଞ୍ଜାମ ଜିଲ୍ଲାରେ ଦାଦନ ସମସ୍ୟା ଲାଗି ରହିଛି। ବିଭିନ୍ନ ସମସ୍ୟା ନେଇ ଏଠାରେ ଲକ୍ଷାଧିକ ଚାଷୀ ଚାଷ ଛାଡିଲେଣି। ଜିଲ୍ଲାର ଲକ୍ଷାଧିକ ଲୋକ ଅନ୍ୟ ରାଜ୍ୟଗୁଡିକରେ ଦାଦନ ଖଟିବାକୁ ବାଧ ହେଉଛନ୍ତି। ଚାଷୀଙ୍କ ବିକାଶ କରିଲେ ଗଞ୍ଜାମ ଦାଦନମୁକ୍ତ ହୋଇପାରିବ ବୋଲି ରଷିକୁଲ୍ୟା ରୟତ ମହାସଭା ପକ୍ଷରୁ କୁହାଯାଇଛି। ସେଥି ନିମନ୍ତେ ଦୋ ଫସଲି ଚାଷ ହେବାପାଇଁ ସବୁ ଜମିକୁ ଜଳସେଚନର ସୁବିଧା ନିମନ୍ତେ ଜଳସେଚନ ମିଶନ ଗଠନ କରିବାକୁ ଘୋଷଣା କରିବା ଅନିବାର୍ଯ୍ୟ ବୋଲି କୁହାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ସୂଚନା ଦେଇଛନ୍ତି।

ସବୁ କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପି ଘୋଷଣା କରିବା ସଙ୍ଗେ ସଙ୍ଗେ ପ୍ରତି ବ୍ଲକ୍‌ରେ ଗୋଦାମ ଗୃହ ଓ ଶୀତଳ ଭଣ୍ଡାର ନିର୍ମାଣ କରିବା, ମଣ୍ଡିରେ କଟନୀଛଟନୀ ବନ୍ଦ କରିବା ଓ ପଞ୍ଜିକୃତ ସମସ୍ତ ଚାଷୀଙ୍କ ଧାନ କିଣିବା ପାଇଁ ଟାର୍ଗେଟ ପ୍ରଦାନ କରିବା, ଅଖା ଟଙ୍କା ଓ ଗାଡ଼ି ଭଡ଼ା ତୁରନ୍ତ ଫେରାଇବା, ବାରହା, ମାଙ୍କଡ଼ ଆଦି ବନ୍ୟଜନ୍ତୁଙ୍କ ପାଦୁର୍ଭାବ ଲାଗି ଚାଷୀଙ୍କ ଫସଲର ସୁରକ୍ଷା କରିବା ନିମନ୍ତେ ଝଟକା ମେସିନ ରିହାତିରେ ଯୋଗାଇଦେବା, "ସୋଲାର ବୋରୱେଲ" ରିହାତିରେ ଯୋଗାଇବା, ବିଦ୍ୟୁତ୍ କର ଛାଡ଼ ଆଦି ଦାବି ଉଲ୍ଲେଖ କରାଯାଇଛି।

# ଧର୍ମାନୁଷ୍ଠାନର ଉନ୍ନତୀକରଣ ଯୋଜନା



ବିଧାୟକ ଚର୍ଚ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ଭଞ୍ଜନଗର,୧୬ା୧୦(ବାବୁଲା ପ୍ରଧାନ)

ଭଞ୍ଜନଗର ସହରର ବିଭିନ୍ନ ଧର୍ମାନୁଷ୍ଠାନଗୁଡିକର ଉନ୍ନତୀକରଣ ଯୋଜନା ହୋଇଛି। ତେଣୁ ବୁଧବାର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସ୍ଥାନୀୟ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ପରିଦର୍ଶନରେ ଯାଇ ଚର୍ଚ୍ଚର ଉନ୍ନତି କିଭଳି ହୋଇପାରିବ ସେ ନେଇ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ବୁଲି କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ବ୍ଲକ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାୟକ, ବ୍ଲକ ଏମ୍‌ପି ପ୍ରତିନିଧି ରବୀନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ପାଲଟିଗଲାଣି ମୁଜାଗଡ଼ ଡାକବଙ୍ଗଳା

ଭଞ୍ଜନଗର,୧୬ା୧୦(ବାବୁଲା ପ୍ରଧାନ)



ବହୁ ଅର୍ଥ ବ୍ୟୟ କରି ନେତା, ମନ୍ତ୍ରୀ ଅଧିକାରୀଙ୍କ ସୁବିଧା ପାଇଁ ଡାକ ବଙ୍ଗଳା ନିର୍ମାଣ ହେଉଛି। ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଜନ କାର୍ଯ୍ୟାଳୟ ପକ୍ଷରୁ ମୁଜାଗଡ ଏବଂ ଭଞ୍ଜନଗରଠାରେ ଦୁଇଟି ବଙ୍ଗଳା ନିର୍ମିତ ହୋଇଛି। ମାତ୍ର ଉଭୟ ବଙ୍ଗଳା ନିର୍ମାଣ ପରଠାରୁ ଅବ୍ୟବହୃତ ହୋଇପଡିଛି। ଭଞ୍ଜନଗର ବଙ୍ଗଳାକୁ କେବଳ ବିଭାଗୀୟ କର୍ମଚାରୀ ବ୍ୟବହାର କରୁଥିବା ବେଳେ ମୁଜାଗଡ଼ ବଙ୍ଗଳା ଉଦ୍‌ଘାଟନ ପରଠାରୁ ସେଥିରେ ତାଲା ଝୁଲୁଛି।

ପ୍ରାୟ ୮ ବର୍ଷ ତଳେ ଉଦ୍‌ଘାଟିତ ହୋଇଥିବା ମୁଜାଗଡ ଡାକବଙ୍ଗଳା ପରିସର ବର୍ତ୍ତମାନ ଜଙ୍ଗଲରେ ପରିଣତ ହେଲାଣି। ବିଭାଗୀୟ କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏହା କାର୍ଯ୍ୟରେ ଲାଗିପାରୁନାହିଁ। ମୁଜାଗଡ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଭଞ୍ଜନଗର ଫୁଲବାଣୀ ଜାତୀୟ ରାଜପଥ ପାର୍ଶ୍ୱରେ ନିର୍ମିତ ଏହି ବଙ୍ଗଳାକୁ ଉକ୍ତ ରାସ୍ତାରେ ପ୍ରତ୍ୟହ ଯାତାୟାତ କରୁଥିବା ନେତା,ମନ୍ତ୍ରୀ ଓ ଅଧିକାରୀ ବଙ୍ଗଳାକୁ ଦେଖୁଥିଲେ ମଧ ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏନେଇ ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଜନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ସନ୍ତୋଷ ଆରୁଖଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଦୁଇଟି ଡାକ ବଙ୍ଗଳା ନୁହେଁ ତାହା ରେଷ୍ଟ ସେଡ। କର୍ମଚାରୀ ଅଭାବ ଯୋଗୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ଡାକ ବଙ୍ଗଳା କେବଳ ଭିଆଇପିଙ୍କୁ ପ୍ରଦାନ କରାଯାଇଥାଏ। କିନ୍ତୁ ରେଷ୍ଟ ସେଡ୍ କେବଳ କର୍ମଚାରୀଙ୍କୁ ମିଳିଥାଏ। ରେଷ୍ଟ ସେଡରେ ଯଦି କେବଳ କର୍ମଚାରୀଙ୍କ ପାଇଁ ତେବେ ସେମାନଙ୍କ ପାଇଁ କୋଟି କୋଟି ଟଙ୍କା ବ୍ୟୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ସୁନାଚେନ, ମୋବାଇଲ ନେଇଗଲେ ଲୁଟେରା

ଦିଗପହଣ୍ଡି,୧୬ା୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ପଦ୍ମନାଭପୁର-ଉଜ୍ଜଳେଶ୍ୱର ମନ୍ଦିର ରାସ୍ତାରେ ବାଇକ୍ ଯୋଗେ ଯାଉଥିବା ବାସୁଦେବପୁର ପଞ୍ଚାୟତ ବଜାପଲ୍ଲି ଗ୍ରାମର ଏଲ.ବିପିନ ରେଡ୍ଡିଙ୍କଠାରୁ ୩ ଦୁର୍ବୃତ୍ତ ତାଙ୍କ ସୁନାଚେନ୍ ଏବଂ ମୋବାଇଲ ଫୋନ ଜବରଦସ୍ତ ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ବିପିନ ଏତଲା ଦେବାପରେ ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୪୦୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଗତ ସୋମବାର ସନ୍ଧ୍ୟା ୬ଟାରେ ବିପିନ ଉଜ୍ଜଳେଶରରୁ ପଦ୍ମନାଭପୁର ଯାଉଥିବା ବେଳେ ନିଛାଟିଆ ରାସ୍ତାରେ ଏକ କଳାରଙ୍ଗର ବାଇକ୍ ଯୋଗେ ୩ ଜଣ ତାଙ୍କୁ ପିଛା କରି ରାସ୍ତାରେ ଅଟକାଇଥିଲେ। ପରେ ଜଣେ ଦୁର୍ବୃତ୍ତ ତାଙ୍କ ସାର୍ଟ କଲର ଧରି ଟଣାଓଟରା କରିବା ସହ ସେ ବେକରେ ପିନ୍ଧିଥିବା ସୁନା ଚେନ ଏବଂ ସାର୍ଟ ପକେଟରେ ଥିବା ମୋବାଇଲ ଫୋନକୁ ତାଙ୍କୁ ଧମକଚମକ ଦେଇଛଡାଇ ନେଇଯାଇଥିଲେ। ଘଟଣା ପରଦିନ ବିପିନ ଥାନାରେ ଏତଲା ଦେଇଥିଲେ।

# ଟିକିଟି ଅଞ୍ଚଳରେ ହାତୀ ଉପଦ୍ରବ

ଟିକିଟି,୧୬ା୧୦(ପ୍ରକାଶ ଚନ୍ଦ୍ର ସାହୁ):

ଟିକିଟି ବ୍ଲକ ଅନ୍ତର୍ଗତ କେ ନୂଆଗାଁ, କନ୍ଧ ଖୁଦୁଡ଼ି ସମେତ ଆଖପାଖ ଗ୍ରାମାଞ୍ଚଳରେ ଦୀର୍ଘ ୧ ମାସ ଧରି ଦୁଇଟି ହାତୀ ଉପଦ୍ରବ ଚଳାଇଛନ୍ତି। ହାତୀ ବିଭିନ୍ନ ଫସଲ କ୍ଷତି କରିଥିବା ଅଭିଯୋଗ ହୋଇଛି। ଗତ ଏକ ସପ୍ତାହ ହେଲା ଦୁଇଟି ହାତୀ ଅଞ୍ଚଳରେ ଘୁରି ବୁଲିବା ସହ ବାରମ୍ବାର ରତନେଇ ଜଙ୍ଗଲରୁ ଗାଁମୁହାଁ ହୋଇଛନ୍ତି। ବନବିଭାଗ ସେମାନଙ୍କୁ ଘଉଡ଼ାଇବାରେ ସଫଳ ହୋଇପାରୁ ନ ଥିବା ଦେଖାଯାଉଛି। ପୂର୍ବରୁ ଟାମଣା ଜଙ୍ଗଲରେ ହାତୀ ରହୁଥିବା ବେଳେ ବର୍ତ୍ତମାନ ରତନେଇ ଜଙ୍ଗଲରେ ଦୀର୍ଘଦିନ ହେଲା ରହି ଗାଁମୁହାଁ ହୋଇ ଫସଲ ନଷ୍ଟ କରୁଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି। ଆଗକୁ ଧାନ ଫସଲ ଅମଳ ବେଳେ ହାତୀ ଉପଦ୍ରବ ବଢିବା ଆଶଙ୍କା ରହିଛି। ସମ୍ପୃକ୍ତ ଗ୍ରାମାଞ୍ଚଳରେ ହାତୀ ଉପଦ୍ରବ ନେଇ ଜନସାଧାରଣ ଆତଙ୍କିତ ହେବା ସହ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ମଙ୍ଗଳବାର ରାତି ପ୍ରାୟ ୮ଟାରେ ରତ୍ନେଇଶ୍ୱରୀ ମନ୍ଦିର ନିକଟରେ ହାତୀ ରହିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଟିକିଟି ବନ ବିଭାଗ ଅଧିକାରୀ ବି ପ୍ରଶାନ୍ତ ରାଓ ଓ କର୍ମଚାରୀମାନେ ପହଞ୍ଚି ହାତୀର ଗତିବିଧିର ନଜର ରଖି ମଧ୍ୟରାତ୍ରୀରେ ହାତୀ ଘଉଡାଇ ରତ୍ନେଇ ଜଙ୍ଗଲକୁ ଛଡ଼ାଯାଇଥିବା ବନବିଭାଗ ଅଧିକାରୀ କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଦିଗପହଣ୍ଡି,୧୬ା୧୦(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି-ଟିକିଟି ମୁଖ୍ୟରାସ୍ତାର ଓଡ଼ାସିଙ୍ଗି ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟା ସାଢେ ୬ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେ.ନୂଆଗାଁ ଥାନା ନୂଆପଡ଼ା ଗ୍ରାମ ଚଢିଆପଦା ସାହିର ପପୁ ଓରଫ ପ୍ରଭଞ୍ଜନ ପ୍ରଧାନ। ସେ ଏକ ବାଇକରେ ଗ୍ରାମରୁ ଦିଗପହଣ୍ଡି ଆସୁଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତା ଉପରେ ବାଇକ୍ ସହ ପଡ଼ିଯାଇଥିଲେ। ରାସ୍ତାରେ ଯାତାୟାତ କରୁଥିବା ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଭଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଦିଗପହଣ୍ଡି ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ନଂ.୪୦୨/୨୪ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ପ୍ରଶାନ୍ତ ପାତ୍ର କହିଛନ୍ତି।

# ବିହାରୀ ଯୁବକଙ୍କ ମୃତଦେହ ଜବତ ଘଟଣା, ହତ୍ୟା ମାମଲା ରୁଜୁ

ଗଞ୍ଜାମ,୧୬ା୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ତ୍ରିବେଣୀ ମଠ ଛକସ୍ଥିତ ଏକ ଲଜ୍ ନିକଟରେ ଥିବା ଘରୁ ଦୁଇଦିନ ତଳେ ଜଣେ ବିହାରୀ ଯୁବକଙ୍କ ମୃତଦେହ ମିଳିଥିଲା। ଉକ୍ତ ମାମଲା ଏବେ ଭିନ୍ନ ମୋଡ଼ ନେଇଛି। ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଓ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୩୮/୨୪ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଛି। ସେଠାରେ ଥିବା ସିସିଟିଭି ଓ ବିଭିନ୍ନ ଦିଗକୁ ନେଇ କେତେ ଜଣଙ୍କୁ ପଚରାଉଚରା ଜାରି ରହିଥିବା ଆଇଆଇସି ସୁମିତ୍ରା ପାତ୍ର କହିଛନ୍ତି। ମୃତଦେହ ଜବତ ପରେ ମିଳିଥିବା ଆଧାର କାର୍ଡ, ମୋବାଇଲ ଫୋନକୁ ନେଇ ତଦନ୍ତ କରିବା ପରେ ମୃତ ଯୁବକଙ୍କ ଘର ବିହାର ନୟାଗଞ୍ଜ, ନୟାଗାଁ ମହମଦପୁର ଅଞ୍ଚଳରେ। ତାଙ୍କ ନାମ ଜ୍ଞାନ ପ୍ରକାଶ (୩୬) ବୋଲି ଜଣାପଡିଥିଲା। ମୃତ୍ୟୁ ପୂର୍ବଦିନ ଜ୍ଞାନ ପ୍ରକାଶ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହ ଗଙ୍ଗାଦେବୀ ଯାତ୍ରା ଦେଖିବାକୁ ପୁରୁଣାବନ୍ଧ ଯାଇଥିଲେ। ସେଠାରୁ ଆସିବା ପରେ ଦୁଇଜଣ ପ୍ରଚୁର ମଦ୍ୟପାନ କରିଥିବା ଆଲୋଚନା ହେଉଛି। ଏହାକୁ ମଧ ପୋଲିସ ତଦନ୍ତ ପରିସରକୁ ନେଇଥିବା ଆଇଆଇସି ପାତ୍ର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଯେଉଁଘରୁ ମୃତଦେହ ମିଳିଛି ସେହି ଘର ଭଡା ଅନ୍ୟଜଣକ ନାମରେ ଥିବା ପୋଲିସ ଜାଣିବାକୁ ପାଇଛି। ସେହି ଘରେ ଜ୍ଞାନ ପ୍ରକାଶ ଏକା ରହୁଥିଲେ ନା ଆଉ କିଏ କିଏ ରହୁଥିଲେ ତାହାର ଖୋଳତାଡ ଚାଲିଛି। ଏନେଇ ଘର ମାଲିକଙ୍କୁ ପଚାର ଉଚରା କରାଯାଉଛି ବୋଲି ପୋଲିସ କହିଛି। ସଚନାଯୋଗ୍ୟ, ଜ୍ଞାନ ପ୍ରକାଶ ଆରକେ କନଷ୍ଟ୍ରକ୍ସନ ପକ୍ଷରୁ ଗ୍ରାସିମ କମ୍ପାନୀରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ସେ ୪ବର୍ଷ ହେବ ସେ ନିଜ ଗାଁକୁ ଯାଇ ନ ଥିବା ଏବଂ ଗତ ଦଶହରା ଦିନ ସ୍ତ୍ରୀଙ୍କ ସହ କଥା ହୋଇଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ଜ୍ଞାନପ୍ରକାଶଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସେ ଶାଳୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ପାଞ୍ଚ ବର୍ଷର ଏକ ପୁଅ ରହିଛି।

### ଶେରଗଡ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ମହାପ୍ରୟାଣ ଗାଡି

#### ଅନେକ ଥର ଜିଲ୍ଲା ପ୍ରଶାସନକୁ ଜଣାଇ ମିଳିନି ସୁଫଳ

ଶେରଗଡ,୧୬ା୧୦(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ଦୁଇର ମାନ୍ୟତା ଦେଇଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଶତାଧିକ ରୋଗୀ ଆସୁଛନ୍ତି। ବିଭିନ୍ନ ସମୟରେ ଦୁର୍ଘଟଣା ଓ ଆକସ୍ମିକ ଭାବେ ବହୁ ବ୍ୟକ୍ତିଙ୍କ ମୃତ୍ୟୁ ଘଟୁଛି। ଅନେକ ଗରିବ ରୋଗୀଙ୍କ ପରିବାରଙ୍କ ଅବସ୍ଥା ଏତେ ଖରାପ ଯେ ନିଜ ସମ୍ପର୍କୀୟଙ୍କ ମୃତଦେହ ସ୍ୱାସ୍ଥ୍ୟକେନ୍ଦ୍ରରୁ ନେବା ଅବା ଘରେ ମୃତ୍ୟୁ ଘଟିଥିଲେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ଲାଗି ସେମାନଙ୍କ ନିକଟରେ ଗାଡିଭଡା ଦେବାକୁ ଅର୍ଥ ନ ଥାଏ। ଏନେଇ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ମହାପରାୟଣ ଗାଡି ଯୋଗାଇ ଦେବାକୁ ଜିଲାପାଳ ଓ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରିଥିଲେ। ଅନେକ ବାର ଅନୁରୋଧ ସତ୍ତ୍ୱେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇନି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଶେରଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ମହାପରାୟଣ ଗାଡି ଯୋଗାଇ ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ

ଧରାକୋଟ,୧୬ା୧୦
(ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକ ମୁଣ୍ଡମରାଇ ପଞ୍ଚାୟତ ସୁନ୍ଦରପଲୀ ଗ୍ରାମସ୍ଥିତ ଗଙ୍ଗାଧରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭାଜପା ତରଫରୁ ଚାଲିଥିବା ସଦସ୍ୟତା ଅଭିଯାନରେ ମୁଣ୍ଡମରାଇ ପଞ୍ଚାୟତ, ସରଧାପୁର ପଞ୍ଚାୟତର ଶତାଧିକ ମହିଳା ଉପସ୍ଥିତ ରହି ଦଳର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି। ସମାବେଶରେ ଦଳର ନେତା ଉତ୍ତମ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଜପା ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନା ବିଷୟରେ ମାର୍ଗଦର୍ଶନ କରିଥିଲେ। କର୍ମୀ ସୁନୀଲ କୁମାର ମହାନ୍ତି, ଧରାକୋଟ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ମିଥୁନ ପ୍ରଧାନ, ଅନୁସୂଚିତ ଜାତି ସଭାପତି ମାନସ ରଞ୍ଜନ ନାୟକ, ଯୁବମୋର୍ଚ୍ଚା ସମ୍ପାଦକ ଦେବାଶିଷ ମିଶ୍ର, ସୁଶାନ୍ତ ସ୍ୱାଇଁଙ୍କ ସହ ମୁଣ୍ଡମରାଇ ପଞ୍ଚାୟତର ନାରାୟଣ ଗୌଡ଼, ରାଜେଶ କର, ଦୀନବନ୍ଧୁ ପ୍ରଧାନ, ଶ୍ରୀକାନ୍ତ ପଣ୍ଡା,ଲବ ଡାକୁଆ, କାହ୍ନୁ ଚରଣ ଗନ୍ତାୟତ ଏଥିରେ ସହଯୋଗ କରିଥିଲେ।

# ଗଜଲକ୍ଷ୍ମୀ ପୂଜା ନିମନ୍ତେ ଜଳଯାତ୍ରା



ଟିକିଟି,୧୬ା୧୦(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମ କେଉଟ ସାହିରେ ବୁଧବାର ଠାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ଭଳି ମଧ ଏହାକୁ ଧୂମଧାମରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶତାଧିକ ମହିଳା ଓ ପୁରୁଷ ବାହୁଦା ନଦୀରୁ କଳସୀରେ ପାଣି ଆଣି ମା'ଙ୍କ ଅସ୍ଥାୟୀ ପୀଠରେ ସ୍ଥାପନ କରିଥିଲେ। ପଣ୍ଡିତ ଯଜ୍ଞନାରାୟଣ ପାତ୍ର ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ କେଉଟ ସାହିର ପୂଜା କମିଟି ପରିଚାଳନା କରୁଛି।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ

ଦାରିଙ୍ଗବାଡି,୧୬ା୧୦ (ଅରୁଣ ସାହୁ )

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ଦାରିଙ୍ଗବାଡି ବିଜେଡି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳୀୟ କର୍ମୀ, ଲୋକପ୍ରତିନିଧି ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଉତରୋତ୍ତର କାମନା କରିଥିଲେ। ଏହି ଅବସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୫୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ,ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ଜିଲା ସହ ସମ୍ପାଦକ ଦୀପକ ସାହୁ, ବିକାଶ ନାୟକ, ଶ୍ରୀକାନ୍ତ ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରଗତି , ଜିଲା ସଂସ୍କୃତି ପରିଷଦ ପକ୍ଷରୁ କୁମାରୋତ୍ସବ

ପାରଳାଖେମୁଣ୍ଡି,୧୬ା୧୦(ଗିରିଧାରୀ ପରିଛା)

ପ୍ରଗତି ମହିଳା ସଙ୍ଗଠନ ଏବଂ ଗଜପତି ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ରାଜବାଟୀ ପରିସରସ୍ଥିତ ୟୁଟେକ୍ କମ୍ପ୍ୟୁଟର ଏଜୁକେଶନ ସେଣ୍ଟର୍ ପରିସରରେ ମଙ୍ଗଳବାର କୁମାର ଉତ୍ସବ ପାଳିତ ହୋଇଯାଇଛି। ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭ୍ୟତା ଯେତେ ଦ୍ରୁତ ଗତିରେ ଗଲେ ମଧ ଆମ ମହାନ୍ ସଂସ୍କୃତି ଏବଂ ପରମ୍ପରା, ରୀତିନୀତିକୁ ଆପଣେଇ ସୁସ୍ଥ ପରିବାର ଓ ସମାଜ ଗଠନ ଆମର ଲକ୍ଷ୍ୟ। କୁମାରୋତ୍ସବ ପାଳନ ଆମର କଳା ସଂସ୍କୃତି ଏକତା ଏବଂ ଆତ୍ମୀୟତାରେ ପରିଚୟ ଦେଇଥାଏ ବୋଲି ବକ୍ତାମାନେ କହିଥିଲେ। ସଭାନେତ୍ରୀ କଳ୍ପନା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅଧିବକ୍ତା ଇତିଶ୍ରୀ ମହାପାତ୍ର, ମୁଖ୍ୟବକ୍ତା ଡ. ଭାରତୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ଭାଗବତ ପାଢ଼ୀ ଯୋଗଦେଇ ଉପରୋକ୍ତ ମତ ଦେଇଛନ୍ତି। ଅନ୍ୟତମ ଅତିଥି ହରିମୋହନ ପଟ୍ଟନାୟକ କୁମାର ଉତ୍ସବ ସମ୍ପର୍କରେ ପ୍ରାକ୍ ସୂଚନା ଦେଇଥିଲେ। ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ ଅତିଥି ପରିଚୟ ଦେଇଥିବା ବେଳେ ପ୍ରଗତିର ସମ୍ପାଦିକା ତନୁଜା ଶତପଥୀ ବିବରଣୀ ପାଠ କରିଥିଲେ। ଉପସଭାପତି ଲୋକନାଥ ମିଶ୍ର ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ନେହା ବେହେରା ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ଚାନ୍ଦିନୀ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାଥମିକ ସ୍ତରରୁ ମହାବିଦ୍ୟାଳୟ ଯାଏ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ପ୍ରଣବ ପଣ୍ଡା, ଶରତ ପ୍ରଧାନ, ପାୟଲ ପାତ୍ର, ୟୁଟେକ୍‌ର କର୍ମଚରୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଅସ୍ଥାୟୀ ମଣ୍ଡପରୁ ମନ୍ଦିରକୁ ଫେରିଲେ ମା'

**ଠାକୁରାଣୀ ଯାତ୍ରା ଉଦ୍‌ଯାପିତ**

ଦିଗପହଣ୍ଡି,୧୬ା୧୦(ଅଶେଷ ନାଥ ମିଶ୍ର)



ଦିଗପହଣ୍ଡି ସହରର ଗଣପର୍ବ ତଥା ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଠାକୁରାଣୀଙ୍କ ଏହି ଯାତ୍ରା ଆଶ୍ୱିନ ଶୁକ୍ଳପକ୍ଷ ଷଷ୍ଠୀଯୁକ୍ତ ସପ୍ତମୀ ତିଥି ୯ ତାରିଖ ବିଳମ୍ବିତ ରାତିରୁ ଆରମ୍ଭ ହୋଇଥିଲା। ଏହି ଅବସରରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମା' ବୁଢ଼ୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ସେ କଟକରୁ ଆସିଥିବା 'ନିର୍ବାଣ ଦି ରିୟଲ ବିଟ୍ ଅଫ୍ ମ୍ୟୁଜିକ୍' ମେଲୋଡ଼ି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବଡ଼ଖେମୁଣ୍ଡି ରାଜପୁତ୍ର ଶ୍ରୀଧର ଦେଓ, ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମଙ୍ଗଳବାର ଘଟ ଶୋଭାଯାତ୍ରାର ଶେଷ ଦିବସରେ ମା' ଜନତାଲେନ ଦେଇ ରାଣୀସାହି, ବ୍ରହ୍ମପୁର ଲିଙ୍କରୋଡ଼, ଆନନ୍ଦନଗର, ପୁରୁଣା ବସଷ୍ଟାଣ୍ଡସ୍ଥିତ ମା' ଦୁର୍ଗାଙ୍କ ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ପୂଜା କମିଟି ପକ୍ଷରୁ ସଂଗ୍ରାମ କେଶରୀ ରଥ, ପ୍ରଦୀପ ରଥ, ପ୍ରଶାନ୍ତ ପୂଜାରୀ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ମା' ବିଳମ୍ବିତ ରାତିରେ ଯାତ୍ରାପୀଠରେ ପହଞ୍ଚି ବିଶ୍ରାମ ନେଇଥିଲେ। ବୁଧବାର ଭୋର ୪ଟାରେ ମା' ବୁଢ଼ୀ ଠାକୁରାଣୀଙ୍କୁ ଅସ୍ଥାୟୀ ଯାତ୍ରା ପୀଠରେ ଉଗ୍ରଚଣ୍ଡୀ ମଣ୍ଡଳ ତଥା ଶକ୍ତିପଲ୍ଲବ ମନ୍ତ୍ରରେ ପୂଜା କରାଯାଇଥିଲା। ସହସ୍ର କୁମ୍ଭାଭିଷେକ ମାଜଣା ପରେ ମା'ଙ୍କୁ ନୂତନ ବସ୍ତ୍ରରେ ଆବରଣ କରାଯାଇ ଯୋଗିନୀ ପୂଜା କ୍ରମରେ ସ୍ୱ ମନ୍ଦିରକୁ ବାହୁଡ଼ା ଯାତ୍ରା ନିମନ୍ତେ ଆବାହନ କରାଯାଇଥିଲା। ମୁଖ୍ୟ ପୁରୋହିତ ପଣ୍ଡିତ ସନାତନ ରଥ ଶର୍ମା, ସେବାୟତ, ଆଦିତ୍ୟ ପାତ୍ର, ଲିଙ୍ଗରାଜ ପାତ୍ର, ଶମ୍ଭୁନାଥ ପାତ୍ର, ସୋମନାଥ ପାତ୍ର, ପ୍ରଫୁଲ୍ଲ ପାତ୍ର, ତାରିଣୀ ପାତ୍ର ଅସ୍ଥାୟୀ ଯାତ୍ରାପୀଠରେ ଉପସ୍ଥିତ ରହି ମା'ଙ୍କୁ ପୂଜା ବନ୍ଦାପନା କରିବା ପରେ ମୁଖ୍ୟଘଟରୁ ଆଜ୍ଞାମାଳ ଖସିଥିଲା। ପରେ ମୁଖ୍ୟଘଟରେ ମା'ଙ୍କୁ ପ୍ରସନ୍ନ କରାଯାଇ ସ୍ୱମନ୍ଦିର ଯିବା ଲାଗି ଘଟ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଯାତ୍ରା କମିଟି ସଭାପତି ବିକାଶ ପଶୁପାଳକ, ଉପସଭାପତି ଏ. ସାକିଲି, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ସହସମ୍ପାଦକ ଦୀପକ ମିଶ୍ର, କୋଷାଧ୍ୟକ୍ଷ ଆଶିଷ ପଟ୍ଟନାୟକ, ସହ-କୋଷାଧ୍ୟକ୍ଷ କେ. ରାଜେନ୍ଦ୍ର, ଉପଦେଷ୍ଟା କୁରେଶୁ ମହାରଣା, ଏ. ଗୋବିନ୍ଦ, ଶିବଶଙ୍କର ମହାକୁଡ଼, ପ୍ରଦୀପ ପଣ୍ଡା, କେ . କୁନା, ରବୀନ୍ଦ୍ର ମାର୍ଥା, ନୀଳମାଧବ ଗୌଡ଼, ହିମାଂଶୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଯାତ୍ରାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମା' ଆତସବାଜି ରୋଶଣି, ନୃତ୍ୟ ଗୀତ, ବାଦ୍ୟ ବାଜଣାରେ ଝୁଲି ଝୁଲି ଅସ୍ଥାୟୀ ଯାତ୍ରାପୀଠରୁ ବାହାରି ବଜାର ସାହି ଦେଇ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ।

# ଅଭିଯୁକ୍ତ ଗିରଫ ପରେ ବି ଚାପା ଉତ୍ତେଜନା

ରାମଚନ୍ଦ୍ରପୁର,୧୬।୧୦(ଗଣେଶ୍ୱର ସା)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣ୍ଡୁଆ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏସ୍.କେ. ରେହମତ୍ ଖାଁ(୨୫)ଙ୍କୁ ଠେଙ୍ଗାରେ ପିଟି ହତ୍ୟା ଘଟଣାରେ ଅଭିଯୁକ୍ତ ସୁଜିତ ଜେନା ଓରଫ ମୁନାଙ୍କୁ ପୋଲିସ ବିଳମ୍ବିତ ରାତିରେ ଗିରଫ କରିଛି। କେନ୍ଦୁଝର ଏସ୍‌ପି ନୀତିନ୍ କୁଶଲକର ଓ ଆନନ୍ଦପୁର ଉପ ଜିଲାପାଳ ଫାଲ୍‌ଗୁନୀ ମାଝୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟାନ୍ୟ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି। ମାତ୍ର ଏବେ ବି ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ପୋଲିସ ଛାଉଣୀ ହୋଇ ରହିଛନ୍ତି।

ସୂଚନା ଅନୁଯାୟୀ, ରେହମତ୍ ପଣ୍ଡୁଆ ଛକରେ ଥିବା ଦୋକାନକୁ ପାନ ପାଇଁ ଆସିଥିଲେ। ପାନ ନେବା ପରେ ନିଜ ବାଇକ୍ ଉପରେ ବସିଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ ନେଇ ମୁନାଙ୍କ ସହ ରେହମତ୍‌ଙ୍କ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମୁନା ଏକ ଠେଙ୍ଗାରେ ରେହମତ୍‌ଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ରେହମତ୍‌ଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ତାଙ୍କ ସମ୍ପର୍କୀୟମାନେ ଆକ୍ରମଣକାରୀଙ୍କ ଘର ଭାଙ୍ଗି ପୋଡ଼ିଦେବା ସହ ବାପା ପୂର୍ଣ୍ଣଚନ୍ଦ୍ର ଜେନା, ମା' ଝରଣା ଜେନା ଓ ଭାଇ ଓମ୍‌କାର ଜେନାକୁ ପ୍ରତିଆକ୍ରମଣ କରି ଗୁରୁତର କରିଥିଲେ। ରେହମତ୍‌ଙ୍କ ମୃତଦେହ ରାସ୍ତା ଉପରେ ରଖି ଟାୟାର ଜାଳି ପଣ୍ଡୁଆ-ବାତୋ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ଫାଶୀ ଓ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା, ରେହମତ୍‌ଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରି ପ୍ରଦାନ କରିବାକୁ ଦାବି କରିଥିଲେ। ରାମଚନ୍ଦ୍ରପୁର ଥାନାର ଏକ ଟିମ୍ ତଦନ୍ତ ଜାରି ରଖି ଅଭିଯୁକ୍ତଙ୍କୁ ବୈତରଣୀ ନଦୀ ଆମ୍ଭୋ ଘାଟରୁ ବିଳମ୍ବିତ ରାତିରେ କାବୁ କରିଥିଲା। ରାତି ୧ଟାରେ ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ଆନନ୍ଦପୁର ଉପଜିଲାପାଳ ମାଝୀ, କେନ୍ଦୁଝର ଏସ୍‌ପି କୁଶଲକର ପହଞ୍ଚି ଜିଲା ରେଡ୍‌କ୍ରସ୍‌ରୁ ନଗଦ ୩୦ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ନିକଟରୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା କରିବା ସହ ମୃତକଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରି ବିଷୟରେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ଏସ୍‌ପି କହିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପୋଲିସ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ରାମଚନ୍ଦ୍ରପୁର ଥାନାରେ ଏକ ମାମଲା(ନଂ.୩୪୬/୨୪)ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ରେହମତ୍‌ଙ୍କ ଶେଷକୃତ୍ୟ ସମୟରେ ପଣ୍ଡୁଆ ସରପଞ୍ଚ ବିଭୂତି ଭୂଷଣ ରାଉତଙ୍କୁ ବିରୋଧ କରାଯାଇଥିଲା। ଘଟଣାର ୧୫ଘଣ୍ଟା ପରେ ଆସି ପହଞ୍ଚିବାକୁ ନେଇ ମୃତକଙ୍କ ସମ୍ପର୍କୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଭଉଣୀ ଘରକୁ ଲକ୍ଷ୍ମୀପୂଜା ପାଇଁ ପଳାଇଯାଇଥିବାରୁ ଆସିବାରେ ବିଳମ୍ବ ହେଲା ବୋଲି ସରପଞ୍ଚ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ଅନ୍ୟପକ୍ଷେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଅଭିଯୁକ୍ତଙ୍କ ଭାଇ ଓମ୍‌କାରଙ୍କ ମୃତ୍ୟୁ ଘଟିଥିବା ନେଇ ଅଞ୍ଚଳରେ ଗୁଜବ ସୃଷ୍ଟି ହୋଇଥିଲା। ରାମଚନ୍ଦ୍ରପୁର ଥାନା ଅଧିକାରୀ ଘଟଣାକୁ ଖଣ୍ଡନ କରିବା ସହ ସମସ୍ତ ଗୁରୁତର ଚିକିତ୍ସାଧୀନ ଥିବା କହିଥିଲେ। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା କହିଛନ୍ତି, ଏ ପର୍ଯ୍ୟନ୍ତ ପ୍ରତିଆକ୍ରମଣ ନେଇ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ଅପ୍ରୀତିକର ପରିସ୍ଥିତିକୁ ନଜରରେ ରଖି ଗ୍ରାମରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ସେ କହିଥିଲେ।


ପଣ୍ଡୁଆ ଗ୍ରାମରେ ମୁତୟନ ହୋଇଥିବା ପୋଲିସ।

**ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା ଘଟଣା**

■ ପଣ୍ଡୁଆରେ ପୋଲିସ ଛାଉଣୀ

■ ପ୍ରତିଆକ୍ରମଣରେ ଅଭିଯୁକ୍ତଙ୍କ ଭାଇଙ୍କ ମୃତ୍ୟୁ ଗୁଜବ


ଗିରଫ ଅଭିଯୁକ୍ତ

## ଝିଅ ଆଗରେ ସ୍ତ୍ରୀଙ୍କ ଗଳା କାଟିଲେ ସ୍ୱାମୀ

କାଳିମେଳା,୧୬।୧୦(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ଥାନା ଏମ୍‌ଭି ୨୩ ଗ୍ରାମରେ ବୁଧବାର ୪ବର୍ଷର ଝିଅ ସମ୍ମୁଖରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ମୋନିକା ମିସ୍ତ୍ରିଙ୍କ ଗଳାକାଟି ଦେଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କାଳିମେଳା ପରେ ମାଲକାନଗିରି ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ତାହା ଜଣାପଡ଼ିନାହିଁ। ମୋନିକାଙ୍କ ସମ୍ପର୍କୀୟ ଏ ନେଇ କାଳିମେଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୨୨୩/୨୪ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଅଟକ କରି ଘଟଣାର ତଦନ୍ତ କରୁଛି। ମୋନିକାଙ୍କ ବୟାନ ରେକର୍ଡ ପରେ ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଏମ୍‌ଭି ୨୩ ଗ୍ରାମ ମୋନିକାଙ୍କୁ ଏମ୍‌ଭି ୬୬ ଗ୍ରାମର ବିଶ୍ୱାସ ୧୨ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ୧୦ ବର୍ଷର ପୁଅ ଏବଂ ୪ ବର୍ଷର ଝିଅ ଅଛନ୍ତି। ବିବାହର କିଛିଦିନ ପରେ ମୋନିକାଙ୍କୁ ସ୍ୱାମୀ ଏବଂ ପରିବାର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଅଧିକାଂଶ ସମୟ ପାରିବାରିକ ଅଶାନ୍ତି ଲାଗି ରହିବା ଯୋଗୁ ମୋନିକା ପ୍ରାୟ ବର୍ଷେ ହେଲା ଝିଅକୁ ନେଇ ବାପଘର ଏମ୍‌ଭି ୨୩ ଗ୍ରାମରେ ରହୁଥିଲେ। ବୁଧବାର ସକାଳେ ମୋନିକା ତାଙ୍କ ମା' ସୁବାସିନୀ ଏବଂ ଝିଅ ସହ ଘରେ ଥିବା ସମୟରେ ବିଶ୍ୱାସ ସେଠାରେ ପହଞ୍ଚି ସ୍ତ୍ରୀଙ୍କ ସହ ଝଗଡ଼ାକରି ମାରିବା ଉଦ୍ଦେଶ୍ୟରେ ଏକ ବ୍ଲେଡ୍‌ରେ ତାଙ୍କ ଗଳା କାଟି ଦେଇଥିଲେ।

## କଟୁରି ଚୋଟରେ ୪ ମାସର ପୁତୁରା ମୃତ, ସ୍ତ୍ରୀ ଗୁରୁତର

**ପାରିବାରିକ ଗଣ୍ଡଗୋଳରୁ ତୁମୁଳକାଣ୍ଡ**

ବ୍ରହ୍ମଗିରି,୧୬।୧୦(ସ୍ୱାଧୀନ ଚମ୍ପତିରାୟ)

ପୁରୀ ଜିଲା ବ୍ରହ୍ମଗିରି ଥାନା ଅଧୀନ କୁଶୁବେଣ୍ଟି ଗ୍ରାମରେ ବୁଧବାର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ଓ ୪ ମାସର ପୁତୁରାଙ୍କୁ ମାରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ପୁତୁରାଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତ ପୁତୁରାଙ୍କ ବାପା ପ୍ରିୟବ୍ରତ ରାଉତଙ୍କ ଅଭିଯୋଗକ୍ରମେ ବ୍ରହ୍ମଗିରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଅଧୀନ କଳାପଥର ଗ୍ରାମର ଗୁଣ୍ଡିଚା ପ୍ରଧାନ। ଏ ନେଇ ପୋଲିସ ନଂ. ୫୨୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ବ୍ରହ୍ମଗିରି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, କୁଶୁବେଣ୍ଟି ଗ୍ରାମର ମାଗୁଣି ପ୍ରଧାନ ତାଙ୍କ ସାନଝିଅଙ୍କୁ ଗୁଣ୍ଡିଚାଙ୍କ ସହ ବିବାହ ଦେଇଥିଲେ। ବିବାହ ପରେ ଗୁଣ୍ଡିଚା ଘରଜ୍ୱାଇଁଆ ହୋଇ ରହୁଥିଲେ। କିଛିଦିନ ହେବ ଶ୍ୱଶୁର ଘର ସହ ଗୁଣ୍ଡିଚାଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। କୌଣସି କାରଣକୁ ନେଇ ମଙ୍ଗଳବାର ରାତିରେ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏନେଇ ବୁଧବାର ସକାଳ ଗୁଣ୍ଡିଚା ନିଜ ସ୍ତ୍ରୀ ମୃଷି ପ୍ରଧାନ ଓ ତାଙ୍କ ଦେଢଶୁରଙ୍କ ୪ ମାସର ପୁଅଙ୍କୁ କଟୁରିରେ ହାଣିଥିଲେ। ମୃଷିଙ୍କ ଚିତ୍କାର ଶୁଣି ଗ୍ରାମର କେତେଜଣ ଯୁବକ ଗୁଣ୍ଡିଚାଙ୍କୁ କାବୁ କରି ବ୍ରହ୍ମଗିରି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁଣ୍ଡିଚାଙ୍କୁ କାବୁ କରିଥିଲା। ଏଥିସହ ମୃଷି ଓ ଶିଶୁପୁତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ସମୟରେ ମୃଷିଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଥିବାରୁ ସେ ଚିକିତ୍ସାଧୀନ ଅଛନ୍ତି।

## ସାହାଯ୍ୟ ମାଗି ଅଭିନେତ୍ରୀଙ୍କଠାରୁ ଟଙ୍କା ଠକେଇ

ଭୁବନେଶ୍ୱର,୧୬।୧୦
(ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବକ ଓଲିଉଡ୍‌ରେ କାମ କରୁଥିବା ପରିଚୟ ଦେଇ ଗାଡି ଖରାପ ହୋଇଥିବା ବାହାନା କରି ଜଣେ ଆଲ୍‌ବମ୍ ଅଭିନେତ୍ରୀଙ୍କଠାରୁ ୪ ହଜାରରୁ ଅଧିକ ଟଙ୍କା ଠକିନେଇଛନ୍ତି। ଠକାମିର ଶିକାର ହୋଇଥିବା ଅଭିନେତ୍ରୀ ଜଣକ ଚନ୍ଦକା ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଯୁବକ ଏଭଳି ଏକାଧିକ ଯୁବତୀଙ୍କୁ ସାହାଯ୍ୟ ମାଗି ଠକିଥିବା ଜଣାପଡ଼ିଛି।

ସୂଚନାନୁସାରେ, ଅଭିନେତ୍ରୀଙ୍କ ମୋବାଇଲକୁ ପ୍ରଥମେ ଏକ ଅଜଣା ନମ୍ବରରୁ ହ୍ୱାଟ୍ସଆପ୍ ମେସେଜ ଆସିଥିଲା। କିନ୍ତୁ ଅଭିନେତ୍ରୀ ଜଣଙ୍କ କୌଣସି ଉତ୍ତର ଦେଇ ନ ଥିଲେ। ଏହାପରେ ଫେସ୍‌ବୁକ୍ ଜରିଆରେ ଆଉଏକ ମେସେଜ ଆସିଥିଲା। ହ୍ୱାଟ୍ସଆପ୍ ଡିପି ଓ ଫେସ୍‌ବୁକ୍ ପ୍ରୋଫାଇଲ ସମାନ ଥିବାରୁ ଅଭିନେତ୍ରୀ ଜଣକ ଉକ୍ତ ମେସେଜ୍‌ର ଉତ୍ତର ଦେଇଥିଲେ। ଯୁବକ ଜଣକ ନିଜକୁ ଓଲିଉଡ୍‌ରେ କାମ କରୁଥିବା କହି ଅଭିନେତ୍ରୀଙ୍କୁ ଏକ ପ୍ରୋଜେକ୍ଟରେ କାମ ଦେବାର ପ୍ରସ୍ତାବ ଦେଇ ବିଶ୍ୱାସ ଜନ୍ମାଇଥିଲେ। ପରବର୍ତ୍ତୀ ସମୟରେ ସେ ହଠାତ୍ କଲ୍ କରି ଗାଡି ଖରାପ ହୋଇଯାଇଥିବାର ମିଛ ବାହାନା କରି ମରାମତି ଓ ଖାଇବା ପାଇଁ ଅଭିନେତ୍ରୀଙ୍କୁ ଟଙ୍କା ମାଗିଥିଲେ। ଫଳରେ ଅଭିନେତ୍ରୀ ଜଣକ ଉକ୍ତ ଯୁବକ ଦେଇଥିବା ଏକ ସ୍କାନ୍ କ୍ୟୁଆର୍ କୋଡ୍‌ରେ ୪ ହଜାରରୁ ଅଧିକ ଟଙ୍କା ଟ୍ରାନ୍ସଫର କରିଥିଲେ। ତେବେ ଟଙ୍କା ଫେରାଇଦେବାକୁ କହି ଯୁବକ ଜଣକ ବାରମ୍ବାର ଅଭିନେତ୍ରୀଙ୍କୁ ଟଙ୍କା ମାଗିବାରୁ ସନ୍ଦେହ ହୋଇଥିଲା। ଏପରିକି ଏକ ଦାଣ୍ଡିଆ କାର୍ଯ୍ୟକ୍ରମକୁ ଅଭିନେତ୍ରୀ ଜଣକ ଯାଇଥିବାବେଳେ ଉକ୍ତ ଯୁବକ ମଧ୍ୟ ସେଠାକୁ ଯାଇଥିଲେ। ସେଠାରେ କେତେଜଣ ଯୁବତୀଙ୍କ ସହ ସେହି ଯୁବକଙ୍କର ବଚସା ହୋଇଥିବା ସେ ଦେଖିବାକୁ ପାଇଥିଲେ। ଯୁବକ ଜଣକ ଏହିଭଳି ଏକାଧିକ ଯୁବତୀଙ୍କୁ ଠକିଥିବା ଅଭିନେତ୍ରୀ ଜଣକ ଜାଣିବା ପରେ ଟଙ୍କା ମାଗିଥିଲେ। କିନ୍ତୁ ଯୁବକ ଟଙ୍କା ନ ଫେରାଇବାରୁ ଅଭିନେତ୍ରୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଆର୍ଥିକ ଅନିୟମିତତା ଅଭିଯୋଗରେ ପିଇଓ ଗିରଫ

ଲୋଇସିଂହା,୧୬।୧୦(ସୁଶାନ୍ତ ବାରିକ)

ବିଭିନ୍ନ ସରକାରୀ ଯୋଜନାରେ ଆର୍ଥିକ ଅନିୟମିତତା ଅଭିଯୋଗରେ ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ଆଗଲପୁର ଓ ଭରସୁଜା ପଞ୍ଚାୟତର ପୂର୍ବତନ ପିଇଓ ରାଜକିଶୋର ପୋଢ଼ଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଏଭଳି ଅନିୟମିତତା ସମ୍ପର୍କରେ ଆଗଲପଡ଼ା ବିଡିଓ କୁଳଦୀପ ମହାନ୍ତି ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୧୭୪/୨୦୨୪) ରୁଜୁ କରି ଏଭଳି ପଦକ୍ଷେପ ନେଇଛି। ଏହି ଆର୍ଥିକ ଅନିୟମିତତାର ପରିମାଣ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଥିବାବେଳେ ଏନେଇ ଅଭିଯୋଗ ପତ୍ରରେ ନିର୍ଦ୍ଦିଷ୍ଟ ଭାବେ କିଛି ଦର୍ଶାଯାଇ ନାହିଁ। ତଦନ୍ତ ଜାରି ରହିଛି, ପରବର୍ତ୍ତୀ ସମୟରେ କେତେ ଟଙ୍କାର ଅନିୟମିତତା ହୋଇଛି ତାହା ଜଣାପଡ଼ିବ ବୋଲି ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ରାଜକିଶୋର ପୋଢ଼ ଆଗଲପୁର ଓ ଭରସୁଜା ପଞ୍ଚାୟତରେ ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ଦାୟିତ୍ୱରେ ରହିଥିଲେ। ଗତ ମାର୍ଚ୍ଚ ମାସରେ ବିଡିଓ ମହାନ୍ତି ଭରସୁଜା ଓ ଆଗଲପୁର ପଞ୍ଚାୟତ ପରିଦର୍ଶନରେ ଯାଇଥିଲେ। ସେତେବେଳେ ପିଇଓ ଉନ୍ନୟନ କାମ ସଂକ୍ରାନ୍ତୀୟ ଫାଇଲ ଏବଂ ଭଉଚର ରେକର୍ଡ ପତ୍ର ଦେଖାଇ ପାରି ନ ଥିଲେ। ଏହାପରେ ମାର୍ଚ୍ଚ ୧୫ରେ ବିଡିଓଙ୍କ ପତ୍ର ସଂଖ୍ୟା ୭୦୯ରେ ଉଭୟ ପଞ୍ଚାୟତରୁ ପିଇଓ ପୋଢ଼ଙ୍କୁ ଦାୟିତ୍ୱରୁ ଅନ୍ତର କରାଯାଇଥିଲା। ଉଭୟ ପଞ୍ଚାୟତରୁ ଅନ୍ତର ପରେ ନୂତନ ଭାବେ ଯୋଗ ଦେଇଥିବା ପିଇଓଙ୍କୁ ସେ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ। ଅପରପକ୍ଷେ ବିଡିଓ ମହାନ୍ତିଙ୍କ ପତ୍ର ସଂଖ୍ୟା ୮୨୪(ତା ୦୨। ୦୪।୨୦୨୪)ରେ ତଦନ୍ତ ପାଇଁ ପିଇଓ ପୋଢ଼ଙ୍କୁ ବ୍ଲକ୍‌କୁ ଡକାଯାଇଥିଲା। ହେଲେ ସେହିଦିନ ସେ ଅନୁପସ୍ଥିତ ରହିଥିଲେ। ସେବେଠାରୁ କାର୍ଯ୍ୟାଳୟ ଆସୁ ନ ଥିବାରୁ ତାଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ପଳାତକ ଘୋଷଣା କରାଯାଇଥିଲା। ଗତ ଜୁଲାଇ ୨ରେ ପୁନର୍ବାର ବିଡିଓ ଉଭୟ ପଞ୍ଚାୟତକୁ ଗସ୍ତ ବେଳେ ପୂର୍ବତନ ପିଇଓଙ୍କ କାର୍ଯ୍ୟକାଳ ସମୟର ରେକର୍ଡପତ୍ର ମିଳି ନ ଥିଲା। ପୋଢ଼ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ଅଚଳାବସ୍ଥା ଜାରି ରହିବା ସହ ଜନସାଧାରଣ ସୁଫଳ ପାଇପାରୁ ନାହାନ୍ତି। ଏଣୁ ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଏତଲା ଦିଆଯାଇଥିବା ବିଡିଓ ମହାନ୍ତି କହିଛନ୍ତି।

# ବିଳମ୍ବରେ ପହଞ୍ଚିବାରୁ ପୋଲିସକୁ ମାଡ଼

■ ୩ ନାବାଳକ ଲୁଟେରା ଧରାପଡ଼ିଲେ

■ ୨୨ ଗ୍ରାମବାସୀ ଗିରଫ


ଲୋକେ ଭଙ୍ଗାରୁଜା କରିଥିବା ବିନିକା ପୋଲିସ ଗାଡ଼ି।

ସୋନପୁର/ବିନିକା,୧୬।୧୦ (ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)

ଚୋରି ଅଭିଯୋଗରେ ୩ ନାବାଳକଙ୍କୁ ଗ୍ରାମବାସୀ ମଙ୍ଗଳବାର ରାତି ସାରା କ୍ଲବ୍ ଘରେ ରଖିଲେ। ସୂଚନା ପାଇ ବୁଧବାର ପୋଲିସ ଅଭିଯୁକ୍ତମାନଙ୍କୁ ନିଜ ହେପାଜତକୁ ଆଣିବା ସମୟରେ ତୁମୁଳକାଣ୍ଡ ଘଟିଛି। ବିଳମ୍ବରେ ପୋଲିସ ପହଞ୍ଚିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ପୋଲିସ ଟିମ୍‌କୁ ମାଡ଼ ମାରିବା ସହ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି। ସୁବର୍ଣ୍ଣପୁର ଜିଲା ବିନିକା ଥାନା ପାପି(ଆନନ୍ଦନଗର)ରେ ଏହି ଘଟଣା ଘଟିଛି।

ଆନନ୍ଦନଗର ଅଞ୍ଚଳର କେତେଜଣ ଚାଷୀ ମଙ୍ଗଳବାର ରାତିରେ ସିଂଘିଯୁବା-ଖଇରମାଳ ରାସ୍ତା ପାର୍ଶ୍ୱ ଧାନବିଲରେ ପାଣି ମଡ଼ାଉଥିଲେ। ଏହି ସମୟରେ ଚାଷକାମରେ ନିୟୋଜିତ ଜଣେ ଚାଷୀଙ୍କ ନିକଟରୁ ରାମପୁର ଥାନା ଅଞ୍ଚଳର ୩ଜଣ ନାବାଳକ ମୋବାଇଲ ଓ ବାଇକ୍ ଲୁଟ୍ ଉଦ୍ୟମ କରିଥିଲେ। ସମ୍ପୃକ୍ତ ଚାଷୀ ପାଟି କରିବାରୁ ନିକଟରେ ଥିବା ଅନ୍ୟ ଚାଷୀମାନେ ଦୌଡ଼ି ଆସିଥିଲେ। ଫଳରେ ଅଭିଯୁକ୍ତମାନେ ଭୟରେ ଆନନ୍ଦନଗର କ୍ଲବ୍ ଘରେ ଲୁଚିଯାଇଥିଲେ। ସେମାନଙ୍କୁ ଚାଷୀ ଓ ଗ୍ରାମବାସୀ କାବୁକରିବା ସହ କ୍ଲବ୍ ଘରେ ତାଲା ପକାଇ ବିନିକା ଥାନା ପୋଲିସକୁ ଖବର ଦେଇଥିଲେ। କିନ୍ତୁ ପୋଲିସ ରାତିରେ ଘଟଣାସ୍ଥଳକୁ ନ ଯାଇ ବୁଧବାର ସକାଳେ ଯାଇଥିଲା। ପୋଲିସ ବିଳମ୍ବରେ ପହଞ୍ଚି ଲୁଟେରାମାନଙ୍କୁ ନିଜ ହେପାଜତକୁ ନେବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଘଟଣାସ୍ଥଳର ସ୍ଥିତି ଦେଖି ବିନିକା ପୋଲିସ ରାମପୁର ପୋଲିସର ସହାୟତା ନେବା ସହ କ୍ଲବଘର ସମ୍ମୁଖରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରିଥିଲା। ଗ୍ରାମବାସୀଙ୍କ ସହ ଆଲୋଚନା ଚାଲିଥିବା ବେଳେ ପୋଲିସ ଅଭିଯୁକ୍ତମାନଙ୍କୁ କ୍ଲବ୍ ଘରୁ ବାହାର କରିଥିଲେ। ଏଥିରେ ଗ୍ରାମବାସୀ ଉତ୍ତେଜିତ ହୋଇ ଅଭିଯୁକ୍ତଙ୍କ ସମେତ ପୋଲିସ ଟିମ୍ ଉପରେ ଆକ୍ରମଣ ଆରମ୍ଭ କରିଥିଲେ। ଏହି ଆକ୍ରମଣରେ ଏସ୍‌ଆଇ ସୁଜାତା ବୁଡେକ୍, ଏଏସ୍‌ଆଇ ତ୍ରିନାଥ ସାହୁ ଓ କନ୍‌ଷ୍ଟେବଲ ଗୋପୀନାଥ ସାହୁ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ପୋଲିସ ଗାଡ଼ି ମଧ୍ୟ ଭାଙ୍ଗିଛି। ଏପରିକି ଲୋକେ ପୋଲିସ ଗାଡ଼ିର ଟାୟାରରୁ ପ୍ରେସର ଖୋଲି ଦେଇଥିଲେ। ପରେ ଅଧିକ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ନିଜ ହେପାଜତକୁ ଆଣିବାରେ ସକ୍ଷମ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବିନିକା ଥାନାରେ ରଖି ପଚରାଉଚରା କରାଯାଇଥିଲା। ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ କ୍ରମେ ୩ ନାବାଳକଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ପୋଲିସ ଉପରେ ଆକ୍ରମଣ ଓ ଗାଡ଼ି ଭଙ୍ଗାରୁଜା ଅଭିଯୋଗରେ ଏସ୍‌ଆଇ ସୁଜାତା ବୁଡେକ୍‌ଙ୍କ ଲିଖିତ ଅଭିଯୋଗକ୍ରମେ ଗ୍ରାମର କେତେଜଣଙ୍କ ନାମରେ ଅନ୍ୟ ଏକ ମାମଲା(୩୫୭/୨୪)ରୁଜୁ ହୋଇଛି। ଏହି ଘଟଣାରେ ବିନିକା ପୋଲିସ ମୋଟ ୨୨ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷେ ସିଂଘିଯୁବା, ପାପି ଓ ଆନନ୍ଦନଗର ଅଞ୍ଚଳର ଶତାଧିକ ଲୋକ ବିନିକା ଥାନା ସମ୍ମୁଖରେ ଏକାଠି ହୋଇଛନ୍ତି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସୁବର୍ଣ୍ଣପୁର ଏସ୍‌ପି ରାମପ୍ରସାଦ ସାହୁ, ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ ଓ ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ପୋଲିସ ଟିମ୍‌କୁ ନେଇ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି।

## ଦ୍ୱିତୀୟ ସ୍ତ୍ରୀ କଥାରେ ଝିଅଙ୍କୁ ହତ୍ୟାକଲେ ବାପା

**ଚିତ୍ରକୋଣ୍ଡା, ୧୬।୧୦(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ):** ବାପା ସାଜିଲେ ସଇତାନ। ଜନ୍ମିତ ଶିଶୁକନ୍ୟାଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ଏପରି ଘଟଣା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଦୋରାଗୁଡ଼ା ପଞ୍ଚାୟତ ଆର୍‌ଏସ୍‌ସି -୧୪ ଗ୍ରାମରେ ଗୁରୁବାର ଘଟିଛି। ସକାଳୁ ବ୍ଲେଶିରାଣୀ ଭତ୍ରା(୫)ପଡ଼ୋଶୀ ଘରେ ଖେଳୁଥିବା ସମୟରେ ବାପା ସଞ୍ଜୀବ ଭତ୍ରା ତାଙ୍କୁ ଛୁରି ଭୁସି ଦେଇଥିଲେ। କୁନି ଝିଅର ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରୁ ହତ୍ୟାକାରୀ ବାପା ଫେରାର ହୋଇଯାଇଛନ୍ତି। ମୃତ ବ୍ଲେଶିଙ୍କ ଜେଜେବାପା ବିନୋଦ ଭତ୍ରା ଅଭିଯୋଗ କରିଛନ୍ତି, ପୁଅ ସଞ୍ଜୀବ ଦ୍ୱିତୀୟ ସ୍ତ୍ରୀ ପ୍ରରୋଚନାରେ ପଡ଼ି ଆଗ ସ୍ତ୍ରୀର ଝିଅ ବ୍ଲେଶିଙ୍କୁ ହତ୍ୟାକରିଛି। ହତ୍ୟାକାରୀ ସଞ୍ଜୀବକୁ ଫାଶୀଦଣ୍ଡ ଦିଆଯାଉ ବୋଲି ପ୍ରତିକ୍ରିୟାରେ ସେ କହିଛନ୍ତି। ଚିତ୍ରକୋଣ୍ଡା ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ତନାଘନା ଚଳାଇଥିବା କହିଛି। ଏ ନେଇ ଚିତ୍ରକୋଣ୍ଡା ଥାନାରେ ୧୭୪/୨୪ରେ ମାମଲା ରୁଜୁ ହୋଇଛି।


**GOVERNMENT OF ODISHA** No.B-415
**OFFICE OF THE SUPERINTENDING ENGINEER SUNDARGARH (R&B) DIVISION, SUNDARGARH**
ଓଡ଼ିଶା ସରକାର
E-mail Id: pwd_sng@yahoo.co.in
'e' - Procurement Notice
Bid Identification No.SE-R&B-SNG-25 of 2024-25
Letter No.5936 Date:08.10.24

| | | | |
|---|---|---|---|
| 1 | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on ONLINE mode from eligible contractors with valid licenses for execution of Annual Maintenance works as detailed in DTCN. | | |
| 2. | Nature of Work | : | Annual Maintenance works |
| 3. | No. of Work | : | 01 (One) No. |
| 4. | Tender Cost | : | Rs.6,000/- |
| 5. | Class of Contractor | : | Specialized agency with associate electrical contractor having valid license from ELBO |
| 6. | Availability of bid document in the website | : | From 10.00 A.M. Date 18.10.2024 to 05.00 PM Date 29.10.2024 |
| 7. | Date of Opening of Bid | : | 11.00 A.M. on Dt.30.10.2024 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/ corrigendum/ cancellation of tender can also be seen in the said website only. | | |

Sd./- Additional Chief Engineer
Sundargarh (R&B) Division
OIPR-34043/11/0018/2425

**OFFICE OF THE SUPERINTENDING ENGINEER DHENKANAL (R&B) DIVISION,DHENKANAL**
Email- eedklpwd@gmail.com
INVITATION FOR BIDS THROUGH e-Procurement
Bid Identification No.SEDKL (R&B) 14/2024-25
No.B-425: Invitation For Bids

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of Work | : | 2 Nos. Civil Works & 1 No. Electrical Work |
| 3. | No. of Work | : | 03 Nos. |
| 4. | Bid Cost | : | Rs.6,000/- each |
| 5. | Class of Contractor | : | 'C' & 'D' License & Specialized agency with associate electrical contractor having valid license from ELBO |
| 6. | Availability of Bid documents in the website | : | From 10.00 AM of 15.10.2024 to 5.00 PM of 29.10.2024 |
| 7. | Date of Opening of Bid | : | Dt.30.10.2024 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0012/2425

**OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH**
No. B-431 E-mail ID: eepwddeogarh@gmail.com
INVITATIONS FOR BIDS (IFB)
Letter No. 4625 Invitation for Bids Dtd.: 09.10.2024
Bid Identification No. SE PWD DGR No. 12 of 2024-25

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single Cover System in ONLINE MODE only, for Construction of Building as detailed below | | |
| 2. | Nature of work | : | Building works |
| 3. | No. of works | : | Building 14 Nos. |
| 4. | Bid Cost | : | Rs.6000/- & Rs.10000/- |
| 5. | Class of Contractor | : | "C" & "B" Class |
| 6. | Availability of Bid Documents in the website | : | From Dt.18.10.2024 to 17.00 hours of Dt.02.11.2024 |
| 7. | Date of Opening of Technical Bid | : | Dt.04.11.2024 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website only. | | |

Sd./- Superintending Engineer
Deogarh (R&B) Division
OIPR-34061/11/0002/2425

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail id: seccbbsr@gmail.com
E-Procurement Tender Call Notice No. 07 of 2024-25
No. 4000 (Estg.) Bhubaneswar the 9th October 2024
No. B-449: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for two number road works to be received in online bidding, double cover system for improvement works as detailed in **https://tendersodisha.gov.in**. The details of bid documents will be available in the above website from 5.00 P.M. of 15.10.2024 to 5.00 P.M. of 29.10.2024. The bidders must possess compatible Digital Signature Certificate of Class-II or III. Bids received online shall be opened at 11.00 A.M. of 30.10.2024 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersodisha.gov.in**.
Addendum/Corrigendum, if required, will be available only in the website.
Sd./- Er. M.R. Behera
Chief Construction Engineer
Central (R&B) Circle, Bhubaneswar
OIPR-34156/11/0005/2425

**OFFICE OF THE MANAGING DIRECTOR, WATCO**
Ground Floor, Unnati Bhawan, H.B. Colony, Satyanagar
Bhubaneswar-751007, Odisha, India, Telefax:- +91-674-2391444
E-mail:mail@watcoodisha.in, md@watcoodisha.in
1st Corrigendum to Tender Call Notice No. WATCO(W)-10/2024-25, Dt.04.10.2024
No.6391/Dated 14.10.2024
**No.C-773:** The BoQ uploaded in the above tender call notice is hereby cancelled (Id 2024_WATCO_105541_1) and new corrected BoQ is uploaded for reference of the bidders.

| Sl.No. | Reference | Existing | To be read as |
|---|---|---|---|
| 01 | BoQ Total Amount | Rs.307508103.00 | Rs.307508343.00 |
| 02 | Critical Dates:-NIT-5 | | |
| | Period of availability of tenders online | From 11.00 AM of Dt.09.10.2024 to 5.00 PM of Dt.29.10.2024 | From 5.00 PM of Dt.14.10.2024 to 5.00 PM of Dt.29.10.2024 |
| | Last date & time of bidding on-line | 5.00 PM of Dt.29.10.2024 | 5.00 PM of Dt.29.10.2024 |
| | Date & Time of opening of Technical Bid | 12.30 PM of Dt.30.10.2024 | 12.30 PM of Dt.30.10.2024 |

All other terms and condition remain unchanged.
Sd./- (Managing Director)
WATCO
OIPR-13194/11/0017/2425

**OFFICE OF THE SUPERINTENDING ENGINEER KENDRAPARA (R&B) DIVISION No.II, KENDRAPARA**
No. B-439
E-mail; eerandbdivn2kpd@gmail.com, Tel. No.: 06727-220408
GOVERNMENT OF ODISHA "e" Procurement Notice
E-Procurement Notice for Civil Work
Bid Identification No. S.E. (RnB) KPD-II-06/2024-25

| | | | |
|---|---|---|---|
| 1. | No. of Works | : | 10 Nos of Building Works |
| 2. | Estimated Cost | : | Rs.50,00,000.00 to Rs.80,00,000.00 (Approx.) |
| 3. | Period of Completion | : | 03 (Three) Calendar Months |
| 4. | Date & time of sale & receipt of bid document | : | From 10.00 A.M. of 19.10.2024 to 5.00 P.M. of 28.10.2024 |
| 5. | Last date/time of receipt of bids | : | 5.00 P.M. of 28.10.2024 |
| 6. | Date & time of opening of Bids | : | 11.00 A.M. of 29.11.2024 |
| 7. | Name and Address of the Inviting Bid | : | Superintending Engineer, Kendrapara (R&B) Division-II, Kendrapara |

Further details with any addendum, corrigendum, cancellation can be seen from the State Govt. Portal **"https://tendersorissa.gov.in"**.
Sd./- Superintending Engineer
Kendrapara (R&B) Division-II, Kendrapara
OIPR-34158/11/0002/2425

**GOVERNMENT OF ODISHA** No. B-437
**"e" - PROCUREMENT NOTICE**
**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR**
E-mail: eeroads.khr@rediffmail.com
No. 4599 Date: 09.10.2024
Invitation For Bids
Bid Identification No. S.E. (R&B), KHARIAR - 06/2024-25

| | | |
|---|---|---|
| 1 | The Executive Engineer, Khariar (R&B) Division, Khariar on behalf of Governor of Odisha invites percentage rate composite bids (Civil+EI+PH) in **Double Cover System** in **ONLINE MODE** only. | |
| 2 | Nature of Work | Construction of Paddy Procurement Centre (Civil+EI+PH) |
| 3 | No. of Work | 01 No. Work |
| 4 | Tender Paper Cost | As specified in the notice for the respective work, to be remit online only |
| 5 | Class of Contractor | As specified in the notice for the respective work |
| 6 | Availability of Bid Documents in the Website | 10.00 hours of 18.10.2024 to 17.00 hours of 01.11.2024 |
| 7 | Date of Opening of Technical Bid | Dt.02.11.2024 at 11.30 hours |
| 8 | EMD/Bid Security | As specified in the notice to be remitted online only |
| 9 | The bidders shall have to participate in ONLINE bidding only. Further details can be seen from the website: **https://www.tendersodisha.gov.in**. Any addendum/ corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Executive Engineer
Khariar (R&B) Division, Khariar
OIPR-34062/11/0009/2425


ଡେରାବିଶ ଛତାବଟ ମହାପୁରୁଷ ମଣ୍ଡପରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀ।


ଛତା ଛକ ପୂଜା ମଣ୍ଡପ।


ଓଲଢ଼ି ପୂଜା ମଣ୍ଡପ।

# ଘଟ ସ୍ଥାପନ ସହ ମଣ୍ଡପରେ ମା’ ଗଜଲକ୍ଷ୍ମୀ ପୂଜା ଆରମ୍ଭ


ବାରିକ ସାହି ପୂଜା ମଣ୍ଡପ।

**ଡେରାବିଶ, ୧୬।୧୦(ବେବର୍ତ୍ତା ଅଜୟ ଦାସ)**

ଧନଦାତ୍ରୀ ମା’ ଗଜଲକ୍ଷ୍ମୀଙ୍କ ପୂଜା କୁମାର ପୂର୍ଣ୍ଣମୀ ଅବସରରେ ବୁଧବାର ସନ୍ଧ୍ୟାରେ ଡେରାବିଶ ବ୍ଲକ ଅଞ୍ଚଳରେ ଆରମ୍ଭ ହୋଇଛି। ଏଥିପାଇଁ ହେବାରେ ଲାଗିଛି। ବ୍ଲକ ଅଧୀନ ଜିଲାର ପ୍ରମୁଖ ଚାନ୍ଦୋଳ ବଜାର, ଛତା, ଓଲଢ଼ି, ନେତୁଆ, ଛୋଟି, ପଲ୍ଲୀରଘୁନାଥପୁର, ମନ୍ତ୍ରୀପଡ଼ା, ଫକୀରାବାଦ, ଠାକୁରହାଟ,

- ଡେରାବିଶର ୭୦ରୁ ଊର୍ଦ୍ଧ୍ୱ ମଣ୍ଡପ
- ଗାଁଠାରୁ ସହର ଉତ୍ସବମୁଖର

ଠାକୁରପାଟଣା, ସାତବାଟିଆ, ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ଚାନ୍ଦୋଳ କଲେଜ ଛକ, ଚଷାଖଣ୍ଡ, ଅର୍ତ୍ତାମୂଳ ପ୍ରଭୃତି ସ୍ଥାନରେ ୭୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ଆରମ୍ଭ ହୋଇଛି ମା’ଙ୍କ ପୂଜା। ଏହି ଅବସରରେ ସନ୍ଧ୍ୟାଠାରୁ ବିଭିନ୍ନ ପୂଜା ମଣ୍ଡପରେ ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ସ୍ଥାନୀୟ ପୁଷ୍କରଣୀ ଓ ନଦୀରୁ ପାଣି ଅଣାଯାଇ ମା’ଙ୍କ ନିକଟରେ ଘଟ ସ୍ଥାପନା ହେବା ସହ ପୂଜାର୍ଚ୍ଚନା କରାଯାଇଛି। ତେବେ ଚଳିତବର୍ଷ ବିଭିନ୍ନ ପୂଜା ମଣ୍ଡପରେ ସୁଉଚ ତୋରଣ ସାଙ୍ଗକୁ ବୈଦ୍ୟୁତିକ ଆଲୋକମାଳା ଏହି ପୂଜାକୁ ବିଶେଷ ଆକର୍ଷିତ କରୁଛି। ମା’ଙ୍କ ପୂଜା ବ୍ଲକ ଅଞ୍ଚଳରେ ଗଣପର୍ବ ହୋଇଥିବାରୁ ବିଭିନ୍ନ ଗ୍ରାମରେ ପିଠାପଣାର ଆସର ଦେଖିବାକୁ ମିଳୁଛି। କେତେକ ପୂଜା ମଣ୍ଡପରେ ୭ ଦିନ ଓ କେତେକ ପୂଜା ମଣ୍ଡପରେ ୯ ଦିନ ଧରି ପାଳିତ ହେବାକୁ ଥିବା ଏହି ପର୍ବ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

# ରଘୁନାଥପୁରରେ ଗଜଲକ୍ଷ୍ମୀ ପୂଜା



**ଚଢ଼େଇଧରା, ୧୬।୧୦(ଦିଲୀପ ପରିଡ଼ା):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ରଘୁନାଥପୁରଠାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏହି ପୂଜା ୩ ଦିନ ଧରି ଅନୁଷ୍ଠିତ ହେବ। ପ୍ରତିଦିନ ଭଜନ କୀର୍ତ୍ତନ, ଭଜନ ସନ୍ଧ୍ୟା ଓ ଗାଁ ପିଲାଙ୍କ ଦ୍ୱାରା ଯାତ୍ରା ପରିବେଷଣ କରାଯିବ। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।


ଧର୍ମଶାଳା ବ୍ଲକ୍ ଅଧୀନ କୁମାରୀ ଗ୍ରାମରେ ପୂଜା ପାଉଥିବା ଗଜଲକ୍ଷ୍ମୀ।

# ମା’ ବିରଜାଙ୍କ କୁମାରୋତ୍ସବ

**ଯାଜପୁର ଟାଉନ୍, ୧୬।୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା’ବିରଜାଙ୍କ କୁମାରୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାତଃରୁ ମା’ଙ୍କ ଶ୍ରୀଅଙ୍ଗଲାଗି ସେବାୟତ ପାଳିଆ ମା’ଙ୍କୁ ସ୍ନାନ କରାଇବା ପରେ ବେଶକରି ସକାଳ ନୈବେଦ୍ୟ ଅର୍ପଣ ପରେ ମା’ଙ୍କୁ ଚନ୍ଦନ ବେଶ ଓ ବିଭିନ୍ନ ପୁଷ୍ପରେ ସଜ୍ଜିତ କରାଇଥିଲେ। ପୂର୍ବାହ୍ନ ପରେ ମା’ଙ୍କୁ ପରମ୍ପରା ଅନୁଯାୟୀ ନୀତିଭୋଗ ଲାଗି କରାଯାଇ ପହୁଡ଼ ହୋଇଥିଲା। ଅପରାହ୍ନ ୩ ଟାରେ ପହୁଡ଼ ଖୋଲିବା ପରେ ସନ୍ଧ୍ୟାରେ ଆଳତି ହୋଇଥିଲା। ପରେ ମା’ଙ୍କ ଗର୍ଭ ଗୃହରେ ପୁରୋଧାମାନେ ମା’ଙ୍କ କଳସ ପୂଜା, ପତୋପଚାର ପୂଜା କରିବା ପରେ ଅକ୍ଷ କ୍ରୀଡ଼ା କରିଥିଲେ। ଏହି ପୂଜା ସରିବା ପରେ ଦ୍ୱିତୀୟାଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ମା’ଙ୍କ ବିଶେଷ ଦୁର୍ଗାପୂଜାରେ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ପୁରୋଧାମାନଙ୍କୁ ମନ୍ଦିର ପ୍ରଶାସକଙ୍କ ତରଫରୁ ଶିରୋପା ପ୍ରଦାନ କରାଯାଇଥିଲା। ଅକ୍ଷକ୍ରୀଡ଼ା ପରେ ମା’ଙ୍କଠାରେ ଲାଗି ହୋଇଥିବା ଭୋଗ ଖଇ ଓ ନଡ଼ିଆକୁ ମନ୍ଦିରର ଶ୍ରୀଅଙ୍ଗ ଲାଗି ସେବାୟତ, ବିଭିନ୍ନ ବର୍ଗର ସେବାୟତ ପାଇବା ସହ ଉପସ୍ଥିତ ଥିବା ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ଏହି ସମସ୍ତ ପୂଜା କାର୍ଯ୍ୟକୁ ଧର୍ମାଧିକାରୀ ହିମାଂଶୁ ଶେଖର ପତିମିଶ୍ର, ବିରଜା କିଂକର ପତି, ପ୍ରମୋଦ କୁମାର ପତି, ମୋହିନୀ ମୋହନ ପତି, ମନୋରଞ୍ଜନ ପତି, ଡ. ଜ୍ଞାନରଞ୍ଜନ ପତି, ସରୋଜ କୁମାର ପତି, ପ୍ରତାପ କୁମାର ପତି, ପ୍ରଭାତ ରଞ୍ଜନ ପତି, ବିରଜା ଶଙ୍କର ପତି, ଶଶାଙ୍କ ଶେଖର ପତି ଓ ପୂଜକ ନାଗେନ୍ଦ୍ରଭୂଷଣ କର ପ୍ରମୁଖ ସମ୍ପନ୍ନ କରିଥିଲେ।


କୁମାରୀ ବେଶରେ ମା’ ବିରଜା।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦୀପାଞ୍ଜଳି


@ ନିରଞ୍ଜନ


@ ସୌମ୍ୟାଶ୍ରୀ


@ ଭଗବାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ସହରର ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚାନ୍ଦି, ସୁନା ମେଢ଼

- ଜିଲାର ସବୁଠି ଗଣପର୍ବ ଗଜଲକ୍ଷ୍ମୀ ପୂଜାର ଝଲକ
- ୧୯୨୮ରେ ମାରୱାଡି ପଟିରେ ପୂଜା ପାଇଥିଲେ ମା’
- ସୁସଜ୍ଜିତ ତୋରଣ, ରଙ୍ଗବେରଙ୍ଗର ଆଲୋକ ସଜ୍ଜା

**କେନ୍ଦ୍ରାପଡ଼ା, ୧୬।୧୦(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜୋତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ମା’ଙ୍କ ପୂଜାର୍ଚ୍ଚନା ହେବ। ଅପରାହ୍ନରୁ ଘଣ୍ଟ, କାହାଳି, ବାଜା, ରୋଶଣି ମାଧ୍ୟମରେ ନଦୀରୁ ଜଳ ସଂଗ୍ରହ କରାଯାଇ ପୂଜା ମଣ୍ଡପରେ ଘଟ ସ୍ଥାପନ ହୋଇଛି। ପରେ ମା’ଙ୍କ ଆବାହନ ଷୋଡ଼ଶ ଉପଚାରରେ କରାଯାଉଛି। ବିଭିନ୍ନ ପୂଜା କମିଟି ସଦସ୍ୟ ଉତ୍ସାହର ସହ ଏହି ପର୍ବକୁ ଆକର୍ଷଣୀୟ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଚଳିତବର୍ଷ ସହର ମଧ୍ୟରେ ୫୨ଟି ଓ ଆଖପାଖରେ ୧୬ଟି ମଣ୍ଡପରେ ମା’ ଧନଦାତ୍ରୀ ବିରାଜିତ ହୋଇଛନ୍ତି। ସେହିପରି ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ସୁନା ଓ ରୁପା ଅଳଙ୍କାରରେ ଆଭୂଷିତ ମା’ ପୂଜା ପାଉଛନ୍ତି। କେତେଗୋଟି ମଣ୍ଡପରେ ଗୌରୀ ଶଙ୍କର, କାଳୀୟ ଦଳନ, ମହାବୀର, ରାଧାକୃଷ୍ଣ, ସୂର୍ଯ୍ୟ ସାଗରିକା ଆଦି ଦେବଦେବୀଙ୍କ ମୁଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ସନ୍ଧ୍ୟାରେ ଷୋଡ଼ଶ ଉପଚାରରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀଙ୍କ ଆବାହନୀ ମନ୍ତ୍ର ପ୍ରତ୍ୟେକ ମଣ୍ଡପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଏଥିସହ ଆକର୍ଷଣୀୟ ମେଢ଼ ଓ ତୋରଣ ସାଜସଜ୍ଜାରେ ସହର ଝଲସି ଉଠିଛି। ସନ୍ଧ୍ୟାଠାରୁ ସହରର ପ୍ରତ୍ୟେକ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି।

୧୯୨୮ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ଏବେ ଜିଲାବାସୀଙ୍କ ଗଣପର୍ବ ପାଲଟିଛି। ମାରୱାଡି ବ୍ୟବସାୟୀ ଜୋହରି ମଲ୍ଲ ପ୍ରଥମେ ଏହି ପୂଜା ମାରୱାଡି ପଟ୍ଟି (ପୁରୁଣା ବସ୍‌ଷ୍ଟାଣ୍ଡ) ନିକଟରେ ଆରମ୍ଭ କରିଥିବା ଜନଶ୍ରୁତି ରହିଛି। ସହରର ଖଡ଼ିଅଙ୍ଗ, କାକଟମଙ୍ଗଳା, ମଢ଼ିଆଳ, ଗଣାମାହାଲ ଆଦି ମଣ୍ଡପରେ ମା’ଙ୍କର ଚାନ୍ଦି ମେଢ଼ ହୋଇଛି। ମଢ଼ିଆଳର ଗଙ୍ଗା ଭଗୀରଥ ପୂଜା ମଣ୍ଡପରେ ମା’ଙ୍କ ମୁକୁଟରେ ସୁନା ମୟୂର, ଲାଗି ହୋଇ ଯାତ୍ରୀଙ୍କୁ ଆକର୍ଷିତ କରୁଛି। ଚଳିତବର୍ଷ ସହରରେ ହୋଇଥିବା ୬୮ ମଣ୍ଡପରୁ ଅଧିକାଂଶ ମୂର୍ତ୍ତିରେ ସୁନା ଚିତା, ସୁନାରେ ତିଆରି ନୟନ ଶୋଭା ପାଉଛି। ପ୍ରତି ମଣ୍ଡପରେ ସୁସଜ୍ଜିତ ତୋରଣ ଓ ରଙ୍ଗବେରଙ୍ଗର ଆଲୋକମାଳା ଲୋକଙ୍କୁ ଆକର୍ଷିତ କରୁଛି। ସେହିପରି ପୂଜା ଅବସରରେ ଖୋଲିଥିବା ବ୍ୟବସାୟ ଅନୁଷ୍ଠାନ ଯାତ୍ରୀଙ୍କୁ ଚଳଚଞ୍ଚଳ କରିଛି।


ଖଡ଼ିଅଙ୍ଗ ପୂଜା ମଣ୍ଡପରେ ମା’ ଗଜଲକ୍ଷ୍ମୀଙ୍କ ପୂଜା କରାଯାଉଛି।

## ସେମାନେ କୁହନ୍ତି...


“କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ପ୍ରଥମେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା। ସେଥିପାଇଁ ଥାନପତି ଠାକୁରାଣୀ ଭାବେ ଅଦ୍ୟାବଧି ସମ୍ମାନ ମିଳୁଛି। ଥାନପତି ମାନ୍ୟତା ଥିବାରୁ ଏଠାରେ ସମସ୍ତ ପାରମ୍ପରିକ ବିଧି ବିଧାନ ସତର୍କତାର ସହ ପାଳନ ହୋଇଥାଏ। ଚଳିତବର୍ଷ ସହରର ସମସ୍ତ ମେଢ଼ କମିଟିର ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିବାକୁ ଯୋଜନା ଅଛି। ଆକର୍ଷଣୀୟ ତୋରଣ, ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ବୋଲି ବିଶ୍ୱାସ ରହିଛି।

**- ଭୀମସେନ ବେହେରା, କର୍ମକର୍ତ୍ତା, ପୁରୁଣା ବସ୍‌ଷ୍ଟାଣ୍ଡ ଥାନପତି ପୂଜା କମିଟି।**


“ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ମୂର୍ତ୍ତି ନିର୍ମାଣ, ମେଢ଼ ସାଜସଜ୍ଜାକୁ ପ୍ରାଧାନ୍ୟ ଦିଆଯାଇଛି। ଏଥିସହ ପୂଜା ବିଧିବିଧାନକୁ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା’ଙ୍କ ମୂର୍ତ୍ତି ଏବର୍ଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ।

**- ଭାବଗ୍ରାହୀ ସିଂ, ସଭାପତି, ଖଡ଼ିଅଙ୍ଗ ପୂଜା କମିଟି।**


“ମା’ଙ୍କ ମୁକୁଟରେ ସୁନା ମୟୂର ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଚଳିତବର୍ଷ ସୁନା କାରୁକାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଚଳିତ ପୂଜାରେ ୩ଟି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ହୋଇଛି। ଏହାବ୍ୟତୀତ ତୋରଣ ସାଜସଜ୍ଜା ଏଥରର ମୁଖ୍ୟ ଆକର୍ଷଣ ହେବ।

**-ସୁବାସ କୁମାର ଚାନ୍ଦ, ସଭାପତି, ମଢ଼ିଆଳ ପୂଜା କମିଟି।**


“ଗଣପର୍ବ ହୋଇଥିବାରୁ ପ୍ରବାସରୁ ଜିଲାବାସୀ ଘରକୁ ଫେରୁଛନ୍ତି। ମା’ଙ୍କ ପର୍ବକୁ ୯ ଦିନ ଧରି ପାଳନ କରିବା ଆମ ପାଇଁ ଗର୍ବ ପାଲଟିଛି। ଏହି ପର୍ବ ସମୟରେ ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ଆସି ଘରକରଣା ସାମଗ୍ରୀ, ଫେଶନ ସାମଗ୍ରୀ, ପିଲାଙ୍କ ଖେଳନା ଆଦି ବିକ୍ରି କରୁଛନ୍ତି। ଏଥିସହ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଚଳିତବର୍ଷ ବର୍ଷା ନ ହେଲେ ପୂଜୋତ୍ସବ ଭଲରେ ସମ୍ପୂର୍ଣ୍ଣ ହେବ।

**- ସରିତା ସାହୁ, ପୌରାଧ୍ୟକ୍ଷା, କେନ୍ଦ୍ରାପଡ଼ା।**

# ନୟାଗଡ଼ରେ ମା’ ଗଜଲକ୍ଷ୍ମୀ


ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ସମ୍ମୁଖ ନିଉ ଟାଉନ ମାର୍କେଟ କମିଟି


ନୟାଗଡ଼ ରାଜାବଗିଚା ଲକ୍ଷ୍ମୀ ବଜାର


ନୟାଗଡ଼ ପାର୍କ ଲେନ୍


ବିରୁଡ଼ା ମା’ ମଙ୍ଗଳା ୟୁଥ୍ କ୍ଲବ


ଇଟାମାଟି ଲକ୍ଷ୍ମୀବଜାର


କଚେରି ବଜାର


ସଠିଆପଲ୍ଲୀ ଦଳିତ ସାହି ମା’ ବେଢ଼ାକାଳୀ କ୍ଲବ


ଶଗଡ଼ିଆ ସାହି

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦୀପାଞ୍ଜଳି


@ ନିରଞ୍ଜନ


@ ପିଣ୍ଟୁ


@ ସୌମ୍ୟାଶ୍ରୀ


@ ଭଗବାନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଦଶପଲ୍ଲା


ଖଣ୍ଡପଡ଼ା


ନୟାଗଡ଼ କୁବୁଲି ମାର୍କେଟ


ଖଣ୍ଡପଡ଼ା ଗଜଲକ୍ଷ୍ମୀ


ନୟାଗଡ଼ ବ୍ଲକ ମାର୍କେଟ

## ସଂକ୍ଷେପରେ

### ସଭ୍ୟସଂଗ୍ରହ ଅଭିଯାନ, ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି

ଧର୍ମଶାଳା,୧୬।୧୦(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟସଂଗ୍ରହ ଅଭିଯାନକୁ କିପରି ସଫଳ କରାଯିବ ସେହି ଉଦ୍ଦେଶ୍ୟରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ନୂଆଗାଁସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ବିଜେଡି ବ୍ଲକ ସଭାପତି ଜଳଧର ମହାନ୍ତି ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ଧର୍ମଶାଳାରେ କିଭଳି ଅଧିକରୁ ଅଧିକ ସଭ୍ୟସଂଗ୍ରହ କରାଯାଇ ପାରିବ ଓ ଭାଜପା ସରକାରର ମିଛ ପ୍ରତିଶ୍ରୁତି ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଯାଇ ପାରିବ ତାହା ଉକ୍ତ ସଭାରେ ଆଲୋଚନା କରାଯାଇଛି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବରିଷ୍ଠ ସଂଗଠକ ଡ. ପ୍ରିୟନାଥ ମହାପାତ୍ର, ସୁରେନ୍ଦ୍ର ପଣ୍ଡା, ଲୋକନାଥ ପଣ୍ଡା, ଉତ୍କଳମଣୀ ଦାସ, ଦୁଃଶାସନ ସାହୁ, ଜଳଧର ସାହୁ, ଅମରେନ୍ଦ୍ର ରାୟ, ବଟକୃଷ୍ଣ ରାଉତ, ନିରଞ୍ଜନ ବଳ, ମମତା ଖୁଣ୍ଟିଆ, ରେଣୁବାଳା ଶତପଥୀ, ପ୍ରଣତୀ ଲେଙ୍କା, ସୁଧାଂଶୁ ସାହୁ, ଚକ୍ରଧର ବେହେରା, କ୍ଷୀତିଶ ନାୟକ, ଜଗଦାନନ୍ଦ ରାଉତ ଓ ୫୪ ପଞ୍ଚାୟତର ଛାମୁଆ ସଂଗଠକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ଗ୍ୟାସ୍ ସିଲିଣ୍ଡର ଚୋରିକରି ଛେଚା ଖାଇଲେ ୨ ଯୁବକ

ଭୋଗରାଇ, ୧୬।୧୦(ପ୍ରଦୀପ ଦାସ)

ନିଶା ପାଇଁ ୨ ଯୁବକ ରାତି ଅଧରେ ପଶି ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିଲେ। ହେଲେ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡିଯିବାରୁ ଛେଚା ଖାଇଲେ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନାଇଦୋଳି ଗ୍ରାମରେ। ଦଶହରା ଉପଲକ୍ଷେ ଉକ୍ତ ଗ୍ରାମରେ ମଙ୍ଗଳବାର ରାତିରେ ଏକ ନାଟକ ମଞ୍ଚସ୍ଥ ହେଉଥିଲା। ତାଙ୍କ ପରିବାର ଲୋକେ ନାଟକ ଦେଖିବାକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ୨ ଯୁବକ ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଉଥିବା ଗ୍ରାମବାସୀ ଦେଖି ଯୁବକଦ୍ୱୟଙ୍କୁ ଧରି ପକାଇଥିଲେ। ପରେ ଏକ ବିଦ୍ୟୁତ୍ ଖୁଣ୍ଟରେ ରସିରେ ବାନ୍ଧି ମାଡ଼ ମାରିବା ପରେ ସେମାନେ ନିଶା ପାଇଁ ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରି କରିଥିବା ଯୁବକ ଜଣକ ନାଇଦୋଳି ଗ୍ରାମର ହୋଇଥିବା ବେଳେ ଅନ୍ୟଜଣେ ଯୁବକ କୁଚିଲାଡାଙ୍ଗ ଗ୍ରାମର ବୋଲି ଜଣାପଡିଥିଲା। ନାଇଦୋଳି ଗ୍ରାମର ଯୁବକ ଜଣକ ପୂର୍ବରୁ ଅନ୍ୟ ଲୋକଙ୍କ ଘରେ ଧାନ କାଢି ନେଇ ଚୋରାରେ ବିକ୍ରି କରିବା ସହ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରୁ ଚୋରି କରି ଧରାପଡି ଭୋଗରାଇ ଥାନାକୁ ଯାଇଥିଲେ। ଯୁବକଦ୍ୱୟଙ୍କ ବିରୋଧରେ ଗ୍ରାମବାସୀ ଭୋଗରାଇ ଥାନାରେ ଏତଲା ନ ଦେଇ ଛାଡି ଦେଇଥିବା ସୂଚନା ମିଳିଛି।

# ବର୍ଦ୍ଧିତ ମଜୁରି ପାଇବାରୁ ବଞ୍ଚିତ ଶ୍ରମିକ

ଯାଜପୁର,୧୬।୧୦(ହର୍ଷବର୍ଦ୍ଧନ ବେହେରା) :

- ଅଣଓଡ଼ିଆ ଠିକାସଂସ୍ଥା ଦ୍ୱାରା ୫୦ ପ୍ରତିଶତ ମଜୁରୀ ହଡ଼ପ
- କାରଖାନାରେ ଅଣଓଡ଼ିଆ ଅଧିକାରୀଙ୍କ ମାନମାନି ଅଣାୟତ୍ତ
- ଦୁର୍ଦ୍ଦିନରେ ଶ୍ରମିକ, କର୍ମଚାରୀଙ୍କ ପରିବାରବର୍ଗ



ରାଜ୍ୟ ମଜୁରୀ ନିର୍ଦ୍ଧାରଣ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ବର୍ଷକୁ ବର୍ଷ ହେଉଥିବା ଶ୍ରମିକଙ୍କ ବର୍ଦ୍ଧିତ ଦରର ଅତିରିକ୍ତ ଅର୍ଥକୁ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଶି ହଡପ କରିବାରେ ଲାଗିଛନ୍ତି । ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ଅନୁଦାନରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପର ଶେଷ ହେବାର ସମୟସୀମା ବୃଦ୍ଧି କରି ଏଭଳି ମସୁଧା ଚଳାଇଥିବା ଅଭିଯୋଗ ହେଉଛି। କେବଳ ଓଏମ୍‌ବିଏଡିସି କାର୍ଯ୍ୟରେ ନୁହେଁ ବିଭିନ୍ନ ଶିଳ୍ପ କାରଖାନାରେ ନିୟୋଜିତ ଠିକାସଂସ୍ଥା ଓ ସରକାରୀ ଉନ୍ନୟନମୂଳକ କାର୍ଯ୍ୟରେ ଏଭଳି ଦୁର୍ନୀତି ଲାଗି ରହିଛି। ବିଶେଷକରି ଅଣଓଡ଼ିଆ ଠିକାସଂସ୍ଥା ପକ୍ଷରୁ ଏଭଳି ଶ୍ରମିକ ଶୋଷଣ ନୀତି ଅଣାୟତ୍ତ ହେବାରେ ଲାଗିଛି। ଫଳରେ ସରକାରଙ୍କ ଦ୍ୱାରା ଘୋଷିତ ବର୍ଦ୍ଧିତ ମଜୁରୀ ପାଇବାରୁ ଶ୍ରମିକ ଓ କର୍ମଚାରୀମାନେ ବଞ୍ଚିତ ହୋଇ ଆସୁଛନ୍ତି। ଏଠାରେ ଶ୍ରମ ବିଭାଗ ଓ ଜିଲା ପ୍ରଶାସନ ଜାଣିଶୁଣି ନୀରବଦ୍ରଷ୍ଟା ସାଜିଥିବାରୁ ସଂପୃକ୍ତ ଅଧିକାରୀ ଓ ଠିକାସଂସ୍ଥା ଏଭଳି ଭାବେ ସରକାରଙ୍କ ଅନେକ କୋଟି ଟଙ୍କା ଲୁଟ କରି ଚାଲିଛନ୍ତି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲାର ରାସ୍ତା ଓ କୋଠାବାଡ଼ି(ଆର ଏଣ୍ଡ ବି) ତଥା ପୂର୍ତ୍ତ ବିଭାଗ ଦ୍ୱାରା ମେଡିକାଲ କଲେଜ ପରିସରରେ ନିର୍ମାଣାଧୀନ ୧୫୦ ବେଡ ବିଶିଷ୍ଟ ମଦର ଏଣ୍ଡ ଚାଇଲ୍ଡ ହେଲ୍ଥ(ଏମ୍‌ସିଏଚ୍) ଗୃହ ନିର୍ମାଣକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ପ୍ରକଳ୍ପ ପାଇଁ ବିଭିନ୍ନ ପର୍ଯ୍ୟାୟରେ ଓଏମ୍‌ବିଏଡିସି ପାଣ୍ଠିରୁ ୬୫.୩୨ କୋଟି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୩୮.୭୯ କୋଟି ଟଙ୍କାକୁ ମିଶାଇ ୧୦୪.୧୧ କୋଟି ଟଙ୍କା ମଞ୍ଜୁର ହୋଇଛି। ରାଞ୍ଚିର ଠିକାସଂସ୍ଥା ବି.ପି. କନଷ୍ଟ୍ରକ୍ସନ ଏହାର ନିର୍ମାଣ ଦାୟିତ୍ୱ ନେଇଛି। ଏହି ପ୍ରକଳ୍ପ ୫।୧୦।୨୦୨୦ରେ ଆରମ୍ଭ ହୋଇ ୩୧।୩।୨୦୨୪ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ଆଜକୁ ୪ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହି ପ୍ରକଳ୍ପ କାର୍ଯ୍ୟରେ ଏତେ ଅନିୟମିତତା ହେଉଛି ଯେ, ଭୟରେ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ନିର୍ମାଣାଧୀନ ପ୍ରକଳ୍ପ ଭିତରକୁ ପଶିବାକୁ ମନା କରାଯାଇଛି। ଚଳିତ ଅକ୍ଟୋବରରୁ ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଅଣକୁଶଳୀ ଶ୍ରମିକଙ୍କୁ ଦୈନିକ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକଙ୍କୁ ୫୦୨ ଟଙ୍କା, କୁଶଳୀ ଶ୍ରମିକଙ୍କୁ ୫୫୨ ଟଙ୍କା ଏବଂ ଉଚ୍ଚକୁଶଳୀ ଶ୍ରମିକଙ୍କୁ ୬୦୨ ଟଙ୍କା ପ୍ରଦାନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ଏହାର ସୁଯୋଗରେ ଠିକାସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀ ମିଶି ପ୍ରକଳ୍ପ ସମ୍ପୂର୍ଣ୍ଣ ସମୟସୀମା ଅବଧିକୁ ୩୧।୧୨।୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଶ୍ରମିକ ମଜୁରୀ ବୃଦ୍ଧି ହୋଇଥିବା ଦର୍ଶାଇ ଉକ୍ତ ପ୍ରକଳ୍ପ ପାଇଁ ଆହୁରି ଅର୍ଥ ମଞ୍ଜୁର କରିବାକୁ ଯୋଜନା ହେଉଥିବା ଚର୍ଚ୍ଚା ହେଉଛି। ୪ ବର୍ଷ ହେଲା ବିଭିନ୍ନ ସମୟରେ ଏହି ପ୍ରକଳ୍ପର ବ୍ୟୟ ଅଟକଳ ପରିମାଣ ଏଭଳି ଭାବେ ବଢ଼ି ଚାଲିଛି ବୋଲି ଅଭିଯୋଗ ହେଉଛି। ସେହିପରି ମୟୂରଭଞ୍ଜ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରର ସୁଦୃଢ଼ୀକରଣ ପାଇଁ ୨୫।୮।୨୦୨୧ରେ ଆରମ୍ଭ ହୋଇଥିବା ପ୍ରକଳ୍ପ ୨୪।୮।୨୦୨୩ରେ ସରିବାକୁ ଧାର୍ଯ୍ୟ ହୋଇଥିବାବେଳେ ପୁଣି ସମୟ ଅବଧିକୁ ୨୮।୨।୨୦୨୫ ଓ ସ୍ୱାସ୍ଥ୍ୟଗତ ସରଞ୍ଜାମ କିଣା କାର୍ଯ୍ୟ ୯।୯।୨୦୨୧ରେ ଆରମ୍ଭ ହୋଇ ୮।୯।୨୦୨୨ରେ ଶେଷ ହେବାକୁ ଥିବାବେଳେ ପୁଣି ଏହାକୁ ୨୮।୨।୨୦୨୫କୁ ବୃଦ୍ଧି କରାଯାଇଛି। ଏଥିରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି। ଏ ସଂକ୍ରାନ୍ତରେ ଯାଜପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁ କୁହନ୍ତି, କୌଣସି କାର୍ଯ୍ୟରେ ଅନିୟମିତତା ହେଉନାହିଁ। ସରକାରଙ୍କ ଧାର୍ଯ୍ୟ ମଜୁରୀ ଶ୍ରମିକମାନଙ୍କୁ ପ୍ରଦାନ କରାଯାଉଛି।

ସେହିପରି କଳିଙ୍ଗନଗର ଶିଳ୍ପାଞ୍ଚଳରେ ଓଡ଼ିଆଙ୍କଠାରୁ ୩ ଗୁଣ ଅଧିକ ଅଣଓଡ଼ିଆ ଠିକାସଂସ୍ଥାଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଠିକାସଂସ୍ଥା ନିୟୋଜନ ଦାୟିତ୍ୱରେ ଥିବା ଏକ ବୃହତ୍ ଷ୍ଟିଲ କାରଖାନାର ୫ ଜଣ ବିଭାଗୀୟ ଅଣଓଡ଼ିଆ ଅଧିକାରୀ ମୋଟା ଅଙ୍କର ଲାଞ୍ଚ ନେଇ ଅଣଓଡ଼ିଆ ଠିକାସଂସ୍ଥାଗୁଡିକୁ ଅଗ୍ରାଧିକାର ଭିତ୍ତିରେ ନିୟୋଜନ କରୁଛନ୍ତି। ଓଡ଼ିଆ ଠିକାସଂସ୍ଥାଗୁଡିକୁ ବିଭିନ୍ନ ଆଳରେ ବହୁ ବର୍ଷ ଧରି କୌଣସି କାମ ନ ଦେଇ ହଇରାଣ ହରକତ କରୁଥିବା ସୂଚନା ମିଳିଛି। ଶେଷରେ ଏଭଳି ୧୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଠିକାସଂସ୍ଥା ହତାଶ ହୋଇ ବସି ରହୁଛନ୍ତି। ଏପରି କି ହାଇରିସ୍କ କାର୍ଯ୍ୟ ପାଇଁ ମଞ୍ଜୁର ପାଇଥିଲେ ବି ସେମାନେ ତାକୁ କାର୍ଯ୍ୟରେ ପରିଣତ କରୁ ନାହାନ୍ତି। ମୋଟା ଅଙ୍କର ଲାଞ୍ଚ ନ ଦେଲେ ଉକ୍ତ ଅଣଓଡ଼ିଆ କାରଖାନା କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଦିନ ଗଡେଇ ଚାଲିଛନ୍ତି। ଏହି କ୍ରମରେ ଅଣଓଡ଼ିଆ ଠିକାସଂସ୍ଥାର ମାଲିକମାନେ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ଉର୍ଦ୍ଦିଷ୍ଟ ମଜୁରୀରୁ ପ୍ରାୟ ୫୦ ପ୍ରତିଶତ କାଟି ରଖୁଥିବା ମତପ୍ରକାଶ ପାଉଛି।

### ଫ୍ୟାନ୍‌ରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

#### ଶେୟାର ମାର୍କେଟରେ ଟଙ୍କା ହରାଇ ଚାପରେ ଥିଲେ

ଯାଜପୁରରୋଡ୍,୧୬।୧୦ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ୍ ଥାନା ବ୍ୟାସନଗର ସହରର କୋର୍ଟ ପଛପଟ ନୀଳାଚଳ କଲୋନୀରେ ଫ୍ୟାନରେ ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ରାଉରକେଲା ଟାଙ୍ଗରପାଲି ଥାନା ଫର୍ଟିଲାଇଜର ଅଞ୍ଚଳର କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ପୁଅ ସୁଧାଂଶୁ ରଞ୍ଜନ ସ୍ୱାଇଁ(୩୨)। ଖବର ପାଇ ଯାଜପୁରରୋଡ୍ ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ ଉପସ୍ଥିତିରେ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସୁଧାଂଶୁ କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲରେ ୭ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ। ସେ ନୀଳାଚଳ କଲୋନୀରେ ଏକ ଭଡା ଘରେ ରହୁଥିଲେ। ସେୟାର ମର୍କେଟରେ ଲକ୍ଷାଧିକ ଟଙ୍କା ଲଗାଇ କ୍ଷତିର ସମ୍ମୁଖୀନ ହୋଇ ମାନସିକ ଚିନ୍ତାରେ ଥିଲେ ବୋଲି ତାଙ୍କ ସମ୍ପର୍କୀୟ ମାମୁ ପୁଅ ପୋଲିସକୁ କହିଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସୁଧାଂଶୁ ରହୁଥିବା ଘର କବାଟ ଖୋଲି ନ ଥିବା ଦେଖି ଘରମାଲିକ ଡାକିଥିଲେ। କିନ୍ତୁ ଭିତରୁ କିଛି ଜବାବ ମିଳି ନ ଥିଲା। ଝରକା ପଟେ ଦେଖିବାରୁ ଯୁବକ ଜଣକ ଫ୍ୟାନରେ ଝୁଲୁଥିବା ଜଣାପଡ଼ିଥିଲା। ଏନେଇ ଥାନାରେ ନଂ.୪୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଯାତ୍ରୀଙ୍କ ଟଙ୍କା, ସୁନା ଲୁଟିଥିବା କାର୍ ଚାଳକ ଅଟକ




ପୋଲିସ ଜବତ କରିଥିବା କାର୍ , ସୁନା ଗହଣା ଓ ଟଙ୍କା।

ପାଣିକୋଇଲି,୧୬।୧୦(ବିକାଶ ମଲ୍ଲିକ):

ଯାତ୍ରୀଙ୍କ ଟଙ୍କା, ସୁନା ଲୁଟ୍ କରିଥିବା ଜଣେ କାର୍ ଚାଳକଙ୍କୁ ପାଣିକୋଇଲି ପୋଲିସ କାବୁ କରିଛି। ଏଥିସହିତ କାର୍‌କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଟକ ଚାଳକ କଳାପଥର ଥାନା ବୈଦେଶ୍ୱର ଗ୍ରାମର ପ୍ରକାଶ ବରାଳ(୨୯) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ବାଙ୍ଗାଲୋରରୁ ତୁଷାର ପ୍ରିୟଦର୍ଶୀ ଓ ତାଙ୍କ ସ୍ତ୍ରୀ ଭୁବନେଶ୍ୱର ଏୟାପୋର୍ଟରେ ଓହ୍ଲାଇ ଯୋଡ଼ା ଅଭିମୁଖେ ଯାଉଥିଲେ। ପୂର୍ବରୁ ଭୁବନେଶ୍ୱରର ଏକ ଟ୍ରାଭେଲସରୁ କାର(ଓଡି୦୨ୟୁ ୭୩୧୦)ଯୋଡ଼ାସ୍ଥିତ ତାଙ୍କ ସମ୍ପର୍କୀୟ ବୁକ କରିଥିଲେ। ଉକ୍ତ ଦମ୍ପତି ଏୟାରପୋର୍ଟରୁ କାରରେ ଯିବାବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ଥିବା ନ୍ୟୁ ଶାନ୍ତି ହୋଟେଲେରେ ମଧ୍ୟାହ୍ନଭୋଜନ କରିବା ନିମନ୍ତେ ରହିଥିଲେ। ମଧ୍ୟାହ୍ନଭୋଜନ ସାରି ପ୍ରାୟ ୧୦ କିମି ଗଲାପରେ ସେମାନେ ତାଙ୍କ ବ୍ୟାଗରେ ରଖିଥିବା ସୁନା ଚେନ, ତିନି ହଳ ସୁନା କାନଫୁଲ ଓ ୨ ହଜାର ଟଙ୍କା ନଥିବା ଦେଖି ଚାଳକଙ୍କୁ ପଚାରିଥିଲେ। ମାତ୍ର ଚାଳକ ଏ ବିଷୟରେ କିଛି ଜାଣିନଥିବା କହିଥିଲେ। ଫଳରେ କେମିତି ଚୋରି ହେଲା ସେ ନେଇ ଦମ୍ପତି ଶାନ୍ତି ହୋଟେଲକୁ ଆସି ସିସିଟିଭି ଯାଞ୍ଚ କରିଥିଲେ। ଏହି ସମୟରେ ଚାଳକ ତାଙ୍କ ଜିନିଷ ପତ୍ର କାରରୁ ଓହ୍ଲାଇ ଫେରାର ହୋଇଯାଇଥିଲେ। ଫଳରେ ଉକ୍ତ ଦମ୍ପତି ଶାନ୍ତି ହୋଟେଲର ମାଲିକ ବ୍ରଜ ଦାଶଙ୍କ ସହାୟତା ନେଇଥିଲେ। ବ୍ରଜ ଦାଶ ଏନେଇ ପୋଲିସକୁ ଜଣାଇବା ପରେ ପୋଲିସ ତତ୍କ୍ଷଣାତ ଚଣ୍ଡିଖୋଲ ଫାଣ୍ଡିକୁ ଜଣାଇବା ପରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଅସିତ ବଳବନ୍ତରାୟ ଚଣ୍ଡିଖୋଲଠାରେ ଏକ ଟ୍ରକକୁ ଆଡ୍ଡା ପକାଇ ଉକ୍ତ କାରକୁ ଜବତ କରି ପାଣିକୋଇଲି ଥାନାକୁ ଖବର ଦେଇଥିଲେ। ପାଣିକୋଇଲି ଥାନାଧିକାରୀ ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ରାଜପଥ ପୋଟ୍ରୋଲିଂ ଅଧିକାରୀ ଓ ଥାନା ଏସ୍ଆଇ ପ୍ରକାଶ ପ୍ରଧାନ ସଦଳବଳ ଚଣ୍ଡିଖୋଲରେ ପହଞ୍ଚି କାରକୁ ଜବତ କରିବା ସହ ଚାଳକଙ୍କୁ କାବୁ କରି ଥାନାକୁ ଆଣିଥିଲେ।

### ରେଳଧାରଣାରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ଜଳେଶ୍ୱର, ୧୬।୧୦(ରବିନାରାୟଣ ପାତ୍ର)

ସାଲିମାରରୁ ଚେନ୍ନାଇ ଅଭିମୁଖେ ଯାଉଥିବା ୦୭୨୨୬ ସିକନ୍ଦରାବାଦ ସ୍ପେଶାଲ ଟ୍ରେନ୍‌ରୁ ଜଣେ ଯୁବକ ଖସିପଡି ମୃତ୍ୟୁବରଣ କରିଥିବା ଜିଆର୍‌ପି ସୂତ୍ରରୁ ଜଣାପଡିଛି। ଅପ୍ ଲାଇନ୍‌ର ୧୮୪/୨୫-୨୭ କି.ମି. ନିକଟରୁ ଯୁବକଙ୍କ ମୃତଦେହ ଜିଆର୍‌ପି ଏସ୍ଆଇ ଏସ୍ଏନ୍ ପାତ୍ର ଜବତ କରିଥିଲେ। ଯୁବକଜଣକ କଳା ପ୍ୟାଣ୍ଟ ସହିତ ବାଇଗଣି ରଙ୍ଗର ଟି ଶାର୍ଟ୍ ପିନ୍ଧିଛନ୍ତି। ତାଙ୍କ ବୟସ ୪୦ବର୍ଷ ହେବ ବୋଲି ଜିଆର୍‌ପି କହିଛି। ଜିଆର୍‌ପି ପକ୍ଷରୁ କେସ୍ ନଂ. ୯୧/୨୪ ରୁଜୁ କରାଯାଇଛି। ବାଲେଶ୍ୱରରେ ଶବ ବ୍ୟବଚ୍ଛେଦ ହୋଇ ସୁରକ୍ଷିତ ଭାବେ ରଖାଯାଇଛି।

### ମୋବାଇଲ ଚୋରି, ଅଭିଯୁକ୍ତ ଗିରଫ

ସୋର, ୧୬।୧୦(ଜନ୍ମେଜୟ ମିଶ୍ର)

ସୋର ଥାନା ଅଭଣା ହାଟରୁ ମଙ୍ଗଳବାର ଏକ ମୋବାଇଲ ଚୋରି ଘଟଣାରେ ଅନନ୍ତପୁର ଫାଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ବାହାନଗା ବ୍ଲକ ଦେବେନ୍ଦ୍ରପୁର ଗ୍ରାମର ପଞ୍ଚାନନ ନାୟକ ଅପରାହ୍ନରେ ଅଭଣା ହାଟରେ ପରିବା କିଣୁଥିବା ବେଳେ ତାଙ୍କ ଶାର୍ଟ ପକେଟରେ ଥିବା ମୋବାଇଲକୁ ଭଦ୍ରକ ଜିଲା ଧାମନଗର ଥାନା ନୂଆପଡା ଗ୍ରାମର ଦିପୁନ ଦାସ ଚୋରି କରିନେଇଥିଲେ। ଫଳରେ ପଞ୍ଚାନନ ସ୍ଥାନୀୟ ଲୋକଙ୍କ ସହାୟତାରେ ଦିପୁନଙ୍କୁ କାବୁ କରି ଅନନ୍ତପୁର ଫାଣ୍ଡି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ସୋର ଥାନାକୁ ଆଣିଥିଲା। ଏନେଇ କେସ୍ ନଂ. ୮୬୨/୨୪ ରୁଜୁ କରି ଦିପୁନଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।

### ରାସ୍ତା କଡ଼ରେ ବିପଦସଙ୍କୁଳ ଗଛ



ବିଞ୍ଝାରପୁର,୧୬।୧୦(ରାମକୃଷ୍ଣ ଦାସ):

ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ବିଞ୍ଝାରପୁର ନିକଟ ଜଳସେଚନ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାକଡ଼ରେ ଏକ ଚାକୁଣ୍ଡା ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଦୀର୍ଘ ଦିନର ଏହି ଚାକୁଣ୍ଡା ଗଛଟି ପୋକ ଲାଗି ଯାଇଥିବାରୁ କେତେବେଳେ ଏହା ଭାଙ୍ଗି ରାସ୍ତା ଉପରେ ପଡ଼ି ଧନଜୀବନ ହାନି ଘଟାଇବା ଆଶଙ୍କା ରହିଛି। ଏହି ପୋକଖିଆ ଚାକୁଣ୍ଡା ଗଛକୁ ତୁରନ୍ତ ହଟାଇବା ପାଇଁ ସାଧାରଣରେ ଦାବି ହୋଇଛି। ଏହି ବିପଦସଙ୍କୁଳ ଗଛ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଧୀରେନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଗଛଟିକୁ ଅନୁଧ୍ୟାନ କରିବା ପରେ ଉଚିତ ପଦକ୍ଷେପ ଗ୍ରହଣ କରାଯିବ। ଦେଖିବାକୁ ଅପେକ୍ଷା କେବେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି।

## ଭାଜପାରେ ୫୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ସାମିଲ

କାଳିଆପାଣି,୧୬।୧୦(ଅସିତ ମହାନ୍ତ):

ଯାଜପୁର ଜିଲା ସୁକିନ୍ଦାରେ ରାଜନୀତି ପଟ ପରିବର୍ତ୍ତନ ପରେ ଖଣି ଅଞ୍ଚଳ ଲୋକେ ବିଜେଡିରୁ ମୁହଁ ଫେରାଉଛନ୍ତି। ପ୍ରତିଦିନ କିଛି ଲୋକ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହେଉଛନ୍ତି। ଏପରିସ୍ଥଳେ ବୁଧବାର ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଦେଓଗାଁ ଓ ପାଟଣା ଗାଁର ୫୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ସୁକିନ୍ଦା ବିଧାୟକ ତଥା ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ସେମାନଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳରେ ସାମିଲ କରାଇଛନ୍ତି। ଚିଙ୍ଗୁଡ଼ିପାଳ ପଞ୍ଚାୟତ ଭାଜପା ସଭାପତି ବେଣୁଧର ମହାନ୍ତଙ୍କ ନେତୃତ୍ୱରେ ପାଟଣା ଗାଁର ବିଜେଡି ନେତା ଦୁଃଖବନ୍ଧୁ ଦେହୁରୀ, ଅଭି ଦେହୁରୀ, ପଙ୍କଜ ଦେହୁରୀ ଓ ତ୍ରିଲୋଚନ ମୁଣ୍ଡାରୀଙ୍କ ସହ ୨୦୦ ମହିଳା ଓ ପୁରୁଷ ଭାଜପାର ସାମିଲ ହୋଇଛନ୍ତି। ସେମାନେ ଦେଶ ଓ ସଂଗଠନ ପାଇଁ କାର୍ଯ୍ୟ କରିବେ ବୋଲି ଶପଥ ନେଇଛନ୍ତି। ସେହିପରି ଦେଓଗାଁର ରମେଶ ଦେହୁରୀ, ଯୁଧିଷ୍ଠିର ବେହେରା ଓ ଫର୍ମାଲ ହେମ୍ବ୍ରମଙ୍କ ସହ ୩୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପାର ବରିଷ୍ଠ ନେତା ଅମଳେନ୍ଦୁ ବେହୁରା, ପୂର୍ବତନ ଜିଲାପରିଷଦ ସଭ୍ୟ ବିଦ୍ୟାଧର ପାତ୍ର, ଯଦୁମଣି ମହାନ୍ତ ଓ ଦିଲୀପ ପାତ୍ରଙ୍କ ସହ ବହୁ ନେତା ସାମିଲ ହୋଇଥିଲେ। ମନ୍ତ୍ରୀ ବଳସାମନ୍ତ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଆବାଳ ବୃଦ୍ଧ ବନିତା ସହଯୋଗରେ ଦେଶର ବିକାଶ ହେବା ସହ ନିଜର ବିକାଶ ହେବ ବୋଲି ପ୍ରକାଶ କରିଥିଲେ।



ଭାଜପାରେ ସାମିଲ ହୋଇଥିବା ସଦସ୍ୟଙ୍କୁ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସ୍ୱାଗତ କରୁଛନ୍ତି।

## ମୂଳ ଖରସ୍ରୋତା ପୁନରୁଦ୍ଧାର ସ୍ୱର ଉଠାଇବ ମଞ୍ଚ

### ମା' ହିଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ ପ୍ରସ୍ତୁତି

ରସୁଲପୁର,୧୬।୧୦(ରଂଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ ନଭେମ୍ବର ମାସରେ ପାଳିତ ହେବ। ଏଥର ବାର୍ଷିକୋତ୍ସବରେ ବରିଷ୍ଠ ନାଗରିକମାନେ ମୂଳ ଖରସ୍ରୋତା ନଦୀର ପୁନରୁଦ୍ଧାର ପାଇଁ ସ୍ୱର ଉତ୍ତୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଉତ୍ସବର ପ୍ରମୁଖ ଏଜେଣ୍ଡାଗୁଡ଼ିକ ମଧ୍ୟରେ ମୃତନଦୀକୁ ଚୀରସ୍ରୋତା କରିବା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯାଇଛି। ଏ ଦିଗରେ ବରିଷ୍ଠ ନାଗରିକମାନେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅବଗତ କରାଇବା ସହ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ଉତ୍ସବକୁ ନେଇ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ମଞ୍ଚ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ



ପ୍ରସ୍ତୁତି ବୈଠକରେ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା।

ବୈଠକରେ ସଂଗଠନ କାର୍ଯ୍ୟକର୍ତ୍ତା ସୁଧାଂଶୁ ଭୂଷଣ ମିଶ୍ର, ନଟବର ସେଠୀ, କୀର୍ତ୍ତନ ବିହାରୀ ସାହୁ, ବିରୋଳ ଦାସ, ଶ୍ରୀଧର ବାରିକ, କୁଳମଣି ନାୟକ, କେଶବ ଚନ୍ଦ୍ର ପଣ୍ଡା, ବିମ୍ବାଧର ଓଝା, ଚୈତନ୍ୟ ସେଠୀ, ପର୍ଶୁରାମ ବେହେରା, କାଶୀନାଥ ରାଉତ, କାଶୀନାଥ ସାହୁ, ବ୍ରଜକିଶୋର ରଥ ଓ ଲକ୍ଷ୍ମୀଧର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାଛଡ଼ା ବରିଷ୍ଠ ନାଗରିକଙ୍କ ସାମାଜିକ ନିରାପତ୍ତା ଯୋଜନା ଜରିଆରେ ଭତ୍ତା ବୃଦ୍ଧି, ସମସ୍ତଙ୍କୁ ଠିକ୍ ସମୟରେ ପରିଚୟପତ୍ର ପ୍ରଦାନ, ସାମାଜିକ କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କୁ ସମ୍ମାନ, ଅଧିକାର ଓ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନେବା ପାଇଁ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ଦାଦନ ଶ୍ରମିକଙ୍କୁ ଲୁଟୁଛନ୍ତି ଡିଲର

ମହାକାଳପଡ଼ା,୧୬।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ କେୱାଇସି ଆଳରେ ଦାଦନ ଶ୍ରମିକଠାରୁ ୧ହଜାର
■ ଯୋଗାଣ ବିଭାଗ ନୀରବଦ୍ରଷ୍ଟା

କେନ୍ଦ୍ରାପଡ଼ା ଜିଲାର ଅନେକ ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରେ ରହିଛନ୍ତି । ବିଶେଷ କରି ହାଇଦ୍ରାବାଦ , ଚେନ୍ନାଇ , ଗୁଜରାଟ , ଜାମ୍ମୁ କାଶ୍ମୀର , ବାଙ୍ଗାଲୋର , କେରଳ , ମୁମ୍ବାଇ , ଦିଲ୍ଲୀ , କୋଲକତା , ରାଜସ୍ଥାନ ଆଦି ସହରରେ ସେମାନେ କାମ କରୁଛନ୍ତି । କେବଳ ମହାକାଳପଡ଼ା ବ୍ଲକର ୩୦ ହଜାରରୁ ଊର୍ଦ୍ଧ୍ୱ ଦାଦନ ଶ୍ରମିକ ଅନ୍ୟ ରାଜ୍ୟର ଶିଳ୍ପାନୁଷ୍ଠାନ, ହୋଟେଲ ଓ ପାଣି ପାଇପ କାମରେ ନିୟୋଜିତ ହୋଇଛନ୍ତି । ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଶନ କାର୍ଡ ସଂଶୋଧନ ଓ କେୱାଇସି ସଂଯୋଗ ପାଇଁ ଚଳିତ ମାସ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ନାମ ସହିତ ଆଧାର କାର୍ଡ ସଂଯୋଗୀକରଣ ସର୍ଭେ ସରିଲେ ନୂଆ ରାଶନ କାର୍ଡ ଯୋଗାଣ କରାଯିବ ବୋଲି ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏହାର ସୁଯୋଗ ନେଇ କେତେଜଣ ଡିଲର ରାଜ୍ୟ ବାହାରେ ମେଶିନ ଧରି ବୁଲୁଛନ୍ତି । ସେମାନେ ସେଠାରେ ଥିବା ଦାଦନ ଶ୍ରମିକଙ୍କ ପରିବାର ସଦସ୍ୟଙ୍କୁ ଭୋଟି ନାମ ସହିତ ଆଧାର ସଂଯୋଗ କରୁଛନ୍ତି । ଏଥିପାଇଁ ସେମାନେ ପ୍ରତି ଶ୍ରମିକ ପରିବାରଠାରୁ ୧ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ମହାକାଳପଡ଼ା ବ୍ଲକରେ ୫୮ ଖାଉଟି ଖୁଚୁରା କେନ୍ଦ୍ର ରହିଛି । ରାଶନ କାର୍ଡ ସଂଖ୍ୟା ୪୮ ହଜାରରୁ ଅଧିକ ଥିଲା ଆଉ ୧ ଲକ୍ଷ ୮୧ ହଜାର ରାଶନ କାର୍ଡ ହିତାଧିକାରଙ୍କୁ ପଞ୍ଜିକୃତ କରାଯାଉଛି। ସେଥିମଧ୍ୟରୁ ଅଦ୍ୟାବଧି ୧ ଲକ୍ଷ ୪୦ ହଜାର ହିତାଧିକାରୀଙ୍କ କେୱାଇସି ସଂଯୋଗ କରାଯାଇଛି ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ରାଶନ କାର୍ଡ ସଂଶୋଧନ ପାଇଁ ଚଳିତ ମାସ ଶେଷ ସୁଦ୍ଧା ଆଧାର କାର୍ଡ ବା କେୱାଇସି ସାରିବା ପାଇଁ ଡିଲରମାନଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ କେତେଜଣ ଡିଲର ମେଶିନ ଧରି ବିଭିନ୍ନ ରାଜ୍ୟରେ ବୁଲୁଛନ୍ତି । ସେମାନେ ସେଠାକୁ ଯାଇଥିବା ଦାଦନ ଶ୍ରମିକ ଓ ଠିକାଦାରମାନଙ୍କୁ ହାତକରି କେୱାଇସି ସଂଯୋଗ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିପାଇଁ ପ୍ରତି ଶ୍ରମିକ ୧ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦେଉଛନ୍ତି । ଏ ନେଇ ହାଇଦ୍ରାବାଦ ଓ ଚେନାଇରେ ରହୁଥିବା କେତେଜଣ ଦାଦନ ଶ୍ରମିକ ଅଭିଯୋଗ କରିବା ସହ ନିଜ ନାମ ଗୋପନ ରଖିବା ପାଇଁ କହିଛନ୍ତି । ତେବେ ନାନା ସହିତ ଆଧାର ସଂଯୋଗ ନ କଲେ ଆଗାମୀ ଦିନରେ ରାଶନ କାର୍ଡରୁ ବଞ୍ଚିତ ରହିବେ ବୋଲି ଡିଲରମାନେ କହୁଛନ୍ତି। ଆମ୍ଭେମାନେ ବାଧ୍ୟ ହୋଇ ନିଜ ନିଜର ନାମ ସଂଯୋଗ କରୁଥିବା ଅଭିଯୋଗ ହେଉଛି।

ଅପରପକ୍ଷେ ମହାକାଳପଡ଼ା ବ୍ଲକ ଚାଉଳ ଯୋଗାଣକାରୀ ସଂସ୍ଥା ଖୁଚୁରା ବିକ୍ରୟ କେନ୍ଦ୍ରରେ ଯୋଗାଣ କରୁଥିବା ପ୍ରତି ଚାଉଳ ବସ୍ତାରେ ୫ କିଲୋ କମ ରହୁଥିବା ଜଣେ ଡିଲର କହିଛନ୍ତି। ଏଥିପାଇଁ ପ୍ରତିମାସରେ କେତେଜଣ ହିତାଧିକାରୀ ରାଶନ ସାମଗ୍ରୀରୁ ବଞ୍ଚିତ ରହୁଛନ୍ତି। ହେଲେ ଡିଲରମାନେ ବ୍ଲକ ଚାଉଳ ଯୋଗାଣକାରୀ ସଂସ୍ଥା କର୍ମକର୍ତ୍ତାଙ୍କୁ ପଚାରିଲେ ଉତ୍ତର ମିଳୁଛି ତୁମେ ଏ ମାସରେ ଆଡଜଷ୍ଟ କରିଦିଅ। ପରବର୍ତ୍ତୀ ମାସରେ ନିଅଣ୍ଟ ଚାଉଳ ମିଳିବ । ଅନେକ ଖାଉଟି ଖୁଚୁରା ବିକ୍ରୟ କେନ୍ଦ୍ରରେ ସୂଚନା ଫଳକ ନ ଥିବା ଅଭିଯୋଗ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ରାଶନ ସାମଗ୍ରୀ ଯୋଗାଣକୁ ନେଇ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଉଦ୍ୟମ କରାଯାଉଥିବା ବେଳେ ଯୋଗାଣ ବିଭାଗ , ଚାଉଳ ଯୋଗାଣକାରୀ ସଂସ୍ଥା ଓ କେତେଜଣ ଡିଲରଙ୍କ ମଧ୍ୟରେ ଥିବା ସମ୍ପର୍କ ଯୋଗୁ ଖାଉଟିମାନେ ହଇରାଣ ହେଉଛନ୍ତି । ଏ ସଂକ୍ରାନ୍ତରେ ବ୍ଲକ ଯୋଗାଣ ଅଧିକାରୀ ସ୍ୱରୂପ କୁମାର ଦାସ କହିଛନ୍ତି, ଅଭିଯୋଗ ଆସିଲେ ଏହି ଘଟଣାର ତଦନ୍ତ କରାଯିବ ।


ବସ୍ତାରେ ୫ କିଲୋ ଚାଉଳ କମ ରହୁଥିବା ଖାଉଟିମାନେ ଦର୍ଶାଉଛନ୍ତି ।

## ଓଡ଼ିଶା ବିକାଶର ସ୍ଥପତି ସାଜିଥିଲେ ନବୀନ


ବିଧାୟକ ଧ୍ରୁବ ସାହୁଙ୍କ ଉପସ୍ଥିତିରେ ଶିବିରରେ ଲୋକମାନେ ରକ୍ତଦାନ କରୁଛନ୍ତି ।

ପଟ୍ଟାମୁଣ୍ଡାଇ,୧୬।୧୦(କଳ୍ପତରୁ ନାୟକ)

**ନବୀନଙ୍କ ଜୟନ୍ତୀରେ ରକ୍ତଦାନ ଶିବିର**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ବୁଧବାର ଜୟନ୍ତୀ ଅବସରରେ ରାଜନଗର ନିର୍ବାଚନ ମଣ୍ଡଳୀ ପଟ୍ଟାମୁଣ୍ଡାଇ ନଗର ଓ ବ୍ଲକ ବିଜୁ ଜନତା ଦଳ ତରଫରୁ ଜନସେବାର ସଂକଳ୍ପ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ଏକ ରକ୍ତଦାନ ଶିବର ସ୍ଥାନୀୟ ଡିଭାଇନ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦ୍‌ଘାଟନ କରି କହିଲେ, ଗତ ୨୪ ବର୍ଷରେ ନବୀନଙ୍କ ନେତୃତ୍ୱରେ ଗଠନ ହୋଇଛି ବିକଶିତ ଓ ନୂଆ ଓଡ଼ିଶା । ଶିକ୍ଷାଠୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିଳ୍ପଠୁ କ୍ରୀଡ଼ା ସବୁକ୍ଷେତ୍ରରେ ଓଡ଼ିଶା ହାସଲ କରିଥିଲା ସ୍ୱତନ୍ତ୍ର ପରିଚୟ । ନବୀନ ବିକାଶର ସ୍ଥପତି ସାଜିଥିଲେ । ଏବେ ବି ନବୀନଙ୍କ ଲୋକପ୍ରିୟତା ଅତୁଟ ରହିଛି । ବିଜେଡି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇ ଜନସେବାକୁ ମୂଳମନ୍ତ୍ର କରି ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିଛି । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୮୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ବିଜେଡି ରାଜ୍ୟ ସମ୍ପାଦକ ମିଟୁ ଦାଶ, ବିଜେଡି ଜିଲା ସଭାପତି ଧିରେନ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଜିଲା ପରିଷଦ ସଭାପତି ଲିଲିତା ଦାଶ, ୧୭ ନଂ.ଜୋନ ଜିଲା ପରିଷଦ ସଭ୍ୟ ରଞ୍ଜନ ବିଶ୍ୱାଳ, ଯୁବନେତା ହିରଣ୍ୟ ପଣ୍ଡା,ବିପୁଳ ପାଢୀ, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ ପ୍ରମୁଖ ଯୋଗ ଦେଇ ନବୀନଙ୍କ ଦୀର୍ଘ ଜୀବନ କାମନା କରିଥିଲେ ।

## ରୟତସାହିରେ ଜଣଙ୍କୁ ମରଣାନ୍ତକ ଆକ୍ରମଣ

ପାରାଦୀପ, ୧୬।୧୦(ଶରତ ରାଉତ)

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଝିମାଣୀ ରୟତସାହିରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ବୁଧବାର ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୩୬୧/୨୪ ରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଉକ୍ତ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସେହି ଗ୍ରାମର ଗଙ୍ଗାଧର ରଥ। ବୁଧବାର କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି, ସେ ମଙ୍ଗଳବାର ସକାଳେ ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ୨ଜଣ ବ୍ୟକ୍ତି ତାଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ମରି ଯାଇଥିବା ଭାବି ଘଟଣାସ୍ଥଳରେ ପକାଇ ପଳେଇ ଯାଇଥିଲେ। ପରେ ସ୍ତ୍ରୀ ଓ ଗାଁ ଲୋକ ଉଦ୍ଧାର କରି ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସାମାନ୍ୟ ସୁସ୍ଥ ହେବା ପରେ ଅଭିଯୋଗ କରିଛନ୍ତି। ପୂର୍ବ ଶତ୍ରୁତା ଘଟଣାକୁ ନେଇ ଏପରି ହୋଇଥିବା ଲକ୍ ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।

## ସିପିଏମ୍ ରାଜକନିକା ଆଞ୍ଚଳିକ କମିଟି ସମ୍ମିଳନୀ


ସମ୍ମିଳନୀରେ ଯୋଗ ଦେଇଥିବା ସିପିଏମ୍ର କର୍ମକର୍ତ୍ତାମାନେ।

ରାଜକନିକା,୧୬।୧୦(ସଞ୍ଜୟ କୁମାର ଦାଶ)

ସିପିଏମ୍‌ର ଚତୁର୍ଦ୍ଦଶ ରାଜକନିକା ଆଞ୍ଚଳିକ ସମ୍ମିଳନୀ ମଙ୍ଗଳବାର ସ୍ଥାନୀୟ ଜରିସାହିଠାରେ ଅନୁଷ୍ଠିତ ହେଇଯାଇଛି । ପ୍ରଥମେ ପାର୍ଟିର ପତାକାକୁ ଉତ୍ତୋଳନ କରିଥିଲେ ବରିଷ୍ଠ ନେତା କାଳିପ୍ରସାଦ ନାୟକ । ନବକିଶୋର ସୂତାରଙ୍କ ସଭାପତିତ୍ୱର ଅନୁଷ୍ଠିତ ସମ୍ମିଳନୀ ଆରମ୍ଭରେ ଶହୀଦ ଓ ମୃତ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରେ ପାର୍ଟିର ଜିଲା ସମ୍ପାଦକ ଗୟାଧର ଧଳ ସମ୍ମିଳନୀକୁ ଉଦଘାଟନ କରି କହିଲେ ମୋଦି ସରକାର ଦେଶକୁ କର୍ପୋରେଟମାନଙ୍କ ହାତରେ ଟେକି ଦେଇଛନ୍ତି । କର୍ପୋରେଟମାନଙ୍କ ସମ୍ପତ୍ତି ଦୃତ ଅଭିବୃଦ୍ଧି ଘଟୁଥିବା ବେଳେ, ଦେଶରେ ଦାରିଦ୍ର୍ୟତା ଓ ବେକାରୀ ବଢ଼ି ଚାଲିଛି । ଲୋକେ ଦୈନିକ ଖାଦ୍ୟ କମ୍ କରିବାରେ ଲାଗିଛନ୍ତି । ଏହା ବିରୋଧରେ ବ୍ୟାପକ ଜନମତ ସୃଷ୍ଟି ହେବାର ଆବଶ୍ୟକତା ଅଛି । ଏହାପରେ ଜଗତଜୀବନ ଦାଶ, ନରୋତ୍ତମ ପାର୍ଥସାରଥୀ ବକ୍ତବ୍ୟ ରଖିଥିଲେ ।

ଗ୍ରାହକମାନଙ୍କୁ ୩ଶହ ୟୁନିଟ ମାଗଣା ବିଜୁଳି ପ୍ରଦାନ, ଏମ୍ ଏସ୍ ସ୍ୱାମୀନାଥନ କମିଶନ ରିପୋର୍ଟ ଆଧାରରେ ଧାନ କୁଇଣ୍ଟାଲ ସର୍ବନିମ୍ନ ୪ ହାଜର ଟଙ୍କା ପ୍ରଦାନ କରିବା, ସମସ୍ତ ସମବାୟ ସଂସ୍ଥାରେ ହୋଇଥିବା ଦୁର୍ନୀତିର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିକାଶ ବିରୋଧୀ ଓ ତ୍ରୁଟିପୂର୍ଣ୍ଣ ପରିବର୍ଦ୍ଧିତ ଭିତରକନିକା ଇକୋ ସେନ୍ସିଟିଭ ଜୋନକୁ ପ୍ରତ୍ୟାହାର କରିବା, କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ପ୍ରଦାନ ପାଇଁ କେନ୍ଦ୍ରୀୟ ଆଇନ ଆଣିବା, କର୍ପୋରେଟ ସପକ୍ଷବାଦୀ ୪ ଶ୍ରମକୋର୍ଡ଼କୁ ପ୍ରତ୍ୟାହାର କରି ୪୪ଟି ଶ୍ରମ ଆଇନକୁ ପୁନଃ ପ୍ରଚଳନ କରିବା, କୁମ୍ଭୀର ଆକ୍ରମଣରୁ ରକ୍ଷା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିବା ସହିତ ମୃତ ବା କ୍ଷତିଗ୍ରସ୍ତଙ୍କ ପାଇଁ କ୍ଷତି ପୂରଣ ସହିତ ସ୍ୱତନ୍ତ୍ର ଆଇନ ଆଣିବା ଦାବି ଉପସ୍ଥାପନ କରାଯାଇଥିଲା ।

ସମ୍ପାଦକୀୟ ବିବରଣୀ ପାଠ ପରେ ଧୀବର ବେହେରା ସମ୍ପାଦକ ଥାଇ ଆସନ୍ତା ୩ ବର୍ଷ ପାଇଁ ଏକ ୯ ଜଣିଆ ଆଞ୍ଚଳିକ କମିଟି ଗଠନ କରାଯାଇଥିଲା। ଏହି ସମ୍ମିଳନୀକୁ ନଳିନୀପ୍ରଭା ତରାଇ, ଧନେଶ୍ୱର ରାଉତ, ବୈରାଗୀ ସାହୁ, କୃପାସିନ୍ଧୁ ପଣ୍ଡା, କିଶୋର ସାହୁ, ନୃସିଂହ ତରାଇ, ଗଜେନ୍ଦ୍ର ନାୟକ, ଉମାକାନ୍ତ ମାଝୀ, ରାଜକିଶୋର ବେହେରା, କଳାକାର ଧଳ, କିଶୋର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଖେଳ ଉପକରଣ କିଣାରେ ଦୁର୍ନୀତି ଅଭିଯୋଗ

ପାଟକୁରା,୧୬।୧୦(ରବୀନ୍ଦ୍ରନାଥ ବାରିକ)

ଗରଦପୁର ବ୍ଲକରେ ଖେଳ ଉପକରଣ କ୍ରୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତ୍ୟେକ ପଞ୍ଚାୟତ ପାଇଁ ୫୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା । ଏହି ଟଙ୍କାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ହେବା ପାଇଁ ନିର୍ଦ୍ଦେଶନାମା ଥିଲା । ସେଥିରୁ କ୍ରୀଡା ଉପକରଣ କିଣିବା ପାଇଁ ପ୍ରତି ପଞ୍ଚାୟତକୁ ଅଢେଇ ଲକ୍ଷ ଟଙ୍କା ଦିଆଯାଇଥିଲା । ନିର୍ବାଚନ ପୂର୍ବରୁ ବ୍ଲକ ପ୍ରଶାସନ ୧୬ ପଞ୍ଚାୟତ ପାଇଁ ପଞ୍ଚାୟତ ପିଛା ଅଢେଇ ଲକ୍ଷ ଟଙ୍କାର ଖେଳ ସାମଗ୍ରୀ କ୍ରୟ କରିଥିଲେ । ଏଥିରେ ଭଲିବଲ, ରିଙ୍ଗବଲ, ଫୁଟବଲ, ବ୍ୟାଡ଼ମିଣ୍ଟନ, ଚେସ, କ୍ୟାରମ, କ୍ରିକେଟ ଆଦି ସାମଗ୍ରୀ ଅନ୍ତର୍ଭୁକ୍ତ ଥିଲା । କେବଳ ବ୍ଲକର ପାଖଡ଼ ଓ ତେଣ୍ଡାକୁଡା ପଞ୍ଚାୟତ ପାଇଁ କ୍ରୀଡା ଉପକରଣ ଆସି ନ ଥିଲା । ଉପକରଣ କ୍ରୟରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସାନଢଙ୍ଗା, ବଙ୍ଗାଳପୁର, ପାଟକୁରା, ରାମଚନ୍ଦ୍ରପୁର, ଓନଡ଼ିଆବରେଇ ଗ୍ରାମପଞ୍ଚାୟତ ବ୍ଲକରୁ ଉପକରଣମାନ ନେଇନାହାନ୍ତି । ଅନ୍ୟ ୧୧ ପଞ୍ଚାୟତ ଖେଳ ସାମଗ୍ରୀ ନେଇଛନ୍ତି। ସମିତି ଅଧ୍ୟକ୍ଷ ଅଭୟ ମହାରାଜଙ୍କୁ ଏବାବଦରେ ପଚାରିବାରୁ କ୍ରୀଡା ଉପକରଣ କ୍ରୟ ସରକାରୀ ନୀତିନିୟମ ଅନୁଯାୟୀ ପ୍ରଶାସନ ତରଫରୁ କରାଯାଇଛି ବୋଲି ସେ କହିଛନ୍ତି ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ


ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯାଉଛି ।

ରାଜନଗର,୧୬।୧୦(ଭାସ୍କର ରାଉତରାୟ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ରାଜନଗରଠାରେ ବିଜୁ ଜନତା ଦଳ ପକ୍ଷରୁ ପାଳିତ ହୋଇଯାଇଛି। ରାଜନଗର ଶ୍ରୀଦଧିବାମନଜୀଉ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କ ଦୀର୍ଘ ଜୀବନ କାମନା କରାଯାଇ ଦୀପଦାନ କରାଯାଇଥିଲା। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ରାଜ୍ୟରେ ଅନେକ ଜନକଲ୍ୟାଣ ଯୋଜନା, ମହିଳାମାନଙ୍କ ପାଇଁ ମିଶନ ଶକ୍ତି ମାଧ୍ୟମରେ ମାଆମାନଙ୍କୁ ସଶକ୍ତିକରଣ ଓ ଆର୍ଥିକ ସ୍ୱାବଲମ୍ବୀ କ୍ଷେତ୍ରରେ ନେଇଥିବା ବୈପ୍ଳବିକ ପଦକ୍ଷେପ ସମଗ୍ର ଦେଶରେ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଥିଲା ବୋଲି ଉପସ୍ଥିତ ନେତୃବୃନ୍ଦ, ଯୁବ ଛାତ୍ର, ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ନିର୍ବାଚନମଣ୍ଡଳୀ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ ନାୟକ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲିକ, ସରପଞ୍ଚ କୈଳାସ ଚନ୍ଦ୍ର ପରିଡା, ଅଶୋକ କୁମାର ମହାନ୍ତି, ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟ ସୁମିତ୍ରା ସେଠୀ, ସଞ୍ଜୟ କୁମାର ସ୍ୱାଇଁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ସର୍ବେଶ୍ୱର ମହାନ୍ତି, ପ୍ରଦୀପ କୁମାର ଲେଙ୍କା, ସରୋଜ କୁମାର ରାଉତ ପ୍ରମୁଖ ସମୂହ ଦୀପଦାନ କରିଥିଲେ।

## ଚଢ଼ା ଦରରେ ମଦ ବିକ୍ରି ଅଭିଯୋଗ

ରାଜକନିକା,୧୬।୧୦(ସଞ୍ଜୟ କୁମାର ଦାଶ)

**ପାର୍ବଣ ଋତୁରେ ଗ୍ରାହକଙ୍କୁ ଶୋଷଣ କରୁଛନ୍ତି ଦୋକାନୀ**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ସରକାରୀ ଦରଠାରୁ ଚଢ଼ା ଦରରେ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଏହି ଦୋକାନଗୁଡିକ ବିଭାଗୀୟ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛନ୍ତି । ଅର୍ଥାତ୍ ବୋତଲ ପିଛା ସେମାନେ ୨୦ ରୁ ୩୦ ଟଙ୍କା ଅଧିକ ଆଦାୟ କରୁଛନ୍ତି । ବିଶେଷ କରି ସେହି ମଦ ଦୋକାନରେ କାମ କରୁଥିବା କର୍ମଚାରୀମାନେ ଗ୍ରାହକଙ୍କଠାରୁ ଜୋରଜବରଦସ୍ତ ଅଧିକ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ସବୁ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ମଦ ବିକ୍ରି ହେବ। ମଦ ଦୋକାନୀ ଅଧିକ ଦର ନେଇ ପାରିବେ ନାହିଁ । ଏପରି କି ଗ୍ରାହକ ମଦ କିଣିବା ସମୟରେ ରସିଦ ପାଇବାର ମଧ୍ୟ ପ୍ରାବଧାନ ରହିଛି । ଏପରି କଡାକଡି ନିର୍ଦ୍ଦେଶନାମା ଥିବା ପରେ ବି ବିଭାଗୀୟ ଆଦେଶକୁ ରାଜକନିକା ବ୍ଲକର ସମସ୍ତ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପି ବନ୍ଦ ମଦ ଦୋକାନୀମାନେ ନିୟମକୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି । ପାର୍ବଣ ଋତୁ ଚାଲିଥିବାରୁ ମଦ ବିକ୍ରି ଅଧିକ ହୋଇଥାଏ । ଏହି ସୁଯୋଗରେ ମଦ ଦୋକାନୀ ନିଜ ଇଚ୍ଛାରେ ଚଢ଼ା ଦରରେ ମଦ ବିକ୍ରି କରୁଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ଥାନାଧିକାରୀ ଦିଲ୍ଲୀପ କୁମାର ଧଳଙ୍କୁ ପଚାରିବାରେ ସେ କହିଛନ୍ତି, ସେଭଳି କୌଣସି ଅଭିଯୋଗ ନଜରକୁ ଆସିନି । ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ବିଜେଡି ପକ୍ଷରୁ ନବୀନଙ୍କ ଜନ୍ମଦିନ ପାଳନ


ଦଧିବାମନଜୀଉ ମନ୍ଦିରରେ ସମୂହ ଦୀପଦାନ କରାଯାଉଛି।

ଡେରାବିଶ, ୧୬।୧୦(ବେବର୍ତ୍ତା ଅଜୟ ଦାସ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ବୁଧବାର ସନ୍ଧ୍ୟାରେ ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତସ୍ଥିତ ଶ୍ରୀଦଧିବାମନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ପକ୍ଷରୁ ଆୟୋଜିତ ଉତ୍ସବରେ ଜିଲା ବେଜେଡି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂହ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ କେଶରୀ ସାମଲ, ସରୋଜକାନ୍ତ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ଯୋଗାନନ୍ଦ ମହାନ୍ତି, ରମେଶ ଚନ୍ଦ୍ର ଦାସ, ସରପଞ୍ଚ ଅରକ୍ଷିତ କାଣ୍ଡି, ପ୍ରବୀର କୁମାର ସିଂହ, କାଶୀନାଥ କାଣ୍ଡି, ସମିତିସଭ୍ୟ ନିରଞ୍ଜନ କର, ଫନିନ୍ଦ୍ର ବେହେରା, କରୁଣାକର କାଣ୍ଡି, ବିଜେଡି କର୍ମକର୍ତ୍ତା ଦିଲୀପ କୁମାର ଦାସ, ଶୈଳେନ୍ଦ୍ର କୁମାର ଜେନା, ରାଜକିଶୋର ମଲ୍ଲ, ସାହାଜାନ ଖାଁ ପ୍ରମୁଖ ଯୋଗଦେଇ ନବୀନଙ୍କ ଦୀର୍ଘାୟୁ କାମନା କରି ଦଧିବାମନ ଜୀଉଙ୍କ ନିକଟରେ ପ୍ରାର୍ଥନା ସହ ସମୂହ ଦୀପଦାନ କରାଯାଇଥିଲା।

## ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରୀ କମିଟି ବୈଠକ


ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନେ।

ପଟ୍ଟାମୁଣ୍ଡାଇ,୧୬।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ପୁରାତନ ଛାତ୍ର ସଂସଦର ଉପସଭାପତି ଶିକ୍ଷକ ନେତା ବିଜୟ କୁମାର ସାହୁଙ୍କ ସଭାପତିତ୍ୱ ଏକ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂସଦର ୧୪ତମ ବାର୍ଷିକ ଉତ୍ସବ ୨୦୨୪ର ଆୟବ୍ୟୟର ସମୀକ୍ଷା କରାଯାଇଥିଲା । ଏଥି ସହିତ ଏକ କମିଟି ଗଠନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ଉକ୍ତ ସଭାରେ ସମ୍ପାଦକ କସ୍ତୁରୀ ଚରଣ ସ୍ୱାଇଁ ପୂର୍ବ ଅଧିବେଶନର ବିବରଣୀ ଉପସ୍ଥାପନ କରିଥିବା ବେଳେ କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ ବାର୍ଷିକ ଉତ୍ସବର ଆୟ ବ୍ୟୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅନିରୁଦ୍ଧ ରାଉଳ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. କେଲୁ ଚରଣ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପ୍ରଫେସର ଦେବବ୍ରତ ପ୍ରଧାନ, ସାମାଜିକ କର୍ମୀ ନୃସିଂହ ପ୍ରସାଦ ଚୌଧୁରୀ, ସଚ୍ଚିନନ୍ଦନ ଦାସ, କାଉନସିଲର ଗୋପୀବଲ୍ଲଭ ନାୟକ, ଇଂ.ତପନ କୁମାର ପାତ୍ର, ଉପସଭାପତି ରାଜେନ୍ଦ୍ର ଦାଶ, ସଞ୍ଜୟ ବର୍ମା, ଅଇନଜୀବୀ ପ୍ରମୋଦ ସାହୁ, ବ୍ରଜ କିଶୋର ପଣ୍ଡା, କୁମାରେଶ ନାୟକ, ଯୋଗେଶ କୁମାର ବେହେରା, ନଟବର ସେଠୀ, ବ୍ରଜସୁନ୍ଦର ସାହୁ, ଭୁପତୀ ପ୍ରସାଦ ନାୟକ, ଶିକ୍ଷକ ପ୍ରତିନିଧି ଅଶୋକ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ ଛାତ୍ର ଗୋପୀ ବଲ୍ଲଭ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁତୁରା ଆକ୍ରମଣରେ ଦାଦା ଗୁରୁତର

ଡେରାବିଶ, ୧୬।୧୦(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଗୋଲରାହାଟ ପଞ୍ଚାୟତର ଚଷାଖଣ୍ଡ ଗାଁରେ ବୁଧବାର ଅପରାହ୍ନରେ ପାରିବାରିକ କଳହକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ହୋଇଛି। ଦାଦା ଓ ପୁତୁରା ମଧ୍ୟରେ ଲାଗି ରହିଥିବା କଳି ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୁତୁରା ମଙ୍ଗୁଳି ଚରଣ ବାରିକ ଏକ ଲୁହାରଡ଼ ଦ୍ୱାରା ଦାଦା ନବୀନ ଚରଣ ବାରିକ(୫୩)ଙ୍କୁ ଆକ୍ରମଣ କରିଥିଲେ। ଏଥିରେ ନବୀନ ଗୁରୁତର ହେବା ସହ ତାଙ୍କ ବାମଗୋଡ଼ର ବିଭିନ୍ନ ଅଂଶ ଭାଙ୍ଗିଯାଇଛି। ଏ ସମ୍ପର୍କରେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନବୀନଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ଲାଗି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ସନ୍ଧ୍ୟାରେ ନବୀନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଘଟଣାରେ ସମ୍ପୃକ୍ତ ପୁତୁରା ମଙ୍ଗୁଳିଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

## ଶ୍ରୀବଳଦେବ ଜୀଉଙ୍କ ଅନନ୍ତ ବେଶ

କେନ୍ଦ୍ରାପଡ଼ା,୧୬।୧୦ (ଜଗନ୍ନାଥ ଧଳ)

ଅରିଲୋ ଆଶ୍ରମର ବାବା ବଳିଆଙ୍କ ଅନନ୍ତ ବଳିଆ ଟ୍ରଷ୍ଟ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଶ୍ରୀବଳଦେବଜୀଉଙ୍କ ସପ୍ତଦଶତମ ବାର୍ଷିକ ଅନନ୍ତ ବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ପହୁଡ଼ ଫିଟିବା ପରେ ଆଳତି କରାଯାଇ ନୀତିସ୍ନାନ କରାଯାଇଥିଲା। ପରେ ଦିଅଁମାନଙ୍କୁ ନୂତନ ଅଙ୍ଗବସ୍ତ୍ରରେ ସଜ୍ଜିତ କରାଯାଇ ବାବା ବଳିଆଙ୍କ ପକ୍ଷରୁ ଦିଅଁଙ୍କ ପାଦରେ ଏକ ୧୮୦୦ ତୁଳସୀ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଦିଅଁମାନଙ୍କୁ ଅନନ୍ତ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦେଖିବା ପାଇଁ ମନ୍ଦିର ପରିସରରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାବେଶ ହୋଇଥିଲା। ପ୍ରତିବର୍ଷ ଭଳି ବାବା ବଳିଆ ବଳଦେବ ତତ୍ତ୍ୱ ଉପରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ପ୍ରବଚନ କାର୍ଯ୍ୟକ୍ରମରେ ଅରିଲୋ ଆଶ୍ରମର ଗୋପାଳ ଭାଇ, ସଞ୍ଜୟ ଭାଇ, କୁନୁ ଭାଇ ଓ ଚିଦାନନ୍ଦ ଭାଇଙ୍କ ସମେତ ଅନନ୍ତ ବଳିଆ ଟ୍ରଷ୍ଟ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଗୋପ ରାମ ମନ୍ଦିରର ତତ୍ତ୍ୱାବଧାରକ ବାବାଜୀ କମଳାକାନ୍ତ ଦାସ, ଗୁରୁକୃଷ୍ଣ ବାବା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### କାର୍ , ବାଇକ୍ ଧକ୍କା: ବାଇକ୍ ଚାଳକ ମୃତ

ନୂଆଗାଁ,୧୬।୧୦(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ଥାନା ସଂପଡା ମେଗା ନର୍ସରୀ ନିକଟରେ ବୁଧବାର ବାଇକ୍ ଓ କାର ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ବାଇକ୍ ଚାଳକ ହେଲେ ଓଡ଼ଗାଁ ଥାନା ଗାଡେରୀ ପଞ୍ଚାୟତ ସୁରୁକାବାଡି ଗ୍ରାମର ପାଣ୍ଡୁ ବେହେରା (୬୦) । ମୃତକଙ୍କ ପୁଅ ସତ୍ୟବାଦୀ ବେହେରା ନୂଆଗାଁ ଥାନାରେ କରିଥିବା ଲିଖିତ ଅଭିଯୋଗ ମୁତାବକ ପାଣ୍ଡୁ ନିଜ ବାଇକ୍ (ନଂ.ଓଡି ୨୫ ଏଚ୍ ୦୬୬୦ )ରେ ମହିପୁର ପଟୁ ଦଶପଲା ଅଭିମୁଖେ ଯାଉଥିଲେ । ସେ ସଂପଡା ମେଗା ନର୍ସରୀ ନିକଟରେ ପହଞ୍ଚି ଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ (ନଂ.ଓଡି ୦୪ ଇ ୮୨୨୨) ଦ୍ରୁତଗତିରେ ଆସି ବାଇକକୁ ଧକ୍କା ଦେଇଥିଲା । ଫଳରେ ପାଣ୍ଡୁ ଛିଟିକି ପଡି ଗୁରୁତର ହୋଇଥିଲେ । ପ୍ରଥମେ ତାଙ୍କୁ ମହିପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା ।ସେଠାରେ ପାଣ୍ଡୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ପାଣ୍ଡୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।ନୂଆଗାଁ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ଘଟଣାର ତଦନ୍ତ କରୁଛି ।

### ୧୯ ବର୍ଷରୁ କମ୍ କ୍ରିକେଟ ଟିମ୍‌ରେ ରୁଦ୍ର



ନୟାଗଡ,୧୬।୧୦(ଲୋକନାଥ ମିଶ୍ର)

ଓଡିଶା ରାଜ୍ୟ ୧୯ ବର୍ଷରୁ କମ୍ କ୍ରିକେଟ ଟିମ୍‌ରେ ନୟାଗଡ଼ ସଦର ବ୍ଲକ୍ ନାଗୁଁଗାଁ ପଞ୍ଚାୟତ ସଜନାପଡ଼ା ଗାଁର ରୁଦ୍ର ନାରାୟଣ ଲେଙ୍କା ସାମିଲ ହେବା ପରେ ନୟାଗଡ଼ ଜିଲାରେ ଖୁସିର ଲହରୀ ଦେଖିବାକୁ ମିଳିଛି । ସେ ଅଲ ରାଉଣ୍ଡର ଖେଳିବେ । ପିଲାଟି ଦିନରୁ ଖେଳ ପ୍ରତି ଆଗ୍ରହ ଦେଖି ବାପା ଗୋବର୍ଦ୍ଧନ ଓ ମା'ନଳିନୀପ୍ରଭା ରୁଦ୍ରଙ୍କୁ କ୍ରୀଡା ଏକାଡେମୀରେ ସାମିଲ କରାଇଥିଲେ ।

### ଦଶପଲ୍ଲାରେ ଗଜଲକ୍ଷ୍ମୀ ପୂଜା

ଦଶପଲ୍ଲା,୧୬।୧୦(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନରେ ମା'ଗଜଲକ୍ଷ୍ମୀଙ୍କ ପୂଜା ବୁଧବାରଠାରୁ ଆରମ୍ଭ ହୋଇଛି । ସ୍ଥାନୀୟ ଲକ୍ଷ୍ମୀ ବଜାର ଠାରେ ଲକ୍ଷ୍ମୀ ବଜାର ବଣିକ ସଂଘ ତରଫରୁ ପୂଜା ଉତ୍ସବ ଆରମ୍ଭ ହୋଇଛି । ସେହିପରି ସାତ ପାଟଣାଠାରେ ଗଜଲକ୍ଷ୍ମୀ ପୂଜା ଚାଲିଛି । ଟାକରାର ବାବା ସିଦ୍ଧେଶ୍ୱର ବଣିକ ସଂଘ ତରଫରୁ ମଧ ଗଜଲକ୍ଷ୍ମୀଙ୍କ ପୂଜୋତ୍ସବ ମହା ସମାରୋହରେ ପାଳିତ ହେଉଛି । ପୂଜା ମଣ୍ଡପରେ ମା'ଲକ୍ଷ୍ମୀଙ୍କ ଦର୍ଶନ ନିମନ୍ତେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଏଥିପାଇଁ ପୂଜା ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି ।

# ଆଉଟଡୋରକୁ ମନଇଚ୍ଛା ଆସୁଛନ୍ତି ଡାକ୍ତର




ଡାକ୍ତରଖାନା ଆଉଟ୍‌ଡୋର୍‌ରେ ରୋଗୀମାନଙ୍କ ଲମ୍ବା ଧାଡ଼ି ।

- ନିଜ ଘରେ ଓ କ୍ଲିନିକରେ ରୋଗୀ ଦେଖାକୁ ଗୁରୁତ୍ୱ
- ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ପରେ ବି ନାହିଁ କାର୍ଯ୍ୟାନୁଷ୍ଠାନ
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ମିଳୁନି ସୁଫଳ
- ପାଥୋଲୋଜିରେ ଡାକ୍ତର ପଦବୀ ୫ ବର୍ଷ ହେଲା ଖାଲି
- ଅସ୍ଥିଶଲ୍ୟ ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ପଠାଯାଉଛି

ନୟାଗଡ଼,୧୬।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ଘରୋଇ ହସ୍ପିଟାଲରେ ଓ ନିଜ ଘରେ ରୋଗୀ ଦେଖିବାକୁ ଗୁରୁତ୍ୱ ଦେଉଛନ୍ତି। ଆଉଟ୍‌ଡୋରକୁ ମନଇଚ୍ଛା ଆସୁଥିବାରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇ ଚାଲିଛି। ଅନ୍ୟପକ୍ଷେ ପାଥୋଲୋଜିରେ ଡାକ୍ତର ପଦବୀ ପ୍ରାୟ ୫ ବର୍ଷ ହେଲା ଖାଲି ପଡିଛି। ଅସ୍ଥିଶଲ୍ୟ ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ କାହିଁକି ପଠାଯାଉଛି ସେନେଇ ସାଧାରଣରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡ୍ୟୁଟି ଛାଡି ସରକାରୀ ଡାକ୍ତର ଘରୋଇ ହସ୍ପିଟାଲକୁ ଯାଇ ରୋଗୀ ଦେଖୁଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି।

ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିସିନ, ସର୍ଜରୀ, ଅସ୍ଥିଶଲ୍ୟ, ଚର୍ମ, ଚକ୍ଷୁ, ପାଥୋଲୋଜି, ପ୍ରସୂତି ଓ ମହିଳା, ଶିଶୁ ବିଭାଗ ଆଉଟ୍‌ଡୋର ରହିଛି। ଅନ୍ୟ ରୋଗୀମାନେ ୧୦୦ ଶର୍ଯ୍ୟା ବିଶିଷ୍ଟ ଚିକିତ୍ସାଳୟରେ, ଆଉ କେତେକ ମାତୃ ଓ ଶିଶୁ ଚିକିତ୍ସାଳୟରେ ଏବଂ ଅନ୍ୟ କେତେକ ବିଭାଗରେ ତେବେ ହାତ ଗଣତି କେତେକ ୱାର୍ଡକୁ ଛାଡିଦେଲେ ସବୁଥରେ ସମାନ ଅଭିଯୋଗ ଡାକ୍ତର ଆଉଟଡୋରକୁ ଠିକ୍ ସମୟରେ ଆସୁ ନାହାନ୍ତି। ପୂର୍ବାହ୍ନ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଆଉଟ୍‌ଡୋର ଖୋଲା ରହୁଛି। ତେବେ ଡାକ୍ତରମାନେ ପ୍ରାୟ ୨ ଘଣ୍ଟା ବିଳମ୍ବରେ ଆଉଟ୍‌ଡୋରକୁ ଆସୁଥିବାର ଦେଖିବାକୁ ମିଳୁଛି। ଏନେଇ ଭାପୁରର ଗୁରୁ ପ୍ରସାଦ ସାହୁ କୁହନ୍ତି, ୧୦୦ ଶର୍ଯ୍ୟା ବିଶିଷ୍ଟ ଚିକିତ୍ସାଳୟର ମେଡସିନ ୱାର୍ଡ ଆଉଟ୍‌ଡୋରକୁ ସବୁ ସମୟରେ ଡାକ୍ତର ବିଳମ୍ବରେ ଆସୁଛନ୍ତି। ଡାକ୍ତର ବିଳମ୍ବରେ ଆସିବା ପରେ ତରବରିଆ ଭାବେ ଔଷଧ ଲେଖି ପକାଇ ଯାଉଛନ୍ତି। ଯେଉଁ ଡାକ୍ତର ଆଉଟ୍‌ଡୋରରେ ଠିକ୍‌ରେ ରୋଗୀ ଦେଖୁ ନାହାନ୍ତି ସମ୍ପୃକ୍ତ ଡାକ୍ତର ନିଜ ଘରେ ଓ କ୍ଲିନିକରେ ଫିସ୍ ନେଇ ଭଲ ଭାବେ ଦେଖୁଛନ୍ତି। ଭଲ ଚିକିତ୍ସା ପାଇଁ ରୋଗୀ ବାଧ ହୋଇ ଡାକ୍ତରଙ୍କୁ ଫିସ୍ ଦେଇ ପରାମର୍ଶ ଲୋଡୁଛନ୍ତି। ରୋଗୀ ହଇରାଣ ନେଇ କେହି ପାଟି ଖୋଲୁ ନାହାନ୍ତି। ନୟାଗଡ଼ର ମାନସ ମହାପାତ୍ର କୁହନ୍ତି, ମୋର ଭଣଜାର ହାତ ଭାଙ୍ଗି ଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ଥି ଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଏକ୍ସରେ କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଘରୋଇ ହସ୍ପିଟାଲ ଶ୍ରୀରାମକୁ ଆସି ଦେଖା ହେବାକୁ କହିଲେ। ଏଥିରେ ମୋର ୨୩୦୦ ଟଙ୍କା ପ୍ଲାଷ୍ଟର ଫିସ ନିଆଗଲା। ପରେ୧୨୦୦ ଟଙ୍କାର ଔଷଧ ଘରୋଇ ହସ୍ପିଟାଲ ଦୋକାନରୁ କିଣିବା ପରାମର୍ଶ ଦେଲେ। ଆମେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରିଥିଲେ ମାଗଣାରେ ହୋଇଥାନ୍ତା। ତେବେ ବିକଳ୍ପ ନ ଥିବାରୁ ବେସରକାରୀ ହସ୍ପିଟାଲରେ ଚିକିତ୍ସା କରାଇ ଖର୍ଚ୍ଚାନ୍ତ ହେଲୁ କହି କ୍ଷୋଭ ପ୍ରକାଶ କରିଥିଲେ। ସୁଷମା ସ୍ୱାଇଁ କୁହନ୍ତି, ନୟାଗଡ଼ରେ ଚର୍ମ ରୋଗ ଡାକ୍ତର ପାଳି କରି ରୋଗୀ ଦେଖୁଛନ୍ତି। ପୁଣି ଭଲରେ ଚିକିତ୍ସା ମିଳୁନି। ନୂଆଗାଁର ବିମଳା ନାୟକ କୁହନ୍ତି, ପ୍ରସୂତି ଓ ମହିଳା ଆଉଟ୍‌ଡୋରରେ ହଟହଟା ବ୍ୟତୀତ ଅନ୍ୟ ଉପାୟ ନାହିଁ। ହାତଗୁଞ୍ଜା ଦେଲେ ଭଲ ସେବା ମିଳୁଛି। ନ ହେଲେ ଡାକ୍ତରଙ୍କ ପ୍ରେସକ୍ରିପଶନର ଔଷଧ କାମ କରୁନି। ରୋଗୀଙ୍କୁ ଭଗବାନ ଭରସା।

### ଡାକ୍ତର ନ ଥିବାରୁ ଉତ୍ତେଜନା

୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାୟର ଆଉଟ୍‌ଡୋରରେ ୩ଜଣ ଡାକ୍ତର ଅଛନ୍ତି ବୋଲି ସୂଚନା ଫଳକ ଲାଗିଛି । ହେଲେ ୨ଜଣ ଡାକ୍ତର ରୋଗୀ ଦେଖୁଥିଲେ । ରୋଗୀ ଧାଡିରେ ଠିଆ ହୋଇ ବହୁ ସମୟ ଅପେକ୍ଷା ପରେ ବି ପାଳି ପଡୁ ନ ଥିବାରୁ ଚାପା ଉତ୍ତେଜନା ଦେଖା ଦେଇଥିଲା । ସେହିପରି ମେଡିସିନ ବିଭାଗର ଆଉଟ୍ ଡୋରରେ ଡାକ୍ତର ଡେରିରେ ଆସିବା ଓ ଅସ୍ଥିଶଲ୍ୟ ବିଭାଗରେ ଡାକ୍ତର ନ ଥିବାରୁ ରୋଗୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ କୁହନ୍ତି ରୋଷ୍ଟର ଡ୍ୟୁଟି ଯୋଗୁ ଡାକ୍ତର ସମସ୍ୟା ଦେଖାଦେଇଛି । ତେବେ କିଛି ଆଉଟ୍‌ଡୋରକୁ ଡାକ୍ତର ଡେରିରେ ଆସୁଥିବାର ଅଭିଯୋଗ ମିଳିଛି । ଆମେ ଏହାକୁ ଗୁରୁତ୍ୱ ଦେଇ ଅନୁଧ୍ୟାନ କରୁଛୁ । ତୁରନ୍ତ ଏଦିଗରେ ପଦକ୍ଷେପ ନେବୁ ।

# ସୁଭଦ୍ରା ଯୋଜନା ପାଇଁ ବ୍ୟାଙ୍କରେ ଭିଡ଼



ବ୍ୟାଙ୍କ ଆଗରେ ଧାଡ଼ିରେ ବସିଥିବା ମହିଳା ।

ଓଡଗାଁ,୧୬।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ରାଜ୍ୟରେ କୋଟିଏରୁ ଅଧିକ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଦୁଇ ପର୍ଯ୍ୟାୟରେ ବହୁ ହିତାଧିକାରୀ ସେମାନଙ୍କ ପ୍ରଥମ କିସ୍ତି ୫୦୦୦ ଟଙ୍କା ପାଇଥିବା ମେସେଜ ଜରିଆରେ ସୂଚନା ହାସଲ କରିଛନ୍ତି । ସେଥିମଧ୍ୟରୁ କେତେଜଣ ବ୍ୟାଙ୍କରୁ ସମସ୍ତ ଟଙ୍କା ଉଠାଇବାରେ ସଫଳ ହୋଇଛନ୍ତି । ଏଥି ସହିତ ବ୍ୟାଙ୍କରେ କେୱାଇସି ଅପ୍ ଟୁ ଡେଟ ଏବଂ ଆଧାର ଓ ମୋବାଇଲ ଲିଙ୍କ କରିବାକୁ ଲୋକମାନେ ସକାଳୁ ଧାଡି ବାନ୍ଧୁଥିବା ଦେଖିବାକୁ ମିଳିଛି । ଏହି ପ୍ରକ୍ରିୟା ପ୍ରାୟ ଦେଢ଼ ମାସ ହେଲା ଚାଲିଛି । ସୁଭଦ୍ରା ହିତାଧିକାରୀ ବ୍ୟତିରେକ ବ୍ୟାଙ୍କର ଅନ୍ୟ ଗ୍ରାହକ ବ୍ୟାଙ୍କ ସୁବିଧା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେହି କେହି ସୁଭଦ୍ରା ଟଙ୍କା ନ ଉଠାଇଲେ ଫେରିଯିବ ବୋଲି ପ୍ରଚାର କରୁଥିବାରୁ ଏପରି ଭିଡ଼ ଦେଖିବାକୁ ମିଳୁଛି ବୋଲି ଅଭିଯୋଗ କରାଯାଇଛି ।

## ଖଳିସାହିରେ ମା'ଦୁର୍ଗାଙ୍କ ଭସାଣି ଉତ୍ସବ

ଖଣ୍ଡପଡ଼ା,୧୬।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଅଞ୍ଚଳର ଦୁର୍ଗା ବଜାର, ଗଉଡ଼ସାହି ଓ ରତନପୁର ସାହି ପୂଜାମଣ୍ଡପରେ ପୂଜା ପାଉଥିବା ଜଗତଜନନୀ ମା'ଦୁର୍ଗାଙ୍କ ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ପୂଜା କମିଟିର କର୍ମକର୍ତ୍ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଭସାଣୀ ଶୋଭାଯାତ୍ରାରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ବାଜା ରୋଷଣି ଓ ରଙ୍ଗାରଙ୍ଗ ନୃତ୍ୟରେ ମେଢ଼ଗୁଡିକ ଗ୍ରାମପରିକ୍ରମା କରିବା ପରେ ନିକଟସ୍ଥ ଜଳାଶୟରେ ମା'ଙ୍କୁ ବିସର୍ଜନ କରାଯାଇଥିଲା । ହରିବୋଲ ହୁଳହୁଳି ଧ୍ୱନୀରେ ଆତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଖଣ୍ଡପଡ଼ା ଥାନା ଆଇଆଇସି ନିହାର ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା । ସେହିପରି ଖଣ୍ଡପଡ଼ା ସହରାଞ୍ଚଳରେ ଆସନ୍ତା କୁମାର ପୂର୍ଣ୍ଣିମା ତିଥିରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ । ଆସନ୍ତ ଦିନେ ଦୁଇଦିନ ମଧ୍ୟରେ ଅନ୍ୟାନ୍ୟ ଅଞ୍ଚଳରେ ପୂଜା ପାଉଥିବା ମା'ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି ।

## କୁମ୍ଭାରପଡ଼ା ଦୁର୍ଗାପୂଜା ଉତ୍ସବ ଉଦ୍‌ଯାପିତ



ଦୁର୍ଗାପୂଜା ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଖଣ୍ଡପଡ଼ା,୧୬।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତର ବଡ଼ସାହି ଓ ଗୋଡ଼ସାହି ୨ଟି ପୂଜା କମିଟି ପକ୍ଷରୁ ଜଗତ ଜନନୀ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏଥିପାଇଁ ପ୍ରତିଦିନ ଚଣ୍ଡୀ ପୂଜା ସହ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର କୁମ୍ଭାରପଡ଼ା ଗ୍ରାମର ଜୟଦୁର୍ଗା ନାଟ୍ୟ ସଂସଦ(ଗୃପ-ଓ) ପକ୍ଷରୁ ଶାରଦୀୟ ପୂଜା ଉପଲକ୍ଷେ ଶ୍ରେଷ୍ଠ ସାମାଜିକ ନାଟକ 'ଭୁଲ ତୋର ଭୋଗୁଛି ମୁଁ' ମଞ୍ଚସ୍ଥ ହୋଇଥିଲା। ସନ୍ଧ୍ୟାରେ କୁନି କୁନି ପିଲାମାନଙ୍କୁ ନେଇ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକ ଉପାଧକ୍ଷ ଶିଶିର କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସମିତି ସଭ୍ୟ ନରେନ୍ଦ୍ର ନାଥ ଦାଶ, ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡା, ଶିକ୍ଷାବିତ ଅଜୟ କୁମାର ସେଠୀ, ସାମାଜିକ କର୍ମୀ ସୁବାସ କୁମାର ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଞ୍ଚାସୀନ ଥିଲେ। ସଂଗଠନ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଉକ୍ତ ନାଟକ ମଞ୍ଚସ୍ଥ କରାଯାଇଥିଲା। ସ୍ଥାନୀୟ କଳାକାର ବିଭୁ ପ୍ରସାଦ ପଣ୍ଡା, ସୌମ୍ୟ ରଞ୍ଜନ ପଣ୍ଡା, ଚିତ୍ତ ରଞ୍ଜନ ପଣ୍ଡା, ଗୋପାଳ କୃଷ୍ଣ ପଣ୍ଡା,ଗୋକୁଳ ପଣ୍ଡା ଓ ପ୍ରେମ ରଞ୍ଜନ ପଣ୍ଡାଙ୍କ ସମେତ କୁନି କଳାକାରମାନେ ଅଭିନୟ କରିଥିଲେ। ହାସ୍ୟ ଅଭିନେତା କୈଳାସ ପଣ୍ଡାଙ୍କ ଅଭିନୟକୁ ଦର୍ଶକମାନେ ପସନ୍ଦ କରିଥିଲେ।

### 'ଭୁଲ୍ ତୋର ଭୋଗୁଛି ମୁଁ' ନାଟକ ମଞ୍ଚସ୍ଥ

### ଗ୍ୟାସ୍ ସିଲିଣ୍ଡର ଚୋରିକରି ମାଡ଼ ଖାଇଲେ ୨ ଯୁବକ

ଭୋଗରାଇ, ୧୬।୧୦(ପ୍ରଦୀପ ଦାସ)

ନିଶା ପାଇଁ ୨ ଯୁବକ ରାତି ଅଧରେ ପଶି ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିଲେ। ହେଲେ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡିଯିବାରୁ ଛେଚା ଖାଇଲେ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନାଇଦୋଳି ଗ୍ରାମରେ। ଦଶହରା ଉପଲକ୍ଷେ ଉକ୍ତ ଗ୍ରାମରେ ମଙ୍ଗଳବାର ରାତିରେ ଏକ ନାଟକ ମଞ୍ଚସ୍ଥ ହେଉଥିଲା। ତାଙ୍କ ପରିବାର ଲୋକେ ନାଟକ ଦେଖିବାକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ୨ ଯୁବକ ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଉଥିବା ଗ୍ରାମବାସୀ ଦେଖି ଯୁବକଦ୍ୱୟଙ୍କୁ ଧରି ପକାଇଥିଲେ। ପରେ ଏକ ବିଦ୍ୟୁତ୍ ଖୁଣ୍ଟରେ ରସିରେ ବାନ୍ଧି ମାଡ଼ ମାରିବା ପରେ ସେମାନେ ନିଶା ପାଇଁ ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରି କରିଥିବା ଯୁବକ ଜଣକ ନାଇଦୋଳି ଗ୍ରାମର ହୋଇଥିବା ବେଳେ ଅନ୍ୟଜଣେ ଯୁବକ କୁଟିଲାଡାଙ୍ଗ ଗ୍ରାମର ବୋଲି ଜଣାପଡିଥିଲା। ନାଇଦୋଳି ଗ୍ରାମର ଯୁବକ ଜଣକ ପୂର୍ବରୁ ଅନ୍ୟ ଲୋକଙ୍କ ଘରେ ଧାନ କାଢି ନେଇ ଚୋରାରେ ବିକ୍ରି କରିବା ସହ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରୁ ଚୋରି କରି ଧରାପଡି ଭୋଗରାଇ ଥାନାକୁ ଯାଇଥିଲେ। ଯୁବକଦ୍ୱୟଙ୍କ ବିରୋଧରେ ଗ୍ରାମବାସୀ ଭୋଗରାଇ ଥାନାରେ ଏତଲା ନ ଦେଇ ଛାଡି ଦେଇଥିବା ସୂଚନା ମିଳିଛି।

## ଖଣ୍ଡପଡ଼ା ବ୍ଲକ୍‌ରେ ଗଜଲକ୍ଷ୍ମୀ ପୂଜା

ଖଣ୍ଡପଡା,୧୬।୧୦
(ଅଜୟ କୁମାର ମହାରଣା)

ବୁଧବାରଠାରୁ ଖଣ୍ଡପଡ଼ା ବ୍ଲକ ଅଧୀନ ଖଣ୍ଡପଡା ରଥଗଡା ବଜାର ସମେତ ବାଣପୁର, ବସନ୍ତ ପୁର, ଜଗନ୍ନାଥ ପ୍ରସାଦ, ମଙ୍ଗଳପୁର, ବାହାଡା, ମର୍ଦ୍ଦରାଜପୁର, ବନମାଳିପୁର, ବରକୋଳିବନ୍ଧ, ବେଣାଗାଡିଆ ଏବଂ ସିଧାମୂଳା ଗ୍ରାମସ୍ଥିତ ବାଶେଳୀସାହି ଓ ମୁଣ୍ଡିଆସାହିରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି । ସନ୍ଧ୍ୟାପରଠାରୁ ପୂଜା ମଣ୍ଡପ ନିକଟରେ ଲୋକଙ୍କ ଭିଡ଼ଲାଗି ରହିଛି । ପାରମ୍ପରିକ ରୀତି ଅନୁଯାୟୀ ମା'ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସହ ପ୍ରାଣ ପ୍ରତିଷ୍ଠା, ଚକ୍ଷୁଦାନ ଓ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଛି । ପୂଜା ମଣ୍ଡପଗୁଡିକ ରଙ୍ଗୀନ ଆଲୋକରେ ଝଲସି ଉଠୁଛି । ପାରମ୍ପରିକ ରୀତି ଅନୁଯାୟୀ ମା'ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସହ ପ୍ରାଣ ପ୍ରତିଷ୍ଠା, ଚକ୍ଷୁଦାନ ଓ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଥିଲା । ଏହି ଅବସରରେ ବେଣାଗାଡିଆରେ ୫ ଦିନ ବ୍ୟାପୀ ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ ବୋଲି ଜଣାପଡ଼ିଛି । ବିଶେଷକରି ଖଣ୍ଡପଡା ସହରାଞ୍ଚଳର ୩ଟି ପୂଜା ମଣ୍ଡପ ସମେତ ବିଭିନ୍ନ ସ୍ଥାନରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଛି ।

## ବାଇକ୍,୨ ପାସେଞ୍ଜର ଅଟୋ ଭଙ୍ଗାରୁଜା

### ତୁଳସୀପୁରରେ ଉତ୍ତେଜନା, ୪ ଯୁବକ ଜେଲ ଗଲେ

ନୟାଗଡ଼,୧୬।୧୦(ଲୋକନାଥ ମିଶ୍ର)

ତୁଳସୀପୁରରେ ବାଇକ୍ ଓ ପାସେଞ୍ଜର ଅଟୋ ଭଙ୍ଗାରୁଜା ଓ ଗଣ୍ଡଗୋଳ ଘଟଣାରେ ନୟାଗଡ଼ ଟାଉନ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ନୟାଗଡ଼ ସଦର ଥାନା କ୍ରୀଦାଶପୁରର ମୋହନ ନାୟକ(୨୩) ଓ ପ୍ରଶାନ୍ତ ନାୟକ(୩୪), ଗୋଲଗୋଳା ଗାଁର ଆଲୋକ ନାୟକ(୨୮), ଓଡ଼ଗାଁ ଥାନା ବିଲମାନପୁର ଗାଁର ଦୁଃଶାସନ ନାୟକ(୨୦)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁଯାୟୀ, ଓଡଗାଁ ଥାନା ବିଲମାନପୁର ଗାଁର ଦୁଃଶାସନ ନାୟକ ବନ୍ଧୁ ଘର ତୁଳସୀପୁର ଗାଁର ଶଙ୍କର ନାୟକଙ୍କ ଘରକୁ ମଙ୍ଗଳବାର ଆସିଥିଲେ । କୌଣସି କାରଣକୁ ନେଇ କ୍ରୀଦାଶପୁରର ମୋହନ ଓ ପ୍ରଶାନ୍ତ ନାୟକ, ଗୋଲଗୋଳା ଗାଁର ଆଲୋକ ପ୍ରମୁଖ ମିଶି ଶଙ୍କରଙ୍କ ପାସେଞ୍ଜର ଅଟୋ, ୧ ବାଇକ୍ ସମେତ ଘର ଆସବାବ ପତ୍ର ମଙ୍ଗଳବାର ରାତିରେ ଭଙ୍ଗାରୁଜା କରିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଭଳିସ୍ଥଳେ ଶଙ୍କରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୪୦୦/୨୪) ରୁଜୁ କରି ମୋହନ, ଆଲୋକ ଓ ପ୍ରଶାନ୍ତଙ୍କୁ ଗିରଫ କରିଥିଲା । ସେହିପରି ପ୍ରଶାନ୍ତଙ୍କ ପାସେଞ୍ଜର ଅଟୋ ଭଙ୍ଗାରୁଜା ଘଟଣାରେ ପୋଲିସ ଏକ ମାମଲା(ନଂ.୪୦୧/୨୪)ରେ ଦୁଃଶାସନଙ୍କୁ ଗିରଫ କରିଥିଲା । ଏହି ଘଟଣାକୁ ନେଇ ତୁଳସୀପୁରରେ ଉତ୍ତେଜନା ଦେଖା ଦେଇଥିଲା ।

## ପଙ୍ଗାରସିଂହ ଟିମ୍ ଚାମ୍ପିୟନ

### ବନମାଳୀପୁର ଚ୍ୟାଲେଞ୍ଜ କପ୍ କ୍ରିକେଟ୍

ଖଣ୍ଡପଡା,୧୬।୧୦(ଅଜୟ କୁମାର ମହାରଣା)




ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆଞ୍ଚଳିକ ସ୍ପୋର୍ଟସ କ୍ଲବ ଆନୁକୁଲ୍ୟରେ ଗତ ୯ତାରିଖରୁ ଚାଲିଥିବା ୩୬ ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ପଙ୍ଗାରସିଂହ ଟିମ୍ ଚାମ୍ପିୟନ ହୋଇଛି। ବୁଧବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପଙ୍ଗାରସିଂହ କ୍ରିକେଟ କ୍ଲବ ନୟାଗଡ଼ କ୍ରିକେଟ ଆସୋସିଏଶନକୁ ୧ଉଇକେଟରେ ପରାସ୍ତ କରି ଚଳିତ ବର୍ଷର ଚମ୍ପିୟାନ ହୋଇଛି। ପ୍ରଥମେ ନୟାଗଡ଼ ଟିମ୍ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭର ମ୍ୟାଚରେ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ପଙ୍ଗାରସିଂ କ୍ରିକେଟ କ୍ଲବ୍ ୧୬.୪ ଓଭରରେ ୯ ଉଇକେଟ ହରାଇ ବିଜୟ ଲକ୍ଷ ହାସଲ କରିବାକୁ ସକ୍ଷମ ହୋଇଥିଲା। ଖେଳକୁ ଦିଲୀପ କୁମାର ସାହୁ ଓ ପ୍ରକାଶ କୁମାର ଦାସ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱ ତୁଲାଇଥିଲେ ଗୌରାଙ୍ଗ ଚରଣ ସେଠୀ। ବିଜେତା ଦଳଙ୍କୁ ସ୍ୱର୍ଗତ ଗଦାଧର ସାହୁ ଓ ସ୍ୱର୍ଗୀୟା ସୁବର୍ଣ୍ଣ ଦେବୀ ସ୍ମାରକୀ ଟ୍ରଫି ସହ ନଗଦ ଅର୍ଥରାଶି ଏବଂ ରନର୍ସଅପ ନୟାଗଡ ଦଳକୁ ସ୍ୱର୍ଗତ ପ୍ରାଣକୃଷ୍ଣ ସାହୁ ଓ ସ୍ୱର୍ଗୀୟା ଲାବଣ୍ୟ ଦେବୀ ସ୍ମାରକୀ ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଭାବେ ପ୍ରକାଶ ଜେନା ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ସୁଶାନ୍ତ ସାହାଣୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହିତ ଶିବ ନାରାୟଣ ମହାନ୍ତି ଶ୍ରେଷ୍ଠ ବ୍ୟାଟସ ମ୍ୟାନ, ଆଶିଷ ରାଉତ ଶ୍ରେଷ୍ଠ ବୋଲର ଭାବେ ଆୟୋଜକ ଦଳ ଦ୍ୱାରା ସମ୍ମାନୀତ ହୋଇଥିଲେ। କ୍ଲବର ବରିଷ୍ଠ ସଦସ୍ୟ ଚତୃଭୂଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଖଣ୍ଡପଡା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ପୂର୍ବତନ ଶିକ୍ଷକ ଗଦାଧର ତ୍ରିପାଠୀ, ବରିଷ୍ଠ ସଦସ୍ୟ ତଥା ପ୍ରାକ୍ତନ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ଶିଳ୍ପପତି ବିଦ୍ୟାଧର ସାହୁ, ଯୁବନେତା ଦେବବ୍ରତ ବେହେରା, ରାଧାକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡାବ୍ୟତୀତ ଉକ୍ତ କ୍ଲବ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ଗତ ମାଟ୍ରିକ ପରୀକ୍ଷାରେ ସଫଳତା ଲାଭ କରିଥିବା ସ୍ଥାନୀୟ ବନମାଳୀପୁର ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରୀ ଛାତ୍ର ସ୍ମୃତି ସାଗରିକା ଦାସ ଓ ଶାନ୍ତନୁ କୁମାର ପୃଷ୍ଟିଙ୍କୁ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ ଏବଂ ସ୍ୱର୍ଗୀୟା ଦୁଲା ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ସୁପୁତ୍ର ତଥା କ୍ଲବର ବରିଷ୍ଠ ସଭ୍ୟ ଚତୃଭୂଜ ସାହୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରିଥିଲେ। ସେହିପରି ବନମାଳୀପୁର ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଗତ ଗଦାଧର ସାହୁ ଓ ସ୍ୱର୍ଗୀୟା ସୁବର୍ଣ୍ଣ ଦେବୀଙ୍କ ଉଦ୍ଦେଶ୍ୟରେ ତାଙ୍କ ସୁପୁତ୍ର ତଥା ସାମାଜିକ କର୍ମୀ ଇଂ ରମେଶ କୁମାର ସାହୁଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ କ୍ଲବର ବରିଷ୍ଠ ସଦସ୍ୟ ଧୀରେନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ବୁଧବାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ସାଧାରଣ ସମ୍ପାଦକ ବିନୋଦ ତାୱ୍ଡେଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ସକ୍ରିୟ ସଦସ୍ୟତା ଗ୍ରହଣ କରୁଛନ୍ତି।

# ଭାଜପାର ପ୍ରଥମ ସକ୍ରିୟ ସଦସ୍ୟ ହେଲେ ମୋଦି

**ନୂଆଦିଲ୍ଲୀ, ୧୬।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଭାଜପାର ପ୍ରଥମ ସକ୍ରିୟ ସଦସ୍ୟ ହୋଇଛନ୍ତି। ଏଥିସହ ସେ ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଦଳର ସକ୍ରିୟ ସଦସ୍ୟତା ଅଭିଯାନକୁ ଆରମ୍ଭ କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱ୍ଡେଙ୍କ ଉପସ୍ଥିତିରେ ମୋଦି ଦଳର ସକ୍ରିୟ ସଦସ୍ୟତା ଗ୍ରହଣ କରିଛନ୍ତି। ଭାଜପାର ସକ୍ରିୟ ସଦସ୍ୟତା ଅଭିଯାନ ଅନୁଯାୟୀ, ଦଳର ସକ୍ରିୟ ସଦସ୍ୟମାନେ କୌଣସି ବୁଥ୍‌ରେ କିମ୍ବା ବିଧାନସଭା ଆସନରେ ଅନ୍ୟୂନ ୫୦ ଜଣଙ୍କୁ ଦଳୀୟ ସଦସ୍ୟତା ଗ୍ରହଣ କରାଇବେ। ସେହିପରି ଭାଜପାର ସମ୍ବିଧାନ ଅନୁଯାୟୀ, ଦଳୀୟ ସକ୍ରିୟ ସଦସ୍ୟମାନେ ହିଁ କେବଳ ସାଙ୍ଗଠନିକ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ। ଏନେଇ ପ୍ରଧାନମନ୍ତ୍ରୀ ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ଜଣେ କାର୍ଯ୍ୟକର୍ତ୍ତା ଭାବରେ ଭାଜପାର ପ୍ରଥମ ସକ୍ରିୟ ସଦସ୍ୟ ହୋଇଥିବାରୁ ଗର୍ବ ଅନୁଭବ କରୁଛି। ଭାଜପାର ସଦସ୍ୟତା ଅଭିଯାନ ହେଉଛି ଏପରି ଏକ ଆନ୍ଦୋଳନ, ଯାହା ତୃଣମୂଳ ସ୍ତରରେ ଦଳକୁ ଆହୁରି ମଜଭୁତ କରିବାରେ ସହାୟକ ହେବ। ଦଳର ଏହି ପ୍ରୟାସ ବିକଶିତ ଭାରତର ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ରାଷ୍ଟ୍ରୀୟ ପ୍ରଗତି ପାଇଁ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କର ପ୍ରଭାବଶାଳୀ ଅବଦାନକୁ ଏହି ଅଭିଯାନ ନିଶ୍ଚିତ କରିବ।

# ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୧୦ (ଅନିଲ ଦାସ)**

ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୭୮ ବର୍ଷ ପୂର୍ଣ୍ଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଛନ୍ତି। ଅନ୍ୟପକ୍ଷରେ ବିଜୁ ଜନତା ଦଳର ନେତା ତଥା ବିଭିନ୍ନ ବର୍ଗର ଲୋକ, ଛାତ୍ରୀଛାତ୍ର ନବୀନ ନିବାସକୁ ଯାଇ ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଅରବିନ୍ଦ ମହାପାତ୍ର, ସୁନୀଲ ମହାନ୍ତି, ସୌଭିକ ବିଶ୍ୱାଳ, ରମେଶ ମାଝି, ଶ୍ରୀମୟୀ ମିଶ୍ର, ମନ୍ମଥ ରାଉତରାୟ, ସୁଧୀର ସାମଲ, ଲତିକା ପ୍ରଧାନ, ଲୋପାମୁଦ୍ରା ବକ୍ସିପାତ୍ର, ଭୃଗୁ ବକ୍ସିପାତ୍ର ପ୍ରମୁଖ ଦଳୀୟ ନେତୃବୃନ୍ଦ, ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନର ସଭ୍ୟା, ବିଏମ୍‌ସିର କର୍ପୋରେଟରଙ୍କ ସମେତ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ନବୀନଙ୍କୁ ଭେଟି ତାଙ୍କ ଦୀର୍ଘଜୀବନ କାମନା କରିଛନ୍ତି।

ଜନ୍ମଦିବସ ଅବସରରେ ଦଳ ତରଫରୁ ଶଙ୍ଖଭବନ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସାଙ୍ଗଠନିକ ଜିଲା ତରଫରୁ ଆୟୋଜିତ ଏହି ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ବେଳେ ରାଜ୍ୟର ୩୫ଟି ସ୍ଥାନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ସମୁଦାୟ ୩୦୦୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ଦଳର ଯୁବ, ଛାତ୍ର ଓ ମହିଳା ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ଦଳର ନେତାମାନେ କହିଥିଲେ, ନବୀନଙ୍କ ନେତୃତ୍ୱରେ ଓଡିଶା ଏକ ଅଭାବୀ ରାଜ୍ୟରୁ ପ୍ରଭାବୀ ରାଜ୍ୟରେ ପରିଣତ ହୋଇପାରିଥିଲା। ୨୦୦୦ରେ ଓଡ଼ିଶାର ଆର୍ଥିକ ସ୍ଥିତି ଏତେ ଦୟନୀୟ ଥିଲା ଯେ ରାଜ୍ୟର ସରକାରୀ କର୍ମଚାରୀଙ୍କୁ ଦରମା ଦେବା ପାଇଁ ରାଜ୍ୟକୁ ଓଭରଡ୍ରାଫ୍ଟର ସହାୟତା ନେବାକୁ ପଡିଥିଲା। ପରବର୍ତ୍ତୀ ସମୟରେ ନବୀନଙ୍କ ନେତୃତ୍ୱରେ ଓଡିଶା ଏକ ଆର୍ଥିକ ନିଅଣ୍ଟିଆ ରାଜ୍ୟରୁ ଆର୍ଥିକ ବଳକା ରାଜ୍ୟରେ ପରିଣତ ହୋଇଥିଲା। ଗତ ନିର୍ବାଚନରେ ବିଜୁଜନତା ଦଳ ପରାଜୟବରଣ କରିଥିଲେ ମଧ୍ୟ ଆଜି ବି ନବୀନ ଓଡିଶା ବାସୀଙ୍କ ହୃଦୟରେ ଅଛନ୍ତି।

# ଦଳକୁ ହରାଇଲେ ଆସିକା ବିଜେଡି ଏମ୍‌ପି ପ୍ରାର୍ଥୀ : ଲତିକା

**ଭୁବନେଶ୍ୱର, ୧୬।୧୦ (ଅନିଲ ଦାସ)**



ଲତିକା ପ୍ରଧାନ

ଗତ ସାଧାରଣ ନିର୍ବାଚନରେ ଦଳର ପରାଜୟକୁ ବିଜେଡି ପ୍ରାର୍ଥୀମାନେ ସହଜରେ ହଜମ କରିପାରୁନାହାନ୍ତି। ବରିଷ୍ଠଙ୍କଠାରୁ ଆରମ୍ଭକରି କନିଷ୍ଠ ଯାଏ ଆରୋପ ପ୍ରତ୍ୟାରୋପରେ ମାତିଛନ୍ତି। ପରାଜୟକୁ ନେଇ ବିଜେଡି ସଭାପତିଙ୍କ ନିକଟରେ କିଛି ନେତାଙ୍କୁ ସିଧାସଳଖ ଦାୟୀ କରୁଛନ୍ତି। କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନ ଆସିକା ସଂସଦୀୟ କ୍ଷେତ୍ରରେ ବିଜେଡିର ପରାଜୟ ପାଇଁ ଆସିକାର ବିଜେଡି ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ଦାୟୀ କରିଛନ୍ତି। ନିର୍ବାଚନ ସମୟରେ ବିଭୀଷଣ ସାଜି ରଞ୍ଜିତା ଦଳୀୟ ପ୍ରାର୍ଥୀଙ୍କୁ ହରାଇଛନ୍ତି ବୋଲି ସେ ନବୀନଙ୍କୁ ଅବଗତ କରିଥିବା ସୂଚନା ମିଳିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ବୁଧବାର ଭୁବନେଶ୍ୱର ଆସିଥିବା ଲତିକା ଗଣମାଧ୍ୟମ ଆଗରେ କହିଛନ୍ତି, ନିର୍ବାଚନ ସମୟରେ ରଞ୍ଜିତା ବିଭୀଷଣ ଭୂମିକା ନିର୍ବାହ କରିଥିଲେ। ନିର୍ବାଚନରେ ଭାଜପା ସହ ସାଲିସ୍ କରି କାମ କରିଥିଲେ। ଏବେ ମଧ୍ୟ ସେହି କାମ କରୁଛନ୍ତି। ଦଳର ସଭାପତିଙ୍କୁ ଭେଟି ଏ ସମ୍ପର୍କରେ ସେ ଅବଗତ କରାଇଛନ୍ତି। ତାଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ଯଦି ଦଳର ସଭାପତି କାର୍ଯ୍ୟାନୁଷ୍ଠାନ ନ ନେବେ ତେବେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ସେ କହିଛନ୍ତି, ସ୍ୱର୍ଗତ ବିଜୁ ବାବୁଙ୍କ ସମୟରୁ ଆସିକା ସଂସଦୀୟ କ୍ଷେତ୍ର ଅନ୍ୟ କାହା ହାତକୁ ଯାଇ ନ ଥିଲା। ଏଭଳି ଜଣେ ପ୍ରାର୍ଥୀଙ୍କ ପାଇଁ ଆସିକା ସିଟ୍ ପଳାଇଲା। ରଞ୍ଜିତାଙ୍କ ନିର୍ବାଚନ ପରିଚାଳନା ତ୍ରୁଟି ଯୋଗୁ ଆମେ ସବୁ ସିଟ୍ ହରାଇଲୁ। ସେ ବିଭୀଷଣ ସାଜି ଦଳ ବିରୋଧୀ କାମ କରିଛନ୍ତି। ସମସ୍ତ ପ୍ରମାଣ ସହ ଏନେଇ ସେ ଦଳର ସଭାପତିଙ୍କୁ ଜଣାଇଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ସଭାପତିଙ୍କୁ ଅନୁରୋଧ କରିଥିବା କହିଛନ୍ତି। ଦଳର ସଭାପତିଙ୍କ ଉପରେ ବିଶ୍ୱାସ ରହିଛି ସେ ତାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଲତିକା କହିଛନ୍ତି। ନିର୍ବାଚନ ପରଠାରୁ ଦଳ ତାଙ୍କୁ କିଛି ଦାୟିତ୍ୱ ଦେଇନାହିଁ। ଦଳ ମୋତେ ସବୁ ଦାୟିତ୍ୱ ଦେଇଛି। ମୁଁ ମୋର ଦାୟିତ୍ୱ ଠିକ୍ ଭାବରେ ତୁଲାଉଛି। ସଭାପତି ଯାହା ନିଷ୍ପତ୍ତି ନେବେ ଆମେ ତାକୁ ମାନିନେବୁ ବୋଲି ଲତିକା କହିଛନ୍ତି। ଲତିକାଙ୍କ ଅଭିଯୋଗକୁ ରଞ୍ଜିତା ଖଣ୍ଡନ କରି କହିଛନ୍ତି, ଏହା ଦଳ ଭିତର କଥା, ଆମେ ସୁପ୍ରିମୋଙ୍କୁ ଜଣାଇବୁ। ମୁଁ ବିଜେଡି ସଦସ୍ୟା। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିଲି। ମୋ ଉପରେ ଆସିଥିବା ଆରୋପ ଠିକ୍ ନୁହେଁ। ଦଳ କିଭଳି ଦୃଢ଼ ହେବ ସେ ନେଇ ଆମେ କାମ କରୁଛୁ, ପଦଯାତ୍ରା କରୁଛୁ ବୋଲି ସେ କହିଛନ୍ତି।

## ଦଳ ସୁପ୍ରିମୋ ଯାହା ନିଷ୍ପତ୍ତି ନେବେ: ଚ୍ୟାଉ ପଟ୍ଟନାୟକ

ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଲତିକା ଆସିକା ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ନେଇ ଯାହା କହିଛନ୍ତି ସେଥିନେଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଭଲ ଭାବେ ଅବଗତ ଅଛନ୍ତି। ଦଳ ପକ୍ଷରୁ ଏହାକୁ ଅନୁସନ୍ଧାନ କରାଯିବ। ଦଳ ସୁପ୍ରିମୋ ଯାହା ନିଷ୍ପତ୍ତି ନେବେ ବୋଲି ଚ୍ୟାଉ ପଟ୍ଟନାୟକ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର କରି ଯେବେ ଘରଣୀ ନ ଥାଏ**
**ତହିଁରେ ନ ଥାଏ ସୁଖ,**
**ଧନ ଅର୍ଜି ଯେବେ ଧର୍ମରେ ନ ଲାଗେ**
**ପଛକୁ ହୁଅଇ ଯକ୍ଷ।**

ଘରକୁ ସ୍ୱର୍ଗଠାରୁ ସୁନ୍ଦର କରିବାରେ ଗୃହିଣୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଘରଣୀ ବିନା ଘର ସୁଖମୟ ହୋଇ ନ ଥାଏ। ସେହିପରି ଧନ ଅର୍ଜନ କରି ଦାନ ଧର୍ମ କାମରେ ବିନିଯୋଗ କଲେ ପୁଣ୍ୟ ମିଳିଥାଏ। ତା'ନ ହେଲେ ଅନ୍ତିମ କାଳରେ ଏହାର କୁପରିଣତି ଭୋଗିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଘନ ଜଙ୍ଗଲରେ ବେଲ ଲଢ଼େଇ,**
**ଫୁଲ ଥାଇ ଫଳ ଆଗେ ଝଡ଼ଇ।**

କର୍ମସଙ୍ଗେ ମଣିଷ ଅହରହ ଲଢ଼େଇରତ। ଆୟୁଷ ସରିଗଲେ କର୍ମର ବିଚାର ନ କରି ମଣିଷ ଆଗପଛ ହୋଇ ସଂସାରରୁ ବିଦାୟ ନେବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଶିକ୍ଷାନୁଷ୍ଠାନ ସମ୍ମୁଖରେ ଆନ୍ଦୋଳନ କରିବ ଛାତ୍ର କଂଗ୍ରେସ

**ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)**



କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଓ ଅନ୍ୟମାନେ।

## ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିସରରେ ଟବାକୋ ବିକ୍ରି ପ୍ରସଙ୍ଗ

ସଂସଦରେ ନିର୍ଦ୍ଦିଷ୍ଟ ଆଇନ ପାରିତହେଲା ପରେ ମଧ୍ୟ ଶିକ୍ଷାନୁଷ୍ଠାନ ନିକଟରେ ଖୋଲାଖୋଲି ଟବାକୋ ପ୍ରଡକ୍ଟ ବିକ୍ରି ଚାଲିଛି। ପ୍ରଶାସନ ପକ୍ଷରୁ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି, ସବୁ କ୍ୟାମ୍ପସରେ ଏକ ସ୍ୱତନ୍ତ୍ର ଟିମ୍ କରାଯାଇ ଶିକ୍ଷାନୁଷ୍ଠାନ ବାଉଣ୍ଡାରିଠାରୁ ୧୦୦ ମିଟର ପରିସରରେ ଥିବା ଟବାକୋ ବିକ୍ରିକୁ ବିରୋଧ କରାଯିବ। ଏହାସହ ଏ ସମ୍ବନ୍ଧୀୟ ବିଜ୍ଞାପନକୁ ହଟାଇଦିଆଯିବ। ଏଠାରେ ଟବାକୋ ସମ୍ପର୍କିତ ବିଜ୍ଞାପନ ଦେଉଥିବା କମ୍ପାନୀଙ୍କୁ ସତର୍କ କରାଇ ଦିଆଯାଉଛି, ସେମାନେ ତୁରନ୍ତ ଶିକ୍ଷାନୁଷ୍ଠାନ ନିକଟରୁ ସେମାନଙ୍କ ବିଜ୍ଞାପନଗୁଡ଼ିକୁ ହଟାଇ ନିଅନ୍ତୁ। ପ୍ରଶାସନକୁ ମଧ୍ୟ ଅନୁରୋଧ କରାଯାଉଛି, ଏହି ଆଇନକୁ ପ୍ରଶାସନ କଡ଼ାକଡ଼ି ଭାବେ ପାଳନକରୁ। ଯଦି ୭୨ ଘଣ୍ଟା ମଧ୍ୟରେ ପ୍ରଶାସନ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଛାତ୍ର କଂଗ୍ରେସ ଛାତ୍ରମାନଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଆନ୍ଦୋଳନ କରିବ। ଏହାସହ ଛାତ୍ର କଂଗ୍ରେସ ପକ୍ଷରୁ ଟବାକୋ ବିକ୍ରି ବନ୍ଦ କରାଯିବା ସହ ବିଜ୍ଞାପନଗୁଡ଼ିକୁ ହଟାଇ ଦିଆଯିବ ବୋଲି ବୁଧବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ କହିଛନ୍ତି।

# ଭାଜପାରେ ଯୋଗଦେଲେ ଶତାଧିକ ମହିଳା

**ସାକ୍ଷୀଗୋପାଳ, ୧୬।୧୦ (ଭରତ ରାଉତ)**

ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ବ୍ଲକର ଶତାଧିକ ମହିଳା ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ସ୍ଥାନୀୟ ନଡ଼ିଆ ଫାର୍ମ ପରିସରରେ ଭାଜପା ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଏମାନଙ୍କୁ ଦଳକୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସତ୍ୟବାଦୀ ମଣ୍ଡଳ ସଭାପତି ଉମେଶ ପ୍ରଧାନ, ସତ୍ୟବାଦୀ ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ରିତା ତ୍ରିପାଠୀ, ତ୍ରିଲୋଚନ ରଥ ଓ ଅଶୋକ ରାଉତରାୟ ପ୍ରମୁଖଙ୍କ ସମେତ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବିରୋଧୀ ଦଳରେ ଯେଉଁ ମଜା ଶାସକ ଦଳରେ ନାହିଁ

**ଜଗତ୍‌ସିଂହପୁର, ୧୬।୧୦ (ପ୍ରମୋଦ କୁମାର ନାୟକ)**



ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଅବସରରେ ଯୋଗ ଦେଇଥିବା ବିଜେଡି ନେତୃବୃନ୍ଦ।

## ତିର୍ତ୍ତୋଲ ବିଜେଡି ବିଧାୟକ ରମାକାନ୍ତ ଭୋଇଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା

ବିରୋଧୀ ଦଳରେ ରହିଲେ ଯେଉଁ ମଜା ଅଛି, ତାହା ଶାସକ ଦଳରେ ନାହିଁ। ଦୀର୍ଘ ୧୦ ବର୍ଷ ଭିତରେ ମୁଁ ନେଇଛି ସେ ମଜା। ଆପଣମାନେ କେବେ ଫିଲ୍ କରନ୍ତୁ ନାହିଁ କି, ଆମ ସରକାରଟା ପଳାଇଛି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଅବସରରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ରକ୍ତଦାନ ଶିବିରରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଏହା କହିଛନ୍ତି। ସେ ଏ କଥା ମଧ୍ୟ କହିଥିଲେ, ଆମେ ସବୁବେଳେ ମଟନ, ଚିକେନ୍ ଖାଇ ଆସିଛୁ। ଆଜି ଯଦି ପଖାଳଭାତ କିମ୍ବା ପଖାଳ-ଶାଗଭଜା ଖାଇବାକୁ ପଡୁଛି ତେବେ ଖାଇବା। କିନ୍ତୁ ଲୋକଙ୍କ ପାଇଁ କାମ କରିବାକୁ ପ୍ରସ୍ତୁତ ହୋଇ ରହିବା। ଲୋକଙ୍କ ପାଇଁ ଷ୍ଟ୍ରଗଲ ଏବଂ ଫାଇଟ୍ କରିବା। ବିଧାୟକ ରମାକାନ୍ତଙ୍କ ଏହି ବୟାନ ରାଜନୈତିକ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ଶ୍ରମିକନେତା ଅରିନ୍ଦମ ସର୍ଖେଲ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଦଳର ଜିଲା ସଭାପତି ରବିନାରାୟଣ ଜେନା, ବରିଷ୍ଠ ନେତା ଦୀପ୍ତି ଦାସ ପ୍ରମୁଖ ନବୀନଙ୍କ ପ୍ରଶଂସା କରିଥିଲେ।

ନବୀନ ୨୪ ବର୍ଷ କାଳ ରାଜ୍ୟ ଶାସନଭାର ମୁଣ୍ଡାଇଥିଲେ। ତାଙ୍କ ଶାସନ ସମୟରେ ରାଜ୍ୟର ପ୍ରଗତି କ୍ରିୟାଶୀଳ ହୋଇଥିଲା। ସେ ଦୀର୍ଘାୟୁ ହେବା ସହ ରାଜ୍ୟ ପାଇଁ ନିରନ୍ତର ସେବା କରିଚାଲନ୍ତୁ ବୋଲି ଦଳୀୟ ନେତାମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜେଡି ଜଗତ୍‌ସିଂହପୁର ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ଦିଲୀପ ସିଂହ, ଛାତ୍ରନେତା ସମ୍ବିତ୍ ଲେଙ୍କା ଓ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। କିନ୍ତୁ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଗତ ନିର୍ବାଚନ ପୂର୍ବରୁ ବିଜେଡିରେ ମିଶିଥିବା ଚିରଞ୍ଜୀବ ବିଶ୍ୱାଳ ଓ ପୂର୍ବତନ ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ, ପୂର୍ବତନ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକଙ୍କୁ ଦେଖିବାକୁ ମିଳି ନ ଥିଲା। ଏ ସମ୍ପର୍କରେ ଚିରଞ୍ଜୀବଙ୍କ ସହ ଯୋଗାଯୋଗ କରିବାରୁ ସେ ଭୁବନେଶ୍ୱରରେ ନ ଥିବାରୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇପାରି ନ ଥିଲେ। କିନ୍ତୁ ନବୀନଙ୍କ ଜନ୍ମଦିନରେ ଶୁଭେଚ୍ଛା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ ପାଇଁ ସେ ଭିଡିଓ ବାର୍ତ୍ତା ଶେୟାର କରିଥିବା କହିଛନ୍ତି। କିନ୍ତୁ ସମ୍ବିତ୍ ଓ ରାଜଶ୍ରୀଙ୍କୁ ତାଙ୍କ ମୋବାଇଲ ଫୋନ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।

ସୂଚନାଯୋଗ୍ୟ, ନିକଟରେ ଜଗତ୍‌ସିଂହପୁର ଭାଜପା ବିଧାୟକ ଅମରେନ୍ଦ୍ର ଦାସ ମହିଷାସୁର ଓ ରାବଣ କବଳରୁ ଓଡ଼ିଶା ମୁକୁଳିଛି ବୋଲି କହି ବିଜେଡିକୁ ଟାର୍ଗେଟ୍ କରିଥିଲେ। ସେହିପରି ମନ୍ତ୍ରୀ ସମ୍ପଦ ସ୍ୱାଇଁ ମଧ ବିଜେଡି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଏବେ ଯେଉଁଭଳି ଭାବରେ କାମ ଚାଲିଛି ତାହା କେତେକ ରାବଣ ପ୍ରକୃତିର ଲୋକଙ୍କ ପୋଡ଼ାଜଳା ଆରମ୍ଭ କଲାଣି ବୋଲି କଟାକ୍ଷ କରିଥିଲେ। ଭାଜପା ନେତାଦ୍ୱୟଙ୍କ ଏହି ବୟାନ ପରେ ତିର୍ତ୍ତୋଲ ବିଜେଡି ବିଧାୟକଙ୍କ ଶାଗ, ପଖାଳଖିଆ କଥା ସାରାଜିଲାରେ ଚର୍ଚ୍ଚାକୁ ବହୁଗୁଣିତ କରିଛି।

# ୩ କଂଗ୍ରେସ ନେତାଙ୍କ ନାଁରେ ମାମଲା

ଭୁବନେଶ୍ୱର,୧୬।୧୦ (ସତ୍ୟଜିତ୍ ରାଉତ)

## ବ୍ୟବସାୟୀଙ୍କୁ ୧.୪୨ କୋଟି ଠକେଇ ଅଭିଯୋଗ

ସାଧାରଣ ନିର୍ବାଚନ ବେଳେ ପ୍ରଚାର ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସକୁ ଏଲ୍ଇଡି ଟିଭି ଓ ଗାଡି ଯୋଗାଇ ଜଣେ ବ୍ୟବସାୟୀ ୧.୪୨ କୋଟି ଟଙ୍କା ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱର ଜେଏମ୍ଏଫ୍ସି-୫ଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ଷ୍ଟିୟରିଂ କମିଟି ଅଧ୍ୟକ୍ଷ ଅଜୟ କୁମାର ଓ ସଦସ୍ୟ ବିଶ୍ୱରଞ୍ଜନ ମହାନ୍ତିଙ୍କ ନାଁରେ ଭରତପୁର ଥାନାରେ ଅକ୍ଟୋବର ୧୨ରେ ଆଇପିସି ଦଫା ୧୨୦ ବି, ୫୦୬ ଓ ୪୨୦ରେ ମାମଲା (ନଂ.୬୮୪/୨୦୨୪) ରୁଜୁ ହୋଇଛି। ଅଭିଯୋଗକାରୀ ବ୍ୟବସାୟୀ ହେଲେ ଖଣ୍ଡଗିରିବାରିସ୍ଥିତ ପ୍ଲଟ୍ ନଂ.୧୨୧୫/୧୩୭୩ରେ ରହୁଥିବା ଆଶୁତୋଷ ମହାପାତ୍ର। ସେ ପ୍ରଥମେ ଭରତପୁର ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ ନ କରିବାରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅଭିଯୋଗ ଅନୁଯାୟୀ, ଗତ ନିର୍ବାଚନ ସମୟରେ ପ୍ରଚାର ପାଇଁ ଏଲ୍ଇଡି ଟିଭି ଓ ଗାଡି ଯୋଗାଣ ନେଇ ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ଓଡ଼ିଶା ପ୍ରଭାରୀ ଥିବା ଅଜୟ କୁମାରଙ୍କ ସହ ଆଶୁତୋଷଙ୍କର ୧.୫୦ କୋଟି ଟଙ୍କାର ଚୁକ୍ତି ହୋଇଥିଲା। ଏଥିପାଇଁ ଆଶୁତୋଷଙ୍କୁ ଅଗ୍ରିମ ୮ ଲକ୍ଷ ଟଙ୍କା ଦିଆଯାଇଥିଲା। ନିର୍ବାଚନ ସରିବା ପରେ ବଳକା ଟଙ୍କା ଦେଇଦେବେ ବୋଲି ଉଭୟେ କହିଥିଲେ। ଜୁନ୍ ୨୨ରେ ଶରତ, ଅଜୟ ଓ ବିଶ୍ୱରଞ୍ଜନ ଖଣ୍ଡଗିରିବାରିସ୍ଥିତ ଅଫିସରେ ଆଶୁତୋଷଙ୍କୁ ଦେଖାକରିଥିଲେ। ଏହି ସମୟରେ ଆଶୁତୋଷ ତାଙ୍କ ବକେୟା ଟଙ୍କା ମାଗିବାରୁ ସେମାନେ ତାଙ୍କ ବାସଭବନରେ ଦେଖାକରି ଟଙ୍କା ପରିମାଣ ଚୂଡ଼ାନ୍ତ କରିଦେବେ ବୋଲି କହିଥିଲେ। ହେଲେ ଆଶୁତୋଷ ଏଥିରେ ରାଜି ହୋଇ ନ ଥିଲେ। ତାଙ୍କ ଫୋନ କଲ୍କୁ ସେମାନେ ଉଠାଉ ନ ଥିବାରୁ ସାଙ୍ଗେ ସାଙ୍ଗେ ସବୁ ଟଙ୍କା ଦେବାକୁ ଆଶୁତୋଷ କହିଥିଲେ। ଆଲୋଚନା ବେଳେ ଅଜୟ ଓ ଶରତ ଧମକ ଦେବା ସହ ଟଙ୍କାଟିଏ ବି ଦେବେ ନାହିଁ ବୋଲି କହିଥିଲେ। ଏହି ସମୟରେ ଟଙ୍କା ଦେବାକୁ ଆଶୁତୋଷ ବାଧ କରିବାରୁ ବିଶ୍ୱରଞ୍ଜନ ତାଙ୍କୁ ଧକ୍କା ମାରିଥିଲେ। ଏଥିସହ ବିହାରୀ ଗୁଣ୍ଡା ଲଗାଇ ମାରିଦେବେ ବୋଲି ମଧ୍ୟ ଧମକ ଦେଇଥିଲେ ବୋଲି ଆଶୁତୋଷ ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ବିଶ୍ୱରଞ୍ଜନ କହିଛନ୍ତି, ଏଇଟା ଏକ ମିଛ ମାମଲା। ଆଶୁତୋଷ ମହାପାତ୍ର କିଏ ମୁଁ ଜାଣିନାହିଁ। ସିଏ ଯେଉଁ ଏଲ୍ଇଡି ଓ ଗାଡି ଲଗାଇଥିଲେ ବୋଲି ଅଭିଯୋଗ କରୁଛନ୍ତି, ତା'ର କିଛି ପ୍ରମାଣ ନାହିଁ। ମୋ ନାଁ ସେଥିରେ ଅଯଥାରେ ଯୋଡ଼ାଯାଇଛି ବୋଲି ବିଶ୍ୱରଞ୍ଜନ କହିଛନ୍ତି। ଅନ୍ୟପକ୍ଷରେ ଶରତ ଓ ଅଜୟଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଓଡ଼ିଶା ଫେରିଲେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର

## ଭରତପୁର ଥାନାରେ ନିର୍ଯାତନା ଘଟଣା

ଭୁବନେଶ୍ୱର,୧୬।୧୦ (ସୂର୍ଯ୍ୟକାନ୍ତ ବେହେରା)

### ମିଛ ଧରା ପରୀକ୍ଷା ସରିଲା

ଭରତପୁର ଥାନାରେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ଓ ବିଚାରବିଭାଗୀୟ ତଦନ୍ତ ଚାଲୁ ରହିଛି। ଇତିମଧ୍ୟରେ ଏହି ଘଟଣାରେ ନିଲମ୍ବିତ ପୋଲିସ ଅଧିକାରୀଙ୍କ ସମସ୍ତ ମିଛଧରା ପରୀକ୍ଷା ଶେଷ ହୋଇଛି। ଏଥିପାଇଁ କ୍ରାଇମବ୍ରାଞ୍ଚ ଟିମ୍ ୫ ପୋଲିସ ଅଧିକାରୀଙ୍କୁ ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫୋରେନ୍ସିକ୍ ସାଇନ୍ସ ଲାବରେଟୋରି (ଏସ୍ଏଫ୍ଏସ୍ଏଲ୍)କୁ ନେଇଥିଲା। ସେଠାରେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ପଲିଗ୍ରାଫ ଟେଷ୍ଟ, ବ୍ରେନ୍ ମ୍ୟାପିଂ, ନାର୍କୋ ଟେଷ୍ଟ ସରିବା ପରେ ସେ ଓଡିଶା ଫେରି ଆସିଥିବା ସୂଚନା ମିଳିଛି। ଅନ୍ୟପଟେ ପୂର୍ବରୁ ଏସ୍ଆଇ ବୈଶାଳିନୀ ପଣ୍ଡା, ଏଏସ୍ଆଇ ସାଗରିକା ରଥ, ଏଏସ୍ଆଇ ସଲୀଳମୈୟୀ ସାହୁ , ଘଟଣା ଦିନ ଥାନାରେ ପ୍ରତ୍ୟକ୍ଷଦର୍ଶୀ ଭାବେ ଉପସ୍ଥିତ ଥିବା ଜଣେ କାର୍ଯ୍ୟରତ ଏସ୍ଆଇଙ୍କ ପଲିଗ୍ରାଫ ଟେଷ୍ଟ ସରିବା ପରେ ସେମାନେ ଓଡ଼ିଶା ଫେରିଥିଲେ। ଆସନ୍ତା ୨୧ ତାରିଖ ସୁଦ୍ଧା ଗାନ୍ଧୀନଗର ଡିଏଫ୍ଏସ୍ଏଲ ପକ୍ଷରୁ କୋର୍ଟରେ ଟେଷ୍ଟ ରିପୋର୍ଟ ଦାଖଲ ହେବ। ଅକ୍ଟୋବର ଶେଷ ସୁଦ୍ଧା ତଦନ୍ତ ରିପୋର୍ଟ କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯିବ ବୋଲି ସୂଚନା ରହିଛି। ତେଣୁ ଏହି ରିପୋର୍ଟ ଆସିବା ପରେ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।


GOVERNMENT OF ODISHA No.A-429:
DEPARTMENT OF WATER RESOURCES
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, BALASORE**
Email ID: sedcbls@yahoo.com
"e" PROCUREMENT NOTICE NO.ACEDCBLS-01/2024-25

| | | |
|---|---|---|
| 1. | Name of the Work | Drainage Works (under D.I.P. Scheme) |
| 2. | Name of Project | 1 No. of Individual Work |
| 3. | Estimated Cost of individual works | Estimate cost of individual work Rs. 7,66,54,075/- (Excluding G.S.T.) |
| 4. | Period of Completion | 18 (Eighteen Calendar Month) |
| 5. | Bid Identification Number | ACEDCBLS/DDJPR-01-01-2024-25 |
| 6. | Date & Time of availability of Bid document in the portal | From 17.10.24 at: 10 hours to 06.11.24 at: 17 hours |
| 7. | Date of Opening of technical bid | Dt.07.11.2024 at:11.30 hours. In the Office of the Additional Chief Engineer, Drainage circle,Balasore |
| 8. | Date of Opening of Financial Bid | To be uploaded in portal |
| 9. | Date of Lottery (if required) | To be notified |
| 10. | Procurement Officer/ Name & address of the Officer Inviting Bids | Additional Chief Engineer, Drainage Circle, Balasore |

Further details can be seen from the Govt. Website **www.tendersorissa.gov.in.**
**Sd./- Additional Chief Engineer**
**Drainage Circle, Balasore**
OIPR-32190/11/0001/2425



**State Institute for Development of Arts & Crafts**
SIDAC
Handlooms, Textiles & Handicrafts Department, Govt. of Odisha
**TENDER CALL NOTICE**
**No.PP-33:**State Institute for Development of Arts & Crafts (SIDAC) on behalf of Handlooms, Textiles & Handicrafts Department, Govt. of Odisha is going to organise 19th Toshali National Crafts Mela from 01.12.2024 to 12.12.2024 at Janata Maidan, Bhubaneswar. Sealed Tenders in two bids "Technical Bid" & "Financial Bid" are invited from reputed firms/decorators having past experience and expertise to execute similar nature of works like construction of Stalls, Gates, P.H. Works, Electrification works & other services in accordance with detailed design, layout & specifications laid down in the Tender Schedule. For details of Tender documents, terms & conditions etc., please visit the websites: **www.sidacodisha.org.in., www.crafts.odisha.gov. in & www.odisha.gov.in/textiles.** For further details contact: SIDAC, Handicrafts Complex, Gandamunda, Bhubaneswar, Ph: 0674-2350318.
**The authority reserves the right to accept or reject any or all tender without assigning any reason thereof.**
**Sd./- Member Secretary, SIDAC**
**OIPR-31036/11/0011/2425**



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha
**ODISHA SCHOOL EDUCATION PROGRAMME AUTHORITY**
**" SHIKSHA SOUDHA", UNIT-V, BHUBANESWAR-751001**
**RFP No.9927/Ped/2024** **Dated 15.10.2024**
**NOTICE INVITING REQUEST FOR PROPOSAL (RFP)**
**No.n-:**Odisha School Education Programme Authority (OSEPA), under administrative control of School & Mass Education Department, Government of Odisha invites sealed tender for **"Selection of outdoor food supplier/outdoor Catering Service provider for supply of food"** in the State Level Student's Festival "Suravi-2024" scheduled to be held from 12th Nov 2024 to 14th Nov 2024 at Capital High School, Unit-III, Bhubaneswar.
The RFP document will be available in the OSEPA website i.e. **osepa. odisha.gov.in.** The bidders fulfilling the prescribed eligibility criteria of the RFP can access, download the complete RFP Document and other details from the above website & apply accordingly. Corrigendum/addendum, if any, shall only be notified in the website mentioned above.
The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | By 16/10/2024 |
| 2 | Last Date for Receipt of Bid | By 05/11/2024- 5.30 PM |
| 3 | Date of Opening of Technical Bid | On 06/11/2024- 11.00 AM |
| 4 | Date of Opening of Financial Bid of technically qualified bidders. | To be intimated after technical evaluation |

The proposal complete in all respects must reach the undersigned by Speed Post/ Registered Post/ Courier only latest **by 5:30 PM on 05/11/2024.** The proposals received beyond the last date and time will be rejected. The Tender Inviting Authority (TIA) i.e. OSEPA reserves the right to accept / reject any / all BIDs / cancel the entire selection process at any stage without assigning any reason thereof.
**Address for Submission of Proposal:**
**State Project Director,**
**Odisha School Education Programme Authority (OSEPA)**
**"Shiksha Soudha", Unit-V, Bhubaneswar, Odisha - 751001**
**Sd./-**
**State Project Director**
OIPR-27068/11/0011/2425



GOVERNMENT OF ODISHA No.O-369:
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
eerw_kendraparat@yahoo.co.in
'E' PROCUREMENT NOTICE NO.
RWD-II/KPD-03/24-25 DTD.08.10.2024
1. Name of work : Road works in the District of Kendrapara for the year 2024-25
2. Total No. of Work : 42 Nos. Road
3. Estimated Cost : Rs.5.04 Lakhs to 49.76 (Approx.)
4. Period of Completion : Three Months
5. Class of Contractors : B, C & D Class
6. Cost of Tender Paper : Cost of Tender Paper is to be remitted ONLINE as specified in column-3 of the Annexure
7. Detail projects : As specified in the Annexure
**Other details as follows:**
a) Procurement Officer : Executive Engineer, Rural Works Division-II, Kendrapara
b) Availability of tender online: & submission of bid 17.10.2024 at 11.00 AM to 29.10.2024 upto 5.00 PM
c) Last date & time of seeking: of tender clarification 28.10.2024 upto 5.00 PM
d) Opening of Tender : 30.10.2024 at 11.00 A.M.
**Further details can be seen from the Govt. website www. tendersorissa.gov.in**
**Sd./- Executive Engineer**
OIPR-25098/11/0003/2425 **Rural Works Division-II, Kendrapara**



ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ
ବିଜ୍ଞପ୍ତି

No. g-49: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ନବଜାତ ଶିଶୁ କନ୍ୟା ଜଗତ୍ସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପ୍ରେରିତ ହୋଇ କଟକସ୍ଥିତ ଶିଶୁ ଭବନକୁ ଗତ ୧୪।୦୮।୨୦୨୪ ତାରିଖରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଶିଶୁଟିର ଦେଖାଶୁଣା ପାଇଁ ତା ନିକଟରେ ତା'ର ମାତା, ପିତା ବା ନିଜର ସମ୍ପର୍କୀୟ ନଥିବାରୁ କଟକ ଶିଶୁ ଭବନର ଅଧୀକ୍ଷକ ପରିତ୍ୟକ୍ତ ଶିଶୁ ବୋଲି ଶିଶୁ ମଙ୍ଗଳ କମିଟିଙ୍କୁ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଶିଶୁଟିକୁ ଶିଶୁ ଭବନରେ ଦେଖାଶୁଣା କରିବା ପାଇଁ ଶିଶୁ ଯତ୍ନ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଥିଲା। ଶିଶୁଟି ବର୍ତ୍ତମାନ ସୁସ୍ଥ ହୋଇ ଶିଶୁ ମଙ୍ଗଳ କମିଟି, କଟକଙ୍କ ନିର୍ଦ୍ଦେଶନାମା ନଂ. ୪୦୪/୨୦୨୪ ତା୨୩।୦୮।୨୦୨୪ ଅନୁଯାୟୀ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରଖାଯାଇଅଛି। ଏହି ଶିଶୁଟିର ନାମ ସାଇ ଶ୍ରୀ ରଖାଯାଇଅଛି। ତେଣୁ ଉକ୍ତ ଶିଶୁ ପୁତ୍ରଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକଟୋରିଏଟ୍ କ୍ୟାମ୍ପସ୍, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରୀ ନଂ. ୫୪, କଲେକଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୦୯କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ।
ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ
ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା୩୦।୧୧।୨୦୨୩ରିଖରେ ଜଣେ ମାନସିକ ଅନଗ୍ରସର ମହିଳା ଏକ ଶିଶୁ କନ୍ୟାକୁ ଜନ୍ମ କରି ଅମ୍ବିଲିକାଲ୍ କୋର୍ଡ଼ ସଂଲଗ୍ନ (ନାଭି ସଂଲଗ୍ନ) କଟକ ଚୌଦ୍ୱାରର ଇନ୍ଦ୍ରାଣିପାଟଣାସ୍ଥିତ ତୋଷାଳି ସିମେଣ୍ଟ କମ୍ପାନୀ ନିକଟରେ ନବଯାତ ଶିଶୁକୁ ଧରି ବସିଥିବାର ଖବର ପାଇ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର କର୍ମକର୍ତ୍ତା ସେଠାରେ ପହଞ୍ଚିଥିଲେ ଏବଂ କଟକ ଶିଶୁ ମଙ୍ଗଳ କମିଟିକୁ ଜଣାଇକରି ଉଭୟ ମା' ଓ ନବଜାତ ଶିଶୁଙ୍କୁ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶରେ ମା'କୁ ମାନସିକ ୱାର୍ଡ଼ ଏବଂ ତା ନବଜାତ ଶିଶୁକୁ ୧୨।୧୨।୨୦୨୩ରିଖରେ ଶିଶୁ ଭବନକୁ ସ୍ଥାନାନ୍ତରିତ କରାଯାଇଥିଲା। ଗତ ୩୦।୧୨।୨୦୨୩ ତାରିଖରେ ଶିଶୁ ଭବନରୁ ଡିସ୍ଚାର୍ଜ ହୋଇ ଶିଶୁ ମଙ୍ଗଳ କମିଟି କଟକଙ୍କ ନିର୍ଦ୍ଦେଶନାମା ନଂ. ୪୧୨/୨୦୨୩ ତା୧୨।୧୨।୨୦୨୩ ଅନୁଯାୟୀ ଶିଶୁଟି କଟକ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହିଅଛି। ଶିଶୁଟିର ନାମ ସାଇ ପଙ୍କଜିନୀ ରଖାଯାଇଥିଲା। ତତ୍ପରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମାନସିକ ବିଭାଗର ଉପଦେଶ ଅନୁଯାୟୀ କଟକ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶରେ ଶିଶୁଟିକୁ ତାର ମା' ରହୁଥିବା ସ୍ୱାଧାର ଗୃହରେ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଶିଶୁଟିକୁ ଏକାକୀ ଛାଡ଼ି ତା'ର ମା ସ୍ୱାଧାର ଗୃହରୁ ଲୁଚି ପଳାଇଥିଲା। ମା'କୁ ଖୋଜାଖୋଜି କରି ନ ମିଳିବାରୁ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ୧୪୭/୨୦୨୪ ତା୦୮।୦୪।୨୦୨୪ ଅନୁଯାୟୀ ଶିଶୁଟିକୁ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି ଚୌଦ୍ୱାରସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରଖାଯାଇଅଛି। ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକଟୋରିଏଟ୍ କ୍ୟାମ୍ପସ୍, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ. ୫୪, କଲେକଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୦୯ କିମ୍ବା ସମ୍ପାଦକ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ-୭୫୪୦୭୧, ଫୋନ୍ ନଂ. ୯୭୭୭୬୪୪୦୬କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁ କନ୍ୟା ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ।
ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ
ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏକ ନବଜାତ ଶିଶୁ ପୁତ୍ର କଟକସ୍ଥିତ ଶିଶୁ ଭବନଠାରେ ଚିକିତ୍ସତ ହେଉଥିବା ଅବସ୍ଥାରେ ଜଣାପଡ଼ିଲା ଯେ, ଶିଶୁଟି ମଙ୍ଗଳଶ୍ୱର କେନାଲ ଛକ ବାଲେଶ୍ୱରଠାରୁ ସ୍ଥାନୀୟ ଏକ ଦମ୍ପତିଙ୍କ ଦ୍ୱାରା ଉଦ୍ଧାର ହୋଇ ଉକ୍ତ ଦମ୍ପତିଙ୍କ ଦ୍ୱାରା କଟକସ୍ଥିତ ଶିଶୁ ଭବନଠାରେ ଚିକିତ୍ସା ପାଇଁ ପ୍ରବେଶ କରାଯାଇଥିଲା। ଇତି ମଧ୍ୟରେ ଜଣାପଡ଼ିଲା ଯେ, ଶିଶୁଟିର ନିଜସ୍ୱ ପିତା, ମାତା ବା ସମ୍ପର୍କୀୟ ଶିଶୁର ଦେଖାଶୁଣା ପାଇଁ ନାହାନ୍ତି। ଏହା ଜାଣିପାରି ଶିଶୁ ଭବନ ଅଧୀକ୍ଷକ ସଙ୍ଗେ ସଙ୍ଗେ ଶିଶୁ ମଙ୍ଗଳ କମିଟିଙ୍କୁ ଖବର ଦେବାରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଏକ ଶିଶୁ ଯତ୍ନକାରୀ ଅନୁଷ୍ଠାନକୁ ଶିଶୁଟିର ଦେଖାଶୁଣା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିଶୁଟି ବର୍ତ୍ତମାନ ସୁସ୍ଥହୋଇ ଶିଶୁମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ତା୦୫।୦୯।୨୦୨୪ରିଖଠାରୁ ନିର୍ଦ୍ଦେଶନାମା ନଂ. ୪୧୯/୨୦୨୪ ଅନୁଯାୟୀ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହିଆସୁଅଛି। ଏହି ଶିଶୁଟିର ନାମ ସାଇ ଶିବାଶିଷ ରଖାଯାଇଅଛି। ତେଣୁ ଉକ୍ତ ଶିଶୁ ପୁତ୍ରଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକଟୋରିଏଟ୍ କ୍ୟାମ୍ପସ୍, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୦୯କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯକ୍ତ ଥଇଥାନ କରାଯିବ।
OIPR-33038/11/0003/2425 ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, GANJAM-II, BERHAMPUR**
**GOVERNMENT OF ODISHA**
E-mail:mi2_exe.engr@yahoo.co.in, Ph.No.0680-2290475
No.A-427: e-PROCUREMENT NOTICE
BID IDENTIFICATION No.:GMID-II/04/2024-25
Ltr No.3752, Date:04.10.2024
Name of Work : Civil Construction Works
No. of Works : 4 (Four) Nos.
Estimated Cost : Rs.71.43 lakh to 83.03 lakh
Tender Paper Cost : Rs.10000.00
Period of Completion : 06 (Six) Calendar Months
Class of Contractor : "B"
Availability of bid documents : From 15.10.2024 at 10.00 AM to 29.10.2024 upto 5.00 PM in website (www.tendersorissa.gov.in)
Period of Receipt of bid through online : From 15.10.2024 at 10.00 AM to 29.10.2024 upto 5.00 PM Through Online
Mode of Payment : Online
Date of Opening of bid documents for double cover system : 30.10.2024 at 11.30 AM (Technical Bid opening), 05.11.2024 at 11.30 A.M. (Financial Bid opening cover-II)
Date of Lottery (if required) : Shall be intimated through website and E-mail specified for the purpose in e-tendering process
Digital signature certificate of Bidder : The bidder must possess compatible Digital Signature Certificate (DSC) of Class-II or Class-III.
The detail tender call notice can also be seen in the DOWR website- http:// dowrorissa.gov.in.
Name & Address of the OIT : Superintending Engineer, M.I.Division Ganjam-II, In front of Depaul School, Engineering School Road Berhampur Dist-Ganjam, PIN-760010 E-mail: **mi2_exe.engr@yahoo.co.in**
Further details can be seen from the E-procurement market place: **http:// tendersorissa.gov.in.**
**Sd./- Superintending Engineer**
**M.I. Division, Ganjam-II, Berhampur**
OIPR-32043/11/0005/2425



**GOVT. OF ODISHA** No.O-358:
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
Email Id:serw_sundargarh@gmail.com
Bid Identification No.Online-PMGSY/RWCCESNG-07 of 2024-25
Letter No.2251 // Date:08.10.2024
1.Name of the Work : Construction of Road and CD work under PM-JANMAN Batch-II. 2.Total No. of Packages :- 2 No. Individual Package. 3. Estimated Cost of individual packages : Rs.85.81 lakh and Rs.96.61 lakh. 4. Period of Completion:- Seven Calendar Months. 5. Other details:-

| Procurement Officer | Bid Identification No. | No. of Packages | Availability of tender Online for bidding | | Date & Time of Technical Bid Opening | Date & Time of Financial Bid Opening |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | PMGSY/ RW-CCESNG-07 of 2024-25 | 2 No. | 18.10.2024 at 11.00 A.M. | 01.11.2024 upto 5.00 P.M. | 02.11.2024 at 11.00 A.M. | Will be intimated separately |

• Further details can be seen from the website: www.pmgsytenders.gov.in
**Sd./- Chief Engineer, (Design & Quality Control)**
OIPR-25133/11/0020/2425 **Chief Construction Engineer, (I/C), Rural Works Circle, Sundargarh**



**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
POWER HOUSE SQUARE, UNIT-V, BHUBANESWAR
TEL. NO.0674-2394873, Fax: 2391255/2391024
Email: sdaorissa@nic.in / eic-epcei@nic.in
**CORRIGENDUM**
**Expression of Interest (EOI) for "Empanelment of firms for conducting Market Surveillance, Retailer Training Programme, Investment Bazar for Energy Efficiency, Awareness programmes & workshops for different IEC activities and field survey & analysis as part of the Energy Conservation & Energy Efficiency and other programmes of the office".**
No. AA:- The last date of receipt of completed applications for the Expression of Interest (EoI) invited for the purpose of "Empanelment of firms for conducting Market Surveillance, Retailer Training Programme, Investment Bazar for Energy Efficiency, Awareness programmes & workshops for different IEC activities and field survey & analysis as part of the Energy Conservation & Energy Efficiency and other programmes of the office" is extended up to **24.10.2024**.
For further details and to download the EoI forms, please visit the website: eicelectricityodisha.nic.in.
The authority reserves the right to accept/reject any application without assigning any reasons thereof.
**Sd./- EIC (E)-cum-PCEI & SDA (Odisha)**
**"Conserve energy today; secure it for tomorrow"**
OIPR-04066/11/0013/2425



See Career Appointment on every Wednesday & Saturday



**ODISHA STATE MUSEUM**
Kalpana Square, BJB Nagar, Bhubaneswar, Odisha-751014, Phone:0674-2431597
Email: supdt.museum@hotmail.com, Website:https://www.odishamuseum.nic.in
e-Procurement Notice No.1692/OSM, Dated 09.10.2024 (Online)
No.RR-:Type of Work: ORGANIZATION OF TERRACOTTA GALLERY-DESIGN, SUPPLY, INSTALLATION, RESEARCH BASED ON ODISHAN TERRACOTTA WITH APPLICATION OF LATEST TECHNOLOGY IN CONTEMPORARY TOUCH WITH APPROVED SPECIFICATION.

| Sl. No. | Name of Work | Eligibility | Time of Completion | E.M.D. (Through online transfer system) in Rs. | Cost of Tender Document (Through online transfer system) in Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| (i) | Organization of Terracotta gallery-design, supply, installation, research based on odishan terracotta with application of latest technology in contemporary touch with approved specification. | Eligible and Experienced Agencies | 03 (Three Months) | Rs.3,00,000/- | Rs.10,000/- (Non- Refundable) |

**Availability of Tender in website: From 15.10.2024, 10.00 A.M. to 29.10.2024, 5.00 P.M. Submission of Bid On-line: From 15.10.2024, 10.00 A.M. to 29.10.2024, 5.00 P.M.** Date and Time of Opening of the Bid: **30.10.2024 at 3.00 P.M.** Further details can be seen from the Govt. website www.tendersodisha.gov.in. Amendment, Corrigendum/ Cancellation if any shall be posted online only.
**Sd./- Superintendent of Museum, Odisha, Bhubaneswar**
OIPR-03030/11/0005/2425

## ପିଜ୍ଜା ହଟ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ: ଭାରତର ସବୁଠାରୁ ପ୍ରିୟ ତଥା ବିଶ୍ୱସ୍ତ ପିଜ୍ଜା ବ୍ରାଣ୍ଡ୍ ପିଜ୍ଜା ହଟ୍‌ର ନୂତନ ଉତ୍ପାଦ 'ମୋମୋ ମିଆ ପିଜ୍ଜା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଉଭୟ ଭେଜ୍ ଏବଂ ନନ୍ ଭେଜ୍ ପ୍ରକାରରେ ଉପଲବ୍ଧ ହେଉଥିଲାବେଳେ ମୋମୋ ମିଆ ପିଜ୍ଜାର ଦାମ ୨୬୯ ଟଙ୍କାରୁ ଆରମ୍ଭ ହେଉଛି, ଯାହା ପିଜ୍ଜା ହଟ୍ ନାମ ଅନୁସାରେ ବ୍ରାଣ୍ଡର ପ୍ରଥମ ପ୍ରକାର ମିଶ୍ରଣ, ସ୍ୱାଇସୀ ସେଜୱାନ୍ ସସ୍ ସହିତ ଟପ୍ ହୋଇଥିବା ଚିଜୀ ପିଜ୍ଜା ଏବଂ ରସାଳ ଷ୍ଟ୍ରିଟ୍ ଷ୍ଟାଇଲ୍ ମୋମୋ ବୋଲି କୁହାଯାଇଛି।

# ଅଗ୍ରଣୀ ବ୍ରାଣ୍ଡର କ୍ରୟ ଉପରେ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ,୧୬।୧୦



ଚଳିତ ବର୍ଷର ପାର୍ବଣରତୁ ଆରମ୍ଭ ହେବା ସହ ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ-୨୦୨୪ରେ ଉପଲବ୍ଧ ହୋମ୍, କିଚେନ୍ ଓ ଆଉଟଡୋର ପ୍ରଡକ୍ଟଗୁଡ଼ିକ ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏପରିକି ଆମାଜନ୍.ଇନ୍‌ରେ ଆଗାରୋ, ପ୍ରେଷ୍ଟିଜ୍, ସେଲୋ, କୋହଲର, ନୀଲକମଲ, କ୍ୟୁବୋ, ଗୋଦ୍‌ରେଜ୍ ଓ ବଶ୍ ଭଳି ଅଗ୍ରଣୀ ବ୍ରାଣ୍ଡର କ୍ରୟ ବିଲ୍ ଉପରେ ଆକର୍ଷଣୀୟ ରିହାତି ଦିଆଯାଉଛି। ସେହିଭଳି ଆପ୍ଲାଏନ୍ସ ବର୍ଗରେ ଆଗାରୋ ରିଜେନ୍ସି ଏୟାର ଫ୍ରାୟର ଫର୍ ମୂଲ୍ୟ ୮୨୯୯ ଟଙ୍କା ରହିଥିବା ବେଳେ ବଶ୍ ପ୍ରଫେସନାଲ ଜିଡବ୍ଲ୍ୟୁଏସ୍ ୬୦୦ ଆଙ୍ଗେଲ ଗ୍ରାଇଣ୍ଡର ୧୯୯୯ ଟଙ୍କା ଏବଂ ଇକୋଭାକ୍ସ ଡିବଟ ଏନ୍୨.୦ପ୍ରୋ ରୋବୋଟିକ ଭାକ୍ୟୁମ କ୍ଲିନର ୨୭,୯୯୯ ଟଙ୍କାର ଆକର୍ଷଣୀୟ ମୂଲ୍ୟ ଏହି ସମୟ ମଧ୍ୟରେ ଉପଲବ୍ଧ ହେଉଛି। ସେହିପରି କିଚେନ୍ ପ୍ରଡକ୍ଟ ମଧ୍ୟରେ ପ୍ରେଷ୍ଟିଜ୍ ଆଇରିସ୍ ଟଫେଣ୍ଡ ଗ୍ଲାସ୍-ଟପ୍‌ଡ ବ୍ରାସ୍ ବର୍ନର ଏଲ୍‌ପିଜି ଗ୍ୟାସ୍ ଷ୍ଟୋଭର ମୂଲ୍ୟ ୩୨୯୮ ଟଙ୍କା ରହିଥିବା ବେଳେ ସେଲୋ ଏମ୍‌ଏଫ୍ କ୍ଲିକ୍ ଲଞ୍ଚ ବକ୍ସ ସେଟ୍‌ର ମୂଲ୍ୟ ମାତ୍ର ୫୭୯ଟଙ୍କା ରହିଛି। ଏହି ସେଲ୍ ସମୟରେ ଗ୍ରାହକମାନେ ଘର ସଫେଇ ଉତ୍ପାଦ ସ୍କଚ୍ ବ୍ରାଇଟ୍ ୨-ଇନ୍-୧ବକେଟ ସ୍ପିନ୍ ମପ୍‌କୁ ୮୯୯ ଟଙ୍କାରେ ଏବଂ କୋହଲର କଫ୍ ହେଲ୍ଥ ଫୌସେଟକୁ ୭୯୯ ଟଙ୍କାରେ କ୍ରୟ କରିପାରିବେ। ଏପରିକି ଆଉଟ୍‌ଡୋର ବା ଘର ବାହାର ସ୍ଥାନକୁ ଉନ୍ନତ କରିବା ପାଇଁ ଗ୍ରାହକମାନେ ଆମାଜନ୍.ଇନ୍‌ରେ ହିଟ୍ ଫ୍ଲାଇଂ ଇନ୍‌ସେକ୍ଟ କିଲର-ମସ୍କିଟୋ ଆଣ୍ଡ ଫ୍ଲାଏ କିଲର ସ୍ପ୍ରେକୁ ୨୮୮ ଟଙ୍କା ଓ ଗିଗାୱାଟ୍‌ସ ସୋଲାର ୱାଲ୍ ଲାଇଟ୍‌ଗୁଡ଼ିକୁ ୧୯୯ ଟଙ୍କାରେ କ୍ରୟ କରିପାରିବେ। ଏହାଛଡା ଗ୍ରାହକମାନେ ଫର୍ନିଚର ଉପରେ ମଧ୍ୟ ଆକର୍ଷଣୀୟ ଡିଲ୍ ପାଇପାରିବେ। ଏହି ସମୟ ମଧ୍ୟରେ ଆମାଜନ୍ ବ୍ରାଣ୍ଡ ସୋଲିମୋ ପେଟ୍ରା ସଲିଡ୍ ସିଶମ ଉଡ୍ କ୍ୱିନ ବେଡ୍‌ର ମୂଲ୍ୟ ମାତ୍ର ୧୧,୯୯୯ ଟଙ୍କା ଓ ନୀଲକମଲ ସିଏରା ଭେଲ୍‌ଭେଟ୍ ଫ୍ୟାବ୍ରିକ୍ ମାନୁଆଲ ରିକ୍ଲାଇନରର ମୂଲ୍ୟ ୧୪,୨୪୯ ଟଙ୍କା ରହିଛି। ଏଠାରେ ଆଡଭେଞ୍ଚର ପସନ୍ଦ କରୁଥିବା ଗ୍ରାହକଙ୍କ ପାଇଁ ଲାଇଫ୍‌ଲଙ୍ଗ୍ ଫିଟ୍‌ପ୍ରୋ (୨.୫ ଏଚ୍‌ପି ପିକ୍) ମାନୁଆଲ ଇନ୍‌କ୍ଲାଇନ ମୋଟୋରାଇଜଡ ଟ୍ରେଡ୍‌ମିଲ ୧୪,୯୯୯ଟଙ୍କାରେ ମିଳୁଥିବାବେଳେ ଲିଡରବିଷ୍ଟ ୨୬ଟି ମଲ୍ଟିସ୍ପିଡ ମାଉଣ୍ଟେନ ବାଇକ୍ ୬୨୯୯ଟଙ୍କା, ହେଲ୍ଥଜେନି ୱେଟ୍ ମେଶିନ ୪୪୯ ଟଙ୍କାରେ ଉପଲବ୍ଧ ହେଉଛି। ପାର୍ବଣରେ ନିଜ ଘରକୁ ସୁସଜ୍ଜିତ କରିବା ପାଇଁ ଗ୍ରାହକମାନେ ପ୍ରୋସ୍ଷେରୋ ଲୁମୋ ବାଏ ପ୍ରକାଶ କ୍ୟାଣ୍ଡେଲ୍‌ସ ପ୍ରିମିୟମ ଲଡୁ କ୍ୟାଣ୍ଡେଲ ୨୫୯ ଟଙ୍କାରେ ଓ ଇଣ୍ଡିଆନ କାରିଗର ୧୨ ଦିୟା ସେଟ୍‌କୁ ୨୭୪ ଟଙ୍କାରେ କ୍ରୟ କରିପାରିବେ। ଅପରପକ୍ଷରେ ଗ୍ରାହକମାନେ ହିରୋ ଗ୍ରୁପ୍‌ର କ୍ୟୁବୋ କାର୍ ଡ୍ୟାଶ୍ କ୍ୟାମେରା ପ୍ରୋ ଏକ୍ସ ୩ଏମ୍‌ପି ୧୨୯୬ ପିକ୍ସକୁ ୨୯୯୦ଟଙ୍କାରେ ଏବଂ ଗୋଦ୍‌ରେଜ୍ ଏୟାର ଓ-ହ୍ୟାଙ୍ଗିଙ୍ଗ୍ କାର୍ ଏୟାର ଫ୍ରେଶନରକୁ ୨୩୯ ଟଙ୍କାରେ କ୍ରୟ କରିପାରିବେ। ଏହି ଡିଲ୍‌ଗୁଡିକ ସହ ଗ୍ରାହକମାନେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ବରୋଦା କାର୍ଡ ସହ ନୋ କଷ୍ଟ ଇଏମ୍‌ଆଇର ଲାଭ ଓ ୧୦% ରିହାତି ପାଇପାରିବେ। ଏପରିକି ୧୦,୦୦୦ ଟଙ୍କାର ଆପ୍ଲାଏନ୍ସ କ୍ରୟ ଉପରେ ୧୦୦୦ ଟଙ୍କା ଏବଂ ୨୦୦୦ ଟଙ୍କାର କିଚେନ ଉତ୍ପାଦ ଉପରେ ୨୦୦ ଟଙ୍କାର ରିହାତି ମଧ୍ୟ ପାଇପାରିବେ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୬।୧୦

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୧୯ (୩୧୮.୭୬) ପଏଣ୍ଟ କମି ୮୧,୫୦୧ (୮୧,୫୦୧.୩୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ରେ ମଧ୍ୟ ୮୬ (୮୬.୦୫) ପଏଣ୍ଟ ହ୍ରାସ ଘଟି ୨୪,୯୭୧(୨୪,୯୭୧.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ୯ ଟଙ୍କାରେ ନୂତନ ବୀମା କଭରେଜ୍ ପ୍ଲାନ୍

ନୂଆଦିଲ୍ଲୀ,୧୬।୧୦

ଫୋନ୍‌ପେର ବହୁ ପ୍ରତୀକ୍ଷିତ ତଥା ନୂତନ ବୀମା ଯୋଜନା 'ଫାୟାରକ୍ରାକର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯାହାକି ବାଣ ସମ୍ବନ୍ଧିତ କୌଣସି ପ୍ରକାର ଦୁର୍ଘଟଣା ବିରୋଧରେ ବ୍ୟାପକ ସୁରକ୍ଷା ପ୍ରଦାନ କରିବା ସହ ବୀମା ଉପଭୋକ୍ତାଙ୍କୁ ଦୀପାବଳି ସମୟରେ ସୁଲଭ ବୀମା କଭରେଜ ଦେଉଛି। ଏହା କେବଳ ୯ ଟଙ୍କା (ଜିଏସ୍‌ଟି ସମେତ) ରେ ଉପଲବ୍ଧ ହେଉଛି। ସେହିଭଳି ଏହି କଭରେଜ ପ୍ଲାନ୍ ଫୋନପେ ଉପଭୋକ୍ତାଙ୍କୁ ବାଣ ସମ୍ବନ୍ଧିତ ଦୁର୍ଘଟଣାରୁ ସୁରକ୍ଷିତ ରଖିବା ପାଇଁ ପାର୍ବଣ ସମୟରେ ୧୦ ଦିନ ପାଇଁ ପ୍ରାୟ ୨୫,୦୦୦ଟଙ୍କା ପର୍ଯ୍ୟନ୍ତ ବିସ୍ତୃତ କଭରେଜ ପ୍ରଦାନ କରୁଛି। ଏହି କଭରେଜ୍ ୨୦୨୪ ଅକ୍ଟୋବର ୨୫ରୁ ଆରମ୍ଭ ହେଉଛି। ଏହି ସୁବିଧା ଆରମ୍ଭ ଦିନ (ଅକ୍ଟୋବର ୨୫)ରୁ ଆସନ୍ତା ୧୦ଦିନ ପାଇଁ ଉପଲବ୍ଧ ହେବ। ଏହି ଶୁଭାରମ୍ଭ ସହିତ ଦେଶବ୍ୟାପୀ ଉପଭୋକ୍ତାମାନେ ବର୍ତ୍ତମାନ ସୁରକ୍ଷା ଓ ମାନସିକ ଶାନ୍ତି ସହ ଦୀପାବଳି ପାଳନ କରିପାରିବେ। ଏପରିକି ପାର୍ବଣ ସମୟରେ ବାଣ ସମ୍ପର୍କିତ ଦୁର୍ଘଟଣା ଦେଶରେ ବୃଦ୍ଧି ପାଉଥିବାରୁ ଫୋନ୍‌ପେ ଏଭଳି ଅପ୍ରତ୍ୟାଶିତ ଘଟଣା ବିରୋଧରେ ସମ୍ଭାବ୍ୟ ଆର୍ଥିକ ବୋଝକୁ ହ୍ରାସ କରିବା ପାଇଁ ଏହି ଉତ୍ପାଦର ଶୁଭାରମ୍ଭ କରିଛି। ଏହି ନୂତନ ପ୍ଲାନ୍‌କୁ ଫୋନପେ ଆପ୍‌ରେ କେବଳ ୧ ମିନିଟ୍ ମଧ୍ୟରେ କ୍ରୟ କରାଯାଇପାରିବ, ଯାହା ଉପଭୋକ୍ତା, ତାଙ୍କ ସ୍ୱାମୀ କିମ୍ବା ସ୍ତ୍ରୀ ଓ ୨ ଜଣ ପିଲାଙ୍କ ସମେତ ୪ ଜଣ ପର୍ଯ୍ୟନ୍ତ ପରିବାରର ସଦସ୍ୟଙ୍କୁ ବୀମାଭୁକ୍ତ କରି ଫ୍ୟାମିଲି କଭରେଜ୍ ପ୍ରଦାନ କରୁଛି। ଅପରପକ୍ଷରେ ଏହି ବୀମାର କଭର କ୍ରୟ ତାରିଖରୁ ଲାଗୁହେବ। ଏହି ସ୍ୱଳ୍ପାବଧି କଭରେଜ୍‌କୁ ସ୍ୱତନ୍ତ୍ର ରୂପେ ପାର୍ବଣ ଋତୁ ପାଇଁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଫୋନ୍‌ପେ ଇନସ୍ୟୁରାନ୍ସ ବ୍ରୋକିଂ ସର୍ଭିସେସ୍‌ର ସିଇଓ ବିଶାଲ ଗୁପ୍ତା କହିଛନ୍ତି, ଆମେ ପାର୍ବଣ ଋତୁ ପାଇଁ ଠିକ୍ ସମୟରେ ଫୋନ୍‌ପେର ଫାୟାରକ୍ରାକର ବୀମାକୁ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି କଭରେଜ୍ ପରିବାରଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛି।

# ଆଇଏଫ୍ଏଟି ଇଣ୍ଡିଆର ଏକାଦଶ ସଂସ୍କରଣ

ମୁମ୍ବାଇ,୧୬।୧୦

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମୁମ୍ବାଇର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରଠାରେ ଭାରତର ଜଳ, ନର୍ଦ୍ଦମା, କଠିନ ବର୍ଜ୍ୟବସ୍ତୁ ଏବଂ ରିସାଇକ୍ଲିଂ କ୍ଷେତ୍ରରେ ଅଗ୍ରଣୀ ବାଣିଜ୍ୟ ମେଳା 'ଆଇଏଫ୍ଏଟି ଇଣ୍ଡିଆ'ର ଏକାଦଶ ତମ ସଂସ୍କରଣ ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ୨୦୨୪ ଅକ୍ଟୋବର ୧୬ ରୁ୧୮ ପର୍ଯ୍ୟନ୍ତ ମୁମ୍ବାଇର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରଠାରେ ଏହି ବାଣିଜ୍ୟ ମେଳା ଅନୁଷ୍ଠିତ ହେଉଛି। ଆଇଏଫ୍ଏଟି ଇଣ୍ଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ମେସେ ମ୍ୟୁଏନଚେନ୍ ଇଣ୍ଡିଆର ସିଇଓ ଭୂପିନ୍ଦର ସିଂ କହିଥିଲେ, ଆଇଏଫ୍ଏଟି ଇଣ୍ଡିଆର ଏକାଦଶ ସଂସ୍କରଣ କେବଳ ଜଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉନ୍ନତ ସମାଧାନ ପ୍ରଦାନ କରିବ ନାହିଁ ବରଂ ସରକାରୀ ଏବଂ ବେସରକାରୀ କ୍ଷେତ୍ର ମଧ୍ୟରେ ସହଯୋଗକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏପରିକି ଆମେ ସମଗ୍ର ବିଶ୍ୱର ବିଶେଷଜ୍ଞମାନଙ୍କୁ ଏକାଠି ଆଣି ଉତ୍ସାହିତ ଅଛୁ, ଯେଉଁମାନେ ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜଳ ପୁନଃ ବ୍ୟବହାର ଭଳି ଭାରତ ପାଇଁ ନିର୍ଦ୍ଦିଷ୍ଟ ପରିବେଶ ଆହ୍ୱାନର କିପରି ମୁକାବିଲା କରିବେ ଏବଂ ସେ ବିଷୟରେ ଜ୍ଞାନ ବାଣ୍ଟିବେ। ଭାରତ ଏହାର ପରିବେଶ ନୀତିରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଆଇଏଫ୍ଏଟି ଇଣ୍ଡିଆ-୨୦୨୪ ସ୍ଥାୟୀ ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରୁଛି। ସେହିଭଳି ଭାରତ ଜଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଥିବା ଆହ୍ୱାନର ମୁକାବିଲା ଜାରି ରଖିଥିବାବେଳେ ଆଇଏଫ୍ଏଟି ଇଣ୍ଡିଆ ଏହି କ୍ଷେତ୍ରରେ ବ୍ୟାପକ ସହଯୋଗ ଏବଂ ନୀତି ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ଭାବନ ପ୍ରଦର୍ଶନ କରିବା ସହିତ ନୀତିଗତ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ଭାବେ ଉଭାହୋଇଛି। ଏପରିକି କଠିନ ବର୍ଜ୍ୟବସ୍ତୁ, ରିସାଇକ୍ଲିଂ, ଜଳ ବିଶୋଧନ ଏବଂ ନର୍ଦ୍ଦମା ପରିଚାଳନା ପରି ପରିବେଶ ପ୍ରଯୁକ୍ତିରେ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନ ଆରମ୍ଭ କରିବାରେ ଆଇଏଫ୍ଏଟି ଇଣ୍ଡିଆ ଏକ ପ୍ରମୁଖ ଉଦ୍ଭାବକ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ପରିପ୍ରେକ୍ଷୀରେ ପରିବେଶ ପ୍ରଯୁକ୍ତି ବିଦ୍ୟାରେ ଆଗ୍ରହୀ ପ୍ରମୁଖ କମ୍ପାନୀ, ଶିଳ୍ପ ବିଶେଷଜ୍ଞ, ସରକାରୀ ପ୍ରତିନିଧି ଏବଂ ନିଷ୍ପତ୍ତି ଗ୍ରହଣକାରୀମାନେ ଗୋଟିଏ ଛାତ ତଳେ ଏକାଠି ହୋଇ ଉଭୟ ବ୍ୟବସାୟିକ ଓ ଅଧିବେଶନଭିତ୍ତିକ ସୁଯୋଗ ସୃଷ୍ଟି କରିଛି।

# ଭୋଲ୍‌ଟାସ୍‌ର ନୂତନ ବ୍ରାଣ୍ଡ୍ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୧୬।୧୦ (ଅଭୟ ଦାଶ)

**ରାଜ୍ୟର ୨୬ତମ ଏବଂ ଅତାବିରାରେ ୨ୟ ବ୍ରାଣ୍ଡ ଶପ୍**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭାରତର ଅଗ୍ରଣୀ ଏୟାର କଣ୍ଡିଶନର (ଏସି) କମ୍ପାନୀ ଭୋଲ୍‌ଟାସ୍ ଲିମିଟେଡ୍‌ର ନୂତନ ବ୍ରାଣ୍ଡ୍ ଷ୍ଟୋର ବୁଧବାର ବରଗଡ଼ ଜିଲାର ଅତାବିରାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର (ଫ୍ରାଞ୍ଚାଇଜର) ନ୍ୟୁ ପାତ୍ର ନିଡ୍ସ ଆନୁକୂଲ୍ୟରେ ବରଗଡ଼ର ଅତିବାରରେ ୨ୟ ବ୍ରାଣ୍ଡ୍ ଷ୍ଟୋରର ଆନୁଷ୍ଠାନିକ ଶୁଭାରମ୍ଭ କରିଛି।

ଏହି ଅବସରରେ ଭୋଲ୍‌ଟାସ୍ ଲିମିଟେଡ୍‌ର ଆଞ୍ଚଳିକ ମୁଖ୍ୟ (ଆର୍‌ଏଚ୍ ଇଷ୍ଟ-୨)ମାନସ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନ୍ୟୁ ପାତ୍ର ନିଡ୍ସ ପ୍ରୋପ୍ରାଇଟର ଦୀପକ କୁମାର ପାତ୍ରଙ୍କ ସମେତ ଉଭୟ ଫ୍ରାଞ୍ଚାଇଜ ଷ୍ଟୋର ଓ ଭୋଲ୍‌ଟାସ୍‌ର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଭୋଲ୍‌ଟାସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଥିଲେ, ଆମେ ଆମର ନୂତନ ବ୍ରାଣ୍ଡ୍ ଷ୍ଟୋର ଓଡ଼ିଶାର ବରଗଡ଼ ଜିଲାସ୍ଥିତ ଅତାବିରାଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଠାରେ ଆମର ବ୍ରାଣ୍ଡ୍ ସମସ୍ତ ଉତ୍ପାଦ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିଲାବେଳେ ବଜାର ଆବଶ୍ୟକତା ଓ ଗ୍ରାହକଙ୍କ ଚାହିଦା ପୂରଣକୁ ବ୍ରାଣ୍ଡ୍ ସର୍ବାଧିକ ଗୁରୁତ୍ୱ ଦେଉଛି। ଅପରପକ୍ଷରେ ଓଡ଼ିଶାରେ ଏହା ୨୬ତମ ବ୍ରାଣ୍ଡ ଶପ୍ ହୋଇଥିଲାବେଳେ ଅତାବିରାରେ ୨ୟ ବ୍ରାଣ୍ଡ୍ ଶପ୍‌ର ଶୁଭାରମ୍ଭ ହୋଇଯାଇଛି।

# ୧୮ରେ ଦେଶ କା ଟ୍ରକ୍ ଉତ୍ସବ

ନୂଆଦିଲ୍ଲୀ,୧୬।୧୦

ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ନିର୍ମାଣକାରୀ ପ୍ରତିଷ୍ଠାନ ତଥା ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଦେଶ କା ଟ୍ରକ୍ ଉତ୍ସବ' ସମ୍ପର୍କରେ ଘୋଷଣା କରାଯାଇଛି। ଏହା ୨୦୨୪ ଅକ୍ଟୋବର ୧୮ରେ ଭୁବନେଶ୍ୱରଠାରେ ଆୟୋଜନ ହେବ। ଏହି ୧ ଦିବସୀୟ କାର୍ଯ୍ୟକ୍ରମରେ ବିଭିନ୍ନ ଅଧିବେଶନ ଓ ପ୍ରଦର୍ଶନୀ ସହିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଛି। ଏ ସମ୍ପର୍କରେ ଟାଟା ମୋଟର୍ସ କମର୍ସିଆଲ ଭେହିକଲର ଉପସଭାପତି ତଥା ବିଜ୍‌ନେସ୍ ହେଡ୍ (ଟ୍ରକ୍ସ) ରାଜେଶ କୌଲ କହିଥିଲେ, ଟାଟା ମୋଟର୍ସ ଗ୍ରାହକମାନଙ୍କ ବୁଝାମଣାକୁ ଅଗ୍ରାଧିକାର ଦେବା ସହ ଏହା ଉପରେ ଅନେକ ଏବଂ କିଛି କରିବାର ଆବଶ୍ୟକତା ଉପରେ ପ୍ରତିଶ୍ରୁତିବଦ୍ଧ ରହିଛି। ଦେଶ କା ଟ୍ରକ୍ ଉତ୍ସବ ଆମ ପାଇଁ ଏକ ପ୍ରମୁଖ ମଞ୍ଚ ପ୍ରଦାନ କରିବା ସହିତ ସିଧାସଳଖ ସେମାନଙ୍କ ସହ ରହି ଆମର ଅଧୁନାତମ ଡିଜିଟାଲ ଉପାୟଗୁଡ଼ିକ ଉପରେ ଆଲୋକପାତ କରିବା ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ କେବଳ ଏକ ବିରାଟ ଟ୍ରକ୍ ସମ୍ଭାରକୁ ଉପସ୍ଥାପନ କରିବା ଏବଂ କିଛି ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ବ୍ୟତୀତ ଗ୍ରାହକମାନଙ୍କୁ ଏକ ବାସ୍ତବ ବିଶ୍ୱ ପ୍ରଭାବକାରୀ ଲାଭାଂଶ ପ୍ରଦାନ ସଫଳତାକୁ ଆହୁରି ଅଧିକ ଦୂର ପର୍ଯ୍ୟନ୍ତ ନେଇଯିବାକୁ ପ୍ରଦର୍ଶିତ କରୁଛି। ଏପରିକି ଗ୍ରାହକମାନଙ୍କୁ ଅଧିକ କ୍ରିୟାଶୀଳ କରିବା ଉଦ୍ଦେଶ୍ୟ ନେଇ ଆମର କୌଶଳ ଏବଂ କାରିଗରି ବିଦ୍ୟାର ଉପାୟଗୁଡ଼ିକ ସେମାନଙ୍କର ଭବିଷ୍ୟତ ବ୍ୟବସାୟିକ କର୍ମପନ୍ଥାକୁ ଆହୁରି ଆଗକୁ ନେଇଯିବା ପାଇଁ ସେମାନଙ୍କୁ ସୁନିଶ୍ଚିତ କରିପାରିବ। ଆମର ଗ୍ରାହକ ତଥା ସହଯୋଗୀମାନଙ୍କୁ ସେମାନଙ୍କର ଦୃଢ ସହଭାଗିତା ଏବଂ ସଫଳତା ଶ୍ରେୟ ପାଇଁ ଆମେ ଚାହିଁ ରହିଛୁ। ସେହିଭଳି ଭୁବନେଶ୍ୱରଠାରେ ଅବସ୍ଥାପିତ ଟ୍ରକ୍ ମାଲିକାନା ସମ୍ପ୍ରଦାୟମାନଙ୍କୁ ସଶକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତ ହେଉଛି। ଏକ କାର୍ଯ୍ୟକାରୀ ଦୂରଦୃଷ୍ଟି ତଥା ଟ୍ରକ୍ ସମ୍ଭାରର ପ୍ରାଥମିକ ଅଭିଜ୍ଞତା ସହିତ ଟାଟା ମୋଟର୍ସର ଅଧୁନାତମ ଟ୍ରକ୍ ପରିସର ବିଷୟରେ ଆଲୋଚନା କରିବା ସହ ଅନେକ ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ସହ ସର୍ବୋପରି ଏସବୁର ମୂଳ ଲକ୍ଷ୍ୟ ହେଉଛି, ସେମାନଙ୍କ ମଧ୍ୟରେ ଲାଭାଂଶ ବୃଦ୍ଧି କରିବା ସହିତ ସମ୍ପୂର୍ଣ୍ଣ ମାଲିକାନା ସ୍ୱତ୍ୱର ମୂଲ୍ୟ (ଟିସିଓ) ହ୍ରାସ ପ୍ରଦାନ କରିବା। ଯାନ ପରିବହନ କ୍ଷେତ୍ରରେ ଭଡ଼ା ବୃଦ୍ଧି କାର୍ଯ୍ୟଦକ୍ଷତା, ଇନ୍ଧନ ଦକ୍ଷତାରେ ବୃଦ୍ଧି ତଥା ଏ ସବୁ ଦିଗରେ ଏକ ବିରାଟ ଲାଭାଂଶ ପ୍ରାପ୍ତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ପ୍ରତିନିଧିମାନଙ୍କୁ ବିଶେଷଜ୍ଞମାନଙ୍କ ପରାମର୍ଶ ପ୍ରଦାନର ବ୍ୟବସ୍ଥା ରହିଛି।

## ଫୁର୍‌ସତ୍



ଭୂମିକା ଚାୱଲା

# 'ଜବ୍ ୱି ମେଟ୍' ପାଇଁ ଭୂମିକା ଥିଲେ ପ୍ରଥମ ପସନ୍ଦ

ମୁମ୍ବାଇ

୨୦୦୭ରେ ରିଲିଜ୍ ହୋଇଥିବା ଇମ୍ତିଆଜ ଅଲିଙ୍କ ନିର୍ଦ୍ଦେଶିତ 'ଜବ୍ ୱି ମେଟ୍'ର କ୍ରେଜ୍ ଆଜି ବି କମିନାହିଁ। ଆଜି ବି ଟିଭିରେ ଉକ୍ତ ଚଳଚ୍ଚିତ୍ରକୁ ବାରମ୍ବାର ଦେଖିବାକୁ ଦର୍ଶକ ପଛାନ୍ତି ନାହିଁ। ଅଭିନେତ୍ରୀ କରୀନା କପୁର ଖାନ୍ ଏହି ଚଳଚ୍ଚିତ୍ରରେ 'ଗୀତା' ଚରିତ୍ରରେ ଅଭିନୟକରି ଦର୍ଶକଙ୍କ ଖୁବ୍ ପ୍ରଶଂସା ସାଉଁଟିଥିଲେ। ଉକ୍ତ ଫିଲ୍ମ କରୀନାଙ୍କ ଏକ ନୂତନ ଫ୍ୟାନ୍ ବେସ୍ ସୃଷ୍ଟି କରିପାରିଥିଲା। ତେବେ 'ଜବ୍ ୱି ମେଟ୍' ଫିଲ୍ମରେ ମୁଖ୍ୟ ନାୟିକା ଭୂମିକା ପାଇଁ ପ୍ରଥମେ କାରୀନାଙ୍କୁ ନୁହେଁ ବରଂ ଅଭିନେତ୍ରୀ ଭୂମିକା ଚାୱଲାଙ୍କୁ ଅଫର କରାଯାଇଥିଲା। ଏନେଇ ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ଭୂମିକା ପ୍ରକାଶ କରିଛନ୍ତି। ସେ ଏହି ଫିଲ୍ମକୁ ସାଇନ୍ କରିସାରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ତାଙ୍କୁ ଏଥିରୁ ଓହରିବାକୁ ପଡ଼ିଥିଲା। ଆର୍‌ଜେ ସିଦ୍ଧାର୍ଥ କନ୍ନନଙ୍କ ସହ ସାକ୍ଷାତ୍‌କାର ଦେବା ସମୟରେ ଭୂମିକା କହିଛନ୍ତି, ତାଙ୍କୁ 'ଜବ୍ ୱି ମେଟ୍' ଓ 'ମୁନ୍ନା ଭାଇ ଏମ୍‌ବିବିଏସ୍' ଭଳି ହିଟ୍ ଚଳଚ୍ଚିତ୍ରରେ ମୁଖ୍ୟ ଅଭିନେତ୍ରୀ ଭାବରେ କାଷ୍ଟ କରାଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ଉଭୟ ଚଳଚ୍ଚିତ୍ରରେ ସେ ଅଭିନୟ କରିପାରି ନ ଥିଲେ। ଯେତେବେଳେ 'ଜବ୍ ୱି ମେଟ୍' ଫିଲ୍ମରେ କରୀନା ତାଙ୍କ ସ୍ଥାନ ନେଇଥିଲେ, ସେତେବେଳେ ପ୍ରଥମଥର ପାଇଁ ତାଙ୍କ ମନରେ ନିରାଶା ଭାବ ଆସିଥିଲା ବୋଲି ଭୂମିକା କହିଛନ୍ତି। ଅନ୍ୟପକ୍ଷରେ ସଞ୍ଜୟ ଦତ୍ତଙ୍କ ଅଭିନୀତ 'ମୁନ୍ନା ଭାଇ ଏମ୍‌ବିବିଏସ୍' ପାଇଁ ତାଙ୍କ ନାମ ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅଭିନେତ୍ରୀ ଗ୍ରେସି ସିଂଙ୍କୁ ତାଙ୍କ ବଦଳରେ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା ବୋଲି ଭୂମିକା କହିଛନ୍ତି।

# ସବୁଠୁ ଛୋଟ ୱାଶିଂମେଶିନ

**ଜିଡବ୍ଲ୍ୟୁଆର୍‌ରେ ସ୍ଥାନିତ ହେଲେ ଭାରତୀୟ ଇଞ୍ଜିନିୟର**

ଥିରୁଭାନନ୍ତପୁରମ





ଭାରତୀୟ ଇଞ୍ଜିନିୟର ସେବିନ ସେଜି ନିଜର ଅସାଧାରଣ ଜ୍ଞାନ କୌଶଳ ସହ ବିଶ୍ୱର ସବୁଠାରୁ ଛୋଟ କାର୍ଯ୍ୟକ୍ଷମ ୱାଶିଂମେଶିନ ପ୍ରସ୍ତୁତ କରି ନିଜ ନାମକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ କରିଛନ୍ତି। କେରଳର କାଞ୍ଜିରପଲ୍ଲୀ ନିବାସୀ ସେବିନ ପ୍ରସ୍ତୁତ କରିଥିବା ଏହି ୱାଶିଂମେଶିନ ୧.୨୮ ଇଞ୍ଚ ଲମ୍ବା, ୧.୩୨ ଇଞ୍ଚ ଚଉଡ଼ା ଏବଂ ୧.୫୨ ଇଞ୍ଚର ଉଚ୍ଚ ରହିଛି। ଏହା ଦେଖିବାକୁ ଏତେ ଛୋଟ ଯେ ଏହାକୁ ହାତମୁଠାରେ ମଧ୍ୟ ରଖାଯାଇପାରିବ। ସେହିପରି ଏହି ୱାଶିଂମେଶିନର ଓଜନ ମାତ୍ର ୨୫ ଗ୍ରାମ୍ ରହିଛି। ଏହି ଅବସରରେ ସେବିନ କହିଛନ୍ତି, ଜିଡବ୍ଲ୍ୟୁଆର୍‌ର ଅଂଶ ହେବା ପାଇଁ ତାଙ୍କର ପିଲାଦିନୁ ସ୍ୱପ୍ନ ଥିଲା। ଏହି ସ୍ୱପ୍ନକୁ ପୂରଣ କରିବା ନିମନ୍ତେ ସେ ଏପରି ଛୋଟ ୱାଶିଂମେଶିନ ନିର୍ମାଣ କରିବାରେ ଲାଗିପଡ଼ିଥିଲେ ଏବଂ ଶେଷରେ ତାଙ୍କୁ ଏଥିରେ ସଫଳତା ମିଳିଛି। ଏହି ୱାଶିଂମେଶିନ ଯେକୌଣସି ସାଧାରଣ ୱାଶିଂମେଶିନ ପରି କାମ କରିଥାଏ ଏବଂ ଏଥିରେ ପୋଷାକ ମଧ୍ୟ ସଫା କରାଯାଇପାରିବ ବୋଲି ସେବିନ କହିଛନ୍ତି।

# ପାରା ସାହାଯ୍ୟରେ ଚୋରି

ବେଙ୍ଗାଲୁରୁ



ବେଙ୍ଗାଲୁରୁର ନାଗରାଥପେଟେ ଅଞ୍ଚଳରେ ମଞ୍ଜୁନାଥ (୩୮) ନାମକ ଜଣେ ଚୋର ଏକ ଆଶ୍ଚର୍ଯ୍ୟଜନକ ଉପାୟରେ ୫୦ରୁ ଅଧିକ ଘରୁ ଚୋରି କରିଛନ୍ତି। ସେ ପ୍ରାୟତଃ ବନ୍ଦ ରହୁଥିବା ଘରଗୁଡ଼ିକୁ ଟାର୍ଗେଟ କରୁଥିଲେ। ପ୍ରଥମେ ସେ ପାରା ସାହାଯ୍ୟରେ ଚୋରି ପାଇଁ ଘର ଚିହ୍ନଟ କରୁଥିଲେ ଓ ପରେ ଚୋରି କରୁଥିଲେ। ସାଧାରଣତଃ ଚୋରି କରିବାକୁ ଥିବା ବିଲ୍ଡିଂ ଚାରିପାଖରେ ମଞ୍ଜୁନାଥ ଗୋଟିଏ କିମ୍ବା ୨ଟି ପାରା ଛାଡ଼ି ଦେଉଥିଲେ। ପାରାମାନେ ଉଡ଼ିବା ସହ ବନ୍ଦ ଥିବା ଘରର ବାଲ୍‌କୋନୀରେ ଯାଇ ବସି ଯାଆନ୍ତି, ଫଳରେ ସେ ଚତୁରତାର ସହ ଘର ମଧ୍ୟରେ ପ୍ରବେଶ କରି ଚୋରି କରୁଥିଲେ। ଯଦି ସେ ସମୟରେ କେହି ତାଙ୍କୁ ଦେଖି ନିଅନ୍ତି, ତେବେ ପାରାକୁ ଉଦ୍ଧାର କରିବା ପାଇଁ ଆସିଥିବା କହି ମଞ୍ଜୁନାଥ ଖସି ଯିବାକୁ ସକ୍ଷମ ହୁଅନ୍ତି। ନିକଟରେ ଏକ ଚୋରି ମାମଲାର ତଦନ୍ତ କରୁଥିବାବେଳେ ପୋଲିସ ମଞ୍ଜୁନାଥଙ୍କୁ ଗିରଫ କରିବାରେ ସଫଳ ହୋଇଛି।

ମଞ୍ଜୁନାଥ ପ୍ରାୟତଃ ସୁନା ଅଳଙ୍କାର ଏବଂ ନଗଦ ଅର୍ଥ ଚୋରି କରୁଥିଲେ। ସେ ଚୋରି କରୁଥିବା ସୁନା ଅଳଙ୍କାରଗୁଡ଼ିକୁ ପ୍ରାୟତଃ ବିକ୍ରି କରିଦେଉଥିଲେ। ସେପଟେ ମଞ୍ଜୁନାଥ ପୂର୍ବରୁ ମଧ୍ୟ ଅନେକଥର ଗିରଫ ହୋଇଛନ୍ତି। ପ୍ରତିଥର ଜେଲରୁ ମୁକୁଳିବା ପରେ ସେ ପୁଣିଥରେ ଅପରାଧରେ ଲିପ୍ତ ହୋଇଯାଆନ୍ତି ବୋଲି ପୋଲିସ କହିଛି।

# ସାନ୍ୟାଙ୍କୁ ମିଳିଗଲା..


ସାନ୍ୟା

**କ**ଥାରେ ଅଛି: 'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା।' ସାନ୍ୟା ମାଲ୍‌ହୋତ୍ରା ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଆଉ ନିଜ ଆଶା ପୂରଣ ହେବା ପରେ ତାଙ୍କର ଖୁସି ଦେଖେ କିଏ! କଥା କ'ଣ କି ମୁମ୍ବାଇସ୍ଥିତ ମେରାଇନ୍ ଡ୍ରାଇଭ ପାଖରେ ଏକ ଫ୍ଲାଟ୍ ସନ୍ଧାନରେ ଥିଲେ ସାନ୍ୟା। ଯାହାହେଉ ତାଙ୍କର ଏହି ମନ ପସନ୍ଦର ଫ୍ଲାଟ୍ ତାଙ୍କୁ ନିକଟରେ ମିଳିଯାଇଛି। ଆବଶ୍ୟକ ମୁତାବକ ଟଙ୍କା ଡିପୋଜିଟ୍ ପରେ ସମସ୍ତ କାଗଜପତ୍ର କାମ ମଧ୍ୟ ଶେଷ ହୋଇଛି। ହେଲେ ଏହି ଫ୍ଲାଟ୍‌ର କିଛି ଇଣ୍ଟେରିୟର ଡିଜାଇନ୍‌କୁ ଟିକେ ଚେଞ୍ଜ୍ କରିବାକୁ ଚାହୁଁଛନ୍ତି ସାନ୍ୟା। ତେଣୁ ଗୃହପ୍ରବେଶ ଟିକେ ବିଳମ୍ବ ହେବ ବୋଲି ସେ ସୂଚନା ଦେଇଛନ୍ତି। ପାଖାପାଖି ୨୦ କୋଟି ଟଙ୍କା ବିନିମୟରେ ସେ ଏହି ଫ୍ଲାଟ୍‌କୁ କିଣିଛନ୍ତି। ଏ ସମ୍ପର୍କରେ ସାନ୍ୟା କହନ୍ତି, 'ମୋର ଆଶା ଥିଲା ମେରାଇନ୍ ଡ୍ରାଇଭ ପାଖରେ ଏକ ଆପାର୍ଟମେଣ୍ଟରେ ମୁଁ ରହିବି। ଯାହାହେଉ ମୋର ଏହି ଆଶା ପୂରଣ ହୋଇଛି। ଏହି ଫ୍ଲାଟ୍‌ର ଇଣ୍ଟେରିୟର କାମ ଶେଷ ହେବା ପରେ ଗୃହପ୍ରବେଶ ହେବ।'

## ସଙ୍ଗୀତ ନୂଆ ପରିଚୟ ଦେଇଛି


ପରଦା ପଛରେ/ସ୍ୱସ୍ତିକ ପାଢ଼ୀ

ନବାଗତ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ସ୍ୱସ୍ତିକ ପାଢ଼ୀ ପ୍ରାରମ୍ଭରୁ ପ୍ରଶଂସା ସାଉଁଟି ଚାଲିଛନ୍ତି। ଏହାକୁ ନେଇ ତାଙ୍କ ଆଖିରେ ଆଖିଏ ସ୍ୱପ୍ନ। ଭଜନ ହେଉ ଅବା ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅନ୍ୟତମ ପରିଚିତ ସ୍ୱର ସଂଯୋଜକ ଏବଂ ଗାୟକ ପ୍ରଶାନ୍ତ ପାଢ଼ୀଙ୍କର ଏହି ସୁପୁତ୍ର ନିଜ କ୍ୟାରିୟର ବିଷୟରେ ଯାହା କହନ୍ତି..

**ସ**ଙ୍ଗୀତ ପରିବେଶରେ ତାଙ୍କର ଜନ୍ମ। ଯେତେବେଳେ ପ୍ରଶାନ୍ତ କୌଣସି ଗୀତକୁ ସ୍ୱର ଦିଅନ୍ତି, ସେହି ମ୍ୟୁଜିକ ଶୁଣି ସ୍ୱସ୍ତିକ ଗୁଣୁ ଗୁଣୁ ହୋଇ ଗୀତ ଗାଇବା ଆରମ୍ଭ କରନ୍ତି। ଆଉ ପୁଅଠାରେ ଏଭଳି ପ୍ରତିଭାକୁ ଠିକ୍ ଭାବରେ ଚିହ୍ନି ପାରିଥିଲେ ପ୍ରଶାନ୍ତ। ପିଲାଟିବେଳୁ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ ସେ। ପାଠପଢ଼ା ସହ ସଙ୍ଗୀତକୁ ଅନ୍ୟ ଏକ କ୍ୟାରିୟର ଭାବରେ ବାଛି ନେବାକୁ ସେ ସ୍କୁଲ କ୍ୟାରିୟରରୁ ମନସ୍ଥ କରିନେଇଥିଲେ। ନିଜର ଏଭଳି ଲକ୍ଷ୍ୟ ସମ୍ପର୍କରେ ସ୍ୱସ୍ତିକ କହନ୍ତି, ''ମୋତେ ଯେତେବେଳେ ମାତ୍ର ଛଅ ବର୍ଷ, ସେତେବେଳେ ମୁଁ ଗୁରୁ ଗନ୍ଧର୍ବ ଜେନାଙ୍କ ନିକଟରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଶିଖିବା ଆରମ୍ଭ କରିଥିଲି। ଏଥିରେ ଅଭିଜ୍ଞତା ହାସଲ ପରେ କେତୋଟି ମ୍ୟୁଜିକ୍ ଆଲବମ୍ ଏବଂ ଭିଡିଓରେ ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲି। ଏହି ସମୟରେ ବାପା ଏବଂ ମା' ସୁଚିତ୍ରା ପାଢ଼ୀଙ୍କ ପ୍ରେରଣା ଏବଂ ସହଯୋଗ ମୋତେ ଆଗକୁ ଆଗେଇବାରେ ଯଥେଷ୍ଟ ସାହାଯ୍ୟ କରିଥିଲା। ନିକଟରେ ମୋତେ ତରଙ୍ଗ ଚ୍ୟାନେଲରେ ପ୍ରସ୍ତୁତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଝିଅଟା ବଦଳିଗଲା'ରେ ଗାୟକ ଭାବରେ ବ୍ରେକ୍ ମିଳିଛି ଏବଂ ମୁଁ ଗାଇଥିବା ଦୁଇଟି ଗୀତ ବେଶ୍ ଭାଇରାଲ ହୋଇଛି। ସତ କଥା କହିବାକୁ ଗଲେ ସଙ୍ଗୀତ ମୋତେ ଏକ ନୂଆ ପରିଚୟ ଦେଇଛି।'' ବି.ଟେକ୍ ଡିଗ୍ରୀ ହାସଲ ପରେ ୨୫ ବର୍ଷ ବୟସ୍କ ସ୍ୱସ୍ତିକ ଏବେ ଚେନ୍ନାଇରେ ଏମ୍.ବି.ଏ. ପଢ଼ୁଛନ୍ତି। ସୂଚନାଯୋଗ୍ୟ ପ୍ରଶାନ୍ତଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରଥମ ସିନେମା 'ନନ୍ଦିନୀ ଆଇ ଲଭ୍ ୟୁ'ର ମଧ୍ୟ ନିର୍ଦ୍ଦେଶନା ଦେଇଥିଲେ ଅଶୋକ ପତି।

## କେବଳ ପାପାଙ୍କ ପାଇଁ..

**ବ**ଲିଉଡ୍‌ରେ ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ଗୋବିନ୍ଦା। କେବଳ ରୋମାଣ୍ଟିକ୍ ଭୂମିକା ନୁହେଁ, ଭିନ୍ନ ଭିନ୍ନ ଚରିତ୍ରରେ ନିଜ ଦକ୍ଷତା ପ୍ରତିପାଦନ କରିବାରେ ସକ୍ଷମ ହୋଇଛନ୍ତି ସେ। ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲ ପରେ ଏକଦା ସେ ମିଥୁନ ଚକ୍ରବର୍ତ୍ତୀଙ୍କ ଅଭିନୀତ ସୁପରହିଟ୍ ଫିଲ୍ମ 'ଡିସ୍କୋ ଡ୍ୟାନ୍ସର' ଦେଖିବାକୁ ଯାଇଥିଲେ। ତା'ପରେ ସେ ଘରକୁ ଆସି 'ଆଇ ଆମ୍ ଦ ଡିସ୍କୋ ଡ୍ୟାନ୍ସର' ଗୀତକୁ ଘଣ୍ଟା ଘଣ୍ଟା ଧରି ଅଭ୍ୟାସ କଲେ। ଆଉ ତା'ପରେ ଏହା ଉପରେ ଏକ ଭିଡିଓ ମଧ୍ୟ ପ୍ରସ୍ତୁତ କରିଥିଲେ। ଏହି ସମୟରେ ତାଙ୍କର ପାପା ତଥା ଅଭିନେତା ଅରୁଣ କୁମାର ଆହୁଜା ତାଙ୍କୁ ଅଭିନୟକୁ କ୍ୟାରିୟର କରିବାକୁ ପରାମର୍ଶ ଦେଇଥିଲେ, ଯାହାକୁ ଗୋବିନ୍ଦା ସମ୍ମାନର ସହ ଗ୍ରହଣ କରିଥିଲେ। ଗୋବିନ୍ଦାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଇଲଜାମ୍' (୧୯୮୬)। ପହେଲାଜ ନିହାଲିନୀଙ୍କ ପ୍ରଯୋଜିତ ଏବଂ ଶିବୁ ମିତ୍ରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଗୋବିନ୍ଦାଙ୍କ ବ୍ୟତୀତ ଶଶି କପୁର, ଶତ୍ରୁଘ୍ନ ସିହ୍ନା, ନିଲମ୍ ଏବଂ ଅନିତା ରାଜ ପ୍ରମୁଖ ଅଭିନୟ କରିଥିଲେ। ବିଶେଷଭାବରେ ବାପି ଲାହିରିଙ୍କ ସ୍ୱର ସଂଯୋଜନାରେ ଏହାର ଗୀତଗୁଡ଼ିକ ବେଶ୍ ଶ୍ରୋତାଦୃତ ହୋଇଥିଲା।

## ଯାହା ଭାବୁଥିଲେ ସମ୍ବିତ...



**ଓ**ଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ନିଜ ଅଭିନୟ ଦକ୍ଷତା ଦେଖାଇସାରିଥିବା ସମ୍ବିତ ଏବେ ଏକ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି। ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ଟାଇଟଲ ରହିଛି 'ହେ ରାମ : କର୍ମ ହିଁ ଭଗବାନ୍'। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ଏ ସମ୍ପର୍କରେ ସମ୍ବିତ କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ବେଶ୍ ମାଇଲେଜ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ମୋ ଅଭିନୀତ ସିନେମାଗୁଡ଼ିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ବିଶେଷଭାବରେ ଏଥିରେ ମୋ ଭୂମିକା ସମ୍ପୂର୍ଣ୍ଣ ଡିଫରେଣ୍ଟ।' ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆରଲୀନ ଅଙ୍କିତା।

## ଟୁ-ଇନ୍-ୱାନ ଭାରତ

**ଏ**କ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଦର୍ପଣ'। ଦର୍ପଣସାୟନ ପ୍ରଡକ୍ସନ ହାଉସ୍ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସ୍‌ପେନ ଥ୍ରୀଲର ଭରି ରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲୀପ କୁମାର ସାହୁ। କେବଳ ସେତିକି ନୁହେଁ, ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରଣ୍ମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। ''ଏହାର କାହାଣୀ ଚୟନ ବେଳେ ବେଶ୍ କସରତ କରିବାକୁ ପଡ଼ିଥିଲା। ଏହାକୁ ଜଷ୍ଟିସ୍ ଦେବାକୁ ଶୁଟିଂ ସମୟରେ ଯଥେଷ୍ଟ ଚେଷ୍ଟା କରାଯାଇଛି। ସଂଯୋଜିତ ଗୀତଗୁଡ଼ିକ ମଧ୍ୟ ବେଶ୍ ଶ୍ରୁତିମଧୁର। ଦର୍ଶକ ଆମ ପରିଶ୍ରମର ମୂଲ୍ୟ ବୁଝିବେ ବୋଲି କହନ୍ତି ଭାରତ।''

## ନୁସରତଙ୍କ ଫିଟ୍‌ନେସ୍ ଟିପ୍ସ


ନୁସରତ

**ନୁ**ସ୍‌ରତ ଭରୁଚାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ କେଉଁ ପ୍ରକାର ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି? କଥା କ'ଣ କି ନିକଟରେ ତାଙ୍କର କେତେ ଜଣ ସାଙ୍ଗମାନଙ୍କ ସହ ତାଙ୍କର ଭେଟ ହୋଇଗଲା। ଏହି ସମୟରେ ନିଜର ଫିଟ୍‌ନେସ୍ ନେଇ କିଛି କହିବାକୁ ଭୁଲି ନ ଥିଲେ ଏହି ଅଭିନେତ୍ରୀ। ଏ ନେଇ ସେ କହନ୍ତି, 'ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି। ଜଣେ ନିୟମିତ ଏକ୍ସରସାଇଜ କରିବା ସହ କିଛି ସମୟ ଯୋଗ କରିବା ନିହାତି ଦରକାର। କାରଣ ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି। କାରଣ ଆଜିକାଲି ଫିଟ୍ ରହିବା ହେଉଛି ସବୁଠାରୁ ବଡ଼ କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତା'ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହେ।'

## ଜବରଦସ୍ତ ଜ୍ୱାଇଁ

**ଓ**ଡ଼ିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇଆସୁଛି। ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ନେଇ ଅନେକ ମନଲୋଭା ଧାରାବାହିକ ଦେଇ ନିଜର ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଭେଟି ଦେଉଛି ଏହି ଚ୍ୟାନେଲ। ଏହା ମଧ୍ୟରେ ଆଗକୁ ଆସିବାକୁ ଯାଉଛି ମନୋରଞ୍ଜନଭିତ୍ତିକ ହାସ୍ୟରସରେ ଭରପୂର ଫିଲ୍ମ 'ଜବରଦସ୍ତ ଜ୍ୱାଇଁ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି କବୀର ଦାସ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଅଶୋକ ପତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାସ। କାହାଣୀ ଅନୁସାରେ ବାଲେଶ୍ୱରର ଏକ ଛୋଟିଆ ସ୍ଥାନରୁ ଚାକିରି ପାଇଁ ସଂଘର୍ଷ କରୁଥାଏ ପ୍ରଭାତ। ଅର୍ଥ ବାଧକ ସାଜିବାରୁ ଘରୁ ପାଦ କାଢ଼ି ରାଜଧାନୀ ଭୁବନେଶ୍ୱର ଆସିଛି କାମ ପାଇଁ। କାମ ମିଳିଛି, କିନ୍ତୁ ଏକା ସହ ଦୁଇ ଜଣ ଅବୁଝା ମାଲିକଙ୍କ ପାଖରେ। ଉଭୟ ମାଲିକ ପ୍ରଭାତକୁ ପସନ୍ଦ କରିବା ସହିତ ନିଜ ଝିଅର ବାହାଘର ପ୍ରଭାତ ସହିତ କରିବେ ବୋଲି ମନେ ମନେ ସ୍ଥିର କରିସାରିଥିଲେ। ମାଲିକଙ୍କୁ ଓ ମାଲିକଙ୍କ ଝିଅକୁ ପ୍ରଭାତ କିପରି ଖୁସିରେ ରଖିବ ଚିନ୍ତା କରିବା ବେଳେ ତାହାର ଦେଖା ହୋଇଛି ସିନା ସହିତ। ଦୁହିଁଙ୍କ ଭିତରେ ଗଢ଼ି ଉଠିଛି ପ୍ରେମ ସମ୍ପର୍କ। ହେଲେ ଏହି ପ୍ରେମ କେତେ ସଫଳ ହେଉଛି, ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏହି ସିନେମାଟି ଚଳିତ ମାସ ୨୦ ତାରିଖ (ରବିବାର)ରେ ଜୀ ସାର୍ଥକ ଚ୍ୟାନେଲରେ ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବାକୁ ଯାଉଛି। ଫିଲ୍ମର ମୁଖ୍ୟ ଚରିତ୍ରରେ ଦୀପନିତ, କୁକିଜ, କେକେ, ଚୌଧୁରୀ ଜୟପ୍ରକାଶ ଦାସ ଓ ଜୀବନ ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


'ଜବରଦସ୍ତ ଜ୍ୱାଇଁ' ଫିଲ୍ମରେ ଦୀପନିତ-କୁକିଜ୍

## ଭାଗ୍ୟବତୀ ମୃଣାଳ

**ସ**ତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। କଥା କ'ଣ କି ମୃଣାଳ ଠାକୁରଙ୍କୁ ଏବେ ଏଭଳି ସୁଯୋଗ ମିଳିଛି, ଯାହାକୁ ନେଇ ତାଙ୍କର ପାଦ ଆଉ ତଳେ ଲାଗୁନି। କେମିତି ବା ଲାଗିବ କହୁନାହାନ୍ତି? ଗୋଟିଏ ପଟେ ଏକ ନୂଆ ବ୍ୟାନରର ସିରିଜ୍ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ତା' ସହ ସେଗୁଡ଼ିକରେ ଯେଉଁ ଭୂମିକାଗୁଡ଼ିକ ତାଙ୍କୁ ମିଳିଛି ତାହା ତାଙ୍କର ଖୁସିକୁ ଦ୍ୱିଗୁଣିତ କରିଦେଇଛି। ଏ ନେଇ ନିଜକୁ ଭାଗ୍ୟବତୀ ମଣୁଛନ୍ତି ମୃଣାଳ। ଏ ବିଷୟରେ ସେ କହନ୍ତି, 'ବେଳେବେଳେ ମନ ଯାହା ଚାହୁଁଥାଏ ତାହା ହାତପାହାନ୍ତାରେ ମିଳିଯାଏ। ଏଭଳି ଏକ ସୁବର୍ଣ୍ଣ ସୁଯୋଗ ମୋତେ ଯେତେବେଳେ ମିଳିଛି, ତାହାକୁ କୌଣସି ପ୍ରକାରେ ହାତଛଡ଼ା କରିବାକୁ ଚାହୁଁନାହିଁ। ଏବେ ଏହି ନୂଆ ବ୍ୟାନରରେ ଦୁଇଟି ସିନେମାର କାମ ଏକାଥରେ ଚାଲୁ ରହିଛି ଏବଂ ସେହି ଫିଲ୍ମଦ୍ୱୟରେ ମୁଁ ଲିଡ୍ ରୋଲ୍‌ରେ ଦେଖାଦେବି। ଗୋଟିଏ ସିନେମାରେ ଭୂମିକାଟି ରୋମାଣ୍ଟିକ ଥିବା ବେଳେ ଅନ୍ୟଟିରେ ରୋମାନ୍ସ, ଆକ୍ସନ, କମେଡି ମଧ୍ୟ ରହିଛି।' ତେବେ ଏହି ଫିଲ୍ମଦ୍ୱୟକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ମୃଣାଳ।


ମୃଣାଳ

## ଖୁସି ଅନ୍ତରାଳେ...

**ପ୍ର**ଥମ ଥର ପାଇଁ ୱେବ୍ ସିରିଜ୍‌ରେ ପାଦ ଥାପିବାକୁ ଯାଉଛନ୍ତି ସୋନମ କପୁର। ପୁଣି ଏକ ସସପେନ୍ସ ଥ୍ରୀଲର ୱେବ୍ ସିରିଜ୍‌ରେ ସେ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବେ। ସେ ଯେତେବେଳେ ଏହାର କାହାଣୀ ଶୁଣିଲେ ବେଶ୍ ଭାବପ୍ରବଣ ହୋଇ ପଡ଼ିଥିଲେ। ଆଉ ଯେତେବେଳେ ଜାଣିଲେ ଯେ ଏହାର ଅନ୍ୟତମ ପ୍ରମୁଖ ଭୂମିକା (ପୋଲିସ ଅଫିସର)ରେ ସେ ଅଭିନୟ କରିବେ, ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। ''କିଛି ବର୍ଷ ପୂର୍ବରୁ ଏଭଳି ପ୍ଲାଟଫର୍ମରେ ପାଦ ଦେବାକୁ ଚାହୁଁଥିଲି। କିନ୍ତୁ ମୋତେ ସେଭଳି ମନଲାଖି ଅଫରଟିଏ ମିଳୁ ନ ଥିଲା। ଏହି ୱେବ୍ ସିରିଜ୍‌ର କାହାଣୀ ଦର୍ଶକଙ୍କୁ ସ୍ପେଶାଲ ଏଣ୍ଟରଟେନମେଣ୍ଟ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ବର୍ତ୍ତମାନ ଦର୍ଶକଙ୍କ ସହ ଯୋଡ଼ି ହୋଇ ରହିବାର ଅନ୍ୟତମ ମାଧ୍ୟମ ହେଲା ୱେବ୍ ସିରିଜ୍। ଏହାର ଲୋକପ୍ରିୟତା ଏବେ ବେଶ୍ ଶୀର୍ଷରେ ପହଞ୍ଚିଛି ବୋଲି କହନ୍ତି ସୋନମ୍।''


ସୋନମ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ବ୍ରହ୍ମାନନ୍ଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ଉଜବେକିସ୍ତାନର ବୁଖରାଠାରେ ଅନୁଷ୍ଠିତ ଏସିଆନ ପେନ୍‌ଚାକ ସିଲାଟ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ପ୍ଲିଜାଲିନ୍ ତରାଇ।

# ଉଦିତା, ହରମନପ୍ରୀତ୍ ଉତ୍ସାହିତ

**ନୂଆଦିଲ୍ଲୀ, ୧୬।୧୦**

ତିନିଦିନର ଖେଳାଳି ନିଲାମ ପରେ ମହିଳା ଓ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ରୂପରେଖ ସ୍ପଷ୍ଟ ହୋଇଯାଇଛି। ମହିଳାରେ ଉଦିତା ଓ ପୁରୁଷରେ ହରମନପ୍ରୀତ ସିଂ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଉଦିତାଙ୍କୁ ୩୨ ଲକ୍ଷ ଟଙ୍କାରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଏବଂ ହରମନପ୍ରୀତଙ୍କୁ ସୁରମା ହକି କ୍ଲବ ୭୮ ଲକ୍ଷ ଟଙ୍କାରେ କିଣିଛନ୍ତି। ଏହି ଦୁଇ ଖେଳାଳି ଏବେ ଲିଗ୍ ଆରମ୍ଭକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ଗତ ୧୩ ଓ ୧୪ ତାରିଖରେ ପୁରୁଷ ଲିଗ୍‌ର ଖେଳାଳି ନିଲାମ ସମୟରେ ହାଇଦ୍ରାବାଦ ତୋଫାନ୍ସ, ସୁରମା ହକି କ୍ଲବ, ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ, ଦିଲ୍ଲୀ ଏସ୍‌ଜି ପାଇପର୍ସ, ତାମିଲନାଡୁ ଡ୍ରାଗନ୍ସ, ୟୁପି ରୁଦ୍ରସ୍, କଳିଙ୍ଗ ଲାନ୍ସର୍ସ ଓ ଟିମ୍ ଗୋନାସିକା ଆଦି ଫ୍ରାଞ୍ଚାଇଜ୍ ଦଳଗୁଡ଼ିକ ମଧ୍ୟରେ ଟଣାଓଟରା ଲାଗିଥିଲା। ସେହିପରି ୧୫ରେ ଅନୁଷ୍ଠିତ ମହିଳା ଖେଳାଳି ନିଲାମ ସମୟରେ ସୁର୍‌ମା ହକି କ୍ଲବ, ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ, ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ଓଡ଼ିଶା ୱାରିୟର୍ସ ପ୍ରମୁଖ ମୁହାଁମୁହିଁ ହୋଇଥିଲେ। ପ୍ରତି ଦଳରେ ୨୪ ଜଣ ଲେଖାଏ ଖେଳାଳି କିଣାହୋଇଛନ୍ତି।

ହକି ଇଣ୍ଡିଆ ଲିଗ୍ ଦୀର୍ଘ ୭ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। କେବଳ ସେତିକି ନୁହେଁ ଏଥର ନୂଆକରି ମହିଳା ହକି ଲିଗ୍ ସାମିଲ ହୋଇଛି। ମହିଳା ହକି ଲିଗ୍ ରାଞ୍ଚିରେ ହେବ। ଫାଇନାଲ ୨୦୨୫ ଜାନୁଆରୀ ୨୬ରେ ଖେଳାଯିବ। ପୁରୁଷ ହକି ଲିଗ୍ ରାଉରକେଲାରେ ଅନୁଷ୍ଠିତ ହେବ। ''ପୁରୁଷ ହକି ଲିଗ୍ ସହିତ ମହିଳା ହକି ଲିଗ୍ ଆୟୋଜନ ନିଷ୍ପତ୍ତି ନେଇ ହକି ଇଣ୍ଡିଆ ସବୁ ବାଧାକୁ ଅତିକ୍ରମ କରିଛି। ଆମ ମାନଙ୍କ ମଧ୍ୟରୁ ଅନେକ ପ୍ରଥମଥରପାଇଁ ଖେଳାଳି ନିଲାମରେ ସାମିଲ ହେଲେ। ଏବେ ବିଭିନ୍ନ ଦଳର ଅଂଶବିଶେଷ ହୋଇ ଆମେ ଉତ୍ସାହିତ'' ବୋଲି ଉଦିତା ପ୍ରକାଶ କରିଛନ୍ତି। ଏଥିରେ ଆମେ ନିଜ ଦକ୍ଷତା ଦେଖାଇବା ସହ ବିଭିନ୍ନ ଜାତୀୟ ଦଳର ଖେଳାଳିଙ୍କ ସହ ଖେଳି ନିଜ ଖେଳରେ ଉନ୍ନତି ଆଣିବାକୁ ସୁଯୋଗ ରହିଛି। ଆମେ ସମସ୍ତେ ଆଗାମୀ ଲିଗ୍‌ରେ ଶତ ପ୍ରତିଶତ ଦେବାକୁ ଆଗ୍ରହର ସହ ଅପେକ୍ଷା କରି ରହିଛୁ। ମୁଁ ସବୁଠାରୁ ଦାମୀ ମହିଳା ଖେଳାଳି ହୋଇଥିବାରୁ ବହୁତ ଖୁସି। ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ମୋ ଉପରେ ଆସ୍ଥା ରଖିଥିବାରୁ ଧନ୍ୟବାଦ ଜଣାଉଛି। ସେମାନେ ଏକ ଭଲ ଦଳ ଗଠନ କରିଛନ୍ତି। ଲିଗ୍ ଟାଇଟଲ ଜିତିବା ଆମର ଏକମାତ୍ର ଲକ୍ଷ୍ୟ ରହିବ'' ବୋଲି ସେ କହିଛନ୍ତି।



ଉଦିତା




ହରମନପ୍ରୀତ ସିଂ

## ହକି ଇଣ୍ଡିଆ ଲିଗ୍

୮ ଦଳ ବିଶିଷ୍ଟ ପୁରୁଷ ହକି ଲିଗ୍‌ରେ ସୁରମା ହକି କ୍ଲବ ଭାରତୀୟ ଦଳର ଅଧିନାୟକ ତଥା ଡବଲ ଅଲିମ୍ପିକ ବ୍ରୋଞ୍ଜ ମେଡାଲିଷ୍ଟ ହରମନପ୍ରୀତ ସିଂଙ୍କୁ ରେକର୍ଡ ମୂଲ୍ୟରେ ନେଇଛି। ନିଲାମ ସମୟରେ ମୋଟ ୪ କୋଟି ଟଙ୍କା ପାଖରେ ଥିଲେ ମଧ୍ୟ ଏହି ଫ୍ରାଞ୍ଚାଇଜ୍ ହରମନପ୍ରୀତଙ୍କ ପାଇଁ ୭୮ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ହରିୟାଣା-ପଞ୍ଜାବ ଭିତ୍ତିକ ଏହି ଦଳ ଅନ୍ୟତମ ଅଲିମ୍ପିକ୍ ମେଡାଲିଷ୍ଟ ବିବେକ ସାଗର ପ୍ରସାଦ ଓ ଗୁରଜାନ୍ତ ସିଂଙ୍କ ମଧ୍ୟ ନେଇ ଏକ ଶକ୍ତିଶାଳୀ ଦଳ ଗଠନ କରିଛି। ''ହକି ଇଣ୍ଡିଆ ଲିଗ୍ ସମ୍ପୂର୍ଣ୍ଣ ନୂଆ ରୂପରେ ପ୍ରତ୍ୟାବର୍ତ୍ତନ କରିଥିବାରୁ ମୁଁ ଖୁବ୍ ଆନନ୍ଦିତ। ନିଲାମ ସମୟରେ ମୋ ନାଁ ଆସିବାବେଳେ ମୁଁ ସିଟ୍‌ର ଧାରକୁ ଚାଲି ଆସିଥିଲି। ମାନସିକ ସ୍ତରରେ ମୁଁ ହରିୟାଣା-ପଞ୍ଜାବ ଭିତ୍ତିକ ଦଳକୁ ଯିବାକୁ ଚାହୁଁଥିଲି। ତେଣୁ ସର୍ଦ୍ଦାର ସିଂ ମୋ ପାଇଁ ବିଡ୍ ଲଗାଇବେ ବୋଲି ଆଶା ରଖିଥିଲି। ଶେଷରେ ସୁର୍‌ମା ହକି କ୍ଲବ ମୋତେ କିଣିଥିବାରୁ ମୁଁ ଆଶ୍ୱସ୍ତ ହୋଇଥିଲି। ଏହାଠାରୁ ଆଉ ଅଧିକ ଖୁସି ମୁଁ ହୋଇପାରି ନ ଥାନ୍ତି'' ବୋଲି ହରମନପ୍ରୀତ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଚିନ୍ମୟୀ ସ୍ୱର୍ଣ୍ଣ, ଆତିସ୍ ରୌପ୍ୟ

**ଭୁବନେଶ୍ୱର, ୧୬।୧୦ (ସରୋଜ ଜେନା)**

## ବିଶ୍ୱ ପାୱାର ଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍

ଅଷ୍ଟ୍ରେଲିଆର ସିଡ୍‌ନୀରେ ଅକ୍ଟୋବର ୧୧-୧୩ ମଧ୍ୟରେ ଅନୁଷ୍ଠିତ ବିଶ୍ୱ ପାୱାର ଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଖେଳାଳି ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ବିଶ୍ୱର ୨୦ଟି ରାଷ୍ଟ୍ରର ପ୍ରତିଯୋଗୀମାନେ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। କଟକର ଚିନ୍ମୟୀ ଦାସ ୮୫ କେଜି ଓଜନ ବର୍ଗରେ ୩୮୦ କେଜି ପାୱାର ଲିଫ୍ଟିଙ୍ଗ କରି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଜିତିଥିବା ବେଳେ ପୁରୁଷ ୭୪ କେଜି ଓଜନ ବର୍ଗରେ ଭୁବନେଶ୍ୱରର ଆତିସ୍ କୁମାର ବେଜ୍ ୬୨୦ କେଜିର ପାୱାର ଲିଫ୍ଟ କରି ରୌପ୍ୟ ପଦକ ହାସଲ କରିଥିଲେ।

# ବର୍ଷାରେ ଧୋଇଗଲା ପ୍ରଥମ ଦିନ ଖେଳ

**ବେଙ୍ଗାଲୁରୁ, ୧୬।୧୦:** ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଉଥିବା ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟର ପ୍ରଥମ ଦିବସ ଖେଳ ବର୍ଷା କାରଣରୁ ଧୋଇ ଯାଇଛି। ଲଗାତାର ବର୍ଷା ଯୋଗୁ ଟସ୍ ପଡିବା ମଧ୍ୟ ସମ୍ଭବ ହୋଇ ନ ଥିଲା। ଚିନ୍ନାସ୍ୱାମୀ ଷ୍ଟାଡିୟମର ଡ୍ରେନେଜ ବ୍ୟବସ୍ଥା ବିଶ୍ୱସ୍ତରୀୟ ହୋଇଥିଲେ ମଧ୍ୟ ବର୍ଷା ନ ଛାଡିବା କାରଣରୁ ଟସ୍ ମଧ୍ୟ ସମ୍ଭବ ହୋଇ ନ ଥିଲା। ଅନ୍ୟ ପକ୍ଷରେ ନିକଟରେ ବାଂଲାଦେଶ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଭାରତ କ୍ଲିନ୍ ସୁଇପ୍ କରିଥିବା ବେଳେ ଶ୍ରୀଲଙ୍କା ନିକଟରୁ ହାରିଥିଲା ନ୍ୟୁଜିଲାଣ୍ଡ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ର୍ୟାଙ୍କିଙ୍ଗରେ ଭାରତ ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ୬ ନମ୍ବର ସ୍ଥାନରେ ରହିଛି।

# ଡକେଟ୍‌ଙ୍କ ଶତକରେ ଇଂଲଣ୍ଡର ଜବାବ

**ମୁଲତାନ, ୧୬।୧୦:** ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଇଂଲଣ୍ଡ ୬ ଉଇକେଟରେ ୨୩୯ ରନ୍ କରିଥିବା ବେଳେ ୧୨୭ ରନ୍ ପଛରେ ରହିଛି। ପାକିସ୍ତାନ ପ୍ରଥମ ଇନିଂସରେ ୩୬୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ କମରାନ୍ ଘୁଲାମ ୧୧୮ ଓ ସାଇମ ଆୟୁବ ୭୭ ରନ୍ କରିଥିଲେ। ଜବାବରେ ବେନ୍ ଡକେଟ୍‌ଙ୍କ ୧୨୭ ରନ୍ ବଳରେ ଇଂଲଣ୍ଡ ମାତ୍ର ୫୩ ଓଭରରେ ୬ ଉଇକେଟ ହରାଇ ୨୩୯ ରନ୍ କରିଛି। ଡକେଟ୍ ୧୨୯ ବଲ୍ ଖେଳି ୧୬ ଚୌକା ସହ ୧୧୪ ରନ୍ କରିଥିଲେ। ସାଜିଦ୍ ଖାନ୍ ଅଗ୍ନିବର୍ଷୀ ବୋଲିଂ କରି ଏକାକୀ ୪ ବ୍ୟାଟରଙ୍କୁ ଆଉଟ କରିଥିଲେ। ଅନ୍ୟ ବୋଲରଙ୍କ ମଧ୍ୟରେ ନୋମାନ ଅଲୀ ୨ ଉଇକେଟ ନେଇଛନ୍ତି।


## Classified Everyday
0674-2580101, 2549949


REAL ESTATE

### SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **plot** କିଣନ୍ତୁ। **9078699286.** D-75998

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.
D-1526

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1658

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9778832554, 9437226965.** D-1657




Newly open Jyoti SPA positively health benefits (Expert therapist). 8458067955. D-76162

Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

### AFFIDAVIT

I, Kokila Pradhan, aged about 46 years, W/o- Arun Kumar Pradhan At/P.O.- Badagunduri, P.S.- Kaniha, Dist.- Angul, declare by this affidavit No.-4729 dtd. 30.09.2024 that now onwards I shall be known as Kokila Pradhan for all future purpose. D-1663

I, Mahendra Kumar B. Parekh, S/o Babulal Parekh, Plot No.112/A, Flat No.202, Aditya Mansion,2nd Floor, Surya Nagar, Bhubaneswar, Odisha, Dist.- Khordha, PIN-751008 declare by this Affidavit No.14AA619142 dtd.15.10.2024 that now onwards I shall be known as Mahendar Kumar Babulal Parekh for all future Govt. & Pvt. use purposes. D-1666

I, Monalisa Behera (37 yrs.), W/o- Gangadhar Behera, Vill./ P.O./P.S.: Bant, Dist.: Bhadrak (Odisha), Pin: 756114. Before marriage my name was Anjali Sahoo, but after marriage my name has been changed to Monalisa Behera as per my Aadhaar Card. I declared by this affidavit Monalisa Behera and Anjali Sahoo same and one person. D-1668

By virtue of an affidavit sworn before Notary Public, Bargarh, I, Lochan Badchat, S/o. Tikechan Badchat resident of Ward No.-2, Bargarh declared that my actual name is Lochan Badchat, but in my RPLI Policy No.- R-OR-EA-452766 my name has been wrongly mentioned as Lucham Badagat. That Lochan Badchat and Lucham Badagat is same and one person. D-1667

I, Sasmita Mahapatra, W/o-Panchanan Sathua, resident of Qtr.No.- B-321, Sector-II, Nalco Township, Damanjodi, P.S.- Damanjodi, Dist.- Koraput, PIN- 763008, Odisha declare by this affidavit No. 248, Dated 08.10.2024, that now onwards I shall be known as Sasmita Sathua for all future purposes. D-1669

I, Sukantilata Behera, D/o Purna Chandra Sankhua, R/o Bishnubindha, Betada, Bhadrak, Odisha have changed my name to Sukantilata Sankhua for all purposes for all future purposes. D-1661

### LOST

I, Meghnanda Patel, lost my Sale Deed bearing No. 528, which was misplaced at Mangal Bazar, Jharsuguda on 08.04.2024. I apply for a mortgage loan on the said property at the SBI Samasingha Branch (09655). There is no loan or charge against this property at present. If any financial institution holds a loan or claim against this property, they are requested to contact me 7978557253 within 7 days of this notice. D-1662

By virtue of an affidavit sworn before Notary Public, Bargarh, I, Gopal Sharma son of Late Chaturbhuj Sharma resident of Saraswati Enclave, A-6, Ward No.- 16, Bargarh, P.S./ Dist.- Bargarh do hereby affirm and state that I am a consumer of TPWODL beating Consumer No.- 512001111157. That at the time of connecting 3PH line to my unit, I was deposited security amount vide bearing No.- 45680 and service charges bearing No.- 3050, in Memo No- B1- 1978046 Dt.25.02.2017. That said deposit Money Receipt has been lost. D-1660

Your classified advertisement published in Dharitri will be listed FREE in Dharitri online edition: **dharitriepaper.in**



D-1665

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକ



**ଯଶୋଦାନନ୍ଦନ ମହାନ୍ତି**
ବଣ୍ଡା, ଅନୁଗୋଳ
ଆବିର୍ଭାବ : ତା ୧୭.୦୯.୧୯୩୭
ତିରୋଧାନ : ତା ୨୪.୧୦.୨୦୧୮
ଆପଣଙ୍କ ଦୃଷ୍ଟିରେ ପାରିବାରିକ ସତ୍‌ସଙ୍ଗ ଦ୍ୱାରା ପରସ୍ପର ଭିତରେ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଦୟା, ଆଦର୍ଶ ଓ ପ୍ରତିବଦ୍ଧତା ଆତ୍ମୀୟସ୍ୱଜନମାନଙ୍କୁ ସୁସମ୍ପର୍କରେ ବାନ୍ଧିରଖେ। ସେହି ପ୍ରେରଣା ସର୍ବଦା ଆମମାନଙ୍କୁ ପ୍ରେରଣା ଦେଉଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କଠାରେ ବିନମ୍ର ପ୍ରାର୍ଥନା।
ସତ୍‌ସଙ୍ଗ ସଂଗଠନ
ଓଡ଼ିଶା ଓ ପଟ୍ଟନାୟକ ପରିବାରବର୍ଗ
D-1664

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଭା ଚୟନ ଶିବିର

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

ଓଡ଼ିଶାରେ ପାରା ବ୍ୟାଡମିଣ୍ଟନ ପ୍ରତିଭା ଚିହ୍ନଟ ପାଇଁ ମହାନଦୀ କ୍ଲବ୍, ସମ୍ବଲପୁରରେ ନଭେମ୍ବର ୨ ଓ ୩ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଶିବିର ଅନୁଷ୍ଠିତ ହେବ। ଓଡ଼ିଶାର ପାରା ବ୍ୟାଡମିଣ୍ଟନ୍ ପ୍ରତିଭା ଖୋଜିବା ଏବଂ ତାଙ୍କୁ ପ୍ରଶିକ୍ଷଣ ସହ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ଦେବା ଲକ୍ଷ୍ୟରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଏପରି ପଦକ୍ଷେପ ନିଆଯାଉଛି। ୨୦୦୬ ଜାନୁଆରୀ ୧ ପରେ ଜନ୍ମ ହୋଇଥିବା ପିଲାମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ତେଣୁ ଖେଳାଳିମାନଙ୍କୁ ଜନ୍ମ ପ୍ରମାଣ ପତ୍ର ଏବଂ ଭିନ୍ନକ୍ଷମ ପ୍ରମାଣ ପତ୍ର ଆଣିବା ବାଧ୍ୟତାମୂଳକ କରାଯାଇଛି। ଆଗ୍ରହୀ ଖେଳାଳିଙ୍କର ବ୍ୟାଡମିଣ୍ଟନ ସମ୍ପର୍କରେ ସମ୍ୟକ୍ ଧାରଣା ଥିବା ନିହାତି ଆବଶ୍ୟକ। ଶିବିର ସମ୍ପର୍କରେ ଅଧିକ ତଥ୍ୟ ଜଣାଇବା ପାଇଁ ଶିବ ପ୍ରସାଦ ଦାସଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ରାୟଗୁରୁ, ପ୍ରଣବଙ୍କୁ ଭବ୍ୟ ସ୍ୱାଗତ



ପ୍ରଣବ ଦାସ ଓ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ରଙ୍କୁ ସ୍ୱାଗତ କରାଯାଉଛି।

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

ଚଳିତ ମାସ ୧୦ରୁ ୧୩ ପର୍ଯ୍ୟନ୍ତ ଇଜିପ୍ଟରେ ଅନୁଷ୍ଠିତ ବିଶ୍ୱ ମଡର୍ନ ପେଣ୍ଟାଥଲନ୍ ଚାମ୍ପିୟନଶିପ୍‌ରେ ଭାଗନେଇ ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶାର ପ୍ରଣବ ଦାସ ଓ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ରଙ୍କୁ ବୁଧବାର ଭୁବନେଶ୍ୱରଠାରେ ଭବ୍ୟ ସ୍ୱାଗତ କରାଯାଇଛି। ପ୍ରତିଯୋଗିତାରେ ସୂର୍ଯ୍ୟାଂଶ ବାଇଲେଥ ମିକ୍ସଡ ରିଲେ, ବାଇଥେଲ ଟିମ୍ ଇଭେଣ୍ଟ ଏବଂ ଟ୍ରାଇଥେଲ ମିକ୍ସଡ ରିଲେରେ ୩ଟି ବ୍ରୋଞ୍ଜ୍ ପଦକ ଲାଭ କରିଥିଲେ। ଓଡ଼ିଶା ମଡର୍ନ ପେଣ୍ଟାଥଲନ୍ ଆସୋସିଏଶନ ସାଧାରଣ ସମ୍ପାଦକ ଏମ୍.ଡି. ଆଜମ, ଉପସଭାପତି ରଞ୍ଜନ କୁମାର ନନ୍ଦ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ, ବାସୁଦେବ ଓଝା, ଗୌତମ ବେହେରା ପ୍ରମୁଖ ବିମାନବନ୍ଦରରେ ଉପସ୍ଥିତ ରହି ଦୁଇ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଦୃଷ୍ଟିବାଧିତ କ୍ରିକେଟର ଲିଗ୍ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ଏବଂ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ହାଇଟେକ ମେଡ଼ିକାଲ କଲେଜ ପଡ଼ିଆରେ ଚାଲିଥିବା ୯ମ ରାଜ୍ୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଏଥିରେ ଉନ୍ନତ ପ୍ରଦର୍ଶନ କରି ବାବା ଆଖଣ୍ଡଳମଣି କ୍ରିକେଟ କ୍ଲବ ଭଦ୍ରକ, ବାଲେଶ୍ୱର ବ୍ଲାଇଣ୍ଡ କ୍ରିକେଟ ଦଳ, ରାଇଜିଂ ଷ୍ଟାର କ୍ଲବ ବରଗଡ଼, ବନଦୁର୍ଗା କ୍ରିକେଟ କ୍ଲବ କଟକ, ୟଙ୍ଗ୍ ଷ୍ଟାର ଅନୁଗୋଳ କ୍ରିକେଟ ଦଳ, ୟୁନିକ ଇଲେଭେନ୍, କୋରାପୁଟ ଦୃଷ୍ଟିହୀନ କ୍ରିକେଟ କ୍ଲବ, ମାରଙ୍ଗବୁରୁ ଦୃଷ୍ଟିହୀନ କ୍ରିକେଟ କ୍ଲବ ମୟୂରଭଞ୍ଜ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ବାବା ଆଖଣ୍ଡଳମଣି କ୍ରିକେଟ କ୍ଲବ ଭଦ୍ରକ ଓ ରାଇଜିଂ ଷ୍ଟାର କ୍ଲବ ବରଗଡ଼, ବାଲେଶ୍ୱର ବ୍ଲାଇଣ୍ଡ କ୍ରିକେଟ ଦଳ ଓ ବନଦୁର୍ଗା କ୍ରିକେଟ କ୍ଲବ କଟକ, ୟଙ୍ଗ ଷ୍ଟାର ଅନୁଗୋଳ ଓ କୋରାପୁଟ ଦୃଷ୍ଟିହୀନ କ୍ରିକେଟ କ୍ଲବ ଏବଂ ୟୁନିକ ଇଲେଭେନ୍ ଓ ମାରଙ୍ଗବୁରୁ ଦୃଷ୍ଟିହୀନ କ୍ରିକେଟ କ୍ଲବ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ପୁରସ୍କାର ବିତରଣି ସମାରୋହରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଡେପୁଟି ସେକ୍ରେଟାରୀ ସନ୍ୟାସୀ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ।

# ଜାନୁଆରୀ ୧୩ରୁ ଖୋ ଖୋ ବିଶ୍ୱକପ୍

## ତ୍ୟାଗରାଜ ଷ୍ଟାଡିୟମରେ ଲୋଗୋ ଓ ଟ୍ୟାଗ୍‌ଲାଇନ୍ ଉନ୍ମୋଚିତ



ଅତିଥିମାନେ ଲୋଗୋ ଓ ଟ୍ୟାଗ୍‌ଲାଇନ୍ ଉନ୍ମୋଚନ କରୁଛନ୍ତି।

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**

ପାରମ୍ପରିକ ଭାରତୀୟ କ୍ରୀଡା ଖୋ ଖୋ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ହାସଲ କରିବାକୁ ଯାଉଛି। ପ୍ରଥମ ସଂସ୍କରଣର ଖୋ ଖୋ ବିଶ୍ୱକପ୍ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ବୋଲି ବୁଧବାର ଖୋ ଖୋ ଫେଡେରେଶନ୍ ଅଫ୍ ଇଣ୍ଡିଆ(କେକେଏଫ୍‌ଆଇ) ପକ୍ଷରୁ ଘୋଷଣା କରାଯାଇଛି। ଜାନୁଆରୀ ୧୩-୧୯ ମଧ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ ବୋଲି ବୁଧବାର ଘୋଷଣା କରାଯାଇଥିବା ବେଳେ ତ୍ୟାଗରାଜ ଷ୍ଟାଡିୟମରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଲୋଗୋ ଓ ଟ୍ୟାଗଲାଇନ ଉନ୍ମୋଚନ କରାଯାଇଛି। ପ୍ରଥମେ ମହାରାଷ୍ଟ୍ର ଓ ଅବଶିଷ୍ଟ ଭାରତ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଆୟୋଜନ କରାଯାଇଥିଲା। ମହାରାଷ୍ଟ୍ର ୨୬-୨୪ ପଏଣ୍ଟ ବ୍ୟବଧାନରେ ଏହି ମ୍ୟାଚ ଜିତିବା ପରେ ଶତାଧିକ ଆଥଲେଟ୍ ଓ ସ୍କୁଲ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଟ୍ୟାଗଲାଇନ୍ ଘୋଷଣା କରାଯାଇଥିଲା। 'ଦ ୱାର୍ଲ୍ଡ ଗୋଜ୍ ଖୋ' ବୋଲି ଏହାର ଟ୍ୟାଗ ଲାଇନ୍ ରଖାଯାଇଛି। ଏହି ଟୁର୍ନାମେଣ୍ଟରେ ଭାରତ ସମେତ ବିଶ୍ୱର ୨୪ରାଷ୍ଟ୍ର ଅଂଶଗ୍ରହଣ କରୁଥିବା ବେଳେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଟୁର୍ନାମେଣ୍ଟ ଖେଳାଯିବ।

କେକେଏଫ୍‌ଆଇ ସଭାପତି ସୁଧାଂଶୁ ମିତ୍ତଲ ଏହି ଘୋଷଣା କରିଥିଲେ। ଆମ ଦେଶର ମାଟିରୁ ଉତ୍ପତ୍ତି ଲାଭ କରିଥିବା ଖେଳ ବିଶ୍ୱକପରେ ସ୍ଥାନ ପାଇବା ଅତ୍ୟନ୍ତ ଗର୍ବର ବିଷୟ ବୋଲି ସେ କହିଥିଲେ। ପାରମ୍ପରିକ ଭାବରେ ମାଟିରେ ଖେଳା ଯାଉଥିବା ଏହି ଟୁର୍ନାମେଣ୍ଟକୁ ମ୍ୟାଟ ଉପରକୁ ଆଣି ଆମେ ଗର୍ବିତ ବୋଲି ସେ କହିଛନ୍ତି। କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମହାଭାରତ ସମୟରୁ ଏହି ଖେଳ ରହି ଆସିଥିବା ବେଳେ ଭାରତ ସରକାର ଏହାର ପ୍ରଚାର ପ୍ରସାର କରିବା ଦ୍ୱାରା ଏହା ଏକ ନୂତନ ସ୍ତର ହାସଲ କରି ପାରିବ ବୋଲି ରକ୍ଷା ମତ ଦେଇଥିଲେ।

# ଫାଇନାଲରେ ମାସାକାଜାଙ୍କ ଅର୍ଦ୍ଧଶତକ

**ଶ୍ରୀନଗର,୧୬।୧୦**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍ ୨୦୨୪ର ଫାଇନାଲରେ ଦମଦାର ଅର୍ଦ୍ଧଶତକ ହାସଲ କରିଛନ୍ତି ସଦର୍ନ ସୁପରଷ୍ଟାର୍ସର ହାମିଲଟନ୍ ମାସାକାଜା। କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ମାସାକାଜା ୮୩ ରନ୍‌ର ଇନିଂସ ଖେଳିଥିବା ବେଳେ ସଦର୍ନ ସୁପରଷ୍ଟାର୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୬୪ ରନ୍ ସ୍କୋର କରିଛି। ଜବାବରେ ଖବର ପ୍ରସ୍ତୁତ ସୁଦ୍ଧା କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ୧୪ ଓଭରରେ ୫ ଉଇକେଟ ହରାଇ ୯୧ ରନ୍ କରିଛି। ଟସ୍ ଜିତି କୋଣାର୍କ ସୂର୍ଯ୍ୟସ୍ ପ୍ରଥମେ ବୋଲିଂ କରିଥିଲା।

ଉଇକେଟ କିପର ଶ୍ରୀବତ୍ସ ଗୋସ୍ୱାମୀ

### ଲିଜେଣ୍ଡ୍ସ ଲିଗ୍ କ୍ରିକେଟ

ଖାତା ଖୋଲିବା ପୂର୍ବରୁ ପ୍ରଥମ ଓଭରରେ ଦିଓ୍ୱେଶ ପଠାନିଆଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଅନ୍ୟ ତମ ଓପନର ମାର୍ଟିନ ଗପ୍‌ଟିଲ(୨୭) ଓ ହାମିଲଟନ୍ ମାସାକାଜା(୮୩) ତୃତୀୟ ଉଇକେଟରେ ୭୬ ରନ୍ ଯୋଡିଥିଲେ। ଗପ୍‌ଟିଲ ସାମାନ୍ୟ ଧୀମା ବ୍ୟାଟିଂ କରି ୨୫ ବଲ୍‌ରୁ ୨ଟି ଲେଖାଏ ଛକା ଓ ଚୌକା ମାରି ୨୭ ରନ୍ କରିଥିଲେ। ହାମିଲଟନ୍ ମାସାକାଜା ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ଧୂଆଁଧାର ୮୩ ରନ୍ କରିଥିଲେ। ୫୮ ବଲ୍ ଖେଳି ସେ ୮ ଚୌକା ଓ ୫ ଛକା ମାରିଥିଲେ। ମାର୍ଟିନ ଗପ୍‌ଟିଲ ଓ ହାମିଲଟନ୍ ମାସାକାଜା ସୁପରଷ୍ଟାର୍ସକୁ ଏକ ବିଶାଳ ସ୍କୋର ଆଡକୁ ନେଉଥିବା ବେଳେ ଅଧିନାୟକ ଇର୍‌ଫାନ ପଠାନ ଏହି ଯୋଡି ଭାଙ୍ଗିଥିଲେ। ଗପ୍‌ଟିଲଙ୍କୁ ଆଉଟ କରି ସେ ଏହି ଭାଗୀଦାରି ସମାପ୍ତ କରିଥିଲେ। ପରେ ହାମିଲଟନ୍ ମାସାକାଜା ଓ ପଓ୍ୱନ ନେଗୀ (୩୩) ଚତୁର୍ଥ ଉଇକେଟରେ ୬୮ ରନ୍ ଯୋଗ କରିଥିଲେ। ନେଗୀ ୨୪ ବଲ୍ ଖେଳି ୨ଟି ଲେଖାଏ ଛକା ଓ ଚୌକା ମାରି ୩୩ ରନ୍ କରିଥିଲେ। ପଓ୍ୱନ ନେଗୀ ବଡ ଶଟ୍ ଖେଳିବାକୁ ଯାଇ ଦିଲଶାନ ମୁନାଓ୍ୱିରାଙ୍କ ବଲରେ ଆଉଟ ହେବା ପରେ ସୁପରଷ୍ଟାର୍ସର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଶେଷ ଭାଗରେ ଚତୁରଙ୍ଗା ଡି ସିଲ୍‌ଭା (୯) ଓ ଚିରାଗ ଗାନ୍ଧୀ(୦)ଙ୍କ ଉଇକେଟ ନେଇଥିଲେ ମୁନାଓ୍ୱିରା। ସେ ଶେଷ ଆଡକୁ ୩ ଓଭର ବୋଲିଂ କରି ମାତ୍ର ୯ ରନ୍ ବ୍ୟୟରେ ୪ ଉଇକେଟ ନେଇଥିଲେ। ଏପରିକି ଅନ୍ତିମ ଓଭରରେ ମାତ୍ର ୧ ରନ୍ ଦେଇ ୩ ଜଣ ଖେଳାଳିଙ୍କୁ ପ୍ୟାଭିଲିୟନର ରାସ୍ତା ଦେଖାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦିଓ୍ୱେଶ ପଠାନିଆ ଓ ଇର୍‌ଫାନ ପଠାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ବୋଲିଂ ଆକ୍ସନରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶାର ଦିଲଶାନ ମୁନାଓ୍ୱିରା।



ଅର୍ଦ୍ଧଶତକ ହାସଲକାରୀ ସଦର୍ନ ସୁପର ଷ୍ଟାର୍ସର ହାମିଲଟନ ମାସାକାଜା।

**ସଂକ୍ଷିପ୍ତ ସ୍କୋର**

ସଦର୍ନ ସୁପର ଷ୍ଟାର୍ସ ୨୦ ଓଭରରେ ୧୬୪/୬ (ହାମିଲଟନ୍ ମାସାକାଜା–୮୩, ପଓ୍ୱନ ନେଗୀ–୩୩, ମାର୍ଟିନ ଗପ୍‌ଟିଲ–୨୭, ଦିଲଶାନ ମୁନାଓ୍ୱିରା–୪/୯, ଇରଫାନ ପଠାନ–୧/୨୨, ଦିଓ୍ୱେଶ ପଠାନିଆ–୧/୧୯)।

# ଜାତୀୟ ସିନିୟର ମହିଳା ଫୁଟ୍‌ବଲ ପାଇଁ ଓଡ଼ିଶା ଦଳ



ଜାତୀୟ ସିନିୟର ମହିଳା ଫୁଟବଲ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୬।୧୦(ତପନ ସ୍ୱାଇଁ)**

ରାଜମାତା ଜିଜାବାଇ ଟ୍ରଫି ପାଇଁ ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ୨୯ତମ ସଂସ୍କରଣ ଆନ୍ଧ୍ର ପ୍ରଦେଶର ଅନନ୍ତପୁରରେ ଚଳିତମାସ ୧୯ରୁ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତା ଲାଗି ଓଡ଼ିଶା ଗ୍ରୁପ୍ 'ଏଫ୍'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଓଡ଼ିଶା ଦଳ ଆସନ୍ତା ୧୯ରେ ଲଦାଖ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ପରେ ୨୧ରେ ଅରୁଣାଚଳ ପ୍ରଦେଶ ଓ ୨୩ରେ ମଧ୍ୟପ୍ରଦେଶକୁ ଭେଟିବ। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ସମୀର ଦେ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ମହିଳା ଫୁଟବଲ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ଗୋଲକିପର୍ସ–ସୁସ୍ମିତା ପୁନ୍, ମଞ୍ଜୁ ଗଞ୍ଜୁ, ଡିଫେଣ୍ଡର୍ସ: ରାନୀ ବାଗ୍, ପ୍ରଜ୍ଞା କିଶାନ, ଅମୃତା ନାୟକ, ସୁଲେଖା କଅଁର, ସୁବାସିନୀ ସାହା, ଶ୍ରଦ୍ଧାଞ୍ଜଳି ପଣ୍ଡା, ଶିବାନୀ ମୁଣ୍ଡାରୀ, ମିଡ୍‌ଫିଲ୍ଡର୍ସ: ପ୍ରିୟାଶା ସରକାର, ଜାହ୍ନବୀ କିସାନ, ଈପ୍ସିତା ରାଉତ, ମୁନିକା ମିଞ୍ଜ, ଦୀପା ନାୟକ, ଫରଓ୍ୱାର୍ଡ୍ସ: ଲକ୍ଷ୍ମୀପ୍ରିୟା ଲେଙ୍କା, ସୁଭଦ୍ରା ସାହୁ, ସତ୍ୟବତୀ ଖାଡିଆ, ମାଳତୀ ମୁଣ୍ଡା, ମନୀଷା ନାୟକ, ପ୍ୟାରୀ ଖାଖା, ପ୍ରତିଭା ଓରାମ୍ ଓ ରୂପଶ୍ରୀ ମୁଣ୍ଡା। ମୁଖ୍ୟ କୋଚ୍: ଗୀତାଞ୍ଜଳି ଖୁଣ୍ଟିଆ, ସହକାରୀ କୋଚ୍ ଓ ମ୍ୟାନେଜର: ଗାୟତ୍ରୀ ମଲିକ, ଫିଜିଓ: ଲୋପାମୁଦ୍ରା ମହାରାଜ।

# ଅଖିଲ ଶେଓରାନ୍‌ଙ୍କୁ ବ୍ରୋଞ୍ଜ ପଦକ

**ନୂଆଦିଲ୍ଲୀ, ୧୬।୧୦(ପି.ଟି.)**

ଏକ ବର୍ଷର ନିରାଶା ପରେ ଶୁଟର ଅଖିଳ ଶେଓରାନ୍ ଏଠାରେ ଚାଲିଥିବା ଆଇଏସ୍ଏସ୍‌ଏଫ୍ ବିଶ୍ୱକପ୍ ଫାଇନାଲର ପୁରୁଷ ୫୦ ମିଟର ରାଇଫଲ ଥ୍ରୀ–ପୋଜିଶନ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ତେବେ ଅନ୍ୟ ଭାରତୀୟ ଶୁଟରମାନେ ପ୍ରଦର୍ଶନର ଛାପ ଛାଡ଼ିବାରେ ବିଫଳ ହୋଇଛନ୍ତି। ଆଶି ଚୌକସେ ଓ ନିଶ୍ଚଲ ମହିଳା ୫୦ ମିଟର ରାଇଫଲ ଥ୍ରୀ ପୋଜିଶନର ଫାଇନାଲରେ ପ୍ରବେଶ କରିପାରି ନ ଥିବାବେଳେ ଅଲିମ୍ପିଆନ ରିଦମ ସଙ୍ଗଓ୍ୱାନ୍ ଅଳ୍ପକେ ବ୍ରୋଞ୍ଜ୍ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୫ ମିଟର ସ୍ପୋର୍ଟ୍ସ ପିସ୍ତଲ ଇଭେଣ୍ଟର ଶୁଟ୍–ଅଫ୍‌ରେ ଚାଇନିଜ ଶୁଟରଙ୍କଠାରୁ ହାରି ଯାଇଛନ୍ତି। ଅଖିଲ ୪୫୨.୬ ପଏଣ୍ଟ ସ୍କୋର କରି ଭାରତ ପାଇଁ ଦ୍ୱିତୀୟ ପଦକ ଜିତିଛନ୍ତି। ଭାରତର ସୋନମ ମସ୍କର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକଲାଭ କରିଥିଲେ।

# ଆଇସିସି ହଲ୍ ଅଫ୍ ଫେମ୍‌ରେ ଡିଭିଲର୍ସ, କୁକ୍

## ନୀତୁ ଡେଭିଡ୍ ଦ୍ୱିତୀୟ ଭାରତୀୟ ମହିଳା

**ଦୁବାଇ,୧୬।୧୦(ପି.ଟି.)**

ଭାରତୀୟ ମହିଳା କ୍ରିକେଟର ତଥା କିମ୍ବଦନ୍ତୀ ସ୍ପିନର ନୀତୁ ଡେଭିଡ୍‌ଙ୍କୁ ବୁଧବାର ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ଦକ୍ଷିଣ ଆଫ୍ରିକାର ଏବି ଡିଭିଲର୍ସ ଓ ଇଂଲଣ୍ଡର ଆଲିଷ୍ଟର କୁକ୍‌ଙ୍କ ସହ ତାଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ମହିଳା ଟେଷ୍ଟ କ୍ରିକେଟରେ ସର୍ବଶ୍ରେଷ୍ଠ ବୋଲିଂ ଫିଗରର ରେକର୍ଡ ନିଜ ନାମରେ ରଖିଥିବା ନୀତୁ ଦ୍ୱିତୀୟ ଭାରତୀୟ ମହିଳା କ୍ରିକେଟର ଭାବରେ ଏହି ସମ୍ମାନ ଜନକ ତାଲିକାରେ ସାମିଲ ହୋଇଛନ୍ତି। ୧୯୯୫ ମସିହାରେ ଜାମସେଦପୁରରେ ଇଂଲଣ୍ଡ ବିପକ୍ଷରେ ସେ ମାତ୍ର ୫୩ ରନ୍‌ରେ ୮ ଉଇକେଟ ଅକ୍ତିଆର କରିଥିଲେ। ଏହା ଏବେବି ବିଶ୍ୱର ସର୍ବଶ୍ରେଷ୍ଠ ବୋଲିଂ ଫିଗର ରହିଛି। ପୂର୍ବରୁ ଭାରତୀୟ ଅଧିନାୟିକା ଡାଏନା ଏଡୁଲଜୀ ଏହି ତାଲିକାରେ ଏକମାତ୍ର ଭାରତୀୟ ରହିଥିଲେ। ନୀତୁ ବର୍ତ୍ତମାନ ଭାରତୀୟ ମହିଳା କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ରହିଛନ୍ତି। ୧୦୭ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡ ରଖିଥିବା ନୀତୁ ୧୦ ଟେଷ୍ଟ ଓ ୯୭ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ୪୭ ବର୍ଷୀୟା ନୀତୁ ଦିନିକିଆ କ୍ରିକେଟରେ ୧୪୧ ଉଇକେଟ ନେଇଥିବା ବେଳେ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ସହ ପ୍ରଥମ ଭାରତୀୟ ଖେଳାଳି ଭାବରେ ନୀତୁ ଦିନିକିଆ ଫର୍ମାଟରେ ୧୦୦ ଉଇକେଟ ହାସଲ କରିଥିଲେ। ୨୦୦୫ ବିଶ୍ୱକପରେ ଭାରତ ରନର୍ ଅପ୍ ରହିଥିବା ବେଳେ ନୀତୁ ଟୁର୍ନାମେଣ୍ଟର ସର୍ବାଧିକ ଉଇକେଟ ହାସଲକାରୀ ବୋଲର ରହିଥିଲେ। ବିଶ୍ୱର ଅନ୍ୟ କିମ୍ବଦନ୍ତୀ ଖେଳାଳିଙ୍କ ମଧ୍ୟରେ ଆଇସିସି ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଥିବା ନୀତୁ ସନ୍ତୋଷ ପ୍ରକାଶ କରିଛନ୍ତି।



ନୀତୁ ଡେଭିଡ୍



ଏବି ଡିଭିଲର୍ସ



ଆଲିଷ୍ଟର କୁକ୍

ଉତ୍ତର ପ୍ରଦେଶରେ ଜନ୍ମିତ ଏହି ଖେଳାଳି ଜଣଙ୍କ ମାତ୍ର ୧୭ ବର୍ଷ ବୟସରେ ଭାରତ ପକ୍ଷରୁ ଖେଳିଥିଲେ। ୧୯୯୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ପଦାର୍ପଣ କରିଥିବା ବେଳେ ୪ ଉଇକେଟ ନେଇଥିଲେ। ପରବର୍ତ୍ତୀ ସମୟରେ ସମାନ ଗସ୍ତର ଦିନିକିଆ ସିରିଜ୍‌ରେ ମଧ୍ୟ ତାଙ୍କୁ ସାମିଲ କରାଯାଇଥିଲା। ୧୯୯୫ର ଶେଷ ଆଡକୁ ଜାମସେଦପୁରରେ ଖେଳା ଯାଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ୫୩ ରନ୍ ଦେଇ ୮ ଉଇକେଟ ନେଇଥିଲେ ନୀତୁ। ବ୍ୟାଟରଙ୍କ ବିଫଳତା କାରଣରୁ ଭାରତ ଏହି ମ୍ୟାଚ୍‌ରେ ମାତ୍ର ୨ ରନ୍‌ରେ ପରାଜିତ ହୋଇଥିଲା। ମାତ୍ର ୧୦ ଟେଷ୍ଟ ଖେଳିଥିବା ନୀତୁ ୪୧ ଉଇକେଟ ନେଇଥିବା ବେଳେ ଦିନିକିଆରେ ୯୭ ମ୍ୟାଚ୍‌ରୁ ୧୪୧ ଉଇକେଟ ନେଇଥିଲେ। ୨୦୦୬ରେ କ୍ରିକେଟରୁ ଅବସର ନେଇଥିବା ବେଳେ ୨୦୦୮ରେ ପୁନର୍ବାର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହା ସହ ସେ ୨୦୧୩ରେ ନିଜର ଅନ୍ତିମ ମ୍ୟାଚ୍ ଖେଳିଥିଲେ।

ଅନ୍ୟପକ୍ଷରେ ୨୦୧୮ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲିଷ୍ଟର କୁକ୍‌ଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ଅବସର ସମୟରେ ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ସର୍ବାଧିକ ରନ୍ ସ୍କୋରର ଓ ସର୍ବାଧିକ ଶତକ ହାସଲକାରୀ ଖେଳାଳି ରହିଥିଲେ କୁକ୍। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟର ତଥା ମିଷ୍ଟର ୩୬୦ ଡିଗ୍ରୀ ଭାବରେ ପରିଚିତ ଏବି ଡିଭିଲର୍ସଙ୍କୁ ମଧ୍ୟ ଏହି ତାଲିକାରେ ସାମିଲ କରାଯାଇଛି। ଉଭୟ ଟେଷ୍ଟ, ଦିନିକିଆ ଓ ଟି୨୦ରେ ଦ୍ରୁତତମ ଦକ୍ଷିଣ ଆଫ୍ରିକୀୟ ଭାବରେ ଶତକ ହାସଲ କରିଥିବା ଡିଭିଲର୍ସ ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ୨୦ ହଜାରରୁ ଅଧିକ ରନ୍ ସ୍କୋର କରିଛନ୍ତି।





ଜମ୍ମୁ-କଶ୍ମୀର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ ପୂର୍ବରୁ ବୁଧବାର କଟକର ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଦଳର ଅଭ୍ୟାସ।

# ବଳାତ୍କାର ଅଭିଯୋଗ ଖଣ୍ଡନ କଲେ ଏମ୍ବାପେ

**ଷ୍ଟକ୍‌ହୋମ୍,୧୬।୧୦(ପି.ଟି.)**

ଫ୍ରାନ୍ସ ଫୁଟ୍‌ବଲ ତାରକା କିଲିଆନ୍ ଏମ୍ବାପେଙ୍କ ନାମରେ ଆସିଥିବା ବଳାତ୍କାର ଅଭିଯୋଗକୁ ତାଙ୍କ ପ୍ରତିନିଧି ଖଣ୍ଡନ କରିଛନ୍ତି। ରିୟଲ ମାଡ୍ରିଡ୍‌ର ଫରଓ୍ୱାର୍ଡ ଖେଳାଳି ଏମ୍ବାପେ ନିକଟରେ ସ୍ୱିଡେନ୍ ଗସ୍ତ କରିଥିଲେ। ଏହି ସମୟରେ ନୋର୍ଡିକ୍‌ରେ ସେ ବଳାତ୍କାର କରିଥିବା ନେଇ ଏକାଧିକ ସ୍ୱିଡେନ୍ ଗଣମାଧ୍ୟମ ରିପୋର୍ଟ କରିଥିଲେ। ବୁଧବାର ଏମ୍ବାପେଙ୍କ ଟିମ୍ ଏହି ଅଭିଯୋଗକୁ କପୋଳକଳ୍ପିତ ଓ ଭିତ୍ତିହୀନ କହି ଖଣ୍ଡନ କରିଛି। ଏହି ଘଟଣା ସମ୍ପର୍କରେ ସ୍ୱିଡେନ୍‌ର ନ୍ୟାୟିକ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବାର୍ତ୍ତା ମଧ୍ୟ ଜାରି କରାଯାଇଥିଲା। ବଳାତ୍କାର ହୋଇଥିବା ନେଇ ସ୍ପଷ୍ଟ କରାଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ନାମ ପ୍ରକାଶ କରାଯାଇନାହିଁ। ରିପୋର୍ଟ ଅନୁସାରେ, ଅକ୍ଟୋବର ୧୦ରେ ସେଣ୍ଟ୍ରାଲ ଷ୍ଟକ୍‌ହାମ୍‌ର ଏକ ହୋଟେଲରେ ବଳାତ୍କାର ରିପୋର୍ଟ କରାଯାଇଥିଲା। ତଦନ୍ତକାରୀ ଅଫିସର ମାରିନା ଚିରାକୋଭା ଏହା ସ୍ପଷ୍ଟ କରିଥିଲେ ମଧ୍ୟ କୌଣସି ନାମ ପ୍ରକାଶ କରିନାହାନ୍ତି। ସ୍ୱିଡେନ୍‌ର ଆଇନ ଅନୁଯାୟୀ ଯେପର୍ଯ୍ୟନ୍ତ ଅଭିଯୋଗ ପ୍ରମାଣିତ ହୋଇନାହିଁ କିମ୍ବା ଟ୍ରାଏଲ ଆରମ୍ଭ ହୋଇନାହିଁ ସେ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କ ନାମ ପ୍ରକାଶ କରାଯାଇପାରିବ ନାହିଁ।



କିଲିଆନ୍ ଏମ୍ବାପେ

ଏମ୍ବାପେଙ୍କ ଟିମ୍ ସ୍ୱିଡେନ୍ ମିଡିଆ ଏଭଳି ଭ୍ରାନ୍ତ ଖବର ପ୍ରଚାର କରୁଥିବା ନେଇ ଅଭିଯୋଗ ଆଣିଛି। ଏଭଳି ଦାୟିତ୍ୱହୀନ ଓ ଭିତ୍ତିହୀନ ଅଭିଯୋଗ ଏମ୍ବାପେଙ୍କ ଛବି ମଳିନ କରୁଛି, ଯାହା ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏପରି ଖବର ପ୍ରସାରିତ ହେବା ପରେ ନିଜ ଏକ୍ସ ଆକାଉଣ୍ଟରେ ସ୍ପଷ୍ଟୀକରଣ ଦେଇଛନ୍ତି ଏମ୍ବାପେ। ସେ ଏହି ଅଭିଯୋଗକୁ ମିଥ୍ୟା ବୋଲି ମଧ୍ୟ ଲେଖିଥିଲେ। ପ୍ୟାରିସ୍‌ରେ ଏମ୍ବାପେଙ୍କ ପୂର୍ବତନ କ୍ଲବ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି) ସହ ଚାଲିଥିବା ମାମଲାକୁ ଏହା ସହିତ ଯୋଡ଼ି ବିବାଦୀୟ ଢଙ୍ଗରେ ପରିବେଷଣ କରାଯାଉଛି ବୋଲି ସେ କହିଛନ୍ତି। ମଙ୍ଗଳବାର ଏମ୍ବାପେଙ୍କ ଓକିଲ ମେରୀ ଆଲିକ୍ସ କାନୁ ବର୍ନାର୍ଡ ମଧ୍ୟ ଏହି ରିପୋର୍ଟକୁ ଖଣ୍ଡନ କରିଛନ୍ତି। ଏକ ଅଭିଯୋଗ ଦାଖଲ ହୋଇଥିବା ବେଳେ ତାହା କାହା ନାମରେ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଅଭିଯୋଗରେ ଦୋଷ ପ୍ରମାଣିତ ହୋଇ ନ ଥାଏ। ଏପରିକି ଏହି ଅଭିଯୋଗ ଏମ୍ବାପେଙ୍କ ବିରୋଧରେ ହୋଇଛି କି ନାହିଁ ତାହା ମଧ୍ୟ ସ୍ପଷ୍ଟ ନୁହେଁ ବୋଲି କହିଛନ୍ତି ମେରୀ। ଗତ ସପ୍ତାହରେ ଏମ୍ବାପେ ଷ୍ଟକହାମ୍ ଗସ୍ତ କରିଥିବା ବେଳେ ଏହାର ଫଟୋ ବିଭିନ୍ନ ସ୍ୱିଡେନ୍ ମିଡିଆ ହାଉସ୍ ପ୍ରକାଶ କରିଥିଲେ। ଜଂଘରେ ଆଘାତ କାରଣରୁ ଏମ୍ବାପେ ବର୍ତ୍ତମାନ ଜାତୀୟ ଦଳରୁ ବାହାରେ ରହିଛନ୍ତି। ୨୦୧୮ରେ ଫ୍ରାନ୍ସ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରହିଥିବା ଏମ୍ବାପେ ୭ ବର୍ଷ ଧରି ପିଏସ୍‌ଜି ପାଇଁ ଖେଳିବା ପରେ ଚଳିତବର୍ଷ ରିୟଲ ମାଡ୍ରିଡ୍‌ରେ ଯୋଗଦେଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




Finance Partners: TVS CREDIT, L&T Finance, SHRIRAM Finance, IDFC FIRST Bank, HDB FINANCIAL SERVICES

#Ex-showroom price of TVS Sport ES variant in Odissa. Prices are subject to change without any prior notice. ^₹7500 cashback upto 5% of swipe amount on HDFC Credit & Debit card EMI. >Applicable on low interest rate scheme by TVS CS at their discretion. **Finance at the sole discretion of the financier. Downpayment calculated on on-road price of Odissa base variant. <₹4500 cash discount applicable on TVS Sport ELS variant & ₹2000 cash discount applicable on TVS Sport ES variant. Offer in select markets only. ^T&C apply.

TVS 5 YEAR WARRANTY

FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 9938039070, CUTTACK: LAXMI TVS: 7077774420, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: GOTHOPATNA:8249710415, JATANI:7077588558, 9124605556, BALUGAON:9937886712, NIRAKARPUR:7735402179, 8658517804, BHUBANESHWAR: 9337022334, KHURDA:7008412374, BALIPATNA:9776036999, MENDHASALA:9437072019, SUNDARPADA:8249094931, PIPILI:9861150706 SAKHIGOPAL:8249769742, NIMAPARA:7381765800, DELANG:9090214582, BRAHMAGIRI: 8480928882, 6370937155, CHARI CHOWK:8327783765, KAKATPUR:9776125534, KANAS:9090214582, ABHIMANPUR POST:9937019555, BANKI: 9437666687, NIALI:9437307967, PHULNAKHARA, CUTTACK:7440037801, NISCHINTAKOILI: 9337438686, KANDARPUR: 9090098000, SISUA:8018556514, ADASHPUR:82498 57169, TANGI: 83277 14238, PATTAMUNDAI:9938602209, MARSHAGHAI:9938837705, RAJNAGAR:9439650236, GARADAPUR:9437527214, MANGALPUR:9853486660, BARI: 9437510237, BINJHARPUR:9090503379, KUAKHIA:9348035630, SINGHPUR:9040646458, ROHIBANK:6371229226, KALAPATHAR:9937844941, RANPUR:9778520193, KHANDAPADA:7008659421, PURUNAKATAK:9439071610, CHANDPUR:9337112565, RAJ SUNAKHELA:9437637421, NARASINGHPUR:9658410027, ODOGAON:7815050701, BHAPUR:7389040805 DASPALLA:9938375040, BAGHAMARI: 9437015363, BALICHANDRAPUR:7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA:8658421889 NAUGOAN: 8339939725, KRUSHNANANDAPUR:9237066573, RAGHUNATHPUR:6371724757, PARADEEP:9938810126.

MARUTI SUZUKI ARENA




TEST DRIVE TODAY | CALL 1800 102 1800 | WWW.MARUTISUZUKI.COM/SWIFT

~FESTIVE OFFERS UP TO ₹18 100

**NARAYANI MOTORS**
BHUBANESHWAR: RASULGARH: 9583022009,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450. BALIKUDA: 9078076450.

**JYOTE MOTORS**
BHUBANESWAR: LEWIS ROAD: 8093027518, NAYAPALLI: 7064470102, TAMANDO: 9776615007, KEONJHAR: 8599019854, NAYAGARH: 7381028519, BALUGAON: 8093154878, ANANDPUR: 8599019854, KENDRAPARA: 9776615048, PATTAMUNDAI: 7440016539, GOTHAPATNA: 7064470142, BALASORE: 9776003548, BHADRAK: 7381072074, BARIPADA: 9437102597, UDALA : 9437102597, RAIRANGPUR: 9437102597, JALESWAR: 9776003548, BASUDEVPUR: 7381072074, SORO: 9776003548.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9776900777, TANGI: 7381045356.

Creative visualisation. Accessories and features shown may not be part of standard fitment and may vary according to variant. Images used are for illustration purposes only. Black glass on the vehicle is due to lighting effect. Colours shown may vary from actual body colours due to printing on paper. ^Fuel efficiency as certified by test agency Rule 115 of CMVR 1989. #The claim 'Best-in-Segment Mileage' is supported by JATO Dynamics certificate dated 30th April 2024 for Petrol & 27th August 2024 for CNG. **Offers may vary subject to the model and variant purchased. All offers are applicable till 31st October'24 or till stocks last. ~All offers brought to you by ARENA dealers only.